ନାଟ୍ୟକାର
ଜଗନ୍ମୋହନ ଲାଲ

ଡକ୍ଟର ବିଜୟଲକ୍ଷ୍ମୀ ଦାଶ

ଓଡ଼ିଶା ସାହିତ୍ୟ ଏକାଡେମୀ

ନାଟ୍ୟକାର

ଜଗନ୍ମୋହନ ଲାଲ

ଡକ୍ଟର ବିଜୟଲକ୍ଷ୍ମୀ ଦାଶ

ଓଡ଼ିଶା ସାହିତ୍ୟ ଏକାଡେମୀ
ଭୁବନେଶ୍ୱର

Digitized by srujanika@gmail.com

ନାଟ୍ୟକାର ଜଗନ୍ମୋହନ ଲାଲ

ଲେଖିକା : ଡକ୍ଟର ବିଜୟଲକ୍ଷ୍ମୀ ଦାଶ
ପ୍ରକାଶକ : ଓଡ଼ିଶା ସାହିତ୍ୟ ଏକାଡେମୀ, ସଂସ୍କୃତି ଭବନ, ଭୁବନେଶ୍ୱର-୧୪
ପ୍ରଚ୍ଛଦ   ଡକ୍‌ଟର ରମାକାନ୍ତ ସାମନ୍ତରାୟ
ମୁଦ୍ରଣ : ଟେକ୍‌ନୋ ଆର୍ଟସ୍ ଅଫ୍‌ସେଟ୍, କଲ୍ୟାଣୀ ନଗର, କଟକ-୧୩
ମୂଲ୍ୟ : ଟ. ୫୫/- (ପଞ୍ଚାବନ ଟଙ୍କା ମାତ୍ର)
ପ୍ରଥମ ସଂସ୍କରଣ : ୨୦୦୭

NATYAKARA JAGANMOHAN LAL

Author : **Dr. Bijayalaxmi Dash**
Publisher : **Orissa Sahitya Akademi,**
Sanskruti Bhawan, Bhubaneswar-14
Printed at **Techno Arts Offset**, Kalyani Nagar, Cuttack-13
Price : **Rs. 55/-** (Rupees Fiftyfive only)
First Edition : **2007**

ISBN : 81-7586-155-X

Digitized by srujanika@gmail.com

ପ୍ରାଗ୍‌ଭାଷ

ଆଧୁନିକ ଓଡ଼ିଆ ନାଟ୍ୟ ଜଗତର ନାନ୍ଦୀକାର ଜଗନ୍‌ମୋହନ ଲାଲ (୧୮୩୮-୧୯୧୩) ପ୍ରଖ୍ୟାତ ନାଟ୍ୟକାର ଭାବେ ଓଡ଼ିଆ ସାରସ୍ୱତ ଜଗତରେ ନବଦିଗନ୍ତର ଉନ୍ମୋଚନ କରିଛନ୍ତି । ୧୮୭୭ ମସିହାରେ ସେ 'ବାବାଜୀ' ନାଟକ ରଚନା କରିଥିଲେ, ଯାହା ଆଧୁନିକ ଓଡ଼ିଆ ନାଟ୍ୟସାହିତ୍ୟର ପ୍ରଥମ ସୃଷ୍ଟି ବୋଲି ବିବେଚନା କରାଯାଏ । ଜଗନ୍ ମୋହନ 'ବାବାଜୀ' ନାଟକ ବ୍ୟତିରେକ ଆଉ ତିନିଗୋଟି ସଫଳ ନାଟକ ମଧ୍ୟ ରଚନା କରିଥିଲେ । ସେଗୁଡିକ ଯଥାକ୍ରମେ 'ସତୀ', 'ପ୍ରୀତି' ଓ 'ବୃଦ୍ଧବିବାହ' । ସେ ଜଣେ ଆଧୁନିକ ଚେତନାଧର୍ମୀ ଓ ସାମାଜିକ ସଂସ୍କାରବାଦୀ ସାରସ୍ୱତ ସ୍ରଷ୍ଟା ହୋଇଥିବାରୁ ତାଙ୍କ ରଚିତ ନାଟକ ସମଗ୍ରରେ ତତ୍‌କାଳୀନ ସମାଜର ସ୍ପଷ୍ଟ ଚିତ୍ର ଦେଖିବାକୁ ମିଳେ । ନାଟକ ମାଧ୍ୟମରେ ସାମାଜିକ ସଂସ୍କାର ନିମନ୍ତେ ସେ ଯେଉଁ ଆହ୍ୱାନ ଦେଇଥିଲେ, ତାହା ଆଜି ମଧ୍ୟ ପ୍ରାସଙ୍ଗିକ । ଜଗନ୍‌ମୋହନଙ୍କ ପ୍ରକୃତ ପରିଚୟ ହିଁ ତାଙ୍କ ସାରସ୍ୱତ କୃତି । ନାଟକ ରଚନା ବ୍ୟତୀତ ସେ ନାଟ୍ୟ ନିର୍ଦ୍ଦେଶନା, ମଞ୍ଚ ନିର୍ମାଣ, ଅଭିନୟ ପ୍ରଭୃତିରେ ପାରଦର୍ଶିତା ଲାଭ କରିଥିଲେ । ସଫଳ ନାଟ୍ୟକାର ବ୍ୟତୀତ ସେ ଜଣେ କବି ଓ ଅନୁବାଦକ ଭାବରେ ଲେଖନୀ ଚାଳନା କରି ଓଡ଼ିଆ ସାହିତ୍ୟର ପ୍ରଭୂତ ଉନ୍ନତି ସାଧନ କରିଯାଇଛନ୍ତି । ସମାଜ ସଂସ୍କାରକ ଭାବରେ ତାଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ । ବିଧବା ବିବାହକୁ ପ୍ରୋତ୍ସାହନ ଦେବାକୁ ଯାଇ ସେ ନିଜ ବିଧବା ଝିଅର ପୁନଃବିବାହ ସମ୍ପନ୍ନ କରି ସମାଜ ପାଇଁ ଏକ ଜ୍ୱଳନ୍ତ ଉଦାହରଣ ସୃଷ୍ଟି କରିଯାଇଛନ୍ତି । ମାନବବାଦୀ ଚିନ୍ତାଧାରାର ସଫଳ ରୂପକାର ତଥା ଆଧୁନିକ ଓଡ଼ିଆ ସାହିତ୍ୟର ଅନ୍ୟତମ ନିର୍ମାତା ଜଗନ୍‌ମୋହନ ଲାଲ ଏକ ବହୁମୁଖୀ ପ୍ରତିଭାର ଅଧିକାରୀ ।

Digitized by srujanika@gmail.com

ଏହିଭଳି ଜଣେ ପ୍ରତିଭାଦୀପ୍ତ ପ୍ରଜ୍ଞାପୁରୁଷଙ୍କ ଜୀବନାଦର୍ଶ, ସାହିତ୍ୟକୃତି ସମ୍ପର୍କରେ ଆଗାମୀ ପିଢ଼ିର ସାହିତ୍ୟିକମାନଙ୍କୁ ଅବଗତ କରାଇ ତାଙ୍କ ସାରସ୍ୱତ ଦର୍ଶନରେ ଅଭିମନ୍ତ୍ରିତ କରାଇବା ଏକାଡେମୀର କର୍ତ୍ତବ୍ୟ । ଏହି ପୁସ୍ତକଟିର ପାଣ୍ଡୁଲିପି ପ୍ରସ୍ତୁତି ନିମନ୍ତେ ଗତ କିଛି ବର୍ଷ ତଳୁ ଏକାଡେମୀ ନିରନ୍ତର ପ୍ରୟାସ କରି ଆସୁଥିଲା । ଏଥିପାଇଁ ଏକାଡେମୀ ପକ୍ଷରୁ ଲେଖିକା ଡକ୍ଟର ବିଜୟଲକ୍ଷ୍ମୀ ଦାଶଙ୍କୁ ଅନୁରୋଧ କରାଯାଇଥିଲା । ଡକ୍ଟର ଦାଶ ସ୍ୱଳ୍ପ ସମୟ ମଧ୍ୟରେ ଜଗନ୍ମୋହନ ଲାଲଙ୍କ କୃତି ଓ କୃତିତ୍ୱକୁ ଭିତ୍ତି କରି ନାଟ୍ୟକାରଙ୍କ ସାରସ୍ୱତ ସୃଷ୍ଟିର ଯଥାର୍ଥ ମୂଲ୍ୟାୟନ ସଂକ୍ଷେପରେ ଅଥଚ ପୂର୍ଣ୍ଣାଙ୍ଗ ଭାବରେ ସମାପନ କରି ପାଣ୍ଡୁଲିପିଟିକୁ ଯେଉଁଭଳି ଭାବରେ ପ୍ରସ୍ତୁତ କରିପାରିଛନ୍ତି, ସେଥିପାଇଁ ତାଙ୍କୁ ଏହି ଅବସରରେ ଏକାଡେମୀ ପକ୍ଷରୁ ସାଧୁବାଦ ଜ୍ଞାପନ କରୁଅଛି ।

ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରତିଷ୍ଠାର ପଚାଶ ବର୍ଷ ପୂର୍ତ୍ତି ଉପଲକ୍ଷେ ପାଳନ କରାଯାଉଥିବା ସୁବର୍ଣ୍ଣ ଜୟନ୍ତୀ ଅବସରରେ ଏହି 'ନାଟ୍ୟକାର ଜଗନ୍ମୋହନ ଲାଲ' ମନୋଗ୍ରାଫଟି ପ୍ରକାଶ ପାଉଥିବା ଅତ୍ୟନ୍ତ ଆନନ୍ଦର କଥା । ଓଡ଼ିଆ ସାହିତ୍ୟରେ ରୁଚି ରଖିଥିବା ସୁଧୀ ବିଦଗ୍ଧ ପାଠକ, ଗବେଷକ, ଆଲୋଚକ ତଥା ଲେଖକମାନଙ୍କର ସାରସ୍ୱତ ଜିଜ୍ଞାସାକୁ ଏହି ପୁସ୍ତିକାଟି ଚରିତାର୍ଥ କରିପାରିଲେ ଏକାଡେମୀର ଶ୍ରମ ସାର୍ଥକ ହେବ ବୋଲି ମୋର ଆଶା ଓ ବିଶ୍ୱାସ ।

ଡକ୍ଟର ହରପ୍ରସାଦ ପରିଚ୍ଛା ପଟ୍ଟନାୟକ

ସମ୍ପାଦକ

ଭୁବନେଶ୍ୱର
ତା୨୫.୧୧.୨୦୦୭
ଜଗନ୍ମୋହନ ଲାଲ ଜୟନ୍ତୀ

Digitized by srujanika@gmail.com

ଭୂମିକା

ଆଧୁନିକ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିବାରେ ଜଗନ୍‌ମୋହନ ଲାଲ୍‌ଙ୍କ ଅବଦାନ ଅବିସ୍ମରଣୀୟ । ଓଡ଼ିଆ ଜାତୀୟ ଜୀବନରେ ଜଗନ୍‌ମୋହନ ଆବିର୍ଭୂତ ହୋଇ ପ୍ରଦାନ କରିଥିଲେ ନୂତନ ଦିଗ୍‌ଦର୍ଶନ । ଜଗନ୍‌ମୋହନ ଲାଲ କେବଳ ଜଣେ ଅନନ୍ୟ ସାହିତ୍ୟ ସାଧକ ନ ଥିଲେ, ସେ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ । ସେ ଥିଲେ ଏକାଧାରରେ ନାଟ୍ୟକାର, ନାଟ୍ୟନିର୍ଦ୍ଦେଶକ, ମଞ୍ଚ ନିର୍ମାତା, ଅଭିନେତା, କବି, ଅନୁବାଦକ, ଐତିହାସିକ, ସମାଜସେବୀ, ଜନ ପ୍ରତିନିଧି ଓ ସଂସ୍କାରକ ମଧ୍ୟ । ଆଧୁନିକ ଚିନ୍ତା, ଚେତନା ତାଙ୍କ ସୃଷ୍ଟିରେ ଯେପରି ରୂପାୟିତ ହୋଇଛି ତାଙ୍କ ଜୀବନଚର୍ଯ୍ୟାରେ ମଧ୍ୟ ଯଥାର୍ଥ ଭାବରେ ପ୍ରତିଫଳିତ ହୋଇଛି । ଓଡ଼ିଆ ସାହିତ୍ୟର ପ୍ରଥମ ସାମାଜିକ ନାଟକ 'ବାବାଜୀ' ସେ ରଚନା କରି ଅସାଧାରଣ ଶିଳ୍ପନୈପୁଣ୍ୟ ପ୍ରଦର୍ଶନ କରିଛନ୍ତି । ଓଡ଼ିଶାରେ ଦକ୍ଷିଣୀଯାତ୍ରା, ଲୀଳା, ସୁଆଙ୍ଗ, ପ୍ରଭୃତି ତଥାକଥିତ ନାଟକ ପରିବେଷିତ ହେଉଥିଲା - ବଙ୍ଗଳା, ଇଂରାଜୀ ନାଟକର ପ୍ରଭାବ ମଧ୍ୟ ଥିଲା ବେଶୀ । ଏହିଭଳି ସମୟରେ ୧୮୭୭ରେ ଜଗନ୍‌ମୋହନ ଆଧୁନିକ ଚିନ୍ତା ପ୍ରସୂତ ନାଟକ 'ବାବାଜୀ' ରଚନା କରି ଏକ ଐତିହାସିକ ଭୂମିକା ସଂପାଦନ କଲେ । ଏହି ନାଟକ ବ୍ୟତୀତ ସେ ରଚନା କରିଛନ୍ତି ନାଟକ 'ସତୀ', 'ପ୍ରୀତି' ଓ 'ବୃଦ୍ଧ ବିବାହ ।' ଚାରୋଟିଯାକ ନାଟକରେ ସାମାଜିକ ସଂସ୍କାର ଓ ନୂତନ ଚିନ୍ତାର ଆନୟନ କରାଯାଇଛି । ନାଟ୍ୟ କୌଶଳ ରଚନା ଦୃଷ୍ଟିରୁ ମଧ୍ୟ ଏହା ଆଧୁନିକ । ସେ କେବଳ ପ୍ରଥମ ନାଟକର ପ୍ରଣେତା ନୁହନ୍ତି, ପୁଣି ଓଡ଼ିଶାରେ ପ୍ରଥମ ଆଧୁନିକ ରଂଗମଂଚର ପ୍ରତିଷ୍ଠାତା ।

Digitized by srujanika@gmail.com

ତାଂକ ଜନ୍ମସ୍ଥାନ କଟକ ଜିଲ୍ଲାର ମାହାଙ୍ଗା ଥାନା ସନ୍ନିକଟ ପଦନଦାସପୁର ଗ୍ରାମ ରେ । 'ରାଧାକାନ୍ତ ରଂଗମଂଚ' (୧୮୭୫) ପ୍ରତିଷ୍ଠା ତାଂକ ନାଟ୍ୟ ପ୍ରୀତିର ସୂଚନା ମାତ୍ର । ଏଥିପାଇଁ ଜଗନ୍‌ମୋହନ ଲାଲ ଆମ ସାହିତ୍ୟରେ 'ଆଦି ନାଟ୍ୟକାର' ଭାବେ ସ୍ୱୀକୃତ ।

ଓଡ଼ିଆ ସାହିତ୍ୟରେ ଜଗନ୍‌ମୋହନ ବାସ୍ତବରେ ନବଚେତନାର ସାର୍ଥକ ପ୍ରତିନିଧି । ନବୀନ ଚିନ୍ତାର ସେ ନାୟକ । ଓଡ଼ିଆ ଅନୁବାଦ କ୍ଷେତ୍ରରେ ତାଙ୍କର ଭୂମିକା ଅଗ୍ରଗଣ୍ୟ । ପର୍ଣ୍ଣୋଲଙ୍କ ରଚିତ ଏକ ଦୀର୍ଘ ଇଂରାଜୀ କବିତା 'ଦି ହରମିଟ୍'ର ଓଡ଼ିଆ ଅନୁବାଦ କରିଥିଲେ ଜଗନ୍‌ମୋହନ 'ଭ୍ରମଭଞ୍ଜନ' ନାମରେ । ଏହା ପ୍ରକାଶିତ ହୋଇଥିଲା ୧୮୬୮ ମସିହାର କଟକ ପ୍ରିଣ୍ଟିଂ କଂପାନୀରୁ । କଟକ ପ୍ରିଣ୍ଟିଂ କଂପାନୀ ଏକ ମୁଦ୍ରଣ ଶିଳ୍ପ କେବଳ ନୁହେଁ, ବରଂ ଏକ ଜାତୀୟ ଭାବନାର ପ୍ରମୁଖ ଅନୁଷ୍ଠାନ । ଏହି କଂପାନୀର ଜଗନ୍‌ମୋହନ ଥିଲେ ଅଂଶୀଦାର । ଡିରେକ୍‌ଟର ବୋର୍ଡ଼ର ଅଂଶୀଦାର । ସେ ମଧ୍ୟ ରଚନା କରିଥିଲେ ଓଡ଼ିଶାର ଇତିହାସ 'ଓଡ଼ିଶା ବିଜୟ' । ଐତିହାସିକ ଟୟନବିଙ୍କ ଓଡ଼ିଶା ଇତିହାସ ଅବଲମ୍ବନରେ ଏହା ଲିଖିତ ।

ଜଗନ୍‌ମୋହନ ଲାଲଙ୍କ ସାରସ୍ୱତ ଆଭିମୁଖ୍ୟରୁ ସାମାଜିକ ସଂସ୍କାର ଦିଗ ସ୍ପଷ୍ଟ ଉପଲବ୍ଧ ହୁଏ । ତଥାକଥିତ ପରଂପରା ଏକ କୁସଂସ୍କାରର ଥିଲେ ସେ ତୀବ୍ର ବିରୋଧୀ । 'ସବୁରି ଉପରେ ମାନବିକତା' ଏହା ଥିଲା ତାଂକ ଜୀବନରେ ମୂଳମନ୍ତ୍ର । ସେଥିପାଇଁ ସେ ସାମାଜିକ ପ୍ରତିବର୍ତ୍ତନ ପାଇଁ ଆଗଭର ହୋଇଥିଲେ । ବିଧବା ବିବାହ ପ୍ରଚଳନ କରିବାକୁ ଯାଇ ସେତେବେଳେ ସେ ନିଜ ବିଧବା କନ୍ୟାକୁ ପୁନଃ ବିବାହ ଦେଇ ଏକ ସାହସିକ ପଦକ୍ଷେପ ଗ୍ରହଣ କରିଥିଲେ । ନିଜ ଗ୍ରାମରେ ବିଦ୍ୟାଳୟ ପ୍ରତିଷ୍ଠା ସହ, ସ୍ୱାସ୍ଥ୍ୟ, ଗମନାଗମନ, ପରିବେଶର ଉନ୍ନତି ପାଇଁ ବହୁ କାର୍ଯ୍ୟକ୍ରମ ଜଗନ୍‌ମୋହନ ଗ୍ରହଣ କରିଥିଲେ । କଟକ ମ୍ୟୁନିସିପାଲିଟି ନିର୍ବାଚନ କମିଶନର (ପ୍ରତିନିଧି) ହୋଇ ପାରିଥିଲେ ସେ । ତାଙ୍କ ଜୀବନ ଥିଲା କର୍ମମୟ । ଜନଗଣଙ୍କର କଲ୍ୟାଣ ଥିଲା ତାଂକର ଅଭୀପ୍ସା ।

ବ୍ୟାସକବି ଫକୀର ମୋହନ ସେନାପତି, କବିବର ରାଧାନାଥ ରାୟ, ଭକ୍ତକବି ମଧୁସୂଦନ ରାଓ, ପ୍ରକୃତି କବି ଗଂଗାଧର ମେହେର, ପଲ୍ଲୀକବି ନନ୍ଦକିଶୋର ବଳଙ୍କ ପରି ଜଗନ୍‌ମୋହନ ଥିଲେ ଆଧୁନିକ ଓଡ଼ିଆ ସାହିତ୍ୟର ଅନ୍ୟତମ ନିର୍ମାତା । ଫକୀର ମୋହନ, ରାଧାନାଥ, ମଧୁସୂଦନ, ଗଂଗାଧର, ନନ୍ଦକିଶୋରଙ୍କ ଠାରୁ ଜଗନ୍‌ମୋହନ ଥିଲେ ବୟୋଜ୍ୟେଷ୍ଠ । ଏହି ମନୀଷୀମାନଙ୍କର ବହୁପୂର୍ବରୁ ପାଶ୍ଚାତ୍ୟ ଶିକ୍ଷା ଓ ଆଧୁନିକ ଶିକ୍ଷା ଜୀବନ ସଂପର୍କରେ ଜଗନ୍‌ମୋହନ ଆସିଥିଲେ । ତେଣୁ ଲାଲ ମହାଶୟଙ୍କ ଦୂରଦୃଷ୍ଟି, ବିଚାରଧାରା, କାର୍ଯ୍ୟ ପ୍ରଣାଳୀ ଓ ସୃଜନଚେତନା ଥିଲା ଆଧୁନିକ ଓ ପ୍ରଗତିଶୀଳ । ସର୍ବୋପରି ନୂତନ ଓଡ଼ିଶା ଗଠନର ପ୍ରାକ୍ ପ୍ରସ୍ତୁତିରେ ଜଗନ୍‌ମୋହନଙ୍କ ନେତୃତ୍ୱର ପଟାନ୍ତର ନାହିଁ ।

Digitized by srujanika@gmail.com

ଯୁଗପୁରୁଷ ଜଗନ୍ମୋହନଙ୍କ କୃତି ଓ କୃତିତ୍ୱକୁ ଭିତ୍ତି କରି ଡକ୍ଟର ବିଜୟଲକ୍ଷ୍ମୀ ଦାଶ ରଚନା କରିଛନ୍ତି "ନାଟ୍ୟକାର ଜଗନ୍ମୋହନ ଲାଲ"। ସେ ଜଗନ୍ମୋହନଙ୍କ ସାରସ୍ୱତ କୃତିର ମୂଲ୍ୟାୟନ କରିବାବେଳେ ପ୍ରସଙ୍ଗ କ୍ରମେ ତତ୍କାଳୀନ ଓଡ଼ିଶାର ସାମାଜିକ, ରାଜନୀତିକ ଅବସ୍ଥା ବର୍ଣ୍ଣନା କରିଛନ୍ତି । ଜଗନ୍ମୋହନଙ୍କ ଜୀବନୀ ସହିତ ତାଙ୍କ ନାଟ୍ୟକୃତିର ସମୀକ୍ଷା କରାଯାଇଛି ଏହି ପୁସ୍ତକରେ ।

ଓଡ଼ିଶା ସାହିତ୍ୟ ଏକାଡେମୀ ଜଗନ୍ମୋହନଙ୍କ ସୃଷ୍ଟି ସଂପଦର ମୂଲ୍ୟାୟନ କରି 'କୋଣାର୍କ'ର ଆଦିନାଟ୍ୟକାର ଜଗନ୍ମୋହନ ଲାଲ ବିଶେଷାଙ୍କ ଓ 'ଆଦିନାଟ୍ୟକାର ଜଗନ୍ମୋହନ ଲାଲ' ଗ୍ରନ୍ଥ ୨୦୦୩ ମସିହାରେ ପ୍ରକାଶ କରିଥିଲେ । ଏକାଡେମୀ ଏବେ 'ନାଟ୍ୟକାର ଜଗନ୍ମୋହନ ଲାଲ' ପୁସ୍ତକ ପ୍ରକାଶ କରି ଏକ ଉଲ୍ଲେଖଯୋଗ୍ୟ କର୍ତ୍ତବ୍ୟ ସଂପାଦନ କରିଛନ୍ତି ।

ଏହି ଶୁଭ ଅବସରରେ ଲେଖିକା ଓ ଓଡ଼ିଶା ସାହିତ୍ୟ ଏକାଡେମୀ କର୍ତ୍ତୃପକ୍ଷଙ୍କୁ ଅଭିନନ୍ଦନ ଜଣାଉଛି । ଗ୍ରନ୍ଥଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା ରଖୁଛି ।

ଗଣେଶ ଚତୁର୍ଥୀ
୨୭ ଅଗଷ୍ଟ ୨୦୦୭

ବିଜୟାନନ୍ଦ ସିଂହ
ସଭାପତି
ଆଦିନାଟ୍ୟକାର ସ୍ମୃତି ସଂସଦ, ଓଡ଼ିଶା

Digitized by srujanika@gmail.com

ଆମୁଖ

ଆଧୁନିକ ନାଟ୍ୟ ସାହିତ୍ୟର ନବଦିଗନ୍ତରେ ଜଗନ୍ମୋହନ ଲାଲ ଏକ ଅଲିଭା ଧ୍ରୁବତାରା । ସେ ଏକାଧାରରେ ଥିଲେ ଜଣେ ପ୍ରଜାହିତୈଷୀ ଜମିଦାର, ସମାଜ ସଂସ୍କାରକ, କବି, ଐତିହାସିକ, ନାଟ୍ୟକାର, ଅଭିନେତା ଏବଂ ମଞ୍ଚନିର୍ମାତା । ତାଙ୍କର ବହୁମୁଖୀ ପ୍ରତିଭା ମଧ୍ୟରେ ନୂତନ ଭାବଜଗତର ସନ୍ଧାନ ମିଳିଥାଏ । ଓଡ଼ିଆ ନାଟ୍ୟ ଜଗତର ପ୍ରଥମ ଆଧୁନିକ ନାଟକ "ବାବାଜୀ"ର ସ୍ରଷ୍ଟା ହିସାବରେ ସେ ଅସାଧାରଣ ଶିଳ୍ପନୈପୁଣ୍ୟ ପ୍ରଦର୍ଶନ କରିଛନ୍ତି । ସମାଜ ସଂସ୍କାର ଦିଗରେ ଜଗନ୍ମୋହନଙ୍କ ପ୍ରଚେଷ୍ଟା ଯେତିକି ଅଭିନବ ସେତିକି ଅଭିନନ୍ଦନୀୟ । ସେଇ ଅମର ସ୍ରଷ୍ଟାପୁରୁଷଙ୍କ ବ୍ୟକ୍ତିତ୍ୱ, ଜୀବନାଲେଖ୍ୟ ତଥା ସାରସ୍ୱତ କୃତିତ୍ୱ ସଂପର୍କରେ ଏକ ମନୋଗ୍ରାଫ୍ ପ୍ରସ୍ତୁତି ନିମିତ୍ତ, ଓଡ଼ିଶା ସାହିତ୍ୟ ଏକାଡେମୀ ମୋତେ ସୁଯୋଗ ଦେଇଛନ୍ତି ।

ସଂପୃକ୍ତ ମନୋଗ୍ରାଫ୍‌ର ପ୍ରସ୍ତୁତି କାଳରେ ମୁଁ ମୋର ଗୁରୁ ଡକ୍ଟର ଅଜୟ କୁମାର ମିଶ୍ରଙ୍କ ଠାରୁ ଅକୁଣ୍ଠ ସାହାଯ୍ୟ, ସହଯୋଗ ଓ ଦିଶା ଲାଭ କରିଥିବାରୁ ତାଙ୍କ ପ୍ରତି ମୋର ଗଭୀର କୃତଜ୍ଞତା ଜ୍ଞାପନ କରୁଛି । ଗ୍ରନ୍ଥ ରଚନା କାଳରେ ମୋର ପତି ଶ୍ରୀଯୁକ୍ତ ଗୋପାଳ ପ୍ରସାଦ ନାୟକଙ୍କ ପ୍ରେରଣା, ଉତ୍ସାହ ଓ ଉପଦେଶକୁ ମୁଁ ଗଭୀର କୃତଜ୍ଞତାର ସହିତ ସ୍ମରଣ କରୁଛି ।

ଇତ୍ୟବସରରେ ମୁଁ ଏକାଡେମୀ କର୍ତ୍ତୃପକ୍ଷ ତଥା ଏହାର ସୁଯୋଗ୍ୟ ସଂପାଦକ ଡକ୍ଟର ହରପ୍ରସାଦ ପରିଚ୍ଛା ପଟ୍ଟନାୟକଙ୍କ ନିକଟରେ ମୋର କୃତଜ୍ଞତା ପ୍ରକାଶ କରୁଛି । ପୁସ୍ତକ ପ୍ରସ୍ତୁତି ସମୟରେ ଯେଉଁ କୃତବିଦ୍ୟ ଲେଖକ-ଲେଖିକାଙ୍କ ଲେଖାମାନ ମୋତେ ସହାୟତା ପ୍ରଦାନ କରିଛି, ଏଇ ଅବସରରେ ମୁଁ ସେମାନଙ୍କୁ ଆନ୍ତରିକତାର ସହ ସ୍ମରଣ କରୁଛି ।

ବିନୟାବନତ
ବିଜୟଲକ୍ଷ୍ମୀ ଦାଶ

Digitized by srujanika@gmail.com

ବିଷୟ ସୂଚୀ

୧. ଉପକ୍ରମଣିକା ୧୧
ଓଡ଼ିଆ ନାଟ୍ୟକଳାର ଭିତ୍ତି ଓ ଭୂମି

୨. ଜଗନ୍ମୋହନଙ୍କ ସୃଷ୍ଟିସର୍ଜନାର ପୃଷ୍ଠଭୂମି ୧୮
ଜଗନ୍ମୋହନଙ୍କ ସମକାଳୀନ ଓଡ଼ିଶାର ରାଜନୀତିକ ସ୍ଥିତି
ସମକାଳୀନ ସାମାଜିକ ପରିବେଶ
ସମକାଳୀନ ସାଂସ୍କୃତିକ ପ୍ରେକ୍ଷାପଟ
ଧାର୍ମିକ ମଞ୍ଚ, ସମକାଳୀନ ସାହିତ୍ୟିକ ପାଣିପାଗ

୩. ଜଗନ୍ମୋହନଙ୍କ ଜୀବନ ଓ ଜୀବିକା ୨୮
ବଂଶ ପରଂପରା, ଜଗନ୍ମୋହନଙ୍କ ଜନ୍ମ, ଶିକ୍ଷା
ଓ ପାରିବାରିକ ଜୀବନ, ଜଗନ୍ମୋହନଙ୍କ ସାଧନା
ଓ ସିଦ୍ଧି, ମହାପ୍ରୟାଣ

୪. ଜଗନ୍ମୋହନଙ୍କ କୃତି ଓ କୀର୍ତ୍ତି ୪୩
'ବାବଜୀ' ନାଟକ
କଥାବସ୍ତୁ, ଚରିତ୍ର ଚିତ୍ରଲିପି, ଶିଳ୍ପ ବିଧି (ସଂଳାପ, ସଙ୍ଗୀତ, ଭାଷା)
ସଂସ୍କାର ଆଭିମୁଖ୍ୟ
'ସତୀ' ନାଟକ
କଥାବସ୍ତୁ, ଚରିତ୍ର ଚିତ୍ରଲିପି, ଶିଳ୍ପ ପ୍ରକରଣ (ସଂଳାପ, ସଙ୍ଗୀତ, ଭାଷା)
ସଂସ୍କାର ଆଭିମୁଖ୍ୟ
'ପ୍ରୀତି' ନାଟକ
'ଭ୍ରମ ଭଞ୍ଜନ' କାବ୍ୟ କଥାବସ୍ତୁ, ଛନ୍ଦ ଯୋଜନା, ବର୍ଣ୍ଣନା ବିଳାସ
'ଓଡ଼ିଶା ବିଜୟ' : ଏକ ସାଧାରଣ ଆକଳନ

୫. ଆଧୁନିକ ଓଡ଼ିଆ ସାହିତ୍ୟରେ ଜଗନ୍ମୋହନଙ୍କ ସ୍ଥାନ ୯୫

ପରିଶିଷ୍ଟ : ଜଗନ୍ମୋହନ ଲାଲ : ସଂକ୍ଷିପ୍ତ ଜୀବନପଞ୍ଜି ୧୦୦
ପାଦଟୀକା ୧୦୧

♦♦♦

Digitized by srujanika@gmail.com

ପ୍ରଥମ ଅଧ୍ୟାୟ

ଉପକ୍ରମଣିକା

ଓଡ଼ିଆ ଜାତିର ସମାଜ, ସଂସ୍କୃତି, ଭାଷା, ସାହିତ୍ୟ କ୍ଷେତ୍ରରେ ଉନବିଂଶ ଶତାବ୍ଦୀ ଥିଲା ପ୍ରକୃତରେ ସ୍ମରଣୀୟ ସମୟଖଣ୍ଡ । ଶଂସିତ ସମୟ ଖଣ୍ଡରେ ପରଂପରାର ନିର୍ମୋକ-ମୁକ୍ତ ନବ-ସମାଜ-ସଂସ୍କୃତି ଓ ସାରସ୍ୱତ ସର୍ଜନ କର୍ମର ନୂତନ ବିଭାଟି କ୍ରମେ ବିକଶିତ ହେଲା; କେତେଜଣ ସ୍ମରଣୀୟ ବ୍ୟକ୍ତିତ୍ୱଙ୍କ ନୂତନ ଦିଶାରେ । ସମୟର ଦିଶାରି ଭାବରେ, କେତେକ ବଳିଷ୍ଠ ବ୍ୟକ୍ତିତ୍ୱ ସମାଜ, ସାହିତ୍ୟ ଓ ସଂସ୍କୃତିରେ ସଂସ୍ଥାପନ କରିଗଲେ ସଂସ୍କାରବାଦିତାର ପଦଚିହ୍ନ । ସେମାନଙ୍କ ମଧ୍ୟରେ ଜଣେ ବରେଣ୍ୟ ସାରସ୍ୱତ ବ୍ୟକ୍ତିତ୍ୱ ଥିଲେ ଜଗନ୍ମୋହନ ଲାଲା ।

ଜଗନ୍ମୋହନଙ୍କ ମୌଳିକ ଦୃଷ୍ଟିଭଙ୍ଗୀ, ସର୍ଜନଶୀଳତା ଓ ପ୍ରଜ୍ଞାଶକ୍ତି ଥିଲା ଅସାଧାରଣ । ସେ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ । ଜଣେ କବି ଓ ଇତିହାସକାର ଭାବରେ ସାରସ୍ୱତ ଜଗତରେ ସେ ଯେତିକି ସୁପରିଚିତ ନୁହନ୍ତି, 'ବାବାଜି' ଓ 'ସତୀ' ପରି ଆଦି ନାଟକର ସ୍ରଷ୍ଟା ଭାବରେ ସେ ସେତିକି ପ୍ରଖ୍ୟାତ ।

ଓଡ଼ିଆ ନାଟ୍ୟଧାରାର ପାରଂପାରିକ ପୌରାଣିକ ସରଣୀରୁ ଆପଣାକୁ ମୁକ୍ତ କରି ଜଗନ୍ମୋହନ ସର୍ବପ୍ରଥମେ ଓଡ଼ିଶାର ସାମାଜିକ ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରି ସୃଷ୍ଟି କରି ବସିଲେ, ତାଙ୍କର ପ୍ରଥମ ନାଟକ 'ବାବାଜି'; ଯାହା ଅଦ୍ୟାବଧି ପ୍ରଥମ ନାଟକର ସମ୍ମାନକୁ ଅତୁଟ ରଖିଛି । ପରେ ପରେ ସେ ଓଡ଼ିଆ ମଞ୍ଚଧାରା ଓ ନାଟକ ପରିବେଷଣ କ୍ଷେତ୍ରରେ ଆପଣା ପ୍ରତିଭା ଓ କୃତିତ୍ୱକୁ ବିନିଯୋଗ କରି, ନାଟ୍ୟସାହିତ୍ୟର ଅସାମାନ୍ୟ ମଙ୍ଗଳ ବିଧାନ କଲେ । ଜଣେ ନାଟ୍ୟକାର ଭାବରେ ତାଙ୍କୁ ଉପସ୍ଥାପନ କରିବା ପୂର୍ବରୁ ଓଡ଼ିଆ ନାଟ୍ୟଧାରା ସଂପର୍କରେ ସାଧାରଣ ଧାରଣା ଏଠାରେ ପ୍ରଦାନ କରାଯାଇପାରେ ।

ନାଟକ ମନୁଷ୍ୟ ଜୀବନର ଜୀବନ୍ତ ପ୍ରତିରୂପ । ମନୁଷ୍ୟ ଜୀବନର ବିଚିତ୍ରବର୍ଣ୍ଣ ସ୍ୱରୂପରୁ ଏହାର ଜନ୍ମ । ନାଟକର ଜନ୍ମ ସଂପର୍କରେ ଆଚାର୍ଯ୍ୟ ଭରତ ତାଙ୍କ ନାଟ୍ୟଶାସ୍ତ୍ରରେ ଏକ ଆକର୍ଷଣୀୟ କାହାଣୀ ଉଲ୍ଲେଖ କରିଛନ୍ତି । ଏକଦା ଦେବାସୁର ସଂଗ୍ରାମକ୍ଳାନ୍ତ ଇନ୍ଦ୍ରାଦି ଦେବଗଣ ପିତାମହ ବ୍ରହ୍ମାଙ୍କ ନିକଟରେ ପହଞ୍ଚି ପ୍ରାର୍ଥନା କଲେ ଯେ, ତାଙ୍କ

Digitized by srujanika@gmail.com

ରଚିତ ଚତୁର୍ବେଦ କେବଳ ଦ୍ୱିଜମାନଙ୍କର ସାଧନାର ବସ୍ତୁ ହୋଇଥିବାରୁ ଶୂଦ୍ରମାନେ ସେଥିରୁ ବଞ୍ଚିତ ହେଉଛନ୍ତି । ସୁତରାଂ ସେମାନେ ଏପରି ଏକ କ୍ରୀଡ଼ନକ ଚାହାନ୍ତି, ଯାହା ଏକାଧାରରେ ଦୃଶ୍ୟ, ଶ୍ରାବ୍ୟ ତଥା ରସଯୁକ୍ତ ହୋଇଥିବ ଏବଂ ତାହାକୁ ଆଚାଣ୍ଡାଳ ବ୍ରାହ୍ମଣ ସବୁ ବର୍ଣ୍ଣର ବ୍ୟକ୍ତି ଉପଭୋଗ କରିପାରୁଥିବେ ।

ନାଟ୍ୟଶାସ୍ତ୍ର ଅନୁସାରେ –

ମହେନ୍ଦ୍ର ପ୍ରଭୃତି - ଦେବୈରୁକ୍ତ କିଳ ପିତାମହଃ ।
କ୍ରୀଡ଼ନୀୟକ - ମିଚ୍ଛାମ ଦୃଶ୍ୟଂ ଶ୍ରାବ୍ୟଂ ଚ ଯଦ୍ ଭବେତ୍ ।
ତସ୍ମାତ୍ ସୃଜା ପରଂ ବେଦଂ ପଞ୍ଚମିମଂ ସାର୍ବବର୍ଣ୍ଣକମ୍ ।

– 'ନାଟ୍ୟଶାସ୍ତ୍ର' ଭରତ

ଦେବଗଣଙ୍କ ନିକଟରେ ବିନୟ ସ୍ୱୀକାର କରି ପିତାମହ ଋକ୍‌ବେଦରୁ ପାଠ୍ୟ, ସାମବେଦରୁ ଗାନ, ଯଜୁର୍ବେଦରୁ ଅଭିନୟ ଏବଂ ଅଥର୍ବ ବେଦରୁ ରସ - ଏହି ଚାରୋଟି ଉପାଦାନକୁ ନେଇ ରଚନା କଲେ ପଞ୍ଚମ ବେଦ ନାଟକ । ଋଗ୍‌ବେଦ ଓ ସାମବେଦର ପାଠ୍ୟ ଏବଂ ଗାନ ଶ୍ରାବ୍ୟଗୁଣଯୁକ୍ତ । ଯଜୁଃ ବେଦର ଅଭିନୟ ଦୃଶ୍ୟଗୁଣ ସଂପନ୍ନ । ଶ୍ରାବ୍ୟ ଏବଂ ଦୃଶ୍ୟ ସହ ରସ ସଂଯୁକ୍ତ ହୋଇ ଏହା ରସଗ୍ରାହୀ ସହୃଦୟମାନଙ୍କୁ ଆକର୍ଷିତ କରିଥାଏ ।

ପାଶ୍ଚାତ୍ୟ ନାଟ୍ୟାଲୋଚକ ସିସେରୋ କହନ୍ତି, 'ନାଟକ ହେଉଛି, a copy of life, a mirror of custom, a reflection of truth ଅର୍ଥାତ୍ ଏହା ଜୀବନର ନକଲ ହୋଇଥିବ । ଏଥିରେ ପ୍ରଥାର ପ୍ରତିବିମ୍ବନ ହୋଇଥିବ ଏବଂ ଏହା ସତ୍ୟକୁ ପ୍ରତିଫଳନ କରୁଥିବ । ସାହିତ୍ୟର ଅନ୍ୟାନ୍ୟ ବିଭାଗ ତୁଳନାରେ ଦୃଶ୍ୟ, ଶ୍ରାବ୍ୟ, ରସଗୁଣଯୁକ୍ତ ହୋଇଥବାରୁ ସାମାଜିକ ସ୍ତରରେ ନାଟକର ପ୍ରଭାବ ଅଧିକ ଶକ୍ତିଶାଳୀ ଏବଂ ସ୍ପଷ୍ଟ ।

କଥିତ ଅଛି 'କାବ୍ୟେଷୁ ନାଟକଂ ରମ୍ୟମ୍' । 'ନାଟକ ହେଉଛି ସୁଖ ଦୁଃଖ ସମନ୍ୱିତ ଲୋକ ସ୍ୱଭାବର ଅଭିନୟଯୋଗ୍ୟ ରୂପ ଓ ସାମାଜିକର ଉପଭୋଗ୍ୟ କ୍ରୀଡ଼ନୀୟକ ।' ମୋଟାମୋଟି କହିବାକୁ ଗଲେ ନାଟକର ସ୍ୱରୂପ ଅଭିନବ, ସର୍ବଶାସ୍ତ୍ରର ନିର୍ଯାସ । ଆନନ୍ଦ ମଧ୍ୟରେ ଶିକ୍ଷାଦାନ ଏହାର ଲକ୍ଷ୍ୟ । ଜୀବନର ପ୍ରତିଫଳନ ସହିତ ସାମଜ ସଂସ୍କୃତିର ପ୍ରତିନିଧିତ୍ୱ ଏହାର ପରମ ଦାୟିତ୍ୱ ।

ସମାଜ ସଚେତନ ଶିଳ୍ପୀ ବାସ୍ତବ ଆବଶ୍ୟକତାକୁ ଅନୁଭବ ପୂର୍ବକ ନାଟକ ମାଧ୍ୟମରେ ସାମାଜିକ ସମସ୍ୟାକୁ ଉପସ୍ଥାପିତ କରି ସାମାଜିକ ସଂସ୍କାର କରିଥାଏ । କୌଣସି ଜାତିର ସଂସ୍କୃତି, ସଭ୍ୟତା, ରୀତି, ନୀତି, ଆଚାର, ବିଚାର ଓ ଚାଲିଚଳଣି ଏହାର ନାଟକରୁ ସ୍ପଷ୍ଟ ଜଣାପଡ଼େ । ହଡ଼ସନ୍‌ଙ୍କ ମତରେ "A nation is known by its theatre". ସୁତରାଂ ଯୁଗାନ୍ତରର ପୃଷ୍ଠଭୂମିରେ ନାଟକର ଭୂମିକା ଗୁରୁତ୍ୱପୂର୍ଣ୍ଣ ।

Digitized by srujanika@gmail.com

ଓଡ଼ିଶାରେ ନାଟ୍ୟକଳାର ଭିତ୍ତି ଓ ଭୂମି :

ନାଟ୍ୟତତ୍ତ୍ୱବିତ୍‌ମାନଙ୍କ ମତ ଅନୁସାରେ ଭାରତରେ ନାଟକର ଉନ୍ମେଷର ଆଦ୍ୟ ଓଁକାର ଧ୍ୱନିତ ହୋଇଥିଲା । ବହୁ ପ୍ରାଚୀନ କାଳରୁ କଳାର ଭୂମି ଉତ୍କଳରେ ଭାରତୀୟ ନାଟ୍ୟ ପରଂପରାର ଏକ ବଳିଷ୍ଠ ଶାଖା ଆତ୍ମପ୍ରକାଶ କରି ଉତ୍କଳୀୟଙ୍କ ମନୋରଂଜନ କରି ଆସୁଥିଲା ।[୨] ଆର୍ଯ୍ୟ, ଦ୍ରାବିଡ଼ ଓ ଶବର ସଂସ୍କୃତିର ମହାମିଳନରେ ଜାତି-ବର୍ଣ୍ଣ-ଧର୍ମ ନିର୍ବିଶେଷରେ ଦେବତା ଶ୍ରୀଜଗନ୍ନାଥ ପୁଣ୍ୟଭୂମି ଉତ୍କଳର ଅନ୍ତର୍ଚେତନାକୁ ଆବୋରି ବସିଥିଲେ । ନିଜର କଳା, ସଂସ୍କୃତି, ବୀରତ୍ୱ ଓ ମାନବିକ ଆଦର୍ଶ ନିମନ୍ତେ ଇତିହାସର ସମୟଧାରା ପୂର୍ବରୁ ଏହି ଜାତି ପ୍ରସିଦ୍ଧି ଲାଭ କରିଥିଲା ।

ଆର୍ଯ୍ୟ ଅନାର୍ଯ୍ୟ ସଂସ୍କୃତିର ମିଳନପୀଠ ରୂପେ ପରିଚିତ ଉତ୍କଳୀୟ ଭୂଖଣ୍ଡ ଗିରିଗୁହା, ମନ୍ଦିର ଗାତ୍ରରେ ନିଜର କଳା, ସଂସ୍କୃତି, ସଙ୍ଗୀତ, ନୃତ୍ୟ ଏବଂ ଅଭିନୟର କାଳଜୟୀ ଆଲେଖ୍ୟ ଆଙ୍କି ରଖିଥିଲା । ଏହି ପରିପ୍ରେକ୍ଷୀରେ ମଧ୍ୟଯୁଗରୁ ଓଡ଼ିଶାରେ ସଂସ୍କୃତ ନାଟକ ରଚନା ଓ ଅଭିନୟର ପରଂପରା ରହିଆସିଥିଲା । ପଞ୍ଚଦଶ ଶତାବ୍ଦୀରେ କପିଳେନ୍ଦ୍ର ଦେବଙ୍କର "ପରଶୁରାମ ବିଜୟ ନାଟକ" ଷୋଡ଼ଶ ଶତାବ୍ଦୀରେ ଗଜପତି ପ୍ରତାପରୁଦ୍ରଙ୍କ ରାଜତ୍ୱ କାଳରେ ରାୟ ରାମାନନ୍ଦଙ୍କ ସଂସ୍କୃତ ନାଟକ 'ଜଗନ୍ନାଥ ବଲ୍ଲଭ' ଜଗନ୍ନାଥ ମନ୍ଦିର ବେଢ଼ାରେ ଅଭିନୀତ ହୋଇଥିବାର ଐତିହାସିକ ପ୍ରମାଣ ରହିଛି । ମୁରାରି ମିଶ୍ର 'ଅନର୍ଘ ରାଘବ', ଜୀବଦେବ ଆଚାର୍ଯ୍ୟ 'ଭକ୍ତି ଭୈରବ' ଓ ବିଶ୍ୱନାଥ 'ଚନ୍ଦ୍ରକଳା' ପ୍ରଭୃତି ନାଟକ ସଂସ୍କୃତରେ ଲେଖିଥିଲେ ଓ ସେସବୁ ମଧ୍ୟ ଅଭିନୀତ ହେଉଥିଲା । ତେବେ ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ପର୍ଯ୍ୟନ୍ତ ଆଧୁନିକ ନାଟକ କିମ୍ବା ମଞ୍ଚ ଅଭିନୟର ବିଶେଷ ଉତ୍କର୍ଷ ଦେଖାଯାଇ ନ ଥିଲା । ତତ୍କାଳୀନ ସମାଜରେ ପାରମ୍ପରିକ ଲୀଳା, ଯାତ୍ରା, ସୁଆଙ୍ଗ ମାଧ୍ୟମରେ ଓଡ଼ିଆ ମାନଙ୍କର ମନୋରଂଜନ ପିପାସା ପରିତୃପ୍ତ ହେଉଥିଲା ।

ଆଲୋଚକଙ୍କ ମତରେ, 'ମୁସଲମାନମାନେ ଓଡ଼ିଶା ଅଧିକାର କରିବା ପରେ ସୁଆଙ୍ଗ ଓ ଗୀତିନାଟ୍ୟର ଉନ୍ମେଷ ଘଟିଥିବା ବିଶ୍ୱାସ କରାଯାଏ । ଏହା ପୂର୍ବରୁ ଧର୍ମ ଭିତ୍ତିକ ଲୀଳା ଅଭିନୟ କେବଳ ପ୍ରଚଳିତ ଥିଲା । ମୁସଲମାନଙ୍କ ଓଡ଼ିଶା ଆଗମନ ପରେ ଓଡ଼ିଶାରେ ପାଲା ପରି ଏକ ଲୋକନାଟ୍ୟର ଉଦ୍ଭବ ମଧ୍ୟ ସମ୍ଭବ ହୋଇଥିଲା । ଏଥିରେ ସାମାନ୍ୟ କଥୋପକଥନ ଓ ଅଭିନୟ ଥିଲେ ମଧ୍ୟ ନାଟ୍ୟ-ସାହିତ୍ୟ ବିକାଶରେ ଏହାର ସଂପର୍କ ଅତି କ୍ଷୀଣ ଭାବରେ ଅନୁଭୂତ ହୁଏ ।[୩]

ଏସବୁ ସଂପର୍କରେ ଆଲୋଚନାରେ ପ୍ରବୃତ୍ତ ରହି ତତ୍କାଳୀନ ସମ୍ବାଦପତ୍ର 'ଉତ୍କଳ ଦୀପିକା' ଲେଖିଥିଲେ, 'ବର୍ତ୍ତମାନ ଓଡ଼ିଶାରେ ଯାହାକୁ ଯାତ୍ରା ବୋଲାଯାଏ, ତାହା ରାମଲୀଳା, କୃଷ୍ଣଲୀଳା ଓ ସୁଭଦ୍ରା ହରଣ ଅଟଇ । ପ୍ରଥମ ଦିଓଟି ବହୁ ସ୍ଥଳରେ

Digitized by srujanika@gmail.com

ଦେଖାଯାଏ । xxx ଆମ୍ଭମାନଙ୍କର ବିଶ୍ୱାସ ଏହି ଯେ, ସଙ୍ଗୀତ କାହାକୁ ବୋଲାଯାଏ ଯାତ୍ରାବାଲାମାନେ ଜାଣନ୍ତି ନାହିଁ । କେବଳ ସଜବେଶ ହୋଇ ଗୁଡ଼ାଏ ପୋଥି ବୋଲନ୍ତି ବା କଥାବାର୍ତ୍ତା କରନ୍ତି । ନାନା ପ୍ରକାର କଦର୍ଯ୍ୟ ଓ ଭଣ୍ଡରୂପ ଦେଖାଇ ଓ ଅଶ୍ଳୀଳ ବାକ୍ୟ ଉଚ୍ଚାରଣ କରି ଦର୍ଶକମାନଙ୍କୁ ସନ୍ତୁଷ୍ଟ କରନ୍ତି ।[୪]

ପ୍ରଦତ୍ତ ଉଦ୍ଧୃତିରୁ ଏହା ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ, ଆଦିମ ଯାତ୍ରାର କଥାବସ୍ତୁ ତଥାକଥିତ ଜନପ୍ରିୟ ରାମାୟଣ, ମହାଭାରତ ଓ ଭାଗବତର ବିଭିନ୍ନ ବିଷୟକୁ ଉପଜୀବ୍ୟ କରି ଗଢ଼ି ଉଠିଥିଲା । ଗଦ୍ୟ ଅପେକ୍ଷା ପଦ୍ୟ ଉପରେ ଅଧିକ ପ୍ରାଧାନ୍ୟ ଆରୋପ କରାଯାଇଥିଲା ଏବଂ ମୁକ୍ତ ମଞ୍ଚରେ ଅଭିନୀତ ହୋଇଥବା ହେତୁ ସଙ୍ଗୀତକୁ ସୁଦୂରପ୍ରସାରୀ କରିବା ନିମିତ୍ତ ଉଚ୍ଚାଙ୍ଗ ସଙ୍ଗୀତ ପରିବର୍ତ୍ତେ ସାଧାରଣ ସ୍ୱରରେ ସଙ୍ଗୀତ ପରିବେଷଣ କରାଯାଇଥିଲା । ଅଭିନୟ ଅପେକ୍ଷା ପାତ୍ରପାତ୍ରୀମାନଙ୍କ ବେଶଭୂଷା ଓ ଗୀତ ଗାଇବା ଦକ୍ଷତା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଥିଲା । ଫଳରେ ପାତ୍ରପାତ୍ରୀ ନିର୍ବାଚନ କାଳରେ ସୁଲଳିତ କଣ୍ଠରେ ଗୀତଗାନ କରିପାରୁଥିବା ବ୍ୟକ୍ତିକୁ ଅଗ୍ରାଧିକାର ଦିଆଯାଉଥିଲା । ଏହା ବ୍ୟତୀତ ଗ୍ରାମ୍ୟ ଜନତାର ଚିତ୍ତାନୁରଞ୍ଜନ ନିମିତ୍ତ ଲଘୁହାସ୍ୟ ଉତ୍ପାଦକ କଦ୍ରର୍ଯ୍ୟ ଭଣ୍ଡରୂପ ଓ ଅଶ୍ଳୀଳ ବାକ୍ୟର ଆଶ୍ରୟ ନିଆଯାଉଥିଲା ।

୧୮୦୩ ମସିହାରେ ଓଡ଼ିଶା ମରହଟ୍ଟା କବଳରୁ ମୁକ୍ତ ହୋଇ ଇଂରେଜମାନଙ୍କ ଅଧୀନକୁ ଆସିଲା । କ୍ରମେ ଇଂରେଜମାନେ ସେମାନଙ୍କ ଧର୍ମ, ସଭ୍ୟତା, ଶିକ୍ଷା-ଦୀକ୍ଷା ଓ ଆଚାର ବ୍ୟବହାରମାନ ଏ ଦେଶରେ ପ୍ରବର୍ତ୍ତନ କରିବାକୁ ଲାଗିଲେ । ଫଳରେ ଏ ଦେଶର ଲୋକଙ୍କର ରୁଚି ପରିବର୍ତ୍ତନ ହେଲା ଓ ସେମାନେ ପ୍ରାଚୀନ ସାହିତ୍ୟର ଗତାନୁଗତିକତାକୁ ପରିହାର କରି ଆଧୁନିକତାକୁ ବରଣ କଲେ ।

ଇତି ମଧ୍ୟରେ ଖ୍ରୀ.ଅ. ୧୮୬୫-୬୬ରେ ଓଡ଼ିଶାର ପ୍ରଳୟଙ୍କରୀ ନଅଙ୍କ ଦୁର୍ଭିକ୍ଷ ଯଥାର୍ଥରେ ଏ ଜାତିର ମେରୁଦଣ୍ଡକୁ ଭାଙ୍ଗିଦେଲା । ଦୁର୍ଭିକ୍ଷ ପରେ ବିପୁଳ ଲୋକକ୍ଷୟ ଘଟିବାରୁ ଇଂରେଜ ସରକାରଙ୍କ ଅପାରଗତା ପ୍ରମାଣିତ ହେଲା । କମିଶନର ରେଭେନ୍‌ସା ସାହେବ ଦୁର୍ଭିକ୍ଷ ପରବର୍ତ୍ତୀ ନାନା ବିକାଶମୂଳକ ଯୋଜନା ଆରମ୍ଭ କଲେ । ଓଡ଼ିଶାର ପ୍ରାଚୀନ ଇତିହାସ, ସଂସ୍କୃତି, ସାହିତ୍ୟର ପୁନରୁଦ୍ଧାର କରିବା ସହ ଆଧୁନିକ ଶିକ୍ଷାର ବିସ୍ତାର ଏହି ଯୋଜନାର ଅପରିହାର୍ଯ୍ୟ ଅଙ୍ଗ ଥିଲା ।

୧୮୬୮ ମସିହାରେ ଓଡ଼ିଶାରେ ଭାଷା ବିଲୋପ ଆନ୍ଦୋଳନ ମୁଣ୍ଡ ଟେକିଲା । ଓଡ଼ିଶାରେ ଓଡ଼ିଆ ଭାଷାକୁ ବିଲୋପ କରି କଚେରି ଓ ବିଦ୍ୟାଳୟ ଗୁଡ଼ିକରେ ଓଡ଼ିଆ ପରିବର୍ତ୍ତେ ବଙ୍ଗଳା ଭାଷା ପ୍ରବର୍ତ୍ତନ କରିବା ଲାଗି ଓଡ଼ିଶାରେ ନିଯୁକ୍ତ ଥିବା ବଙ୍ଗୀୟ କର୍ମଚାରୀମାନେ ଗୋଟାଏ ହୀନ ଷଡ଼ଯନ୍ତ୍ର ଆରମ୍ଭ କଲେ । ମାତ୍ର ସେତେବେଳକୁ ଓଡ଼ିଶାରେ ଇଂରାଜୀ ଶିକ୍ଷାପ୍ରାପ୍ତ ଏକ ସକ୍ରିୟ ମଧ୍ୟବିତ୍ତ ଗୋଷ୍ଠୀ ସୃଷ୍ଟି ହୋଇ ସାରିଥିଲା ।

Digitized by srujanika@gmail.com

ଏମାନେ ଉକ୍ତ ଆନ୍ଦୋଳନକୁ ଅଚିରେ ପ୍ରତିହତ କରି ପାଶ୍ଚାତ୍ୟ ସଂସ୍କୃତି ଓ ସଭ୍ୟତା ଦିଗରେ ଅଗ୍ରସର ହେଉଥିଲେ ।

ପୁନଶ୍ଚ ଇଂରେଜମାନଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ଅନେକ ବଙ୍ଗୀୟ କର୍ମଚାରୀ ଓଡ଼ିଶାକୁ ଆସି ଏଠାରେ ସ୍ଥାୟୀ ଭାବରେ ବସବାସ କରି ରହିଗଲେ । "ବିଶେଷ କରି ନଅଙ୍କ ଦୁର୍ଭିକ୍ଷ କାଳରେ ସୂର୍ଯ୍ୟାସ୍ତ ଆଇନ୍ ହେତୁ ନିଲାମରେ ସେମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତି ସୌଭାଗ୍ୟକ୍ରମେ ଓଡ଼ିଶାର ଜମିଦାର ପାଲଟି ଯିବାରୁ ନିଜ ସାଂସ୍କୃତିକ ଚିନ୍ତାଧାରାକୁ ଓଡ଼ିଶା ମାଟିରେ ପରିବେଷଣ କରିବାକୁ ଅଧିକ ସୁଯୋଗ ପାଇଲେ । ପରିଣାମ ସ୍ୱରୂପ ମଉଜ ମଜଲିସ ପାଇଁ ବଙ୍ଗଳାରୁ ଯାତ୍ରାଦଳ ଓ ବାଈନାଚ ଦଳ ଆସିଲେ ।"[୫] ସମାଲୋଚକ ଡକ୍ଟର ନଟବର ସାମନ୍ତରାୟଙ୍କ ମତରେ "ପୂର୍ବ ପ୍ରଚଳିତ 'ଯାତ୍ରା' ଲୋକଚିତ୍ତରେ ସେ ସମୟରେ ସମଧିକ ଆନନ୍ଦ ଦେବାକୁ ସମର୍ଥ ହୋଇ ନଥିଲା । କିନ୍ତୁ ଇଂରାଜୀ ନାଟକର ଆଦର୍ଶରେ ରଚିତ ନାଟକ ଉଚ୍ଚଶିକ୍ଷିତ ବ୍ୟକ୍ତିମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବାରୁ ତାହା ବଙ୍ଗ ଦେଶର ସମଗ୍ର ଜନତାକୁ ପ୍ରଭାବିତ କରି ପାରି ନଥିଲା । ସେ ଦେଶରେ ନୂତନ ଭାବେ ଗଢ଼ି ଉଠୁଥିବା ସାହିତ୍ୟିକ ରୁଚିବୋଧ, ଜୀବନାଦର୍ଶ ଓ ଆନନ୍ଦବୋଧକୁ ଲକ୍ଷ୍ୟ ରଖି କେତେକ ଲେଖକ ପ୍ରାଚୀନ 'ଯାତ୍ରା'ର ଆଙ୍ଗିକ ଓ ଆତ୍ମିକ ରୂପ ସଂପଦରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିଥିଲେ ।

ତେଣୁ ଏମାନେ ଯାତ୍ରା ଭିତରେ ନାଟକୋଚିତ କେତେକ ଉପାଦାନ ସଂଯୋଜନା କରି ତାକୁ ଲୋକରୁଚି ଅନୁକୂଳ ହେବା ରୂପରେ ଲୋକଙ୍କ ସମ୍ମୁଖରେ ଉପସ୍ଥାପନା କଲେ । ଗଦ୍ୟମୟ ସଂଳାପର ପ୍ରବର୍ତ୍ତନ, ସଙ୍ଗୀତର ପରିମାଣରେ ମିତବ୍ୟୟିତା, କଥାବସ୍ତୁ ଭିତରେ ବୈଚିତ୍ର୍ୟ ସଂପାଦନ ପାଇଁ ଭିନ୍ନ ଭିନ୍ନ ବିଭାଗରେ ତା'ର ସଜ୍ଜୀକରଣ, ଚରିତ୍ର ବିକାଶ ପ୍ରତି ଦୃଷ୍ଟି, ନୂତନ କଥାବସ୍ତୁ ନିର୍ବାଚନ, ଲୋକମତ ସୃଷ୍ଟି ପାଇଁ ସାମାଜିକ ସମସ୍ୟା ସଂବଳିତ ବିଷୟ ଉତ୍ତୋଳନ, ବିଭିନ୍ନ ରସର ସଂଯୋଜନ - ଏହିପରି କେତେକ ନୂତନ ବୈଶିଷ୍ଟ୍ୟ ନାଟକରୁ ଆହରଣ କରି ସେ ସମୟରେ ଯାତ୍ରାରେ ଲେଖକମାନେ ସଂଯୋଗ କରିଥିଲେ । କିନ୍ତୁ ନାଟକର ସୃଷ୍ଟିର ଦୃଷ୍ଟିଭଙ୍ଗୀ ଓ ସୃଷ୍ଟିବୈଚିତ୍ର୍ୟ ଏକାନ୍ତଭାବେ ସୂକ୍ଷ୍ମ କଳାଜ୍ଞାନ ପରିପୂର୍ଣ୍ଣ ଥିବାରୁ ଏଇ ନୂତନ ଯାତ୍ରା ରଚନା ବେଳେ ସେଥିପ୍ରତି ନଜର ଦିଆଯାଉ ନଥିଲା । ଫଳରେ ନାଟକକୁ ଅନୁସରଣ କରି ଏମାନେ କେବଳ ଏକ ଉନ୍ନତ ଧରଣର ଯାତ୍ରା ତିଆରି କଲେ - ଏହା ପ୍ରକୃତ ନାଟକ ସଙ୍ଗେ ଆଦୌ ସମାନ ନୁହେଁ । ୧୮୭୦ ସାଲ ପରେ ବଙ୍ଗଳାର ଏଇ ନୂତନ ଯାତ୍ରା ଓଡ଼ିଶାରେ ଅଭିନୀତ ହେବାରୁ ଏଠାକାର ଲୋକେ ଏ ଦେଶର ପୁରାତନ ଯାତ୍ରା ବା 'ଲୀଳା' ପ୍ରତି ସମଧିକ ଆଦର ଦେଖାଇ ନ ଥିଲେ, ବରଂ ଦେଶ ପ୍ରଚଳିତ 'ଯାତ୍ରା' ବା 'ଲୀଳା'କୁ ସେମାନେ କଠୋର ଭାବେ ସମାଲୋଚନା କରିଥିଲେ । ପାଶ୍ଚାତ୍ୟ ଶିକ୍ଷାର ପ୍ରସାର ହେତୁ ସେ ସମୟରେ ଲୋକଚିତ୍ତରେ ଯେଉଁ ନୂତନ ମୂଲ୍ୟବୋଧ, ନୂତନ ରସପିପାସା ଓ ନୂତନ

Digitized by srujanika@gmail.com

ଜୀବନ ଜିଜ୍ଞାସା ଦେଖା ଦେଇଥିଲା ତାହା ପ୍ରାଚୀନ ଗୁଚିର ଗଣ୍ଡି ମଧ୍ୟରେ ଆବଦ୍ଧ ନ ରହି ଚାହିଁଥିଲା, ନୂତନ ରସ, ନୂତନ କାବ୍ୟକଳା । ଲୋକଚିତ୍ତର ଏ ପରିବର୍ତ୍ତନ ପାଇଁ ଏଇ ପ୍ରକାର ଯାତ୍ରାର ଅନୁସରଣରେ ରଚିତ ହୋଇଥିଲା 'ବାବାଜି' ନାଟକ । ତେଣୁ 'ଗୋପୀନାଥ ବଲ୍ଲଭ' ଓ 'ବାବାଜି' ଯଥାକ୍ରମେ ଦକ୍ଷିଣ ଓ ଉତ୍ତର ଓଡ଼ିଶାରେ ଦେଖା ଦେଇଥିବା ପରିବର୍ତ୍ତିତ ଲୋକଚିତ୍ତର ଜୀବନ୍ତ ମୂକସାକ୍ଷୀ ମାତ୍ର; ସମୟର ପ୍ରାଣସ୍ପନ୍ଦନ ସେଥିରେ ଯଥାର୍ଥ ଭାବେ ରୂପାୟିତ" ।[୬]

ଜଗନ୍ମୋହନ ଲାଲଙ୍କ 'ବାବାଜୀ' ନାଟକ ଅଭିନୀତ ହେବାର ଠିକ୍ ପୂର୍ବବର୍ଷ 'ଉତ୍କଳ ଦୀପିକା' ଓଡ଼ିଶାକୁ ବଙ୍ଗଳାଯାତ୍ରାର ପ୍ରଥମ ଅନୁପ୍ରବେଶ କରୁଥିବା ଘଟଣାକୁ କେନ୍ଦ୍ର କରି ମନ୍ତବ୍ୟ ଦେଇଥିଲା, "ଆମ୍ଭେମାନେ ଏତିକି ଆଶାକରୁ କି ଯେମନ୍ତ ଯାତ୍ରାଟି ନିତାନ୍ତ ବଙ୍ଗଳା ନ ହେଉ ଓ ଓଡ଼ିଶା ପ୍ରଚଳିତ ଭଲ ଭଲ ରାଗ ଓ ତାଳର ଗୀତ ତହିଁରେ ସ୍ଥାନ ପାଉ ।"[୭] ଯାତାୟାତ ବ୍ୟବସ୍ଥାର ଉନ୍ନତି ଯୋଗୁଁ ବଙ୍ଗ ଓ ଓଡ଼ିଶା ମଧ୍ୟରେ ଥିବା ଦୂରତ୍ୱର ବ୍ୟବଧାନ କ୍ରମେ କମି ଆସିଲା ଏବଂ ଓଡ଼ିଶାରେ ଏକ ପରିବର୍ତ୍ତନ ଆସନ୍ନ ହୋଇ ପଡ଼ିଲା । ପରିବର୍ତ୍ତନର ପ୍ରଣବ ଓଁକାର ସହିତ ଆଧୁନିକ ନାଟକ ଜନ୍ମ ନେଲା । "ଆଧୁନିକ ନାଟକର ପିତୃତ୍ୱ ଯାହାଙ୍କଠାରେ ଅର୍ପଣ କରାଯାଇପାରେ, ସେ ହେଉଛନ୍ତି ଜଗନ୍ମୋହନ ଲାଲ ଏବଂ ଯେଉଁ ସୃଷ୍ଟି ଆଧୁନିକ ଓଡ଼ିଆ ନାଟକ ବଂଶର ପ୍ରଥମ ପୁରୁଷ ସେଇଟି ହେଲା 'ବାବାଜି' ।[୮]

ଏଇଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଓଡ଼ିଆ ନାଟ୍ୟକଳା କ୍ଷେତ୍ରରେ ଆଦି ନାଟ୍ୟକାର ଭାବରେ ପାଦ ଥାପିଲେ ଜଗନ୍ମୋହନ ଲାଲ । ଅନେକ ବାଦ ବିବାଦ ସତ୍ତ୍ୱେ ଓଡ଼ିଆ ସାହିତ୍ୟର ସମାଲୋଚକମାନେ 'ବାବାଜି' ନାଟକକୁ ଓଡ଼ିଆ ଭାଷାର ପ୍ରଥମ ନାଟକର ଗୌରବ ପ୍ରଦାନ କରିଅଛନ୍ତି । 'ବାବାଜି'ରେ ଗଠନଗତ ଶୈଥିଲ୍ୟ ପରିଲକ୍ଷିତ ହେଲେ ହେଁ, ଏହା ଅଭୂତପୂର୍ବ ଭାବରେ ମଡର୍ଣ୍ଣ ଓ ଏଥିରେ ନାଟକର "ଐକ୍ୟ ତ୍ରୟୀ" (three unities) ବା ସ୍ଥାନ, କାଳ ଓ ପାତ୍ରର ଐକ୍ୟକୁ ସୁସଂଯତ ଭାବରେ ରକ୍ଷା କରାଯାଇଛି ।[୯] ଏହି ନାଟକ ତତ୍‌କାଳୀନ ସମାଜର ବିଳାସପ୍ରସୂତ ମନୋରଂଜନଧର୍ମୀ ଆବେଗମୟୀ କାବ୍ୟିକ ନାଟକ ନୁହେଁ । ଏହା ଏକ ଚେତନଶୀଳ ସ୍ରଷ୍ଟାର ଗଭୀର ଚିନ୍ତନ । ବିପୁଳ ଅଭିଜ୍ଞତା ପ୍ରସୂତ ସମାଜ ସଂସ୍କାରଧର୍ମୀ ଉଦାର ମାନବବାଦୀ ବୌଦ୍ଧିକ ଚେତନାର ନାଟ୍ୟରୂପ । ଏଥିରେ ସମଗ୍ର ମାନବଜାତିର ଆଧ୍ୟାତ୍ମିକ ଉତ୍ତରଣ ନିମନ୍ତେ ଧର୍ମୀୟ ଚେତନା ଓ ଦିବ୍ୟ ସନ୍ଦେଶ ଭରି ରହିଛି ।

'ବାବାଜି' ନାଟକ ସହିତ ଜଗନ୍ମୋହନ ଅନ୍ୟ ତିନିଗୋଟି ନାଟକ, ଗୋଟିଏ କାବ୍ୟ 'ଭ୍ରମ ଭଞ୍ଜନ' ଏବଂ 'ଓଡ଼ିଶା ବିଜୟ' ଶୀର୍ଷକ ଓଡ଼ିଶା ଇତିହାସର ସ୍ରଷ୍ଟା ଥିଲେ । ତାଙ୍କର ନାଟକ ଗୁଡ଼ିକ ମୁଖ୍ୟତଃ ସାମାଜିକ ବିଷୟବସ୍ତୁ ଆଧାରିତ ଏବଂ

Digitized by srujanika@gmail.com

ସଂସ୍କାରବାଦୀ ହୋଇଥିବାରୁ ସମସାମୟିକ ଗଦ୍ୟରୀତିଠାରୁ ବିଶେଷ ଦୂରରେ ଥିଲାପରି ମନେ ହୁଏ ନାହିଁ ।

କେବଳ ଜଣେ ସଫଳ ନାଟ୍ୟକାର ନୁହନ୍ତି, ଜଣେ କବି, ଅନୁବାଦକ, ଐତିହାସିକ, ନାଟ୍ୟ ନିର୍ଦ୍ଦେଶକ, ମଞ୍ଚ ନିର୍ମାତା, ଚିନ୍ତାନାୟକ, ସମାଜ ସଂସ୍କାରକ ଏବଂ ଜନପ୍ରତିନିଧି ଭାବରେ ତତ୍କାଳୀନ ସମାଜରେ ସେ ନିଜର ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ଓ ବହୁମୁଖୀ ପ୍ରତିଭାର ଉପଯୁକ୍ତ ସ୍ୱାକ୍ଷର ଛାଡ଼ି ଦେଇଗଲେ ।

◆◆◆

Digitized by srujanika@gmail.com

ଦ୍ୱିତୀୟ ଅଧ୍ୟାୟ

ଜଗନ୍ମୋହନଙ୍କ ସୃଷ୍ଟିସର୍ଜନାର ପୃଷ୍ଠଭୂମି

ଜଗନ୍ମୋହନଙ୍କ ସମକାଳୀନ ଓଡ଼ିଶାର ରାଜନୀତିକ ସ୍ଥିତି :

ଜଗନ୍ମୋହନ ଲାଲଙ୍କ ଜନ୍ମର ପ୍ରାୟ ଏକ ଶତାବ୍ଦୀ ପୂର୍ବରୁ ଓଡ଼ିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବଙ୍କ ଶାସନକାଳର ଅବସାନ ଘଟି ମୁସଲମାନଙ୍କର ଶାସନ ଆରମ୍ଭ ହୋଇଥିଲା । ଶୌର୍ଯ୍ୟ, ବୀର୍ଯ୍ୟ, ତେଜୋଦୀପ୍ତ ଉତ୍କଳର ଗୌରବ ଗାରିମାକୁ ଅବଲୁପ୍ତ କରି ପ୍ରବଳ ପ୍ରତାପୀ ମୁସଲମାନ ଶାସକମାନେ ଓଡ଼ିଶା ଅଧିକାର କରି ନେଇଥିଲେ । ଏତଦ୍ ବ୍ୟତୀତ ସିଂହାସନ ଓ କ୍ଷମତା ଲୋଭ ପାଇଁ ରାଜ ପରିବାରରେ ପାରସ୍ପରିକ ଦ୍ୱନ୍ଦ୍ୱ ଓଡ଼ିଶାର ରାଜନୀତିକ ସ୍ଥିରତାକୁ ଅତିମାତ୍ରାରେ କରିଥିଲା ବିପନ୍ନ । ଓଡ଼ିଶାରେ ମୋଗଲ ଶାସନ ଆରମ୍ଭ ହେବାର ସମସାମୟିକ କାଳରେ ଇଉରୋପୀୟ ବଣିକମାନେ ଏ ପ୍ରଦେଶରେ ବସତି ସ୍ଥାପନ କରିଥିଲେ ।

କଥିତ ସମୟରେ ନାମକୁ ମାତ୍ର ଶାସନ ମୁଖ୍ୟ ବୋଲାଉଥିବା ପ୍ରାଦେଶିକ ଶାସକବର୍ଗ ପ୍ରବଳ ପରାକ୍ରମୀ ମୋଗଲ ସମ୍ରାଟଙ୍କ ପ୍ରତ୍ୟକ୍ଷ ନିୟନ୍ତ୍ରଣାଧୀନ ରହି ନିଜର ସ୍ୱାତନ୍ତ୍ର୍ୟ ହରାଇବାକୁ ବାଧ୍ୟ ହୋଇଥିଲେ । ଲୁପ୍ତ ଗୌରବ ଓ ହୃତ ସ୍ୱାଧୀନତା ଫେରି ପାଇବାକୁ ସାମୟିକ ଉଦ୍ୟମ କରୁଥିବା ରାଜ୍ୟଗୁଡ଼ିକ ବାରମ୍ୱାର ଦୁର୍ଦ୍ଧର୍ଷ ମୋଗଲ ବାହିନୀର ସମ୍ମୁଖୀନ ହୋବା ଫଳରେ ଯୁଦ୍ଧ, ସଂଘର୍ଷ ଓ ରକ୍ତପାତରେ ଲିପ୍ତ ହୋଇ ପଡୁଥିଲେ । ପୁନଶ୍ଚ ଆକବର, ଜାହାଙ୍ଗୀର ଏବଂ ଶାହାଜାହାନ ପ୍ରମୁଖ ମୋଗଲ ବାଦଶାହମାନଙ୍କର ବ୍ୟକ୍ତିଗତ ମନୋବୃତ୍ତି, ଅଭିରୁଚି, କଳା ପ୍ରବଣତା, ବିଳାସିତା ଓ ଜୀବନ ଦର୍ଶନ ଉପରେ ପର୍ଯ୍ୟବସିତ ଶାସନବ୍ୟବସ୍ଥା ଜନଜୀବନ ଉପରେ ଅପ୍ରତିହତ ପ୍ରଭାବ ବିସ୍ତାର କରିବାକୁ ଲାଗିଲା ।

ଜାହାଙ୍ଗୀରଙ୍କ ରାଜତ୍ୱ ସମୟରେ ଓଡ଼ିଶା ମୋଗଲ ସାମ୍ରାଜ୍ୟର ଏକ ପ୍ରଦେଶ ରୂପେ ପରିଗଣିତ ହେଲା ଏବଂ ସେହି ସମୟରୁ ଓଡ଼ିଶାରେ ବିଧିବଦ୍ଧ ମୋଗଲ ଶସାନ ଆରମ୍ଭ ହୋଇଥିଲା। ମୋଗଲ ଦରବାର ପକ୍ଷରୁ ସୁବାଦାରମାନେ ନିଯୁକ୍ତ ହୋଇ ଓଡ଼ିଶାର ଶାସନକାର୍ଯ୍ୟ ପରିଚାଳନା କରୁଥିଲେ ।

Digitized by srujanika@gmail.com

ମୋଗଲ ସୁବାଦାରମାନଙ୍କର ଅତ୍ୟାଚାର, ଲୁଣ୍ଠନ ଓ ଶୋଷଣର ସୁଯୋଗ ନେଇ ଓଡ଼ିଶାର ବଭିନ୍ନ ଅଞ୍ଚଳରେ ଖଣ୍ଡାୟତ ସର୍ଦ୍ଦାରମାନେ ବାହୁ ବଳରେ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟ ପ୍ରତିଷ୍ଠା କରୁଥିଲେ ଓ ଜନସାଧାରଣଙ୍କୁ ସହଜ ଉପାୟରେ ଶୋଷଣ କରୁଥିଲେ । ଓଡ଼ିଶାର ତତ୍କାଳୀନ ସୁବାଦାର ମହମ୍ମଦ ତକୀ ଖାଁ ଲାଲ ବଂଶର ପ୍ରଥମ ପୁରୁଷ ଜନୈକ ନବାଗତ ବ୍ୟବସାୟୀ ଫତେଚାନ୍ଦଙ୍କ ରାଜନୀତିଜ୍ଞ କାର୍ଯ୍ୟକଳାପ ପ୍ରତି ସନ୍ତୁଷ୍ଟ ଥିଲେ । ଫତେଚାନ୍ଦଙ୍କ ଅଣନାତି ଅରୂପରାମ ତକୀଖାଁଙ୍କର ଅତି ବିଶ୍ୱସ୍ତ ହୋଇ ପାରିଥିଲେ ଏବଂ ବିଭିନ୍ନ ଉପାୟରେ ତକୀ ଖାଁଙ୍କ ଉପରେ ନିଜ ପ୍ରଭାବ ବୃଦ୍ଧି କରି ତାହା ଦ୍ୱାରା 'ଲାଲ' ଉପାଧିରେ ଭୂଷିତ ହୋଇଥିଲେ । ଅଷ୍ଟାଦଶ ଶତକର ଚତୁର୍ଥ ଦଶକ ବେଳକୁ ଲାଲ ପରିବାର ମହାଙ୍ଗାରେ ବସବାସ କରିବାକୁ ଆରମ୍ଭ କରିଥିଲେ ।[୧୦]

ଅଷ୍ଟାଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଓଡ଼ିଶା ମୋଗଲ ଶାସନ କବଳରୁ ମୁକ୍ତ ହୋଇ ହିନ୍ଦୁ ମରହଟ୍ଟା ମାନଙ୍କର ଶାସନାଧୀନ ହେଲା । ଅଥଚ ମୋଗଲମାନଙ୍କର ଶୋଷଣର ପ୍ରକୋପ ଏ କାଳରେ ଦ୍ୱିଗୁଣିତ ହୋଇଥିଲା । ମରହଟ୍ଟା ଶାସନକାଳରେ ଓଡ଼ିଶାର ସୁଖଶାନ୍ତି ସଂପୂର୍ଣ୍ଣ ବିନଷ୍ଟ ହେଲା । ଦେଶରେ ଅରାଜକତା, ଲୁଣ୍ଠନ ଓ ଅତ୍ୟାଚାର ଏତେ ପରିମାଣରେ ବୃଦ୍ଧି ପାଇଲା ଯେ, "ଲୋକମାନେ ଘରଦ୍ୱାର ଛାଡ଼ି ବଣ ଜଙ୍ଗଲ ମଧ୍ୟରେ ବାସ କରିବାର ଅବସ୍ଥାକୁ ଆସିଗଲେ ।"[୧୧] ମୋଗଲ, ଆଫଗାନ୍ ଓ ମରହଟ୍ଟା ପ୍ରତ୍ୟେକ ଦେଶକୁ ଅତ୍ୟାଚାରୀ ଶାସକ ହିସାବରେ ଶାସନ କରିଥିଲେ । ପ୍ରଜାପୀଡ଼ନ, ରାଜ୍ୟ ଲୁଣ୍ଠନ ଓ ଅତ୍ୟାଚାର ଥିଲା ସେମାନଙ୍କ ଶାସନର ପ୍ରମୁଖ ରୀତି ।

୧୮୦୩ ମସିହାରେ ଓଡ଼ିଶା ଇଂରେଜ ଶାସନାଧୀନ ହେବାରୁ ରାଜନୀତିକ ଅସ୍ଥିରତା କିଛିଟା ଦୂର ହୋଇଥିଲେ ମଧ୍ୟ ଶାସନ କ୍ଷେତ୍ରରେ ତଥାପି ସ୍ଥିରତା ଆସିପାରି ନଥିଲା । ମାଲପତ୍ର ପରିବହନ ତଥା ଦ୍ରୁତ ରାଜନୀତିକ ଶାସନ ବ୍ୟବସ୍ଥା ନିମନ୍ତେ ଇଂରେଜମାନେ ଏ ଦେଶରେ ରେଳ, ଡାକ, ତାର ପ୍ରଭୃତିର ପ୍ରଚଳନ କରାଇଲେ । ସାରା ଦେଶକୁ ଏକ ରାଜନୀତିକ ସୂତ୍ରରେ ସଂଯୋଗ କରିବା ଅପେକ୍ଷାକୃତ ସହଜସାଧ୍ୟ ହୋଇ ଉଠିଲା । ମାତ୍ର ଏହାଦ୍ୱାରା ଭାରତୀୟମାନେ ପ୍ରତିମୁହୂର୍ତ୍ତରେ ଶିକ୍ଷିତ ଇଂରେଜମାନେ ସେମାନଙ୍କ ଅପେକ୍ଷା ଅଧିକତର ଯୋଗ୍ୟ ଓ ନିପୁଣ ବୋଲି ଅନୁଭବ କଲେ । ପୁଣି ଇଂରେଜମାନଙ୍କ ଜଟିଳ ଶାସନକାଳ ହୀନମନ୍ୟ ଭାବରେ ସଢୁଥିବା ଭାରତୀୟମାନଙ୍କ ବିପର୍ଯ୍ୟସ୍ତ ରାଜୀନତିକ ସ୍ଥିତିକୁ ସ୍ଥିରତା ଆଣି ଦେଉଛି ବୋଲି ଏମାନଙ୍କ ହୃଦ୍‌ବୋଧ ହେଲା । ଏପରି ଏକ ଦୋଦୁଲ୍ୟମାନ ପରିସ୍ଥିତି ମଧ୍ୟ ଦେଇ ତତ୍କାଳୀନ ରାଜନୀତିକ ଅବସ୍ଥା ହୁଏତ ପାଇକ ବିଦ୍ରୋହ କିମ୍ବା ସ୍ୱାଧୀନତା ସଂଗ୍ରାମ ପରି ଏକ ସଂଭାବ୍ୟ ଜନ ଆନ୍ଦୋଳନକୁ ଅପେକ୍ଷା ରଖିଥିଲା ।

Digitized by srujanika@gmail.com

ସମକାଳୀନ ସାମାଜିକ ପରିବେଶ :

ଅଷ୍ଟାଦଶ ଶତକର ଦ୍ୱିତୀୟାର୍ଦ୍ଧ ବେଳକୁ ସାମାଜିକ ସ୍ତରରେ ଓଡ଼ିଶାର ଜନଜୀବନର ସ୍ଥିତି ଅତ୍ୟନ୍ତ ଦୟନୀୟ ହୋଇ ପଡ଼ିଥିଲା । ଦୁରାଚାରୀ ଶାସକର ହୀନ ବ୍ୟଭିଚାର ଦ୍ୱାରା ଭୂଲୁଣ୍ଠିତ ହୋଇ ପଡ଼ିଥିଲା ଏହାର ସତ୍ତା । ସମାଜର ନିମ୍ନବର୍ଗର ଶ୍ରମଜୀବୀମାନେ ବିଶେଷ କରି ସାହୁକାର, ବ୍ୟବସାୟୀ, ସାମନ୍ତ, ରକ୍ଷଣଶୀଳ ବ୍ରାହ୍ମଣ ଏବଂ ସମାଜର ବଡ଼ପଣ୍ଡାଙ୍କ ଦ୍ୱାରା ବହୁ ଭାବରେ ନିର୍ଯାତିତ, ଲାଞ୍ଛିତ ଏବଂ ତଳିତଳାନ୍ତ ହେଉଥିଲେ । ସେତେବେଳେ "ମୋଗଲ ସମ୍ରାଟମାନଙ୍କର ଅଧିକାଂଶ ସମୟ ସଂଗ୍ରାମରେ ନିୟୋଜିତ ହେଉଥିଲା । ସେଥିପାଇଁ ଦେଶରେ ସୈନ୍ୟକ୍ଷୟ ସହିତ ଅନବରତ ଯୁଦ୍ଧ ଲାଗି ରହିଥିଲା । ଶସ୍ୟ ଶ୍ୟାମଳା ବିସ୍ତୃତ କ୍ଷେତ ଉପରେ ସୈନ୍ୟମାନେ ଯାତ୍ରା କରୁଥିବାବେଳେ ଦେଶର ଶସ୍ୟସଂପଦ ପ୍ରତି ସେମାନଙ୍କର କୌଣସି ନିଘା ନଥିଲା । ଫଳରେ କୃଷକମାନେ ବାରମ୍ବାର କ୍ଷତିଗ୍ରସ୍ତ ହେଉଥିଲେ । ଅତିବୃଷ୍ଟି ଓ ଅନାବୃଷ୍ଟି କାଳରେ ଦେଶର ଶାସକମାନେ ପ୍ରଜାମାନଙ୍କୁ କୌଣସି ସହାୟତା ନ କରିବା ଫଳରେ ଦେଶରେ ଦାରିଦ୍ର୍ୟ ଦିନକୁ ଦିନ ବୃଦ୍ଧି ପାଉଥିଲା ।"[୨]

ଏହି ପ୍ରକାର ସାମାଜିକ ପରିସ୍ଥିତି ଯୋଗୁଁ ଶ୍ରମିକ ଓ କୃଷକ ସମାଜ ଦିନକୁ ଦିନ ଅଧିକ ଦରିଦ୍ର ହେଉଥିଲେ । ଅଥଚ ଶାସକ ଓ ଉଚ୍ଚବର୍ଗର ଲୋକେ ବିନା ପରିଶ୍ରମରେ ଅଧିକ ଧନୀ ହେବାକୁ ଲାଗିଲେ । ଏପରି ଏକ ସମସ୍ୟାପୂର୍ଣ୍ଣ ସମୟରେ ଦେଶବାସୀ କେବଳ ଯେ ଭାଗ୍ୟବାଦୀ ହୋଇ ପଡ଼ିଥିଲେ ନୁହେଁ, ଦେଶର ନୈତିକ ମୂଲ୍ୟବୋଧ ମଧ୍ୟ ହ୍ରାସ ପାଇଥିଲା । ନିଜର କାର୍ଯ୍ୟ ହାସଲ କରିବା ପାଇଁ ଜନତା ଲାଞ୍ଚ ମିଛର ଆଶ୍ରୟ ନେଉଥିଲେ । ଈର୍ଷା, ଦ୍ୱେଷ, ଛଳ, କପଟ, ଷଡ଼ଯନ୍ତ୍ର ଆଦି ସମାଜରେ ଭୀଷଣ ବିଭୀଷିକା ସୃଷ୍ଟି କରୁଥିଲା ।

ଅଷ୍ଟାଦଶ ଶତାବ୍ଦୀର ପ୍ରାରମ୍ଭରେ ପାଶ୍ଚାତ୍ୟ ଶିକ୍ଷାର ପ୍ରଚଳନ ଓ ଇଂରେଜୀ ଶିକ୍ଷା ପ୍ରତି ଲୋକଙ୍କ ଅନାଗ୍ରହ ସତ୍ତ୍ୱେ, ସାମାଜିକ ସ୍ଥିତିରେ କିଛିଟା ପରିବର୍ତ୍ତନ ସଂଘଟିତ ହେଲା । ସମ୍ବାଦପତ୍ରର ବିକାଶ ଦ୍ୱାରା ଲୋକଙ୍କ ମନରେ ନୂତନ ଚେତନା ଜାଗ୍ରତ ହେଲା । ୧୮୨୩ରେ ରାଜା ରାମମୋହନ ରାୟଙ୍କ ଦ୍ୱାରା ବ୍ରାହ୍ମସମାଜ ପ୍ରତିଷ୍ଠା ହେବା ଦ୍ୱାରା ହିନ୍ଦୁ ସମାଜର ବାଲ୍ୟବିବାହ, ସତୀଦାହ, ପର୍ଦ୍ଦାପ୍ରଥା ପ୍ରଭୃତି ବଦଳରେ ଏକ ଉଦାର ସାମାଜିକ ଭିତ୍ତି ଓ ଧର୍ମମତର ପ୍ରତିଷ୍ଠା ନିମନ୍ତେ ପ୍ରଯତ୍ନ କରାଗଲା ।

ଆର୍ଯ୍ୟ ସମାଜର ପ୍ରତିଷ୍ଠାତା ସ୍ୱାମୀ ଦୟାନନ୍ଦ ସରସ୍ୱତୀ ମଧ୍ୟ ହିନ୍ଦୁ ସମାଜରେ ଅନେକ ଦିନରୁ ଆସନ ଜମେଇଥିବା କୁସଂସ୍କାର ଓ ଅନ୍ଧବିଶ୍ୱାସ ବିରୋଧରେ ଅଣ୍ଟାଭିଡ଼ି ବାହାରି ପଡ଼ିଥିଲେ । ଏଥି ସହିତ ରାମକୃଷ୍ଣ, ଶ୍ରୀ ଅରବିନ୍ଦ ଓ ରବୀନ୍ଦ୍ରନାଥଙ୍କର ବୌଦ୍ଧିକ ବିଚାର, ସାମାଜିକ ଆନ୍ଦୋଳନ ଏବଂ ପରେ ପରେ ମହାତ୍ମା ଗାନ୍ଧୀଙ୍କର ସ୍ୱାଧୀନତା ସଂଗ୍ରାମ

Digitized by srujanika@gmail.com

ଦେଶର ସାମାଜିକ, ସାଂସ୍କୃତିକ ଓ ରାଜନୀତିକ ଚଳଣିରେ ପ୍ରଭାବଶାଳୀ ପରିବର୍ତ୍ତନ ଆଣିଲା ।

ଇତିମଧ୍ୟରେ ଓଡ଼ିଶାରେ ନଅଙ୍କ ଦୁର୍ଭିକ୍ଷ ପରି ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଓଡ଼ିଶାର ସାମାଜିକ ସ୍ଥିତିକୁ ଦୋହଲାଇ ଦେଇଥିଲା । ଦୁର୍ଭିକ୍ଷରେ ବିପୁଳ ଲୋକକ୍ଷୟ ଘଟିବାରୁ ଇଂରେଜ ସରକାରଙ୍କ ଅପାରଗତା ପ୍ରମାଣିତ ହେଲା । କମିଶନର୍ ଟି.ଇ. ରେଭେନ୍‌ସା ସାହେବ ଦୁର୍ଭିକ୍ଷ ପରବର୍ତ୍ତୀ ସମୟରେ ବିଭିନ୍ନ ବିକାଶମୂଳକ ଯୋଜନା ଆରମ୍ଭ କଲେ । ଜନସାଧାରଣଙ୍କ ମଧ୍ୟରେ ଶିକ୍ଷା ବିସ୍ତାର ଏହି ଯୋଜନାର ଏକ ଅପରିହାର୍ଯ୍ୟ ଅଙ୍ଗ ଥିଲା ।

ପୁନଶ୍ଚ ଭାଷା ଆନ୍ଦୋଳନ ପରି ଏକ ବୌଦ୍ଧିକ ଆଘାତ ଏବଂ ବଙ୍ଗାଳୀମାନଙ୍କର ହୀନ ଚକ୍ରାନ୍ତ ମଧ୍ୟବିତ୍ତ ଶିକ୍ଷିତ ଗୋଷ୍ଠୀକୁ ଜାଗ୍ରତ କରିବା ପାଇଁ ଯଥେଷ୍ଟ ଥିଲା । ମୋଟାମୋଟି ଭାବରେ କୁହାଯାଇପାରେ ଯେ, ନଅଙ୍କ ଦୁର୍ଭିକ୍ଷ ଓ ଭାଷା ଆନ୍ଦୋଳନ ପରବର୍ତ୍ତୀ ସମୟରେ ଏ ଦେଶର ପ୍ରଭୂତ କଲ୍ୟାଣ କରିବା ସଙ୍ଗେ ସଙ୍ଗେ ଇଂରେଜୀ ଶିକ୍ଷା ମାଧ୍ୟମରେ ସାହିତ୍ୟ ଓ ପାଶ୍ଚାତ୍ୟ ଜ୍ଞାନବିଜ୍ଞାନ ମୂଳକ ଶିକ୍ଷା ପ୍ରଣାଳୀକୁ ସ୍ଥିର ଭାବରେ ପରିଚାଳିତ କଲା । ଜନସାଧାରଣଙ୍କ ରୁଚି କ୍ରମେ ଇଂରେଜୀ ଭାଷା ଓ ସାହିତ୍ୟ ଆଡ଼କୁ ଆକୃଷ୍ଟ ହୋଇ ପଡ଼ିଲା । ଆଧୁନିକ ଓଡ଼ିଆ ସାହିତ୍ୟର ସୃଷ୍ଟି ଲାଗି ଏ ଦେଶର ପାଶ୍ଚାତ୍ୟ ଶିକ୍ଷାପ୍ରାପ୍ତ ସ୍ରଷ୍ଟାଗଣ ଯେପରି ଏକ ଦିଗରେ ଆବିର୍ଭୂତ ହେଲେ, ସେହିପରି ଅନ୍ୟ ଏକ ଦିଗରେ ନୂତନ ସ୍ରଷ୍ଟାମାନଙ୍କର ନବୀନ ସୃଷ୍ଟି ସମ୍ଭାରକୁ ଅଭିନନ୍ଦିତ କରିବା ଲାଗି, ପରିମାଣରେ ଅଳ୍ପ ହେଲେ ମଧ୍ୟ, ଗୋଟିଏ ଶିକ୍ଷିତ ମଧ୍ୟବିତ୍ତ ଗୋଷ୍ଠୀ ସୃଷ୍ଟି ହୋଇ ସାରିଥିଲେ । ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ଯଥାର୍ଥ ଆଧୁନିକ ସାହିତ୍ୟର ସୃଷ୍ଟି କର୍ମ ସଂପାଦିତ ହୋଇଥିଲା । ସମାଜ, ସଂସ୍କୃତି ଓ ରାଜନୀତିକ ପ୍ରେକ୍ଷାପଟର ଏଇ ସବୁ ପ୍ରଭାବଶାଳୀ ଘଟଣା ଏବଂ ଏତଦ୍ ଜନିତ ଚେତନା ପ୍ରବାହ ସ୍ରଷ୍ଟା ଜଗନ୍ମୋହନ ଲାଲଙ୍କୁ ନାଟକ ସୃଷ୍ଟି କରିବା ପାଇଁ ଅନୁପ୍ରେରିତ କରିଥିଲା ।

ସମକାଳୀନ ସାଂସ୍କୃତିକ ପ୍ରେକ୍ଷାପଟ :

ଆଲୋଚ୍ୟ କାଳର ପରିବର୍ତ୍ତିତ ରାଜନୀତିକ ଅବସ୍ଥା ରକ୍ଷଣଶୀଳ ଓଡ଼ିଆ ଜାତିର ଆଧ୍ୟାତ୍ମିକ ତଥା ଧାର୍ମିକ ସ୍ଥିତିରେ ଆଶୁ ପରିବର୍ତ୍ତନ ଆଣିଥିଲା । ଆଫଗାନ, ମୋଗଲ, ମରହଟ୍ଟା ଓ ଇଂରେଜ ଭଳି ବାହ୍ୟ ଶକ୍ତିମାନେ ଗୋଟିଏ ପରେ ଗୋଟିଏ ଆସି ଏହାର ସ୍ୱାଧୀନତା ରବିକୁ ଅସ୍ତମିତ କରିବା ସଙ୍ଗେ ସଙ୍ଗେ ଜାତୀୟ ଜୀବନକୁ ବାରମ୍ବାର ବିପର୍ଯ୍ୟସ୍ତ କରି ପକାଇଥିଲେ । ଓଡ଼ିଶାର ଧର୍ମ, ସମାଜ ଓ ସଂସ୍କୃତି ଆଦି ପ୍ରତିଷ୍ଠାର ସୌଧକୁ ସେମାନେ ଏକ ପ୍ରକାର ଧୂଳିସାତ୍ କରି ଦେଇଥିଲେ । ଆଲୋଚକଙ୍କ

Digitized by srujanika@gmail.com

ମତରେ, "ଧାର୍ମିକ, ଆଧାତ୍ମିକ ତଥା ସାଂସ୍କୃତିକ କ୍ଷେତ୍ରରେ ଭାରତର ଅନ୍ୟାନ୍ୟ ଅଞ୍ଚଳ ପରି ଓଡ଼ିଶାର ଜନସାଧାରଣ ମଧ୍ୟ ଏକାବେଳକେ ସ୍ୱାଧୀନତା ହରାଇ ବସିଲେ ।"[୧୩]

ଇଂରେଜମାନଙ୍କ ଆଗମନ ପରେ ପାଶ୍ଚାତ୍ୟ ଶିକ୍ଷାର ଅଭ୍ୟୁଦୟ ଫଳରେ ଦେଶର ପ୍ରଚଳିତ ସାଂସ୍କୃତିକ ବାତାବରଣରେ ପରିବର୍ତ୍ତନ ଦେଖାଦେଲା । ଓଡ଼ିଶାରେ କଂପାନୀ ସରକାର ପ୍ରତିଷ୍ଠିତ ହେବା ପରେ ଖ୍ରୀଷ୍ଟିଆନ ପାଦ୍ରୀମାନେ ଖ୍ରୀଷ୍ଟଧର୍ମ ପ୍ରଚାର ଲାଗି ବ୍ୟାକୁଳ ହୋଇ ଉଠିଥିଲେ । ଓଡ଼ିଆ ଭାଷାରେ ଖ୍ରୀଷ୍ଟଧର୍ମ ପ୍ରଚାର ଲାଗି ମିସ୍‌ନାରୀ ପାଦ୍ରୀମାନେ ପ୍ରଥମେ ବ୍ୟାକରଣ ଓ ଅଭିଧାନ ରଚନା କରିବା ପ୍ରୟୋଜନୀୟ ମନେ କଲେ । ପୁନଶ୍ଚ ଯେଉଁ ଦେଶୀୟ ଲୋକ ଖ୍ରୀଷ୍ଟଧର୍ମ ଗ୍ରହଣ କରୁଥିଲେ, ସେମାନଙ୍କର ସନ୍ତାନ ସନ୍ତତିଙ୍କୁ ଆଧୁନିକ ରୀତିରେ ଶିକ୍ଷା ପ୍ରଦାନ କରିବା ଲାଗି ବିଦ୍ୟାଳୟ ସ୍ଥାପନ ମିସନାରୀ ମାନଙ୍କ ପାଇଁ ଏକାନ୍ତ ଅପରିହାର୍ଯ୍ୟ ହୋଇ ପଡ଼ିଥିଲା ।

ଓଡ଼ିଶାର ବିଦ୍ୟାଳୟ ଗୁଡ଼ିକରେ ପାଠ୍ୟପୁସ୍ତକ ରୂପେ ବ୍ୟବହୃତ ହେବା ଲାଗି, ବିଭିନ୍ନ ସ୍ତରରେ ଛାତ୍ରମାନଙ୍କର ଏସବୁ ପ୍ରୟୋଜନକୁ ଆଖି ଆଗରେ ରଖି ସଟନ ସାହେବ ଓଡ଼ିଆ ଭାଷା ଚର୍ଚ୍ଚାର ଭିତ୍ତିକୁ ସୁଦୃଢ଼ କରିଥିଲେ । ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଓଡ଼ିଆରେ ପ୍ରାଇମେରି ଭର୍ଣ୍ଣାକୁଲାର, କ୍ଲାସ୍‌ବୁକ୍ ରିଡର, ଓଡ଼ିଆ ଇନ୍‌ଷ୍ଟ୍ରକ୍‌ସନ୍, ଓଡ଼ିଆ ଇତିହାସ ଓ ଓଡ଼ିଆ ଭାଷାରେ ହିତୋପଦେଶ ପ୍ରଭୃତି ପାଠ୍ୟପୁସ୍ତକ ୧୮୩୫ ମସିହାଠାରୁ ୧୮୫୨ ମଧ୍ୟରେ ପ୍ରକାଶ କରିଥିଲେ ।

ସେତେବେଳେ ବଙ୍ଗଳାରୁ ପ୍ରକାଶିତ କେତେକ ସମ୍ବାଦପତ୍ର ଭାରତବର୍ଷରେ ଇଂରେଜୀ ଶିକ୍ଷା ଓ ସଂସ୍କୃତିର ଦ୍ରୁତ ପ୍ରସାରରେ ସହାୟକ ଥିଲେ । ଇଂରେଜୀ ଶିକ୍ଷା ସମର୍ଥନରେ ସେ ସମୟରେ ଏକ ହିନ୍ଦୀ ପତ୍ରିକା ଲେଖିଥିଲେ, "ଯେଉଁ ଦିନଠାରୁ ଏ ଦେଶରେ ଇଂରେଜୀ ଶିକ୍ଷାର ପ୍ରସାର ହେଲା, ସେହିଦିନଠାରୁ ଆମର ଶିକ୍ଷିତ ସଂପ୍ରଦାୟଙ୍କ ମଧ୍ୟରେ ଦେଶାନୁରାଗ (patriotism) ଏଭଳି ବ୍ୟାପିଯାଇଛି ଯେ, ଯେଉଁଠି କେବଳ, ଯୁବକମାନଙ୍କ ମଧ୍ୟରେ ଏହାରି ଚର୍ଚ୍ଚା ହେଉଛି । ଛାତ୍ରମାନେ ଯେଉଁଦିନଠୁ ବିଦ୍ୟାଳୟରେ ଗ୍ରୀସ୍, ରୋମ୍ ଓ ଇଂଲଣ୍ଡର ଇତିହାସ ପଢ଼ିଲେଣି, ସେଇ ଦିନଠୁ ଦେଶାନୁରାଗର ଭୂତ ସେମାନଙ୍କ ଉପରେ ସବାର ହୋଇଛି ।"[୧୪]

ଓଡ଼ିଶା ଇଂରେଜ ଶାସନାଧୀନ ହେବା ପରେ ପରେ ଏହିପରି ଇଂରେଜୀ ପାଦ୍ରୀମାନେ ଓଡ଼ିଆ ଭାଷା ଚର୍ଚ୍ଚାର ପ୍ରାଥମିକ ଭିତ୍ତି ପ୍ରସ୍ତୁତ କରିବାରେ କ୍ଷମ ହୋଇଥିଲେ ।

ଶିକ୍ଷାର ବିକାଶ ସଙ୍ଗେ ସଙ୍ଗେ ଶିକ୍ଷିତ ଯୁବକ ଯୁବତୀମାନେ ନବଗଠିତ ପରଂପରାର ସ୍ତାବକ ହେଲେ । ଆଖି ବୁଜି କୌଣସି କଥାକୁ ଗ୍ରହଣ କରିନେବାକୁ ଏମାନେ କୁଣ୍ଠା ପ୍ରକାଶ କଲେ । ଫଳରେ ପ୍ରାଚୀନ ବୁନିଆଦି ସ୍ଥାନରେ ନୂତନ ବୁଦ୍ଧିଜୀବୀ ଗୋଷ୍ଠୀଙ୍କ ନବ୍ୟ ସଭ୍ୟତା ମୁଣ୍ଡ ଟେକିଲା । ମଧ୍ୟବିତ୍ତ ଗୋଷ୍ଠୀର ରାଜକର୍ମଚାରୀ, ଆଇନଜୀବୀ ଓ ବ୍ୟବସାୟୀ ଆଦି ଏକତ୍ର ହୋଇ ନୂତନ ସହରୀ ସଭ୍ୟତା ଗଢ଼ି ତୋଳିଲେ । ପ୍ରତ୍ୟେକ

Digitized by srujanika@gmail.com

ସହର ଏହି ନବଗଠିତ ସଂସ୍କୃତିର ପ୍ରାଣକେନ୍ଦ୍ର ହୋଇ ଉଠିଲା ଏବଂ ନବ୍ୟ ସଂସ୍କୃତି କ୍ରମଶଃ ସହରରୁ ଗ୍ରାମ ଗ୍ରାମାନ୍ତରକୁ ପ୍ରସାରିତ ହେଲା । ମୁଖ୍ୟତଃ ମଧ୍ୟବିତ୍ତ ଶ୍ରେଣୀର ଲୋକେ ଓଡ଼ିଶାରେ ଏହି ଅନୁକରଣ ପର୍ବର ଆବାହକ ସାଜିଲେ । ଏହି ଅନୁକରଣ ସମ୍ବନ୍ଧରେ ଡଃ. ଭାବଗ୍ରାହୀ ମିଶ୍ର କହନ୍ତି, "ନୀତି ଦୃଷ୍ଟିରୁ ସେମାନେ ଏ ଦିଗରେ ଅଗ୍ରସର ହୋଇ ନଥିଲେ । ପନ୍ଥା ଥିଲା ସହଜ ଓ ଉଦ୍ଦେଶ୍ୟ ଥିଲା ପାଶ୍ଚାତ୍ୟାନୁସରଣ ।"[୧୫]

ବିଶେଷ କରି ଦଶହରା, ସରସ୍ୱତୀପୂଜା, ଦୋଳଯାତ୍ରା ଓ ସାହିଯାତ୍ରାରେ ଯେତେବେଳେ ସାଧାରଣ ଲୋକେ ଧାର୍ମିକ ଚିତ୍ତବୃତ୍ତି ନେଇ ଧର୍ମକର୍ମରେ ଲିପ୍ତ, ସେତିକିବେଳେ ଏଇ ନବନାଗରିକଗଣ ନିଜର କର୍ମମୟ ଜୀବନକୁ ଆନନ୍ଦ ଦେବା ଏବଂ ଚିତ୍ତ ବିନୋଦନ ନିମିତ୍ତ ପ୍ରଯତ୍ନ କରିଥିଲେ । ସଂସ୍କାରିତ ଲୀଳା, ସୁଆଙ୍ଗ ଓ ଯାତ୍ରାଦି ଥିଲା ଏହି ଚିତ୍ତବିନୋଦନର ପ୍ରଧାନ ସାମଗ୍ରୀ । ତଥାପି ଏହା ଆଧୁନିକ ଜୀବନକୁ ଯଥାବିଧି ଆନନ୍ଦ ନ ଦେବାରୁ, ବହୁ ସମାଲୋଚନାର ସମ୍ମୁଖୀନ ହେଲା । ସମସାମୟିକ ପତ୍ରିକାରେ ଜନମାନସର ତୀବ୍ର ପ୍ରତିକ୍ରିୟା ଆତ୍ମପ୍ରକାଶ କଲା । ଏ ସମ୍ବନ୍ଧରେ ଉତ୍କଳ ଦୀପିକା ଲେଖିଥିଲେ, "ଇଦାନୀଂ କେବଳ ଗୋଟିଏ ମାତ୍ର ଦୋଷ ଦେଖାଯାଏ ଯେ, ଏହି ପର୍ବ ସମୟରେ ଲୋକେ କୁତ୍ସିତ ଶୃଙ୍ଗାର ଘଟିତ ଗୀତ ଗାୟନ କରି ବହୁ ଲୋକଙ୍କୁ ବିରକ୍ତ କରନ୍ତି ।"[୧୬]

କାଳକ୍ରମେ ଜନମାନସ ତଥା ସାଂସ୍କୃତିକ ପ୍ରେକ୍ଷାପଟରେ ତୀବ୍ର ପ୍ରତିକ୍ରିୟା ଓ ଆଲୋଡ଼ନ ଥିଏଟର କଳା ସୃଷ୍ଟି କରିବା ପାଇଁ ଉପାଦାନ ଯୋଗାଇଲା ଏବଂ ଅଚିରେ ସେଥିରେ ସଫଳତା ଲାଭ କଲା । ବହୁ ସାଂସ୍କୃତିକ ଅନୁଷ୍ଠାନମାନ ସ୍ଥାପିତ ହୋଇ ପୁସ୍ତକାଦି ରଚନା ତଥା ସମାଲୋଚନା ଦ୍ୱାରା ଉତ୍କଳ ଭାଷାର ଅଭିବୃଦ୍ଧି ସାଧନ ହେଲା । ଏହି ଅନୁଷ୍ଠାନଗୁଡ଼ିକ ମଧ୍ୟରେ 'ପାରସ୍ପରିକ ସଭା' (୧୮୫୯), 'କଟକ ଡିବେଟିଂ କ୍ଲବ' (୧୮୬୯), 'ଉତ୍କଳ ଭାଷା ଉନ୍ନତି ବିଧାୟିନୀ ସଭା' (୧୮୬୬), 'ଉତ୍କଳ ଭାଷୋଦ୍ଦୀପନୀ ସଭା' (୧୮୬୭) ପ୍ରଭୃତି ମୁଖ୍ୟ ଭୂମିକା ଗ୍ରହଣ କରିଥଲା । ଏତଦ୍ ବ୍ୟତୀତ ବହୁ ସଂଖ୍ୟକ ସଭାସମିତି, ଭାଷା, ସାହିତ୍ୟର ଅଭିବୃଦ୍ଧି ତଥା ସାଂସ୍କୃତିକ ଐକ୍ୟ ପ୍ରତିଷ୍ଠା ନିମନ୍ତେ ଏକନିଷ୍ଠ ଭାବରେ କାମ କରୁଥିଲେ । "ଏମାନଙ୍କ ଜରିଆରେ ଉତ୍କଳ ଭାଷାର ଉନ୍ନତି ଓ ଉତ୍କଳ ପାଠ୍ୟ ପୁସ୍ତକାଦିର ସମାଲୋଚନା ଏବଂ ଆଧୁନିକ ଶିକ୍ଷିତ ବ୍ୟକ୍ତିମାନଙ୍କର ବକ୍ତୃତା ଓ ରଚନାଶକ୍ତିର ବୃଦ୍ଧି ଆଉ ତର୍କ ବିତର୍କ ପ୍ରଭୃତି ଉଦ୍ଦେଶ୍ୟ ସାଧିତ ହେଉଥିଲା ।"[୧୭]

ଊନବିଂଶ ଶତକଟି ଅବକ୍ଷୟୀ ପାରମ୍ପରିକତା ତଥା ବିକାଶୋନ୍ମୁଖୀ ଆଧୁନିକତାର ଏକ ଅନ୍ତର୍ବର୍ତ୍ତୀକାଳ । ପ୍ରାଚୀନକୁ ବିଦାୟ ଦେଇ ନୂତନକୁ ସ୍ୱାଗତ ଜଣାଇବା ନିମନ୍ତେ ସମଗ୍ର ଓଡ଼ିଆ ଜାତି ଏଇ ମୁହୂର୍ତ୍ତରେ ଉନ୍ମୁଖ ହୋଇ ପଡୁଥିଲେ । ଏଇ ସଂପର୍କରେ ଡଃ. ରତ୍ନାକର ଚଇନି କହନ୍ତି, "ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଓଡ଼ିଆ ନାଟ୍ୟକଳାର

Digitized by srujanika@gmail.com

ଯେଉଁ ଭୂୟୋବିକାଶ ଦେଖିବାକୁ ମିଳେ, ତାହା ପୁଞ୍ଜୀଭୂତ ବିଦ୍ରୋହୀ ଆତ୍ମାର ସନ୍ତାନ । ଅର୍ଥାତ୍ ଅନ୍ୟ ସାଂସ୍କୃତିକ ପରଂପରା ଯେଉଁ ବୈପ୍ଳବିକ ଚିତ୍କାର କଲା, ତାହାରି ସୁଫଳ ହେଉଛି, ଶୁଦ୍ଧ ନାଟକ ।"" ସମକାଳୀନ ସମାଜର ସାଂସ୍କୃତିକ ଭାବଭୂମିଟି, ସାହିତ୍ୟର ଅନ୍ୟାନ୍ୟ ବିଭାଗକୁ ବିକଶିତ କରାଇବା ସହିତ, ନାଟ୍ୟକଳା ପ୍ରତି ମଧ୍ୟ ଅନୁରୂପ ଭାବରେ ଆକର୍ଷଣ ସୃଷ୍ଟି କରି ପାରିଥିଲା ।

ଧାର୍ମିକ ମଞ୍ଚ :

ଉଚ୍ଚ ଧାର୍ମିକ ଭାବନା ତଥା ନବ୍ୟ ସାଂସ୍କୃତିକ ଚେତନା, ଦେଶକୁ ସାଧାରଣତଃ ସାମାଜିକ ଓ ନୈତିକ ଅଧୋପତନରୁ ବଞ୍ଚାଇବାକୁ ସାହାଯ୍ୟ କରେ । ମାତ୍ର ରାଜନୀତିକ ପ୍ରଭାବରେ ଧର୍ମଗତ ଅଧିକାର ଯେଉଁଠି ପରାହତ ହୁଏ, ଶୋଷଣ, ଲୁଣ୍ଠନ ଓ ଅତ୍ୟାଚାର ପ୍ରଭାବରେ ସାଧାରଣ ଜନତା ଯେଉଁଠି ନିଜସ୍ୱ ସ୍ଥିତିରେ ନିଃଶେଷ ହୋଇପଡ଼େ, ସେଠାରେ ଉଚ୍ଚ ଧାର୍ମିକ ସ୍ଥିତି କଳ୍ପନା କରିବା ହାସ୍ୟାସ୍ପଦ ।

ମୋଗଲ ରାଜତ୍ୱ କାଳରେ ସାଧାରଣ ଜନତାର ଜୀବନ ଥିଲା ଶୋଷଣ ଓ ଅତ୍ୟାଚାର ପ୍ରପୀଡ଼ିତ । ଏଥି ସହିତ ଜନହିତକର କାର୍ଯ୍ୟ ସ୍ୱପ୍ନପ୍ରାୟ ଥିଲା । ଓଡ଼ିଶାର ପ୍ରାଣର ଦେବତା ସ୍ୱୟଂ ଜଗନ୍ନାଥଙ୍କୁ ମଧ୍ୟ ରାଜନୀତିକ ହିଂସାଚାରର ସମ୍ମୁଖୀନ ହେବାକୁ ପଡ଼ିଥିଲା । ସମୟ ବିଶେଷରେ ବିଧର୍ମୀମାନଙ୍କ ଦ୍ୱାରା ମନ୍ଦିର ଅବରୁଦ୍ଧାଦି ଘଟଣା ହିନ୍ଦୁ ଦୈବ ବିଶ୍ୱାସ ମୂଳରେ ଦାରୁଣ କୁଠାରଘାତ କରିଥିଲା । ନିଜସ୍ୱ ଦେବତାଙ୍କ ପ୍ରତି ଉପାସକମାନେ ବିଶ୍ୱାସ ଅବିଶ୍ୱାସର ସଂଶୟ ଦୋଳାରେ ଦୋଳାୟମାନ ହେବାର ଅନୁଭବ କରୁଥିଲେ । ସାମୟିକ ଭାବରେ ଧର୍ମ-ଦର୍ଶନ-ସଂସ୍କୃତିର ସମନ୍ୱୟରେ ଯେଉଁ ଭକ୍ତିବାଦର ସୃଷ୍ଟି ହୋଇଥିଲା, ମୋଟାମୋଟି ଭାବରେ ତାକୁ ଆଧ୍ୟାତ୍ମିକ ଶୃଙ୍ଗାର ଭାବରେ ଗ୍ରହଣ କରାଯାଇଥିଲା ।

ବୈଷ୍ଣବମାନେ ଭକ୍ତଭାବେ ଏବଂ କୃଷ୍ଣ ସେମାନଙ୍କର ଆରାଧ୍ୟ ଦେବତା ଭାବେ ପରିଚିତ ହେବା ସହିତ ହିନ୍ଦୁ ସଂସ୍କୃତିର ଏକମାତ୍ର ପ୍ରଭାବଶାଳୀ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅବତାରୀ ଭାବେ ଗ୍ରହଣ କରାଯାଇଥିଲା । ଉକ୍ତ ଧାର୍ମିକ ପୃଷ୍ଠପଟ ଉପରେ ରାଧାକୃଷ୍ଣ ପ୍ରେମ, ଗୋପୀକୃଷ୍ଣପ୍ରେମ ଏବଂ ରାମସୀତାଙ୍କ ଜୀବନଧାରା ଇତ୍ୟାଦି ଗଭୀର ପ୍ରଭାବ ସୃଷ୍ଟି କରିଥିଲା । ଏହି ସମୟରେ ଓଡ଼ିଶାରେ ବିଭିନ୍ନ ସ୍ଥାନରେ ରାଧାକୃଷ୍ଣ, ରାମସୀତା ଓ ଶିବମନ୍ଦିରମାନ ଗଢ଼ି ଉଠିଥିଲା ।

ଓଡ଼ିଶା ଇଂରେଜ ଶାସନାଧୀନ ହେବା ପର୍ଯ୍ୟନ୍ତ ମୁଖ୍ୟତଃ ଧର୍ମୀୟ ଖୋଳପା ଭିତରେ ତାହାର ସାମାଜିକ ଜୀବନ, ସାହିତ୍ୟ ଓ ସଂସ୍କୃତି ବନ୍ଦୀ ହୋଇଥିଲା । ଏପରିକି ପାଶ୍ଚାତ୍ୟ ଶିକ୍ଷାର ପ୍ରସାର ଘଟିବା ପର୍ଯ୍ୟନ୍ତ ମଧ୍ୟ ବହୁ ଅଳୀକ ଧର୍ମବିଶ୍ୱାସ ଦ୍ୱାରା ଓଡ଼ିଶୀ ଜନଜୀବନ ଶୃଙ୍ଖଳିତ ଥିଲା । ମାତ୍ର ଊନବିଂଶ ଶତାବ୍ଦୀର ଧର୍ମ ବିପ୍ଳବ ଯୋଗୁଁ ସନାତନ

Digitized by srujanika@gmail.com

ହିନ୍ଦୁ ଧର୍ମରେ ବହୁ ପରିବର୍ତ୍ତନ ଦେଖାଦେଲା । ହିନ୍ଦୁ ଧର୍ମର ଅଯଥା ଧାର୍ମିକ ବନ୍ଧନ ବିରୋଧରେ ରାଜା ରାମମୋହନ ରାୟଙ୍କ ଦ୍ୱାରା ପ୍ରତିଷ୍ଠିତ 'ବ୍ରାହ୍ମ ସମାଜ' (୧୮୨୮), ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱାରା ପ୍ରତିଷ୍ଠିତ 'ଆର୍ଯ୍ୟ ସମାଜ' (୧୮୭୫) ଓ କର୍ଣ୍ଣେଲ ଆଲ୍‌ଗୋର୍ଟଙ୍କ ଦ୍ୱାରା ପ୍ରତିଷ୍ଠିତ 'ଥିଓସୋଫିକାଲ ସୋସାଇଟି' (୧୮୮୩) ପ୍ରଭୃତି ପ୍ରବଳ ସଂଗ୍ରାମ ଆରମ୍ଭ କରିଦେଇଥିଲେ । ସାମାଜିକ କ୍ଷେତ୍ରରେ ଏହି ଧର୍ମ ସଂଗ୍ରାମ ଚାଲିଥିଲା ବେଳେ; ସାହିତ୍ୟ ଧର୍ମୀୟ ନିଗଡ଼ରୁ ମୁକ୍ତ ହେବା ପାଇଁ ଚିତ୍କାର କରି ଉଠିଲା । ଦୀର୍ଘଦିନ ଧରି ସୀତା-ରାମ ଓ ରାଧା-କୃଷ୍ଣଙ୍କ ପ୍ରେମଲୀଳା ରୂପକ ବର୍ଗ ବନ୍ଧନୀରେ ତାହା ଆଉ ଭଉଁରୀ ଖେଳିବାକୁ ଉଚିତ ମନେ କଲା ନାହିଁ । ରାଧା-କୃଷ୍ଣ ବା ସୀତା-ରାମ ଆଦି ଚରିତ୍ର ଆଢୁଆଳରେ ଥାଇ ଲେଖକ ନିଜ କଥା ତଥା ନିଜ ପରିବେଶ ପରିସ୍ଥିତି କଥା ଯେତିକ ସମ୍ଭବ କହିସାରି, ମୁକ୍ତ ଭାବରେ ନିଜ ବକ୍ତବ୍ୟ ପ୍ରକାଶ କରିବା ପାଇଁ ସୁଯୋଗ ଖୋଜୁଥିଲା । "ଧାର୍ମିକ ସାହିତ୍ୟ ଓ ସାମାଜିକ ସାହିତ୍ୟ ସୃଷ୍ଟିର ମଧ୍ୟବର୍ତ୍ତୀ କାଳରେ ରୂପକ ଚରିତ୍ର ମାଧ୍ୟମରେ ଲେଖକ ନିଜକଥା କହିବାକୁ ଚେଷ୍ଟା କଲାବେଳେ ଧର୍ମର ମୂଳଦୁଆ ଭୁଷୁଡ଼ି ପଡ଼ିଲା ।"[୧୯] ଏମିତି ଗୋଟାଏ ଦୋଳାୟମାନ ମାନସିକତା ଭିତରେ ମଧ୍ୟ ସ୍ରଷ୍ଟାଚିତ୍ତ ନବ ସର୍ଜନ ପାଇଁ ପ୍ରସ୍ତୁତ ହେବା ଆଦୌ ବିଚିତ୍ର ନୁହେଁ ।

ସେଥିପାଇଁ ସାହିତ୍ୟିକ ବେଶି ସମାଜ ସଚେତନ ହେବାକୁ ବାଧ ହେଲା । ଧର୍ମ ସଂପର୍କୀୟ ବିଷୟବସ୍ତୁ କ୍ରମଶଃ ଧର୍ମଗ୍ରନ୍ଥ, ପୁରାଣ, ଲୀଳା, ସୁଆଙ୍ଗ ଓ ଯାତ୍ରାଦିର ଅଙ୍ଗ ହୋଇ ପଡ଼ିଲା । ଆଲୋଚକଙ୍କ ମତରେ 'ସମାଜରେ ପ୍ରତିମାପୂଜା ବିରୋଧ, ଜାଗତିକ ଭେଦାଭେଦ ଚିନ୍ତା, ସ୍ତ୍ରୀ ଶିକ୍ଷା ପ୍ରସାର, ବାଲ୍ୟ ବିବାହର ବିରୋଧ ଓ ବିଧବା ବିବାହ ପ୍ରଚଳନ ଆଦି ଯେଉଁ ଆନ୍ଦୋଳନର ସୂତ୍ରପାତ ହେଲା, ତାର ପ୍ରଭାବ ସାହିତ୍ୟ ଉପରେ ପଡ଼ିଲା ।'[୨୦]

ମୋଟାମୋଟି କହିବାକୁ ଗଲେ, ସାମାଜିକ କୁସଂସ୍କାର ଓ ଅନ୍ଧବିଶ୍ୱାସ ବିରୋଧରେ ସଂଗ୍ରାମ କରିବା ପାଇଁ ଆଧୁନିକ ମନ ନେଇ ଏ ସମୟର ସ୍ରଷ୍ଟାମାନେ ସାହିତ୍ୟ ସୃଜନ ପାଇଁ ଆଗେଇ ଆସିଲେ ଯାହାର ଫଳ ସ୍ୱରୂପ ଜଗନ୍ମୋହନ ଓ ରାମଶଙ୍କରଙ୍କ ପରି ସ୍ରଷ୍ଟାଗଣ ଆଧୁନିକ ନାଟକ ଓ ନାଟ୍ୟମଞ୍ଚର ଭିତ୍ତି ସ୍ଥାପନ କଲେ ।

ସମକାଳୀନ ସାହିତ୍ୟିକ ପାଣିପାଗ :

ଷୋଡ଼ଶ ଶତାବ୍ଦୀର ମଧ୍ୟଭାଗରୁ ଓଡ଼ିଶା ନିଜର ସ୍ୱାଧୀନତା ହରାଇଥିଲେ ସୁଦ୍ଧା ସାହିତ୍ୟ କ୍ଷେତ୍ରରେ ଅଭିବୃଦ୍ଧି ବାଧାପ୍ରାପ୍ତ ହୋଇ ନଥିଲା । ସାମନ୍ତ ଓ ରାଜାମାନଙ୍କର ପୃଷ୍ଠପୋଷକତା ଯୋଗୁଁ କାବ୍ୟ, ଅଳଙ୍କାର, ସଙ୍ଗୀତ ପ୍ରଭୃତି ଓଡ଼ିଶାର ବିଭିନ୍ନ ସ୍ଥାନରେ ବିଶେଷ କରି ଗଡ଼ଜାତ ଗୁଡ଼ିକରେ ପୂର୍ଣ୍ଣ ବିକାଶ ଲାଭ କରିଥିଲା । ଏ ସଂପର୍କରେ

Digitized by srujanika@gmail.com

ବିଶିଷ୍ଟ ଐତିହାସିକ ତଥା ସାହିତ୍ୟିକ ଡଃ. ହରେକୃଷ୍ଣ ମହତାବ କହନ୍ତି, "୧୬୦୦ ଖ୍ରୀଷ୍ଟାବ୍ଦରୁ ୧୮୦୩ ପର୍ଯ୍ୟନ୍ତ ଓଡ଼ିଶା ସଂଘର୍ଷ ଓ ସଂଗ୍ରାମ ଭିତରେ ଗତି କରୁଥିଲା । ତେଣୁ ରାଜନୀତିକ ବାୟୁମଣ୍ଡଳ ଶାନ୍ତ ନ ଥାଇ ସଦାସର୍ବଦା ଉତ୍ତେଜନାପୂର୍ଣ୍ଣ ଥିଲା । ଏହି ପ୍ରକାର ସଂଘର୍ଷମୟ ପରିସ୍ଥିତି ଓଡ଼ିଶାର ସାମାଜିକ, ଆର୍ଥନୀତିକ ଓ ସାହିତ୍ୟକ୍ଷେତ୍ରର ବୃଦ୍ଧି ସାଧନ ଦିଗରେ ବାଧା ସୃଷ୍ଟି କରିଥିଲେ ହେଁ ଅନେକ ସ୍ୱାଧୀନଚେତା ପ୍ରତିଭାବାନ୍ ବ୍ୟକ୍ତି ଉତ୍କଳର ସାହିତ୍ୟ ଭଣ୍ଡାରକୁ ସେମାନଙ୍କର ଅବଗାହନ ଦ୍ୱାରା ପରିପୁଷ୍ଟ କରିଥିଲେ ।"[୨୧]

ଇଂରେଜ ଶାସନାଧୀନ ହେବାର କିଛିଦିନ ମଧ୍ୟରେ ସମଗ୍ର ଦେଶରେ ନବ ଜାଗରଣର ସୂତ୍ରପାତ ହେଲା । ଏହି ସମୟରେ ମୁଦ୍ରାଯନ୍ତ୍ରର ପ୍ରତିଷ୍ଠା ଓ ପତ୍ରପତ୍ରିକାର ପ୍ରକାଶ ଯୋଗୁଁ ସାହିତ୍ୟର ପ୍ରଚାର ଓ ପ୍ରସାର ସମ୍ଭବ ହେଲା । ବହୁ ଲେଖକ ଲେଖିକା ସେମାନଙ୍କ ନିରବଚ୍ଛିନ୍ନ ସାଧନା ବଳରେ ଓଡ଼ିଶାର ସାରସ୍ୱତ ଭଣ୍ଡାରକୁ ସମୃଦ୍ଧ କରାଇଲେ ।

ଓଡ଼ିଶାରେ ପ୍ରଥମେ ଖ୍ରୀ.ଅ. ୧୮୩୭ରେ ଖ୍ରୀଷ୍ଟିୟାନ ପାଦ୍ରୀମାନଙ୍କ ଦ୍ୱାରା କଟକରେ ମିସନ ପ୍ରେସ୍ ସ୍ଥାପିତ ହେଲା । ଏହା ଫଳରେ ଧର୍ମ ପ୍ରଚାର ସଂକ୍ରାନ୍ତୀୟ ପୁସ୍ତିକା ଓ ପାଠ୍ୟ ପୁସ୍ତକମାନ ଓଡ଼ିଆ ଭାଷାରେ ମୁଦ୍ରିତ କରିବା ଲାଗି ସେମାନଙ୍କୁ ଆଉ କଲିକତା ଶ୍ରୀରାମପୁର ପ୍ରେସ୍ ଉପରେ ନିର୍ଭର କରିବାକୁ ପଡ଼ିଲା ନାହିଁ ।

ପାଦ୍ରୀ ମାନଙ୍କ ଦ୍ୱାରା ଖ୍ରୀଷ୍ଟଧର୍ମ ପ୍ରଚାର ଲାଗି ଏହି ମୁଦ୍ରା ଯନ୍ତ୍ରରୁ ଖ୍ରୀ.୧୮୪୯ରେ "ଜ୍ଞାନାରୁଣ" ନାମକ ପ୍ରଥମ ଓଡ଼ିଆ ପତ୍ରିକା ପ୍ରକାଶ ପାଇଥିଲା । ତାପରେ କର୍ମଯୋଗୀ ଗୌରୀଶଙ୍କର ରାୟଙ୍କ ଉଦ୍ୟମରେ କଟକ ପ୍ରିଣ୍ଟିଂ କମ୍ପାନୀ ସ୍ଥାପିତ ହେଲା ଓ ଉତ୍କଳ ଦୀପିକା (୧୮୬୬) ନାମକ ସମ୍ବାଦ ପତ୍ର ପ୍ରକାଶ ପାଇଲା । ଏଥି ସହିତ 'ଉତ୍କଳ ଦର୍ପଣ' ନାମକ ଓଡ଼ିଶାର ପ୍ରଥମ ମାସିକ ପତ୍ରିକା ଖ୍ରୀ.ଅ. ୧୮୭୩ରେ ଆତ୍ମପ୍ରକାଶ କରଲା । ମାସିକ ସଂସ୍କରଣ ଏହି "ଉତ୍କଳ ଦର୍ପଣ" ଥିଲା ଯଥାର୍ଥରେ ଆଧୁନିକ ସାହିତ୍ୟ ମଞ୍ଚର ପ୍ରଥମ ସୋପାନ ।

ଆଧୁନିକ ସାହିତ୍ୟର ପ୍ରତିଷ୍ଠାତା ବରେଣ୍ୟ ରାଧାନାଥ, ମଧୁସୂଦନଙ୍କ ପ୍ରଚେଷ୍ଟାରେ ଏହି ପତ୍ରିକା ମାଧ୍ୟମରେ ଆଧୁନିକ ସାହିତ୍ୟ ସୃଷ୍ଟିର ମାର୍ଗ ଉନ୍ମୋଚିତ ହୋଇଥିଲା । ଏଇ ସମୟରେ ରୁଚିସଂପନ୍ନ ଦଳେ ଯୁବକ ସେତେବେଳେ "ଉତ୍କଳ ସଭା" ନାମରେ ସାହିତ୍ୟ ଚର୍ଚ୍ଚା ଲାଗି ଏକ ଅନୁଷ୍ଠାନ ଗଢ଼ିଥିଲେ ଏବଂ ଏହାର ମୁଖପତ୍ର ରୂପେ 'ଉତ୍କଳ ମଧୁପ' ନାମରେ ଏକ ମାସିକ ସାହିତ୍ୟ ପ୍ରତିକା ଖ୍ରୀ.୧୮୭୮ରେ କଟକରୁ ପ୍ରକାଶ ପାଇଲା । ଏହି ପତ୍ରିକାରେ ମଧୁସୂଦନଙ୍କର "ଜୀବନ ଚିନ୍ତା" ପଦ୍ୟ ଓ ରାମଶଙ୍କରଙ୍କ ରଚିତ ଓଡ଼ିଆ ସାହିତ୍ୟର ପ୍ରଥମ ଉପନ୍ୟାସ "ସୌଦାମିନୀ" ପ୍ରକାଶ ପାଇଥିଲା ।। ଏହା ସାଙ୍ଗକୁ 'ଉତ୍କଳ ଦୀପିକା' (ଖ୍ରୀ. ୧୮୬୬), 'ସମ୍ବାଦ ବାହିକା' (୧୮୬୮), 'ଉତ୍କଳ ପୁତ୍ର' (୧୮୭୩), ବିଦେଶୀ (୧୮୭୩) ପ୍ରଭୃତି ସାପ୍ତାହିକ ଓ ପାକ୍ଷିକ

Digitized by srujanika@gmail.com

ପତ୍ରିକା ପ୍ରକାଶିତ ହୋଇ ଆଧୁନିକ ସାହିତ୍ୟ ଲାଗି ଏକ ଅନୁକୂଳ ବାତାବରଣ ପ୍ରସ୍ତୁତ କରି ପାରିଥିଲା । 'ଉତ୍କଳ ଦୀପିକା' ପୂର୍ବରୁ 'ତାରକା', 'ପ୍ରବୋଧ ଚନ୍ଦ୍ରିକା' ଏବଂ 'ଅରୁଣୋଦୟ' ପତ୍ରିକା ସାମୟିକ ଭାବରେ ଅତ୍ମପ୍ରକାଶ କରିଥିଲା । ଗଦ୍ୟ ସାହିତ୍ୟ ସୃଷ୍ଟି, କ୍ଷୁଦ୍ର କବିତା ପ୍ରକାଶନ ଓ ନାନା ଧରଣର ସାହିତ୍ୟିକ ଓ ରାଜନୀତିକ ସମ୍ବାଦ ପରିବେଷଣ ଏଇ ପତ୍ରିକା ଗୁଡ଼ିକର ଆଭିମୁଖ୍ୟ ଥିଲା ।

ଏ ସମୟର ସାହିତ୍ୟ ପତ୍ରିକାରେ କାବ୍ୟ-ନାଟିକା, ଗୀତିକବିତା, ବର୍ଣ୍ଣନାତ୍ମକ, ବ୍ୟାଖ୍ୟାତ୍ମକ, ବ୍ୟଙ୍ଗ, ଶିକ୍ଷା ବା ଉପଦେଶାତ୍ମକ ଓ ଧର୍ମ ସମ୍ବନ୍ଧୀୟ କବିତାମାନ ମଧ୍ୟ ପ୍ରକାଶିତ ହେଉଥିଲା । ତେଣୁ ସାମାଜିକତା ଓ ନୈତିକତା ଦୃଷ୍ଟିରୁ ନାଟକର ଆବେଦନ ଏକାନ୍ତ ଜରୁରୀ ହୋଇ ପଡ଼ିଥିଲା । ପୁନଶ୍ଚ ଅନ୍ୟ ଦିଗରେ ଜନ ମାନସର ରୁଚି ପରିବର୍ତ୍ତନ ଓ ଉଚ୍ଚକୋଟୀର ଅଭିନୟ ଦର୍ଶନ ଲିପ୍ସାରେ ବ୍ୟଗ୍ରତା ଫୁଟି ଉଠିଥିଲା । ଫଳତଃ ଓଡ଼ିଆ ନାଟକ ଜନ୍ମ ନେବା ପାଇଁ ଏକ ପ୍ରକାର ଅନୁକୂଳ ପରିସ୍ଥିତି ସୃଷ୍ଟି ହୋଇ ପାରିଥିଲା ।

ଏହିଭଳି ଏକ ରାଜନୀତିକ, ସାମାଜିକ, ସାଂସ୍କୃତିକ, ଧାର୍ମିକ ଓ ସାହିତ୍ୟିକ ପୃଷ୍ଠଭୂମିରେ ଆଦିନାଟ୍ୟକାର ଜଗନ୍ମୋହନ ଲାଲଙ୍କର ଆବିର୍ଭାବ ହୋଇଥିଲା । କଷଟି ପଥରରେ ସୁବର୍ଣ୍ଣ ଦ୍ୟୁତି ଉଜ୍ଜ୍ୱଳି ଉଠିବା ପରି ତତ୍କାଳର ସମୟ ପ୍ରବାହ ମଧ୍ୟରେ ତାଙ୍କର ସମାଜ ସଚେତନ ମନୋବୃତ୍ତି ଏବଂ କଳା ସୃଜନର ଆଭିମୁଖ୍ୟ ସ୍ପଷ୍ଟ ହୋଇପଡ଼େ ।

◆◆◆

Digitized by srujanika@gmail.com

ତୃତୀୟ ଅଧ୍ୟାୟ
ଜଗନ୍ମୋହନଙ୍କ ଜୀବନ ଓ ଜୀବିକା

ବଂଶ ପରଂପରା :

ଅଷ୍ଟାଦଶ ଶତକର ପ୍ରଥମ ପାଦରେ ମୋଗଲ ଶାସକ ସୁଜାଉଦ୍ଦୀନ ଓଡ଼ିଶାର ନାଜୀମ୍ ଭାବରେ ନିଯୁକ୍ତ ହୋଇଥିଲେ । ତତ୍କାଳୀନ ଉତ୍ତରପ୍ରଦେଶର ବରୋଡ଼ି ଅଞ୍ଚଳରୁ ଆସିଥିବା ନବାଗତ ବ୍ୟବସାୟୀ ଫତେଚାନ୍ଦ ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇ ସୁଜାଉଦ୍ଦିନଙ୍କର ଏକାନ୍ତ ବିଶ୍ୱାସ ଭାଜନ ହୋଇ ପାରିଥିଲେ । ଏହି ପରିପ୍ରେକ୍ଷୀରେ ଫତେଚାନ୍ଦଙ୍କର ଅଣନାତି ଅରୂପରାମ ଓଡ଼ିଶାର ତତ୍କାଳୀନ ନାଜୀମ୍ ମହମ୍ମଦ ତକୀ ଖାଁଙ୍କର ଅତି ନିବିଡ଼ ସଂପର୍କରେ ଆସିଥିଲେ ଏବଂ ବିଭିନ୍ନ ଉପାୟରେ ତକୀ ଖାଁ ଉପରେ ନିଜର ପ୍ରଭାବ ବୃଦ୍ଧି କରି ତାହାଦ୍ୱାରା ଲାଲ ଉପାଧିରେ ଭୂଷିତ ହୋଇଥିଲେ । ଅଷ୍ଟାଦଶ ଶତକର ଚତୁର୍ଥ ଦଶକ ବେଳକୁ ଲାଲ ପରିବାର ଅବିଭକ୍ତ କଟକ ଜିଲ୍ଲା ଅନ୍ତର୍ଗତ ପଦନଦାସପୁର ଗ୍ରାମରେ ବସବାସ କରିବାକୁ ଆରମ୍ଭ କରିଥିଲେ ଏବଂ ଅରୂପ ରାମଲାଲ ଏହି ବଂଶର କୁଳଦେବତା ରାଧାକାନ୍ତଙ୍କୁ ପ୍ରତିଷ୍ଠା କରି ତାଙ୍କର ସେବା ପୂଜା ନିମନ୍ତେ ବ୍ୟବସ୍ଥା କରି ଦେଇଥିଲେ ।

ଶ୍ରୀ ରାଧାକାନ୍ତ ଠାକୁରଙ୍କୁ ଲାଲ ବଂଶ କିପରି ପ୍ରାପ୍ତ ହେଲେ ତାହା ଜଗନ୍ମୋହନ ଲାଲଙ୍କର ତା ୨୬.୮.୧୯୧୨ରେ 'ଉତ୍କଳ ଦୀପିକା'ର ସଂପାଦକଙ୍କୁ ଲେଖିଥିବା ଏକ ପତ୍ରର ଅଂଶ ବିଶେଷରୁ ସ୍ପଷ୍ଟ ଜଣାପଡ଼େ । ଜଗନ୍ମୋହନ ଲାଲଙ୍କ ପତ୍ର ଅନୁସାରେ -

"ମହାଶୟ,

ରାଧାକାନ୍ତ ଠାକୁରଙ୍କ ସେବା ଓ ଦେବୋତ୍ତର ଜମି ହସ୍ତାନ୍ତରାଦିର ନିଷେଧ ନୋଟିସ ପଠାଇଲୁ । ତାକୁ ଆପଣଙ୍କ ପତ୍ରିକାରେ ଯଥାସ୍ଥାନେ ପ୍ରକାଶ କରିବେ । xxx

xxx ସନ ୧୭୨୫ ମସିହାରେ ମହମ୍ମଦ ତକୀ ଓଡ଼ିଶାର ଶାସନକର୍ତ୍ତା ହେଲେ । ସେ ଦୁଷ୍ଟ ଓ ଅତ୍ୟାଚାରୀ ଥିଲେ ଓ ହିନ୍ଦୁ ଦେବାଦେବୀ ମଧ୍ୟ ତାଙ୍କ ଅତ୍ୟାଚାରରୁ ଛାଡ଼ ପାଇ ନ ପାରିବାରୁ ପଣ୍ଡାମାନେ ଶ୍ରୀ ଜଗନ୍ନାଥ ଦେବଙ୍କୁ ଚିଲିକାକୁ ନେଇ ଯାଇଥିଲେ । ମୋଗଲ ଓଡ଼ିଶା ଅଧିକାର କରି ନବକୋଟି କର୍ଣ୍ଣାଟୋତ୍କଳେଶ୍ୱରଙ୍କୁ କେବଳ ଖୋର୍ଦ୍ଧା ଜିଲ୍ଲାର ରାଜା କରିଥିଲେ । ମହମ୍ମଦ ତକୀଙ୍କ ସମୟେ ଖୋରଧା ରାଜା ୨ୟ ରାମଚନ୍ଦ୍ର ବିଦ୍ରୋହ ସୃଷ୍ଟି କରାଇବାରୁ ତାକୁ ମହମ୍ମଦ ତକୀ ବନ୍ଦୀ କଲେ । ଶ୍ରୀ ରାଧାକାନ୍ତଙ୍କ ମନ୍ଦିର ଆକ୍ରମଣ କରିବା ପୂର୍ବେ ପଣ୍ଡାମାନେ ଠାକୁର ଓ ଦୁଇ ଠାକୁରାଣୀଙ୍କୁ ଚନ୍ଦନ

Digitized by srujanika@gmail.com

ପୁଷ୍କରିଣୀରେ ବୁଡ଼ାଇ ଦେଲେ । କିନ୍ତୁ ଆକ୍ରମଣକାରୀ ଏହାର ସନ୍ଧାନ ପାଇ ପୁଷ୍କରିଣୀରେ ଜାଲ ପକାଇ ଠାକୁର ଓ ଠାକୁରାଣୀଙ୍କୁ ବାହାର କରି ଆଣିଲେ । ମହମ୍ମଦ ତକୀ ରାଧାକାନ୍ତଙ୍କ ରୂପଲାବଣ୍ୟରେ ମୋହିତ ହୋଇ ତାକୁ ନଷ୍ଟ ନ କରି ଆପଣା ବୈଠକଖାନାରେ ଠାକୁର ଓ ସାନ ଠାକୁରାଣୀଙ୍କୁ ରଖାଇଲେ । ବିଦ୍ରୋହ ଦମନ ଉତ୍ତାରେ ସେ ରାମଚନ୍ଦ୍ରଙ୍କ ପୁତ୍ର ବୀରକିଶୋର ଦେବଙ୍କୁ ଖୋର୍ଦ୍ଧା ରାଜଗାଦିରେ ବସାଇଲେ ।

ମହମ୍ମଦ ତକୀଙ୍କ ସୈନ୍ୟ ବିଭାଗରେ ଆମ୍ଭର ସପ୍ତପୁରୁଷ ବାବୁ ଅନୁପରାମ ଜଣେ ପ୍ରଧାନ କର୍ମଚାରୀ ଥିଲେ । ସେ ଦୁଷ୍ଟ ଶାସନକର୍ତ୍ତା ହେଲେ ପ୍ରହାର ଦେଉଥିଲେ । ଯେ ପ୍ରହାରରେ ପ୍ରତିବାଦ କରୁ ନଥିଲେ, ସେ ପଶ୍ଚାତ୍ ଭଲକାର୍ଯ୍ୟ କଲେ ଯଥେଷ୍ଟ ପୁରସ୍କାର ପାଉଥିଲା । ଅରୂପରାମବାବୁ ପ୍ରହାର ଖାଉଥିଲେ କି ନକହି ନ ପାରୁଁ, କିନ୍ତୁ ଖୋର୍ଦ୍ଧା ଦମନ ବିଦ୍ରୋହ କାର୍ଯ୍ୟରେ ତାଙ୍କ ପ୍ରତି ମହମ୍ମଦ ସନ୍ତୁଷ୍ଟ ହୋଇ କି ପୁରସ୍କାର ଚାହଁ ବୋଲି ପଚାରିବାରେ ସେ ରାଧାକାନ୍ତ ଓ ସାନ ଠାକୁରାଣୀଙ୍କ ପ୍ରତି ଇଚ୍ଛା ପ୍ରକାଶ କରି ପ୍ରାପ୍ତ ହେଲେ । ସେ ଏହି ଗ୍ରାମ ସ୍ଥିତ ଆପଣା ଭବନକୁ ଠାକୁର, ସାନ ଠାକୁରାଣୀଙ୍କୁ ଆଣିଲେ ଓ ବଡ଼ ଠାକୁରାଣୀ ନିର୍ମାଣ କରାଇଲେ । ସେ ତାଙ୍କର ଉତ୍ତରାଧିକାରୀମାନେ ଠାକୁରଙ୍କ ସେବା ପୂଜା ଯାତ୍ରାଦି ଚଳିବା ସକାଶେ ଅନେକ ଜମି ଠାକୁରଙ୍କୁ ପ୍ରଦାନ କଲେ । ଅନ୍ୟ ଭକ୍ତ ଦାତାମାନେ ମଧ ଅନେକ ଜମି ଦେଲେ ଓ ଜଣେ ପକ୍କା ମନ୍ଦିର ପ୍ରସ୍ତୁତ କରାଇଦେଲେ । ଏ ସବୁ ଜମିକୁ ମୋଗଲ ଓ ମରହଟ୍ଟା ହାକିମମାନେ ନିଷ୍କର କରି ଦେଇଥିଲେ । ଇଂରେଜ ଗବର୍ଣ୍ଣମେଣ୍ଟଙ୍କ ପ୍ରଥମ ବନ୍ଦୋବସ୍ତରେ ସନନ୍ଦଭୁକ୍ତ ଜମିସବୁ ବାହାଲ ଓ ଅତିରିକ୍ତ ଜମିସବୁ ବ୍ୟାଜାପ୍ତି ହେଲା । ତତ୍‌ପରେ ଆମ୍ଭ ପୂର୍ବପୁରୁଷ ଆହୁରି ଜମି ଠାକୁରଙ୍କ ସେବାରେ ଖଞ୍ଜିଲେ । ଏ ସମସ୍ତ ଜମି ଶ୍ରୀରାଧାକାନ୍ତଙ୍କ ଦେବୋତ୍ତର ସ୍ୱରୂପ ସେବାଏତଙ୍କ ମାର୍ଫତଦାରୀରେ ବନ୍ଦୋବସ୍ତ ହୋଇ ତହିଁର ସମୁଦାୟ ଉତ୍ପନ୍ନ ଠାକୁରଙ୍କ ଖର୍ଚ୍ଚରେ ଆସୁଅଛି । xxx

ମାହାଙ୍ଗା　　　　　　　　　　ବଶମ୍ବଦ

୨୬.୮.୧୯୧୨　　　　　　　　ଶ୍ରୀ ଜଗନ୍‌ମୋହନ ଲାଲ" "

ଜଗନ୍ମୋହନ ଲାଲଙ୍କର ସ୍ୱହସ୍ତ ଲିଖିତ ଉପରୋକ୍ତ ପତ୍ରରୁ ଶ୍ରୀରାଧାକାନ୍ତ ଠାକୁରଙ୍କୁ ଲାଲବଂଶ କିପରି ପ୍ରାପ୍ତ ହେଲେ, ତାହା ସହଜରେ ଜଣାପଡ଼େ । ରାଧାକାନ୍ତ ମନ୍ଦିରର ପ୍ରତିଷ୍ଠା ସମୟ ୧୭୩୨ରୁ ୧୭୩୩ ମଧ୍ୟରେ ଏହାର ଠିକ୍ କଛିବର୍ଷ ପୂର୍ବରୁ ଲାଲ ପରିବାର ମାହାଙ୍ଗା ପଦନଦାସପୁର ଗ୍ରାମରେ ସ୍ଥାୟୀ ଭାବରେ ବସବାସ କରୁଥିଲେ ।

ବହୁଦିନରୁ ମାହାଙ୍ଗା ଅଞ୍ଚଳଟି ସାହିତ୍ୟ, ସଂସ୍କୃତି ଓ ସ୍ୱାଭିମାନରେ ଏକ ସମୃଦ୍ଧ ସ୍ଥାନ ଭାବେ ପ୍ରସିଦ୍ଧି ଲାଭ କରିଥିଲା । କେତେଯୁଗ ଧରି ଏହି ଅଞ୍ଚଳ ଜାତୀୟ ଜୀବନକୁ ବିକଶିତ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଏହି ଅଞ୍ଚଳରେ ବାସ କରୁଥିବା ଐତିହାସିକ ଲାଲ ପରିବାରରେ ଜଗନ୍ମୋହନଙ୍କର ଜନ୍ମ । ଏମାନେ ଉତ୍ତର ଭାରତର ଅମ୍ବୋଷ୍ଟ ଲାଲା କାୟସ୍ଥ ସଂପ୍ରଦାୟର ଅନ୍ତର୍ଭୁକ୍ତ ଏବଂ ଭାରତ ଇତିହାସ ବର୍ଣ୍ଣିତ ବିଭିନ୍ନ

Digitized by srujanika@gmail.com

ଘଟଣା ସହିତ ସଂପୃକ୍ତ ଥିବା ପ୍ରସଙ୍ଗ ମଧ୍ୟ ଜଣାଯାଏ । ଆଲୋଚକଙ୍କ ମତରେ, "ମୋଗଲ ପ୍ରଶାସକ ମାନଙ୍କ କୃପାରୁ ତାଙ୍କ ପୂର୍ବ ପୁରୁଷ ଜମିଦାରୀ ପାଇବା ସହ ପ୍ରତିଷ୍ଠା ପାଇଛନ୍ତି । ଖୋର୍ଦ୍ଧାର ରାଜା ରାମଚନ୍ଦ୍ର ଦେବ ଦ୍ୱିତୀୟ ଓ ଅନ୍ୟାନ୍ୟ ରାଜା ଜମିଦାରଙ୍କ ସହ ତକୀ ଖାଁଙ୍କର ଯେଉଁ ଯୁଦ୍ଧ ହେଉଥିଲା, ସେଥିରେ ଅରୂପରାମ ନିଜର ପରାକାଷ୍ଠା ପ୍ରଦର୍ଶନ କରି ସୁନାମ ପାଇଥିଲେ । ନିଜର ବୀରତ୍ୱ ଓ ବିଶ୍ୱସ୍ତତା ପାଇଁ ତକୀ ଖାଁଙ୍କଠାରୁ ଉପାଧି ପାଇଥିଲେ ଅନୁପରାମ । ଅରୂପରାମ ହେଉଛନ୍ତି, ଲାଲ ପରିବାରର ସପ୍ତମ ପୁରୁଷ ।"[୨୨]

ଜଗନ୍ମୋହନଙ୍କ ଜନ୍ମ :

ଐତିହାସିକ ଲାଲ ପରିବାରର ନବମ ବଂଶଧର ଭାବେ ଓଡ଼ିଆ ସାହିତ୍ୟ ଆଧୁନିକ ପର୍ବର ପ୍ରମୁଖ ସାରସ୍ୱତ ସାଧକ ଜଗନ୍ମୋହନ ଲାଲଙ୍କର ଆବିର୍ଭାବ ହୁଏ । ସେଦିନ ଥାଏ ୧୨୪୬ ସାଲ ମାଘ କୃଷ୍ଣ ତିଥି, ୧୮୩୮ ମସିହା ନଭେମ୍ବର ୨୫ ତାରିଖ । ପିତା ନାରାୟଣ ପ୍ରସାଦ ଲାଲ ଓ ମାତା କୈକେୟୀ ବିବିଙ୍କ କୋଳ ମଣ୍ଡନ କରି ପ୍ରଥମ ପୁତ୍ର ସନ୍ତାନ ଭାବେ ଜଗନ୍ମୋହନ ଭୂମିଷ୍ଠ ହେଲେ । ମାତ୍ର ତାଙ୍କର ଜନ୍ମ ତାରିଖ ସଂପର୍କରେ ସରକାରୀ ନଥିପତ୍ରରୁ ଏକ ଭିନ୍ନ ସୂଚନା ମିଳିଥାଏ । ଏ ସଂପର୍କରେ ଆଲୋଚକ ଡକ୍ଟର ବିଜୟାନନ୍ଦ ସିଂହ ଅଭିମତ ଦେଇଛନ୍ତି - "୧୨୪୬ ସାଲ, ମାର୍ଗଶୀର କୃଷ୍ଣବାର ଦିନ ୧୮୩୮ ମସିହା ନଭେମ୍ବର ୨୫ ତାରିଖରେ କଟକ ଜିଲ୍ଲାର ମହାଗ୍ରାମ ବା ବର୍ତ୍ତମାନର ମାହାଙ୍ଗା ନିକଟସ୍ଥ ପଦନଦାସପୁର ଗ୍ରାମରେ ଓଡ଼ିଆ ସାହିତ୍ୟର ଆଧୁନିକ ପର୍ବର ପ୍ରମୁଖ ସାରସ୍ୱତ ସାଧକ ଜଗନ୍ମୋହନଲାଲ ଆବିର୍ଭୂତ ହୁଅନ୍ତି । କିନ୍ତୁ ସରକାରୀ ନଥିପତ୍ରରେ ନଭେମ୍ବର ୨୮, ୧୮୩୮ ମସିହା ଉଲ୍ଲେଖ କରାଯାଇଛି ।"[୨୩]

ଶିକ୍ଷା ଓ ପାରିବାରିକ ଜୀବନ

ରାଜଭକ୍ତ ପରିବାରର ବାଳକ ଜଗନ୍ମୋହନ ପାରଂପରିକ ରୀତିରେ ଗ୍ରାମ୍ୟ ଚାଟଶାଳୀରୁ ଶିକ୍ଷା ଆରମ୍ଭ କରିଥିଲେ । ମାଟିବଂଶ ଅବଧାନଙ୍କ ଗତାନୁଗତିକ ଶିକ୍ଷା ବ୍ୟବସ୍ଥା ମଧ୍ୟରେ ତାଙ୍କର ବାଲ୍ୟଶିକ୍ଷାର ଅୟମାରମ୍ଭ ହୋଇଥିଲା । ଇଂରାଜୀ ଶିକ୍ଷା ପାଇଁ ସେ ସମୟ ବିଶେଷ ଅନୁକୂଳ ବାତାବରଣ ନ ଥିବା ସତ୍ତ୍ୱେ ଜଗନ୍ମୋହନ ତାର ସୁଯୋଗ ଲାଭ କରିଥିଲେ । କଥିତ ସମୟରେ ସମଗ୍ର ଦେଶରେ ନବଜାଗରଣର ଅଭ୍ୟୁଦୟ ଘନେଇ ଆସୁଥିଲେ ମଧ୍ୟ ଗ୍ରାମ୍ୟ ଚାଟଶାଳୀ ଏବଂ ମାଟିବଂଶ ଅବଧାନଙ୍କର ଗୁରୁତ୍ୱ ଏବଂ କର୍ତ୍ତୃତ୍ୱ ତଥାପି ପରିବ୍ୟାପ୍ତ ହୋଇ ରହିଥିଲା । ଏହିଭଳି ଏକ ବାତାବରଣ ମଧ୍ୟରେ ଜଗନ୍ମୋହନ ଲାଲ ନିଜ ଗ୍ରାମ ମାହାଙ୍ଗାରେ ବାଲ୍ୟଶିକ୍ଷା ସମାପ୍ତ କରିଥିଲେ ।

ସମଗ୍ର ଦେଶରେ ମିଶନାରୀମାନଙ୍କ ଦ୍ୱାରା ପ୍ରଥମେ ଇଂରାଜୀ ଶିକ୍ଷାର ପ୍ରଚଳନ ହୋଇଥିଲା । ଯଦିଓ ସେମାନଙ୍କ ଦ୍ୱାରା ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ପାଠ୍ୟପୁସ୍ତକ ସହିତ ଧର୍ମ ପୁସ୍ତକ ଅଙ୍ଗୀଭୂତ ହୋଇ ରହିଥିଲା ଏବଂ ଖ୍ରୀଷ୍ଟଧର୍ମ ପ୍ରତି ଲୋକଙ୍କୁ ଆକୃଷ୍ଟ

Digitized by srujanika@gmail.com

କରିବା ସେମାନଙ୍କର ଅନ୍ୟତମ ଉଦ୍ଦେଶ୍ୟ ଥିଲା, ତଥାପି ସେମାନେ ଶିକ୍ଷାର ପ୍ରସାର ପାଇଁ ସମଗ୍ର ଦେଶରେ ପ୍ରାରମ୍ଭିକ ପ୍ରୟାସ ଜାରି ରଖଥିଲେ ।

ଓଡ଼ିଶାରେ ଶିକ୍ଷାର ମୂଳଭିତ୍ତି ସ୍ଥାପନରେ ଉକ୍ତ ମିଶନାରୀମାନଙ୍କର ଭୂମିକା ସମ୍ପର୍କରେ ଶ୍ରୀ ମହେଶ ପ୍ରସାଦ ମହାପାତ୍ର କହନ୍ତି, "କେବଳ ଭାଷା ସୃଷ୍ଟିରେ ନୁହେଁ, ଓଡ଼ିଶାରେ ଆଧୁନିକ ଶିକ୍ଷାଦାନ କ୍ଷେତ୍ରରେ ମଧ୍ୟ ମିଶନାରୀମାନେ ଅଗ୍ରଣୀ ହୋଇଥିଲେ । ୧୮୨୨ ସାଲର ଜୁନ୍ ପହିଲା ଦିନ କଟକରେ ବାପ୍ଟିଷ୍ଟ ମିଶନ ଆନୁକୂଲ୍ୟରେ ପ୍ରଥମ ଓଡ଼ିଆ ସ୍କୁଲ ସ୍ଥାପିତ ହୋଇଥିଲା । ଏହି ସ୍କୁଲଗୁଡ଼ିକରେ କେବଳ ଖ୍ରୀଷ୍ଟଧର୍ମ ସମ୍ବନ୍ଧୀୟ ପୁସ୍ତକ ପାଠ୍ୟଥିଲା । ପ୍ରଥମ ଅବସ୍ଥାରେ ଶିକ୍ଷାଦାନ ନିମନ୍ତେ ଏହି ସ୍କୁଲଗୁଡ଼ିକରେ ହିନ୍ଦୁ ଶିକ୍ଷକ ନିଯୁକ୍ତ ହୋଇଥିଲେ । ଚାରିମାସ ମଧ୍ୟରେ ପ୍ରଥମ ସ୍କୁଲଟିରେ ଛାତ୍ରଛାତ୍ରୀ ସଂଖ୍ୟା ପଚାଶ ହୋଇଗଲା । ବର୍ଷକ ମଧ୍ୟରେ ଏଭଳି ପନ୍ଦରଟି ସ୍କୁଲ ସ୍ଥାପିତ ହୋଇଥିଲା । ତନ୍ମଧ୍ୟରୁ ତିନୋଟି କଟକ ନଗରରେ, ଅନ୍ୟ ଗୁଡ଼ିକ ଏହି ନଗରର ଦୁଇ ତିନି ମାଇଲ ମଧ୍ୟବର୍ତ୍ତୀ ସ୍ଥାନମାନଙ୍କରେ । ଏହି ସ୍କୁଲଗୁଡ଼ିକରେ ମୋଟ ବିଦ୍ୟାର୍ଥୀ ଥିଲେ, ତିନିଶହ ଅଠଷଠି, ସେଥି ମଧ୍ୟରୁ ଝିଅପିଲା ୬୩ଜଣ ।"[୧୩]

ମିସନାରୀମାନେ ଖ୍ରୀ. ୧୮୨୨ରେ ଓଡ଼ିଶାରେ ପ୍ରଥମ ଇଂରାଜୀ ଚ୍ୟାରିଟୀ ସ୍କୁଲ ପ୍ରତିଷ୍ଠା କରିଥିଲେ ମଧ୍ୟ ଅର୍ଥାଭାବ ହେତୁ ତାହା ବେଶିଦିନ ଚଳାଇ ପାରି ନଥିଲେ । ତେଣୁ ଖ୍ରୀ. ୧୮୪୧ରେ କଂପାନୀ ସରକାର ଏହି ସ୍କୁଲର ପରିଚାଳନା ଭାର ଗ୍ରହଣ କଲେ ।

ଖ୍ରୀ. ୧୮୫୩ ବେଳକୁ ପୁରୀ ଓ ବାଲେଶ୍ୱରରେ ଉଚ୍ଚ ଇଂରାଜୀ ବିଦ୍ୟାଳୟ ସ୍ଥାପିତ ହେଲା । ସେତେବେଳେ ଓଡ଼ିଶାର ପୁରୀ, ଖୋର୍ଦ୍ଧା, ବାଲେଶ୍ୱର, ରେମୁଣା, ଭଦ୍ରକ, କେନ୍ଦ୍ରାପଡ଼ା, ମାହାଙ୍ଗା ହରିହରପୁର ପ୍ରଭୃତି ସ୍ଥାନରେ ଆଠଟି ଭର୍ଣ୍ଣାକୁଲାର ସ୍କୁଲ ପ୍ରତିଷ୍ଠା କରାଗଲା । ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ଖ୍ରୀ. ୧୮୫୦ ଠାରୁ ୧୮୬୦ ମଧ୍ୟରେ ଖ୍ରୀଷ୍ଟିଆନ୍ ପାଦ୍ରୀ ଓ କଂପାନୀ ସରକାରଙ୍କ ପରିଚାଳନାରେ ପ୍ରାୟ କୋଡ଼ିଏଟି ପର୍ଯ୍ୟନ୍ତ ଭର୍ଣ୍ଣାକୁଲାର ସ୍କୁଲ ପ୍ରତିଷ୍ଠିତ ହେଲା ।

ଏହି ପରିପ୍ରେକ୍ଷୀରେ ଜଗନ୍ମୋହନ ଗ୍ରାମ ଚାଟଶାଳୀରୁ ପାରଂପରିକ ରୀତିରେ ଶିକ୍ଷାଲାଭ କରିସାରିବା ପରେ ଇଂରାଜୀ ଶିକ୍ଷା ନିମନ୍ତେ କଟକ ପ୍ରେରିତ ହୋଇଥିଲେ । କଟକର କଲିଜିଏଟ୍‌ରୁ ୧୯୬୦ ମସିହାରେ ଏଣ୍ଟ୍ରାନ୍‌ସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସେ ସରକାରୀ ଚାକିରୀରେ ପ୍ରବେଶ କରିଥିଲେ । ଏ ସଂପର୍କରେ ଆଲୋକପାତ କରିବାକୁ ଯାଇ ଶ୍ରୀଯୁକ୍ତ ମତ୍‌ଲୁବ୍ ଅଲ୍ଲୀ ଲେଖିଛନ୍ତି, "ଜଗନ୍ମୋହନ ଗାଁ ଅବଧାନଙ୍କଠାରେ ପାଠ ପଢ଼ା ଶେଷ କରି କଟକରେ ରେଭେନ୍‌ସା କଲିଜିଏଟ୍ ସ୍କୁଲରେ ଅଧ୍ୟୟନ କରି ମାଟ୍ରିକ୍ ପାସ କରିଥିଲେ । ତାପରେ ସେ ସରକାରୀ ଚାକିରି ଗ୍ରହଣ କରିଥିଲେ ।"[୧୪]

ଛାତ୍ର ଜୀବନ ସମାପ୍ତ କରିସାରି ଜଗନ୍ମୋହନ କଟକ କଲେକ୍ଟରେଟ୍‌ରେ ଜଣେ ସାଧାରଣ ଅମଲା ଭାବରେ କାର୍ଯ୍ୟ ଆରମ୍ଭ କରିଥିଲେ । ଇତି ମଧ୍ୟରେ ତାଙ୍କ ପାରିବାରିକ ଜୀବନର ଶୁଭାରମ୍ଭ ହୋଇଥିଲା । ତତ୍କାଳୀନ ବାଲ୍ୟବିବାହ ପ୍ରଥାନୁଯାୟୀ ଜଗନ୍ମୋହନ

Digitized by srujanika@gmail.com

ତାରା ନାମ୍ନୀ କନ୍ୟାକୁ ବାଲ୍ୟବିବାହ କରିଥିଲେ । ତାରାଦେବୀ ସୁଗୃହିଣୀ ଥିଲେ; କିନ୍ତୁ ଜନନୀ ହେବାର ସୌଭାଗ୍ୟରୁ ବଞ୍ଚିତା ହେବାରୁ ବଂଶରକ୍ଷା ପାଇଁ ଜଗନ୍ମୋହନ ସାଲେପୁର ଥାନାରୁ ବେଣୀରାମପୁରର ଜମିଦାର ଆନନ୍ଦ ଲାଲଙ୍କ କନ୍ୟା ଅହଲ୍ୟା ଦେବୀଙ୍କୁ ଦ୍ୱିତୀୟ ବିବାହ କରିଥିଲେ ।

କାଳକ୍ରମେ ଅହଲ୍ୟାଙ୍କ ଗର୍ଭରୁ ଛଅଗୋଟି ସନ୍ତାନ ଜନ୍ମ ନେଲେ । ଜଗନ୍ମୋହନଙ୍କ ଦୁଇ ପୁତ୍ରଙ୍କ ନାମ ଥିଲା, ରାମମୋହନ ଲାଲ ଓ ଶ୍ୟାମମୋହନ ଲାଲ୍ । ଚାରିକନ୍ୟାଙ୍କ ନାମ ଥିଲା ଯଥାକ୍ରମେ, ଚନ୍ଦ୍ରାବତୀ, ଲାବଣ୍ୟ, ଲୀଳାବତୀ ଓ ପଦ୍ମାବତୀ । ଜ୍ୟେଷ୍ଠପୁତ୍ର ରାମମୋହନ ମାହାଙ୍ଗା ଓ ସାଲେପୁରର ଜମିଦାରୀ ଖବର ବୁଝାସୁଝା କରୁଥିଲେ । କନିଷ୍ଠପୁତ୍ର ଶ୍ୟାମମୋହନ ଉଚ୍ଚଶିକ୍ଷା ଲାଭ କରି ବିହାର ପ୍ରଦେଶରେ ଏଲ୍.ଏମ୍.ପି. ଡାକ୍ତର ଭାବରେ ଜୀବିକା ନିର୍ବାହ କରୁଥିଲେ ।

ଜଗନ୍ମୋହନ ନିଜ ମଧ୍ୟମା କନ୍ୟା ଲାବଣ୍ୟକୁ ମାହାଙ୍ଗାର ଅନ୍ୟତମ ପ୍ରତିପତ୍ତିଶାଳୀ ଜମିଦାର ସୀତାନାଥ ରାୟଙ୍କ ପୁତ୍ର ଗୋବର୍ଦ୍ଧନ ବାବୁଙ୍କ ସହିତ ବିବାହ ଦେଇଥିଲେ । ଲାଲ୍ ଏବଂ ରାୟ ପରିବାର ମଧ୍ୟରେ ଥିବା ବହୁକାଳର ଶତ୍ରୁତାକୁ ସମାଧାନ କରିବା ଏବଂ ସମାଜରେ କିଛିଟା ପରିବର୍ତ୍ତନ ଆଣିବା ସଂସ୍କାରବାଦୀ ଜଗନ୍ମୋହନଙ୍କର ଉଦ୍ଦେଶ୍ୟ ଥିଲା । ମାତ୍ର ବିଧିର ବିଧାନ ଥିଲା ଅନ୍ୟ ପ୍ରକାର । କୌଣସି କାରଣରୁ ଗୋବର୍ଦ୍ଧନ ବାବୁ ଆତ୍ମହତ୍ୟା କରିବାରୁ ଅଳ୍ପ ବୟସରେ ଲାବଣ୍ୟ ବିଧବା ହେଲେ । ପ୍ରିୟତମା କନ୍ୟାର ଏହି ଅକାଳ ବୈଧବ୍ୟ ପାଇଁ ଜଗନ୍ମୋହନ ନିଜକୁ ଦାୟୀ କଲେ ।

ନିଜର ଦୃଢ଼ ଆତ୍ମବଳ ଏବଂ ସଂସ୍କାରବାଦୀ ନିର୍ଭୀକ ମନୋଭାବ ବଳରେ ସେ କନ୍ୟାକୁ ପୁଣି ଥରେ ବିବାହ ଦେବାକୁ ସ୍ଥିର ହେଲେ । ମାତ୍ର ତତ୍‌କାଳୀନ ସମାଜ ଏହାର ବିରୁଦ୍ଧରେ ଘୋର ପ୍ରତିବାଦ କଲା । ବିଶେଷ କରି ଲାବଣ୍ୟର ଶ୍ୱଶୁର ଜମିଦାର ସୀତାନାଥ ରାୟ ରକ୍ଷଣଶୀଳ ସମାଜର ନୀତିନିୟମକୁ ଧରି ଜଗନ୍ମୋହନଙ୍କ ଇଚ୍ଛାର ଘୋର ପ୍ରତିବାଦ କଲେ । ଅଥଚ ସମାଜର ଏହି କୁସଂସ୍କାର ବିରୋଧରେ ଅଣ୍ଟାଭିଡ଼ି ଠିଆ ହେବାକୁ ଲାଲଜୀ ଆଗେଇ ଆସିଲେ ।

ତତ୍କାଳୀନ ଓଡ଼ିଶାର ରକ୍ଷଣଶୀଳ ସମାଜରେ ସଂସ୍କାର ଆନ୍ଦୋଳନର ସୂତ୍ରପାତ ହେବାର ବହୁ ପୂର୍ବରୁ ବଙ୍ଗଳାରେ ତାହା ସଂଘଟିତ ହୋଇ ସାରିଥିଲା । ବିଶିଷ୍ଟ ସାମଜ ସଂସ୍କାରକ ରାଜା ରାମମୋହନ ରାୟ ସତୀଦାହ ପ୍ରଥା, ଜାତି ପ୍ରଥା, ପରଦା ପ୍ରଥା ସହିତ ହିନ୍ଦୁ ବିଧବା ମାନଙ୍କର ପୁନର୍ବିବାହ ପାଇଁ ପ୍ରବଳ ଆନ୍ଦୋଳନ ଚଳାଇଥିଲେ । ଏ ସଂପର୍କରେ ଐତିହାସିକ ବି.ଏଲ୍. ଗ୍ରୋଭର ଏବଂ ଆର୍.ଆର୍, ସେଠୀଙ୍କ ମନ୍ତବ୍ୟ ଉଲ୍ଲେଖଯୋଗ୍ୟ । "He (Rammohan Roy) started a campaign for the abolition of sati, condemned polygamy and concubinage denounced castism advocated the right Hindu widows to remarry" [୨୬]

ସମକାଳୀନ ସମାଜର ଶିକ୍ଷିତ ଯୁବକମାନଙ୍କୁ ରାମମୋହନଙ୍କ ଆଦର୍ଶ ପ୍ରଭାବିତ କରୁଥିଲା । ବାଲ୍ୟବିଧବାମାନଙ୍କ ଦୁଃଖରେ ସେମାନେ ବିଗଳିତ ହୋଇ ପଡୁଥିଲେ ।

Digitized by srujanika@gmail.com

ଏହି ପରିପ୍ରେକ୍ଷୀରେ ନିର୍ଭୀକ ଜଗନ୍ମୋହନ ପ୍ରିୟତମା କନ୍ୟାକୁ ସାରାଜୀବନ ଦୁଃଖ ଭୋଗିବାକୁ ନ ଦେଇ ପୁନର୍ବିବାହ ଦେବାକୁ ଦୃଢ଼ ପରିକର ହେଲେ । ମାତ୍ର ଓଡ଼ିଶାରେ ଏହା ଅସମ୍ଭବ ଜାଣି ସେ ବିହାରରେ ରହୁଥିବା ନିଜ କନିଷ୍ଠ ପୁତ୍ର ଏଲ୍.ଏମ୍.ପି ଡାକ୍ତର ଶ୍ୟାମଲାଲଙ୍କ ସହଯୋଗରେ ସେଠାରେ ବିଧବା କନ୍ୟା ଲାବଣ୍ୟର ପୁନର୍ବିବାହ କରାଇ ଦେଇଥିଲେ ।

ଜଗନ୍ମୋହନଙ୍କର ଏପରି ସଂସ୍କାରବାଦୀ କାର୍ଯ୍ୟକୁ ସମାଜ ଅନୁମୋଦନ କଲା ନାହିଁ । ଜମିଦାର ସୀତାନାଥ ରାୟ ପ୍ରତିଶୋଧ ପରାୟଣ ହୋଇ ଅପପ୍ରଚାର କଲେ । ପୁନର୍ବିବାହ କରିଥିବାରୁ ଲାବଣ୍ୟକୁ ସେମାନେ ଅସତୀ ବୋଲି କୁତ୍ସାରଟନା କଲେ । ଏହାର ପ୍ରତିବାଦ ସ୍ୱରୂପ ଜଗନ୍ମୋହଙ୍କ ଲେଖନୀର ଅନ୍ତଃସ୍ରାବୀ ସ୍ରୋତର ସୃଜନୀ ସ୍ପର୍ଶରେ ଜନ୍ମହୋଇଛି କାଳଜୟୀ ନାଟକ 'ସତୀ' । ଏହି ନାଟକରେ ସେ ସମାଜପତିମାନଙ୍କୁ ଅତି କଠୋର ଭାବରେ ସମାଲୋଚନା କରିଛନ୍ତି ଓ ନିଜ କନ୍ୟାର ନାମାନୁସାରେ 'ସତୀ' ନାଟକର ନାୟିକାର ନାମ 'ଲାବଣ୍ୟ' ରଖିଛନ୍ତି ।

ଜଗନ୍ମୋହନଙ୍କର ବ୍ୟକ୍ତିତ୍ୱର ବହୁବିଧ ଦିଗ, ସମାଜ କଲ୍ୟାଣ ନିମିତ୍ତ ନିୟୋଜିତ ଥିଲା । "ସାମାଜିକ ସଂଗଠନ ସହିତ ସେ ଯେପରି ସଂଯୁକ୍ତ ଥିଲେ, ସାରସ୍ୱତ ସଂଗଠନରେ ମଧ୍ୟ ସେ ଥିଲେ ଅଗ୍ରଣୀ । କଟକ ସ୍ଥିତ ଉତ୍କଳ ସଭାର ସେ ଥିଲେ ସକ୍ରିୟ ସଭ୍ୟ ଓ କଟକ ପ୍ରିଣ୍ଟିଂ କଂପାନୀର ସେ ଥିଲେ ଅନ୍ୟତମ ଡିରେକ୍ଟର । ଉତ୍କଳ ଗୌରବ ମଧୁସୂଦନଙ୍କ ସହ ତାଙ୍କର ଘନିଷ୍ଠ ସଂପର୍କ ମଧ୍ୟ ଥିଲା । ଜନମଙ୍ଗଳ କାର୍ଯ୍ୟରେ ମଧ୍ୟ ତାଙ୍କର ଭୂମିକା ଥିଲା ଉଲ୍ଲେଖଯୋଗ୍ୟ ।"[୧୫-୬] ଜନସେବକ ଭାବରେ ସେ ଆଞ୍ଚଳିକ ସ୍ଥିତି ଭିତରେ ଜନତାର ମଙ୍ଗଳ ନିମିତ୍ତ ଅନେକ ଉନ୍ନୟନମୂଳକ କାର୍ଯ୍ୟରେ ଶ୍ରମ ଓ ସମୟ ବିନିଯୋଗ କରିଥିଲେ । ଏ କ୍ଷେତ୍ରରେ ମଧୁବାବୁଙ୍କ ପ୍ରେରଣା ତାଙ୍କୁ ପ୍ରରୋଚିତ କରିଥିଲା । ତତ୍‌କାଳୀନ 'ଉତ୍କଳ ଦୀପିକା' ପୃଷ୍ଠାରୁ ଏହାର ରାଶିରାଶି ପ୍ରମାଣ ମିଳିଥାଏ । ସମଗ୍ର ଓଡ଼ିଶାକୁ ଜନସେବାର ଚାରଣଭୂମି କରିପାରି ନଥିଲେ ମଧ୍ୟ, ସମଗ୍ର ମାହାଙ୍ଗା ଅଞ୍ଚଳରେ ରାଜନୀତିକ, ଆର୍ଥନୀତିକ, ସାମାଜିକ ଓ ସାଂସ୍କୃତିକ ସଂସ୍କାର କ୍ଷେତ୍ରରେ ତାଙ୍କର ନିଷ୍ଠାପର ସାଧନା ପ୍ରକୃତରେ ପଟାନ୍ତରଶୂନ୍ୟ ।

ଜଗନ୍ମୋହନଙ୍କ ସାହିତ୍ୟ ସାଧନା :

ଆଲୋଚ୍ୟ କାଳରେ ଓଡ଼ିଶାର ଅଧିକାଂଶ ଶିକ୍ଷିତ ସଚେତନ ବ୍ୟକ୍ତି ମାତୃଭାଷାର ଦୈନ୍ୟ ଦୂର କରିବା ପାଇଁ ଯତ୍ପରୋନାସ୍ତି ଉଦ୍ୟମ କରୁଥିଲେ । ଅଧିକାଂଶ ଶିକ୍ଷିତ ବ୍ୟକ୍ତି ସାହିତ୍ୟ ସାଧନାକୁ ନିଜର ପବିତ୍ର ଦାୟିତ୍ୱ ମନେକରୁଥିଲେ । ଜଗନ୍ମୋହନ ଲାଲ ତାର ବ୍ୟତିକ୍ରମ ନ ଥିଲେ, ବରଂ ତାଙ୍କର ସଂସ୍କାରବାଦୀ ମନ, ସାରସ୍ୱତ ସାଧନାରେ ବ୍ରତୀ ଥିଲା ।

ଲାଲ ମହାଶୟଙ୍କର କାଳଜୟୀ ସାରସ୍ୱତ ସାଧନା ଅନେକ ନବଚେତନାର ଝଲକ ବହନ କରି ସାମାଜିକ କ୍ଷେତ୍ରରେ ଆଣିଥିଲା ନୂତନ ସୂର୍ଯ୍ୟୋଦୟର ଅରୁଣିମା । ସମଗ୍ର

Digitized by srujanika@gmail.com

ସାରସ୍ୱତ ସୃଷ୍ଟି ସଂପଦରେ ସେ ନୂତନ ଯୁଗର ବାର୍ତ୍ତାବହ ଥିଲେ । ନିଜର ନିର୍ଭୀକ, ଦୂରଦୃଷ୍ଟିସମ୍ପନ୍ନ ସଂସ୍କାରବାଦୀ ମନୋଭାବକୁ ନେଇ ସେ ସାହିତ୍ୟ ଜଗତରେ ନୂତନ ପରୀକ୍ଷା ନିରୀକ୍ଷା ଆରମ୍ଭ କରିଥିଲେ । ତାଙ୍କର ପ୍ରତ୍ୟେକ ରଚନାରେ ଭାଷାର ସରଳତା ଓ ପ୍ରାଞ୍ଜଳ ବର୍ଣ୍ଣନାରୀତି ସାହିତ୍ୟରେ ତାଙ୍କର ସ୍ୱାତନ୍ତ୍ର୍ୟ ପ୍ରତିପାଦନ କରିଥାଏ । ରାଧାନାଥଙ୍କ ପୂର୍ବବର୍ତ୍ତୀ ସମୟରେ ପାଶ୍ଚାତ୍ୟ ସାହିତ୍ୟରୁ କଥାବସ୍ତୁ ଆହରଣ କରି ଦେଶୀୟ ପରିବେଶରେ ତାହାର ସରସ ପରିବେଷଣ ଜନିତ କାବ୍ୟ ରଚନା କରିବାରେ ଆଦି ନାଟ୍ୟକାର ଜଗନ୍ମୋହନ ଲାଲଙ୍କର କୃତିତ୍ୱ ଅବିସମ୍ବାଦିତ ।

୧୮୬୮ ମସିହାରେ କଟକ ପ୍ରିଣ୍ଟିଂ କମ୍ପାନୀ ଦ୍ୱାରା ତାଙ୍କର 'ଭ୍ରମ ଭଞ୍ଜନ' କାବ୍ୟ ପ୍ରକାଶିତ ହୋଇଥିଲା । ପର୍ଣ୍ଣେଲଙ୍କର "The Hermit" ର ଅବଲମ୍ବନରେ ସେ ଏହାକୁ ଲେଖିଥିଲେ ମଧ୍ୟ କାବ୍ୟଟିର ଅନେକ ସ୍ଥଳରେ ତାଙ୍କ ସ୍ୱତନ୍ତ୍ର ରଚନାରୀତି ଓ ମୌଳିକତାର ପରିଚୟ ମିଳେ । ବିଶେଷକରି ପାଶ୍ଚାତ୍ୟ କଥାବସ୍ତୁକୁ ମୂଳ ଆଧାର ଭାବେ ଗ୍ରହଣ କରି ଉତ୍କଳୀୟ ପରିବେଶରେ ସେ ଯେପରି ଚମତ୍କାର ଢଙ୍ଗରେ ପରିବେଷଣ କରିଥିଲେ, ତାହା ଅତୁଳନୀୟ ।

ପ୍ରଥମ ପ୍ରକାଶନ ଅବସରରେ ଏହି କାବ୍ୟର ମୁଖବନ୍ଧରେ ଜଗନ୍ମୋହନ ଲେଖିଥିଲେ, "ଉତ୍କଳ ଭାଷାରେ ଅବିକଳ ଅନୁବାଦ ମନୋରଂଜନ ନ ହେବାର ବୋଧ କରି ଇଂରାଜୀରୁ କେବଳ ବୃତ୍ତାନ୍ତ ଉତ୍ତୋଳନ କରି ନାନାଦି କାବ୍ୟୋପଯୁକ୍ତ ବର୍ଣ୍ଣନା, ରଚନା ଓ ଅନ୍ୟାନ୍ୟ ବିଷୟ ସହିତ ନାନାବିଧ ଛାନ୍ଦ ରହିଥିବା ଏ ଗ୍ରନ୍ଥ ରଚନା କଲୁ । ପାଠଶାଳାମାନଙ୍କରେ ପୁସ୍ତକ ପ୍ରଚଳନ ହେଲେ ଆମ୍ଭର ମାନସ ସଫଳ ହେବ ।"[୬]

ଉକ୍ତ କାବ୍ୟରେ ଜଗନ୍ମୋହନଙ୍କ ବର୍ଣ୍ଣନାଶୈଳୀ ମୌଳିକ ଚେତନା ଶୈଳୀରେ ଋଦ୍ଧିମନ୍ତ ଓ ଭାସ୍ୱର ଥିଲା । ଏହାର ଭାଷା ଥିଲା ସରଳ, ସାବଲୀଳ, ନଅଟି ଛାନ୍ଦରେ ସମୃଦ୍ଧ ଓଡ଼ିଆ ଛାନ୍ଦ ବୃତ୍ତରେ ଲିଖିତ । ଲାଲ ମହାଶୟ ପାଶ୍ଚାତ୍ୟ କଥାବସ୍ତୁକୁ ଉତ୍କଳର ପାଣି ପବନ, ପରିବେଶରେ ନବୀନ ରୂପ ପ୍ରଦାନ କରିଥିଲେ ।

ତତ୍କାଳୀନ ସମାଜରେ ଏହି କାବ୍ୟ ଯଥେଷ୍ଟ ପାଠକୀୟ ସ୍ୱୀକୃତି ଲାଭ କରିଥିଲା । ଏପରିକି ପ୍ରଥମ ମୁଦ୍ରଣର ପାଞ୍ଚଶହ ପୁସ୍ତକ ଏକ ବର୍ଷ ମଧ୍ୟରେ ଶେଷ ହୋଇଥିଲା ।

ବିଶେଷ ଲୋକପ୍ରିୟତା ଓ ଶିକ୍ଷାବିଭାଗ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତିକ୍ରମେ 'ଭ୍ରମଭଞ୍ଜନ' କାବ୍ୟ ସେତେବେଳେ ପାଠ୍ୟ ପୁସ୍ତକ ଭାବେ ପ୍ରଚଳିତ ହୋଇଥିଲା । ବିଦ୍ୟା ଅଧ୍ୟୟନ ସମୟରେ ନିଜେ ରାମଶଙ୍କର ଏକମାତ୍ର ଓଡ଼ିଆ ପୁସ୍ତକ ଭାବେ ଏହାକୁ ପଢ଼ି ଛାତ୍ରବୃତ୍ତି ପରୀକ୍ଷା ଦେଇଥିଲେ ବୋଲି ସ୍ୱୀକାର କରିଛନ୍ତି । ସେ ଲେଖିଛନ୍ତି - "ସେହି ବିଦ୍ୟାଳୟର ଦ୍ୱିତୀୟ ଶ୍ରେଣୀରେ ପଢ଼ିବା ସମୟରେ ଏଠା ବିଦ୍ୟାଳୟ ଓ ସରକାରୀ କଚେରୀମାନଙ୍କରେ ଓଡ଼ିଆ ଭାଷା ଚଳାଇବାର ତୁମୁଳ ଯୁଦ୍ଧ ଲାଗିଗଲା ଏବଂ ତହିଁର ଫଳରେ ପ୍ରଥମ ଶ୍ରେଣୀରେ ବଙ୍ଗଳା ସହିତ ଓଡ଼ିଆ ପଢ଼ିବାକୁ ହେଲା । ସେ ପର୍ଯ୍ୟନ୍ତ ଓଡ଼ିଆ ଭାଷାରେ ଗଦ୍ୟପୁସ୍ତକ ମୁଦ୍ରିତ ହୋଇ ନଥିଲା । ବିଦ୍ୟାଳୟମାନଙ୍କରେ ଓଡ଼ିଆ ଭାଷା ପ୍ରବର୍ତ୍ତିତ ହେବା ସମୟରୁ ଓଡ଼ିଆ ଭାଷାଭିଜ୍ଞ ବିଜ୍ଞ ଲୋକମାନେ ବଙ୍ଗଳାରୁ ଅନୁବାଦ କଲେ ।

Digitized by srujanika@gmail.com

ମାତ୍ର ମୁଁ ପ୍ରଥମ ଶ୍ରେଣୀରେ ପ୍ରାତଃ ସ୍ମରଣୀୟ ପରଲୋକଗତ ଜଗନ୍ମୋହନ ଲାଲଙ୍କ "ଭ୍ରମଭଞ୍ଜନ" ନାମକ ଛନ୍ଦୋମୟ ଓଡ଼ିଆ ପୁସ୍ତକ ପଢ଼ି ଛାତ୍ରବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲି ।"[୧୨]

୧୮୮୫/୧୮୮୬ ମସିହା ପର୍ଯ୍ୟନ୍ତ ଏହି "ଭ୍ରମଭଞ୍ଜନ" କାବ୍ୟ ଓଡ଼ିଶାରେ ପାଠ୍ୟପୁସ୍ତକ ରୂପେ ପଠିତ ହେଉଥିଲା । ପରେ ଏହା ପାଠ୍ୟପୁସ୍ତକ ତାଲିକାରୁ ବାଦ୍ ପଡ଼ିଯିବାରୁ ଓଡ଼ିଶାର ଶିକ୍ଷିତ ସଂପ୍ରଦାୟ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ୧୮୭୦ ମସିହାରେ "ଭ୍ରମଭଞ୍ଜନ"ର ଦ୍ୱିତୀୟ ସଂସ୍କରଣ ପ୍ରକାଶ ପାଇଥିଲା । ଏଥିରେ କବିବର ରାଧାନାଥଙ୍କ ସମେତ ତତ୍କାଳୀନ ସାରସ୍ୱତ ସେବକମାନେ ବିଶେଷ ଭାବରେ ପ୍ରଭାବିତ ହୋଇଥିଲେ । କାବ୍ୟ "ଭ୍ରମ ଭଞ୍ଜନ"ର ସଫଳତା ଜଗନ୍ମୋହନଙ୍କୁ ସାହିତ୍ୟ ରଚନାରେ ଉତ୍ତରୋତ୍ତର ସାଧନା-ପ୍ରୟାସୀ କରିଥିଲା ।

ନବ୍ୟ ଶିକ୍ଷିତ ଜଗନ୍‌ମୋହନଙ୍କ ଭଳି ଜଣେ ଚେତନଶୀଳ ମଣିଷ ଓ ସୃଜନଶୀଳ ସ୍ରଷ୍ଟା ଓଡ଼ିଆ ଭାଷାର ଦୟନୀୟ ସ୍ଥିତିକୁ ସୁଦୃଢ଼ କରି ଗଢ଼ିବା ପାଇଁ ସବୁବେଳେ ନିଜ ଅନ୍ତର୍ଚେତନାରୁ ପ୍ରେରଣା ଲାଭ କରୁଥିଲେ । ପୌରାଣିକ ବା କାଳ୍ପନିକ ବିଷୟବସ୍ତୁ ପରିବର୍ତ୍ତେ ସମସାମୟିକ ସମାଜର ଘଟଣାବଳୀକୁ ନାଟ୍ୟରୂପ ପ୍ରଦାନ କରିବାରେ ତାଙ୍କର ଆଗ୍ରହ ଅପରିସୀମ ଥିଲା ।

୧୮୭୩ ମସିହାରେ ଐତିହାସିକ ଟୟନ୍‌ବିଙ୍କ ଇଂରାଜୀ ଭାଷାରେ ରଚିତ ଓଡ଼ିଶା ଇତିହାସ ଓଡ଼ିଆ ଭାଷାରେ ଅନୂଦିତ ହେଲେ ବହୁ କାର୍ଯ୍ୟ ସାଧିତ ହେବ ବୋଲି ତତ୍କାଳୀନ ନେତୃମଣ୍ଡଳୀ ବିଚାର କରୁଥିଲେ । କର୍ମବୀର ଗୌରୀଶଙ୍କର "ଉତ୍କଳ ଦୀପିକା"ରେ ଏଇ ମର୍ମରେ ଏକ ବିଜ୍ଞାପନ ବାହାର କରିଥିଲେ । ଏହି ବିଜ୍ଞାପନକୁ ଆହ୍ୱାନ ଭାବରେ ଗ୍ରହଣ କରି ଜଗନ୍ମୋହନ ଟୟନ୍‌ବିଙ୍କ 'ଓଡ଼ିଶା ଇତିହାସ' ଅବଲମ୍ବନରେ ପ୍ରଥମେ ଓଡ଼ିଆ ଭାଷାରେ ଇତିହାସ ରଚନା କଲେ । ଏହି ପୁସ୍ତକର ନାମ ହେଲା 'ଓଡ଼ିଶା ବିଜୟ' । ୧୮୦୩ରୁ ୧୮୨୮ ପର୍ଯ୍ୟନ୍ତ ଓଡ଼ିଶା ଇତିହାସରେ ଘଟିତ ବିଭିନ୍ନ ବିବରଣୀ ଏହି ପୁସ୍ତକରେ ସ୍ଥାନ ପାଇଥିଲା । ଓଡ଼ିଶାର ପୂର୍ଣ୍ଣାଙ୍ଗ ଇତିହାସ ରଚନା କ୍ଷେତ୍ରରେ ଏହି ପୁସ୍ତକର ପ୍ରଭାବ ଥିଲା ଅନସ୍ୱୀକାର୍ଯ୍ୟ ।

ସାମାଜିକ ସ୍ଥିତିର ଅନ୍ଧବିଶ୍ୱାସ ଏବଂ କୁସଂସ୍କାର ପରି ଜାତୀୟ କଳଙ୍କକୁ ଜଗନ୍ମୋହନ ମର୍ମେ ମର୍ମେ ଅନୁଭବ କରୁଥିଲେ । ଓଡ଼ିଶାର ତତ୍କାଳୀନ, ଜାତୀୟ ଜନଜୀବନ ଅନ୍ଧକାରାଚ୍ଛନ୍ନ ଥିଲା । ଆଧୁନିକ ଭାବ ଭାବନାରୁ ବହୁ ଦୂରରେ ଥିବା ଓଡ଼ିଆ ବୋଧହୁଏ ଆତ୍ମ ପରିଚିତିର ସନ୍ଧାନରେ ଥିଲା । ନାଟ୍ୟ ପୁରୁଷ ଜଗନ୍ମୋହନଙ୍କର ଜାତିପ୍ରୀତି ଏବଂ ଦିଗ୍‌ଦର୍ଶକ ଭୂମିକା ଏଥିପାଇଁ ଅନେକ ସାହାଯ୍ୟ କଲା । ଫଳରେ ଓଡ଼ିଆ ଜାତି ନିଜର ଭାବ ଭାବନାକୁ, ଚିନ୍ତା ଚେତନାକୁ ନିଜ ମୁଖରେ ପ୍ରକାଶ କରିବାକୁ ପ୍ରଚେଷ୍ଟା କଲା ଏବଂ ଅଚିରେ ସେଥିରେ ସଫଳତା ଲାଭ କଲା ।

Digitized by srujanika@gmail.com

ଏହି ପରିପ୍ରେକ୍ଷୀରେ ଆଧୁନିକ ନାଟକର ଜନକ ଜଗନ୍ମୋହନ ଲାଲଙ୍କ ଅନ୍ତଃସ୍ରାବୀ ଲେଖନୀରୁ ଜନ୍ମ ନେଲା "ବାବାଜୀ" ଏବଂ "ସତୀ" ପରି ଦୁଇଟି କାଳଜୟୀ ନାଟକ ।

'ବାବାଜୀ' ନାଟକ ରଚନା କରିବା ପୂର୍ବରୁ ଜଗନ୍ମୋହନ କାବ୍ୟ 'ଭ୍ରମଭଞ୍ଜନ' ଏବଂ 'ଓଡ଼ିଶ ବିଜୟ' ଅନୁବାଦ କରି ସଫଳତା ପାଇଥିଲେ ମଧ୍ୟ ଜଣେ ନାଟ୍ୟକାର ଭାବରେ ସେ ଅଧିକ ସୁପରିଚିତ ଏବଂ ସୁପ୍ରତିଷ୍ଠିତ ହେଲେ । ତାଙ୍କର ନାଟକଗୁଡ଼ିକ ଆଧୁନିକ ଚିନ୍ତାପ୍ରସୂତ ଏବଂ ନୂତନ ରୁଚିବୋଧରେ ପରିପୂର୍ଣ୍ଣ । ସଂସ୍କାରବାଦୀ ଜଗନ୍ମୋହନଙ୍କ ଜୀବନ ସହିତ ସୃଷ୍ଟି ସାଧନା ଥିଲା ଅନନ୍ୟ । କଂଟାଝଂଟାରେ ପରିପୂର୍ଣ୍ଣ ଜଟିଳ ଅରଣ୍ୟ ରାସ୍ତା ଅତିକ୍ରମ କରି ସେ ଓଡ଼ିଆ ମାନଙ୍କ ପାଇଁ ଆଧୁନିକ ଚିନ୍ତାଧାରାର ଆଦ୍ୟ ସରଣୀ ପ୍ରସ୍ତୁତ କରିଛନ୍ତି । ତତ୍କାଳୀନ ପରିସ୍ଥିତିରେ 'ବାବାଜୀ' ନାଟକ ଜଗନ୍ମୋହନଙ୍କ ସଂସ୍କାରମୁଖୀ ଚିନ୍ତାଧାରାର ଏକ ବଳିଷ୍ଠ ପ୍ରୟାସ । ଓଡ଼ିଆ ଯାତ୍ରା ସଂସ୍କାରରେ ମଧ୍ୟ ଓଡ଼ିଆ ରଙ୍ଗମଞ୍ଚ, ଜଗନ୍ମୋହନଙ୍କ ନାଟ୍ୟସୃଷ୍ଟିର ଯଥେଷ୍ଟ ପ୍ରଭାବ ଅନୁଭୂତ ହୁଏ ।[୨୭-କ]

ରାଧାନାଥ, ମଧୁସୂଦନ, ଗଙ୍ଗାଧର ପ୍ରମୁଖ କାବ୍ୟକବିତା ପ୍ରତି, ଫକୀର ମୋହନ ସେନାପତି କଥା ସାହିତ୍ୟ ଏବଂ ବିଶ୍ୱନାଥ କର ପ୍ରଭୃତି ପ୍ରବନ୍ଧ ସାହିତ୍ୟ ପ୍ରତି ଗୁରୁତ୍ୱ ଦେଉଥିଲା ବେଳେ ଜଗନ୍ମୋହନ ନାଟକ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ପ୍ରଦାନ କରିଛନ୍ତି । ନଚେତ୍ ଓଡ଼ିଆ ସାହିତ୍ୟ ଜଗତର ନାଟ୍ୟ ବିଭାଗଟି ଅନେକ ପଛରେ ପଡ଼ି ରହିଥାଆନ୍ତା ।

ତତ୍କାଳୀନ ଓଡ଼ିଶାରେ ବସବାସ କରୁଥିବା ବଙ୍ଗାଳୀ ଜମିଦାରମାନେ ଦଶହରା, ଦୋଳ ପ୍ରଭୃତି ବିଭିନ୍ନ ଉତ୍ସବରେ ପ୍ରଜାମାନଙ୍କ ମନୋରଂଜନ ପାଇଁ 'ଯାତ୍ରା' ପରିବେଷଣ କରୁଥିଲେ । ଲାଲ୍ ପରିବାର ମଧ୍ୟ ନିଜ ଜମିଦାରୀର ପ୍ରଜାମାନଙ୍କ ମନୋରଂଜନ ନିମନ୍ତେ ବହୁ ଅର୍ଥ ବିନିମୟରେ ପର୍ବପର୍ବାଣି ଗୁଡ଼ିକୁ ଆକର୍ଷଣୀୟ କରିବା ପାଇଁ ପ୍ରଯତ୍ନ କରୁଥିଲେ । ଦଶହରା, ଦୋଳ, ରାମନବମୀ, କାର୍ତ୍ତିକ ପୂର୍ଣ୍ଣିମା ପ୍ରଭୃତି ପର୍ବ ଗୁଡ଼ିକ ଏହି ବଂଶର କୁଳଦେବତା ରାଧାକାନ୍ତଙ୍କର ମୁଖ୍ୟପର୍ବ ଥିଲା । ଦଶହରାରେ ଦୁଇଦିନ ଧରି ଠାକୁରଙ୍କ ସମ୍ମୁଖରେ ନାଟକ ପରିବେଷଣ କରାଯାଇଥିଲା । ଜଗନ୍ମୋହନଙ୍କ ପରିବାରର ଅଧିକାଂଶ ସଦସ୍ୟ ଏଥିରେ ଅଂଶ ଗ୍ରହଣ କରୁଥିଲେ । ନିଜେ ଜଗନ୍ମୋହନ ଏହାର ପ୍ରାଣକେନ୍ଦ୍ର ସ୍ୱରୂପ ନାଟ୍ୟାଭିନୟ ସହିତ ଘନିଷ୍ଠଭାବରେ ସଂପୃକ୍ତ ହୋଇ ପଡ଼ିଥିଲେ ।

ଜଣେ ଶିକ୍ଷିତ, ରସିକ ବ୍ୟକ୍ତି ହୋଇଥିବାରୁ ଏବଂ ଓଡ଼ିଆ ସାହିତ୍ୟ ପାଇଁ କିଛି କରିବାକୁ ସଂକଳ୍ପବଦ୍ଧ ଥିବାରୁ ସେ ପ୍ରତିବର୍ଷ ନାଟକ ଅଭିନୟ କରାଉଥିଲେ । କ୍ରମେ ପରିବାର ସଦସ୍ୟମାନଙ୍କର ପ୍ରେରଣା, ଉତ୍ସାହ, ସ୍ଥାନୀୟ ବଙ୍ଗାଳୀ ଜମିଦାରମାନଙ୍କର ସହଯୋଗ କ୍ରମେ ସେ ନିଜ ଉଦ୍ୟମରେ ଏହି ଅନୁଷ୍ଠାନଟିକୁ ବଞ୍ଚାଇ ରଖିବା ପାଇଁ ନିଜର କୁଳଦେବତା ରାଧାକାନ୍ତଙ୍କ ନାମାନୁସାରେ ଏକ ସ୍ଥାୟୀ ରଙ୍ଗମଞ୍ଚ ପ୍ରତିଷ୍ଠା କରି ୧୮୭୫ ମସିହାରେ ଏହାକୁ ଠାକୁରଙ୍କୁ ନାମରେ ଉଇଲ୍ କରିଦେଲେ ।

Digitized by srujanika@gmail.com

ଜଗନ୍ମୋହନଙ୍କ ଧାରା ପ୍ରତିଷ୍ଠିତ ରାଧାକାନ୍ତ ରଙ୍ଗମଞ୍ଚରେ ପ୍ରତିବର୍ଷ ଦୁର୍ଗାପୂଜା ଅବସରରେ ଦୁଇଟି କରି ନାଟକ ଅଭିନୀତ ହେଉଥିଲା । ଲାଲ୍ ପରିବାରର ସଦସ୍ୟମାନେ ଏଥିରେ ପୂର୍ଣ୍ଣ ସହଯୋଗ କରୁଥିଲେ । କ୍ରମେ ଜଗନ୍ମୋହନ ନିଜ ଦ୍ୱାରା ପ୍ରତିଷ୍ଠିତ "ରାଧାକାନ୍ତ ରଙ୍ଗମଞ୍ଚ"ର ଆହ୍ୱାନ ଓ ଆବେଦନକୁ ନିଜ ସୃଷ୍ଟିରେ ଜୀବନ୍ୟାସ ଦେଇଥିଲେ ଯାହା ପରବର୍ତ୍ତୀ ପର୍ଯ୍ୟାୟରେ ଓଡ଼ିଆ ନାଟ୍ୟ ଜଗତର ଆଦ୍ୟ ଓଁକାର ରୂପେ ପ୍ରତିଧ୍ୱନିତ ହୋଇଥିଲା। ଜଗନ୍ମୋହନଙ୍କ 'ବାବାଜୀ', 'ସତୀ' ଓ 'ପ୍ରୀତି' ନାଟକ ଗୁଡ଼ିକ ପ୍ରଥମେ ଏହି ରଙ୍ଗମଞ୍ଚରେ ତାଙ୍କ ପରିବାରର ସଦସ୍ୟମାନଙ୍କ ଦ୍ୱାରା ନାଟ୍ୟକାରଙ୍କ ନିର୍ଦ୍ଦେଶରେ ଅଭିନୀତ ହୋଇଥିଲା । ନାଟ୍ୟକାର ନିଜେ ଉକ୍ତ ନାଟକଗୁଡ଼ିକରେ ଯଥାକ୍ରମେ 'ବାବାଜୀ' ବଳୀବାହାବଳେନ୍ଦ୍ର ଓ ଜେନାମଣି ଭୂମିକାରେ ଅବତୀର୍ଣ୍ଣ ହୋଇ ଦର୍ଶକମାନଙ୍କୁ ମୁଗ୍ଧ କରାଇ ପାରିଥିଲେ ।

ତତ୍କାଳୀନ ଓଡ଼ିଶାର ସାମାଜିକ ଓ ଆର୍ଥନୀତିକ ପରିସ୍ଥିତିର ଜଗନ୍ମୋହନ ଲାଲଙ୍କ ବାବାଜୀ ନାଟକ କେବଳ ଏକ ନାଟ୍ୟଦୃଶ୍ୟ ସମ୍ବଳିତ ସାଧାରଣ ସାହିତ୍ୟକୃତି ନୁହେଁ, ବରଂ ଓଡ଼ିଆ ପ୍ରାଣର ଅବ୍ୟକ୍ତ ବ୍ୟଥା ବେଦନାକୁ ପ୍ରକାଶ କରିବାରେ ଏକ ପ୍ରକାରର ମାର୍ମିକ ଅଭିବ୍ୟକ୍ତି । ଏଥିରେ କୁସଂସ୍କାର ଓ ସାମାଜିକ ରକ୍ଷଣଶୀଳତା ବିରୋଧରେ ତୀବ୍ର ପ୍ରତିବାଦର ସ୍ୱର ପ୍ରକାଶିତ । ଏହି ନାଟକର ବିଷୟ ନିର୍ବାଚନ, ଚରିତ୍ର ମନୋନୟନ, ସଂଳାପ ଓ ଉନ୍ନତ ନାଟ୍ୟଶୈଳୀ ମଧ୍ୟରେ ଜଗନ୍ମୋହନଙ୍କ ଆଧୁନିକ ଦୃଷ୍ଟିଭଙ୍ଗୀର ପରିଚୟ ମିଳିଥାଏ ।

ଏହା ଏକ ଚାରିଅଙ୍କ ବିଶିଷ୍ଟ ନାଟକ । ତତ୍କାଳୀନ ଜମିଦାର ତଥା ସମାଜପତିମାନଙ୍କର ଅତ୍ୟାଚାର, ଧର୍ମନାମରେ ବ୍ୟଭିଚାର, ଅର୍ଦ୍ଧଶିକ୍ଷିତ ଯୁବକମାନଙ୍କର ବିଶୃଙ୍ଖଳା, ଗୁଣିଗାରେଡ଼ି ଇତ୍ୟାଦିର ଚିତ୍ର 'ବାବାଜୀ' ନାଟକରେ ସ୍ପଷ୍ଟ ଭାବରେ ପ୍ରତିଫଳିତ । ହାସ୍ୟ ଓ ବ୍ୟଙ୍ଗକୁ ମଧ୍ୟ ଏହି ନାଟକରେ ଯଥାଯୋଗ୍ୟ ଗୁରୁତ୍ୱ ଦିଆଯାଇଛି ।

'ବାବାଜୀ' ନାଟକର ମୁଖ୍ୟ ଚରିତ୍ର 'ବାବାଜୀ' ତତ୍କାଳୀନ ସମାଜର ନାନା ପ୍ରକାର ଦୁଷ୍କର୍ମ, ବ୍ୟଭିଚାର ଓ ନିଶାପାନଠାରୁ ଅନେକ ଦୂରରେ ଥିବା ଏକ ଆଦର୍ଶ ଚରିତ୍ର । ବୋଧହୁଏ ସନାତନ ହିନ୍ଦୁଧର୍ମ ସଂଶ୍ଳିଷ୍ଟ ପ୍ରକୃତ ସାଧୁମାନଙ୍କର କିଛିଟା ପ୍ରତିଫଳନ ଏଥିରେ ପଡ଼ିଥିବାର ଅନୁମାନ କରାଯାଏ । ଏହି ନାଟକରେ ସମାଜ ସଂସ୍କାର ମନୋବୃତ୍ତିର ପରିଚୟ ସ୍ପଷ୍ଟ । ମଧ୍ୟାହ୍ନଠାରୁ ସଂଧ୍ୟା ପର୍ଯ୍ୟନ୍ତ ସମୟ ବ୍ୟବଧାନରେ ଚାରିଗୋଟି ଅଙ୍କ ମଧ୍ୟରେ ନାଟକର ଦୃଶ୍ୟଗୁଡ଼ିକ ଦୃଶ୍ୟାୟିତ ହୋଇଛି ।

୧୮୭୭ ମସିହାରେ 'ବାବାଜୀ' ନାଟକର ପ୍ରକାଶନ ପରେ ଜଗନ୍ମୋହନ ଲାଲ 'ଉତ୍କଳ ଦୀପିକା'ରେ ବିଜ୍ଞାପନ ଦେଇ ଲେଖିଥିଲେ "ଏ ପୁସ୍ତକରେ ଜଣେ ଯଥାର୍ଥ ସାଧୁ ଚରିତ୍ର, ବାବୁ ଓ ମଠଧାରୀଙ୍କ ଆଚରଣ, ଡାହାଣୀ, ଭୂତ ଓ ଗୁଣିବିଦ୍ୟାର ପ୍ରସଙ୍ଗ, ରହସ୍ୟ ଓ ହିତକର କଥାମାନ ଅଛି ।"[୮]

'ବାବାଜୀ' ନାଟକ ପ୍ରକାଶିତ ହେବାର ନଅବର୍ଷ ପରେ ଅର୍ଥାତ୍ ୧୮୮୬ ମସିହାରେ ଜଗନ୍ମୋହନଙ୍କର ଦ୍ୱିତୀୟ ନାଟକ 'ସତୀ' ଆତ୍ମପ୍ରକାଶ କରିଥିଲା । ସାଧାରଣ ଜନତାଙ୍କର

Digitized by srujanika@gmail.com

ଅବସ୍ଥାକୁ ନେଇ ଏହି ନାଟକ ରଚନା କରାଯାଇଥିଲା । ତତ୍‌କାଳୀନ ଗଡ଼ଜାତି ଶାସନର ଅନ୍ଧବୁଝାମଣା ତଥା ଅତ୍ୟାଚାର କବଳରୁ ନିରୀହ ସାଧାରଣ ଜନତାଙ୍କୁ ରକ୍ଷା କରିବାର ମହତ୍ କଳ୍ପନା ନେଇ ହୁଏତ ଲାଲଜୀ ଏହି ନାଟକର ପରିକଳ୍ପନା କରିଥିଲେ ।

'ସତୀ' ନାଟକର ବିଷୟବସ୍ତୁ ତତ୍‌କାଳୀନ ରାଜାରାଜୁଡ଼ାଙ୍କ ପ୍ରଜାମାରଣ ନୀତି, ଗଡ଼ଜାତି ଅତ୍ୟାଚାର ଓ ନାରୀନିର୍ଯାତନାକୁ କେନ୍ଦ୍ର କରି ଗଢ଼ି ଉଠିଥିଲା । ସତେ ଯେପରି ସାମାଜିକ ତ୍ରୁଟି ବିଚ୍ୟୁତିକୁ ପ୍ରକାଶ କରିବା ପାଇଁ ସଂକଳ୍ପବଦ୍ଧ ହୋଇ ଲାଲଜୀ ଲେଖନୀ ଧାରଣ କରିଥିଲେ । କଥିତ ସମୟର ଅଶୋଭନୀୟ ପୁଲିସ ପ୍ରଶାସନ ଏବଂ ଦୁର୍ନୀତି ବ୍ୟଭିଚାରର ଏକ ନିଚ୍ଛକ ଚିତ୍ର 'ସତୀ' ନାଟକ ।

ପାଞ୍ଚଅଙ୍କ ବିଶିଷ୍ଟ ଏହି ନାଟକଟିରେ ନାଟ୍ୟକାର ଯେଉଁ ଦ୍ୱନ୍ଦ୍ୱ ଉତ୍କଣ୍ଠା ସୃଷ୍ଟି କରିଛନ୍ତି ତାହା ବାସ୍ତବରେ ଉଚ୍ଚକୋଟୀର । ବିଶେଷକରି ସଂଳାପ ସଂଯୋଜନା କଥାବସ୍ତୁ ନିର୍ମାଣ, ଚରିତ୍ର, କଳ୍ପନା, ତଥା ଦୃଶ୍ୟସଜ୍ଜା କ୍ଷେତ୍ରରେ ଏହି ନାଟକ ଏବେ ମଧ୍ୟ ଅନତିକ୍ରମ୍ୟ ହୋଇ ରହିଛି । ସୌଭାଗ୍ୟର କଥା ଯେ, 'ବାବାଜୀ' ନାଟକ ଭଳି ଏହାକୁ ଭିନ୍ନମତ ଓ ପ୍ରତିକୂଳତାର ସମ୍ମୁଖୀନ ହେବାକୁ ପଡ଼ିନାହିଁ । ସମାଲୋଚକ ଡଃ. ନଟବର ସାମନ୍ତରାୟଙ୍କ ଭାଷାରେ, "ପାଞ୍ଚ ଅଙ୍କ ଦଶ ଗର୍ଭାଙ୍କ ବିଶିଷ୍ଟ ଏହି ନାଟକଟିର ବିଷୟବସ୍ତୁ ପରିକଳ୍ପନା "ବାବାଜୀ" ଅପେକ୍ଷା ଅଧିକ ଉନ୍ନତ ଓ ନାଟକୀୟ ।"[୨୯]

ତତ୍‌କାଳୀନ ସମ୍ବାଦପତ୍ର ସମ୍ବାଦବାହିକା ଏହି ନାଟକ ସଂପର୍କରେ ଲେଖିଥିଲେ, "ଅନେକ ଦିନୁ ଆମ୍ଭେମାନେ ଗଡ଼ଜାତୀୟ କୌଣସି ଅସଭ୍ୟ ଓ ମୂର୍ଖ ରାଜାମାନଙ୍କର ସମ୍ବନ୍ଧରେ ଏହି ଜନରବ ଶୁଣି ଆସୁଥିଲୁ । ମାତ୍ର ତାହା ନିବାରଣର ଅପର କୌଣସି ଉପାୟ ନ ଦେଖି ଲାଲ୍ ସାହେବ ଯେ, ନାଟକ ପ୍ରଣୟନ ଛଳରେ ସେହି କୁରୀତିର ନିବାରଣ ବାଟ ଫିଟାଇଲେ, ଏଥି ସକାଶେ ତାଙ୍କୁ ଆମ୍ଭେମାନେ ଧନ୍ୟବାଦ ପ୍ରଦାନ କରୁଅଛୁଁ । ଅସଭ୍ୟ ନରାଧମ ସ୍ୱେଚ୍ଛାଚାରୀ ରାଜା ଏ ନାଟକ ପାଠ କଲେ ଆପଣାର ମୂର୍ଖତା ଓ କୁରୁଚିର ଉତ୍ତମ ପ୍ରତିବିମ୍ବ ପାଇ ପାରିବେ ।" [୩୦]

"ସମ୍ବାଦ ବାହିକା"ର ଉକ୍ତ ଦୃଷ୍ଟିଭଙ୍ଗୀ ଉପରେ ଆଲୋକପାତ କରିବାକୁ ଯାଇ ଆଲୋଚକ ରତ୍ନାକର ଚଇନି କହିଛନ୍ତି, "ସତୀ ନାଟକକୁ ସମାଜ ସଂସ୍କାରର ଏକ ଆୟୁଧ ରୂପେ "ସମ୍ବାଦ ବାହିକା" ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ କଳ୍ପନା କରିଛନ୍ତି ।"[୩୧]

"ଉତ୍କଳ ଦୀପିକା"ରୁ ଜଣାଯାଏ ଯେ ୧୮୯୬ ମସିହାରେ ଦୁର୍ଗାପୂଜା ସମୟରେ ଏହି ନାଟକ ନାଟ୍ୟକାରଙ୍କ ଦ୍ୱାରା ପ୍ରତିଷ୍ଠିତ "ରାଧାକାନ୍ତ ରଙ୍ଗମଞ୍ଚ'ରେ ଅଭିନୀତ ହୋଇଥିଲା ।"[୩୨] ତତ୍‌କାଳୀନ ଓଡ଼ିଶାରା ଦାରିଦ୍ର୍ୟ, ସାମାଜିକ ସ୍ଥିତି, ରଙ୍ଗମଞ୍ଚର ଅଭାବ, ଓ ପୃଷ୍ଠପୋଷକତାର ଅଭାବରୁ ଏହି ନାଟକ ବହୁବାର ପ୍ରଦର୍ଶିତ ହେବା ସୌଭାଗ୍ୟରୁ ବଞ୍ଚିତ ହୋଇଥିଲା ।

ଜଗନ୍ମୋହନ ଲାଲଙ୍କର ତୃତୀୟ ନାଟକର ଶୀର୍ଷକ 'ପ୍ରୀତି' । ଏହି ନାଟକଟି ତିନିଅଙ୍କ ବିଶିଷ୍ଟ ଏବଂ ପ୍ରତ୍ୟେକ ନାଟକରେ ଚାରୋଟି ଲେଖାଏଁ ଦୃଶ୍ୟ ରହିଛି ।

Digitized by srujanika@gmail.com

ପ୍ରୀତିର ପବିତ୍ରତା ତଥା ଶାଶ୍ୱତ ଭାବ ପ୍ରଚାର କରିବା ଏହି ନାଟକର ଉଦ୍ଦେଶ୍ୟ । ଏହି ନାଟକ ମାଧ୍ୟମରେ ସେ ସାମଜ ଜୀବନକୁ ସାମ୍ୟ, ମୈତ୍ରୀ ତଥା ପ୍ରୀତିର ଆଦର୍ଶରେ ଭରି ଦେବାକୁ ପ୍ରଚେଷ୍ଟା କରିଛନ୍ତି । "ବୃଦ୍ଧବିବାହ" ନାମକ ଅନ୍ୟ ଏକ ନାଟକ ମଧ୍ୟ ଲାଲ ମହାଶୟ ରଚନା କରିଥିବାର କୁହାଯାଉଛି । ତେବେ "ପ୍ରୀତି" ଏବଂ "ବୃଦ୍ଧବିବାହ" ଦୁଇଟିଯାକ ନାଟକ ଅଦ୍ୟାବଧି ଅପ୍ରକାଶିତ ।

ଜଗନ୍ମୋହନ ଉତ୍ତରାଧିକାରୀ ସୂତ୍ରରେ ନିଜ ଅଞ୍ଚଳ ଜମିଦାରୀର ଅଧିକାରୀ ହୋଇଥିଲେ । ସେ କାଳର ମୁଷ୍ଟିମେୟ ଉଚ୍ଚଶିକ୍ଷିତ ମଧ୍ୟରେ ସେ ଥିଲେ ଅନ୍ୟତମ । ଇଂରେଜ ସରକାରଙ୍କ ଦପ୍ତରରେ ଉଚ୍ଚ ପଦବୀରେ ଥାଇ ସେ ଅବସର ଗ୍ରହଣ କରିଥିଲେ । ସରକାରୀ ଚାକିରିରୁ ଅବସର ନେଲାପରେ ତାଙ୍କର ସାମାଜିକ, ସାମୂହିକ ଓ ମହନୀୟ ଅବଦାନ ନିମନ୍ତେ ସେ କଟକ ଜିଲ୍ଲାବୋର୍ଡ଼ର ଅନ୍ୟତମ ସଭ୍ୟ ଭାବେ ମନୋନୀତ ହୋଇ ନିଯୁକ୍ତି ପାଇଥିଲେ ।

କେବଳ ବୋର୍ଡ଼ର ସଭ୍ୟପଦ ନୁହେଁ, ସେ ମାହାଙ୍ଗା ଚୌକିଦାରୀ ପଞ୍ଚାୟତର ପ୍ରେସିଡେଣ୍ଟ ମଧ୍ୟ ଥିଲେ । ପଞ୍ଚାୟତର ପ୍ରେସିଡେଣ୍ଟ ଭାବରେ ଡାକ୍ତରଖାନା ପ୍ରତିଷ୍ଠା, ବିଦ୍ୟାଳୟର ଉନ୍ନତି, ଗମନାଗମନର ସୁବ୍ୟବସ୍ଥା କରିବା ସହ ଜନସାଧାରଣଙ୍କ ମଧ୍ୟରେ ସଂପ୍ରୀତି ଓ ସଂହତି ରକ୍ଷା ପାଇଁ ଉଦ୍ୟମ କରୁଥିଲେ । ଯେଉଁ କେତେଜଣ ଓଡ଼ିଆ କଟକର ପ୍ରଥମ ନିର୍ବାଚିତ ପୌର ପରିଷଦର ସଦସ୍ୟ ହୋଇଥିଲେ, ସେମାନଙ୍କ ମଧ୍ୟରେ ଜଗନ୍ମୋହନ ଲାଲ ଅନ୍ୟତମ ।

ବହୁମୁଖୀ ପ୍ରତିଭାର ଅଧିକାରୀ ଜଗନ୍ମୋହନ ସାମାଜିକ ସଂଗଠନ ସହିତ ଯେପରି ସଂଯୁକ୍ତ ଥିଲେ, ସାରସ୍ୱତ ସଂଗଠନରେ ମଧ୍ୟ ସେ ଥିଲେ ଅଗ୍ରଣୀ । କଟକ ସ୍ଥିତ ଉତ୍କଳ ସଭାର ସେ ଥିଲେ ସକ୍ରିୟ ସଦସ୍ୟ ଓ କଟକ ପ୍ରିଣ୍ଟିଂ କମ୍ପାନୀର ସେ ଥିଲେ ଅନ୍ୟତମ ଡିରେକ୍ଟରର । ଉତ୍କଳ ଗୌରବ ମଧୁସୂଦନଙ୍କ ସହ ତାଙ୍କର ଘନିଷ୍ଠ ସମ୍ପର୍କ ମଧ୍ୟ ଥିଲା ।

ନିଜ ଚାକିରିକାଳରେ ଜଣେ ସାଧୁ, ସଚ୍ଚୋଟ, କର୍ମଚାରୀ ଭାବରେ ସମଗ୍ର ଓଡ଼ିଶାରେ ପ୍ରଶଂସାର ପାତ୍ର ଥିଲେ ଜଗନ୍ମୋହନ । ତାଙ୍କର କାର୍ଯ୍ୟଦକ୍ଷତା, ସଚ୍ଚୋଟପଣିଆ ଓ ବନ୍ଧୁ ବତ୍ସଳଭାବ ଅନନ୍ୟ ଥିଲା । ଦୀର୍ଘଦିନ କାର୍ଯ୍ୟକାଳ ଶେଷରେ ଚାକିରିରୁ ଅବସର ନେବା ସମୟରେ ଅନେକ କର୍ମଚାରୀ ସେଥିପାଇଁ ତାଙ୍କର ଅନୁପସ୍ଥିତି ଜନିତ ଦୁଃଖ ଅନୁଭବ କରିଥିଲେ । "ଉତ୍କଳ ଦୀପିକା"ରେ ସେ ସଂପର୍କରେ ପ୍ରକାଶିତ ହୋଇଥିଲା: "ଏଠା କଲେକ୍ଟରୀ ସିରସ୍ତାଦାର ବାବୁ ଜଗନ୍ମୋହନ ପେନ୍‌ସନ ନେବା ନିମନ୍ତେ ଗତ ବୁଧବାର କାର୍ଯ୍ୟରୁ ଅବସର ଗ୍ରହଣ କଲେ... । ବାବୁ ଜଗନ୍ମୋହନ ଲାଲ୍‌ଙ୍କ କାର୍ଯ୍ୟକାଳ ଶେଷ ହେବା ସାଧାରଣ ଦୁଃଖର ବିଷୟ ଅଟେ । କାରଣ ତାହାଙ୍କ ପରି ଜଣେ ବୁଦ୍ଧିମାନ, ବହୁଦର୍ଶୀ, ଧର୍ମପରାୟଣ, ସଚ୍ଚରିତ୍ର କର୍ମଚାରୀ ସହଜରେ ମିଳିବାକୁ କଠିନ । ସରକାର ଇଚ୍ଛା କଲେ ତାହାଙ୍କୁ ଆଉ କିଛିଦିନ ରଖିପାରି ଥାଆନ୍ତେ ଏବଂ ତଦ୍ଦ୍ୱାରା ଲୋକ ସାଧାରଣଙ୍କର ବହୁ ଉପାକର ହୋଇଥାଆନ୍ତା । କାରଣ ବର୍ତ୍ତମାନ ସମୟର ବନ୍ଦୋବସ୍ତ ଘଟିତ ନାନା ପ୍ରଶ୍ନ ମୀମାଂସା କରିବାର ଆବଶ୍ୟକ ହେଉଥିବାରୁ ତାହାଙ୍କର

Digitized by srujanika@gmail.com

ବହୁମୂଲ୍ୟ ରାଜସ୍ୱ ବିଭାଗୀୟ ବହୁଦର୍ଶିତା ବଡ଼ କାର୍ଯ୍ୟରେ ଲାଗନ୍ତା । ସରକାରଙ୍କ କାର୍ଯ୍ୟ ଅଟକି ରହିବ ନାହିଁ । ମାତ୍ର ଜମିଦାର ମାମଲତକାର ପ୍ରଭୃତି କିଛିକାଳ ଏହାଙ୍କୁ ଝୁରିବେ ।"[୩୨]

କାର୍ଯ୍ୟ କରିବା ଅବସରରେ ଜଗନ୍ମୋହନ ନିଜର ଆନ୍ତରିକତାପୂର୍ଣ୍ଣ ବ୍ୟବହାର ଦ୍ୱାରା ଅନ୍ୟମାନଙ୍କୁ ଆପଣାର କରି ନେଉଥିଲେ ଏବଂ ଅଧୀନ ଅମଲାମାନଙ୍କୁ ଭାଇତୁଲ୍ୟ ଜ୍ଞାନ କରି ଆବଶ୍ୟକ ସାହାଯ୍ୟ ଓ ପରାମର୍ଶ ପ୍ରଦାନ କରୁଥିଲେ । ସେଥିପାଇଁ ତାଙ୍କର ଅବସର ଗ୍ରହଣ ପରେ ତାଙ୍କର ସହକର୍ମୀ ଏବଂ ଅଧୀନ ଅମଲାମାନେ ତାଙ୍କର ଅଭାବ ଅନୁଭବରେ ଅତିଶୟ ବ୍ୟଥିତ ହୋଇ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାର ଆୟୋଜନ କରିଥିଲେ । ଏହି ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ କଟକର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦାନ କରିଥିଲେ । ଡେପୁଟୀ ମାଜିଷ୍ଟ୍ରେଟ୍ ଗୋପାଳ ବଲ୍ଲଭ ଦାସ, ଜଗନ୍‌ମୋହନ ରାୟ, ରାମଶଙ୍କର ରାୟ ପ୍ରମୁଖ ବ୍ୟକ୍ତିମାନେ ଯୋଗଦେଇ ଲାଲ୍‌ଙ୍କ ପ୍ରତି ତାଙ୍କର ଶ୍ରଦ୍ଧା ଓ ସମ୍ମାନ ନିବେଦନ କରିଥିଲେ ।

ବାସ୍ତବପକ୍ଷେ ଦେଖିବାକୁ ଗଲେ ସେତେବେଳକାର ସାମାଜିକ ବ୍ୟବସ୍ଥାରେ ଏପରି ଏକ ସଭା ଥିଲା ଅଭୂତପୂର୍ବ । କୌଣସି ବ୍ୟକ୍ତି ପ୍ରତି ଅନ୍ତରର ଗଭୀରତମ ପ୍ରଦେଶରୁ ଆନ୍ତରିକ ଶ୍ରଦ୍ଧା ଓ ସମ୍ମାନ ହିଁ ଏହାର ଉପଯୁକ୍ତ ନିଦର୍ଶନ । ଜଗନ୍ମୋହନଙ୍କର ସେଦିନର ରୁଦ୍ଧ କଣ୍ଠର ବକ୍ତବ୍ୟ ଥିଲା, ଆବେଗପୂର୍ଣ୍ଣ ଓ ଆନ୍ତରିକ ଶବ୍ଦରେ ଭରପୂର । 'ଉତ୍କଳ ଦୀପିକା'ରେ ପ୍ରକାଶିତ ସମ୍ବାଦ ଅନୁଯାୟୀ, "ଲାଲ୍ ଜଗନ୍ମୋହନ ପୁଷ୍ପମାଳାରେ ଆବୃତ ଥାଇ ଗାତ୍ରୋତ୍‌ଥାନ ପୂର୍ବକ ବନ୍ଧୁମାନଙ୍କ ବ୍ୟଥାରେ ବ୍ୟଥିତ ଥିବାର ପ୍ରକାଶ କଲେ ଏବଂ ସେ ଏତେ ସମ୍ମାନର ଯୋଗ୍ୟ ବୋଲି ମନେ ସୁଦ୍ଧା କରି ନଥିଲେ । ତାଙ୍କର କାର୍ଯ୍ୟରେ ସାଧାରଣ ପ୍ରୀତ ଥିବାର ଜ୍ଞାତ ହୋଇ ସେ ଆପଣାକୁ ଧନ୍ୟ ମନେ କରିଥିଲେ ଓ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ସେ କହିଲେ ଯେ, ସରକାରୀ କାର୍ଯ୍ୟରେ ଥାଇ ସେ କେବଳ କର୍ତ୍ତବ୍ୟ କରି ଅଛନ୍ତି ଏବଂ ସାଧାରଣ ପ୍ରୀତ ଥିବା କେବଳ ସାଧାରଣଙ୍କ ଅନୁଗ୍ରହ ।[୩୩]

ଚାକିରିରୁ ଅବସର ଗ୍ରହଣ କରିବା ପରେ ଜଗନ୍ମୋହନ ୧୮୯୪ ମସିହା ଡିସେମ୍ବର ମାସରେ କଟକ ଜିଲ୍ଲାର ଦର୍ପଣ କିଲ୍ଲାର ମ୍ୟାନେଜର ରୂପେ ୧୮୯୬ ମସିହା ଅକ୍ଟୋବର ପ୍ରାୟ ଦୁଇବର୍ଷ ପର୍ଯ୍ୟନ୍ତ ଶହେଟଙ୍କା ଦରମାରେ ନିଯୁକ୍ତି ପାଇଥିଲେ । ପରେ ସେ ନିଜ ଗ୍ରାମରେ ଜମିଦାରୀ ପରିଚାଳନା ଆଦି କରିବା ସହ ପାରିବାରିକ କର୍ତ୍ତବ୍ୟ, ସାମାଜିକ ଓ ସାଂସ୍କୃତିକ ଆଦି ଅନେକ କାର୍ଯ୍ୟରେ ପରୋକ୍ଷ ବା ପ୍ରତ୍ୟକ୍ଷ ଭାବରେ ଜଡ଼ିତ ହୋଇ ପଡ଼ିଥିଲେ । ପରେ ୧୮୯୮-୯୯ରେ ଭିଙ୍ଗାରପୁର ଜମିଦାରଙ୍କ ମ୍ୟାନେଜର ପଦବୀରେ ସେ କିଛିଦିନ କାର୍ଯ୍ୟ କରି ଆପଣାର ଦକ୍ଷତା ପ୍ରତିପାଦନ କରିପାରିଥିଲେ ।

Digitized by srujanika@gmail.com

ମହାପ୍ରସ୍ଥାଣ :

ଜରା ବ୍ୟାଧି, ଜଗନ୍ମୋହନଙ୍କ ଭଳି ଜଣେ କର୍ମଚଞ୍ଚଳ ମଣିଷଙ୍କୁ ଆକ୍ରାନ୍ତ କରି ପାରି ନଥିଲା । ସାମାନ୍ୟ ଥଣ୍ଡା, ଜ୍ୱର ଓ କାଶ ରୋଗରେ ଆକ୍ରାନ୍ତ ହୋଇ ଏଇ ସାରସ୍ୱତ ସାଧକ, କରିତ୍‌କର୍ମା ପୁରୁଷ ଜଗନ୍ମୋହନ ଲାଲ ଅବଶ ହୋଇ ପଡ଼ିଲେ । ଡାକ୍ତରମାନଙ୍କ ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ ୧୯୧୩ ମସିହା ଡିସେମ୍ବର ୨୬ ତାରିଖ ଦିନ ସାଢ଼େ ବାରଟାରେ ସେ ଚିର ନିଦ୍ରାରେ ଶୋଇଗଲେ । ଏକ କର୍ମବହୁଳ ଜୀବନର ଅବସାନ ଘଟିଲା । ତାଙ୍କ ମୃତ୍ୟୁ ସମ୍ବାଦ ପ୍ରଚାରିତ ହେବା କ୍ଷଣି ସାରସ୍ୱତ ମହଲ ସମେତ ସାରା ଓଡ଼ିଶାରେ ଶୋକର ଛାୟା ଖେଳିଗଲା । ତାଙ୍କ ମୃତ୍ୟୁ ସମ୍ବାଦ ପ୍ରକାଶିତ କରି 'ଉତ୍କଳ ଦୀପିକା' ଲେଖିଥିଲା, "ନବବର୍ଷରେ ଆମ୍ଭମାନଙ୍କୁ ଏକ ହୃଦୟବିଦାରକ ଦୁଃଖ ସମ୍ବାଦ ଦେବାକୁ ପଡ଼ିଲା । ଆମ୍ଭମାନଙ୍କ ପରମବନ୍ଧୁ ଓ କଟକ ପ୍ରିଣ୍ଟିଂ କମ୍ପାନୀର ଡାଇରେକ୍‌ଟର ଓ ଓଡ଼ିଶାର ହିତାକାଂକ୍ଷୀ ବାବୁ ଜଗନ୍ମୋହନ ଲାଲ ଆଉ ଇହ ସଂସାରରେ ନାହାନ୍ତି । ଗତ ମାସ ଛବିଶ ତାରିଖ ଦିନ ସାଢ଼େ ବାରଘଣ୍ଟା ସମୟରେ ତାଙ୍କର ଜନ୍ମଭୂମି ମାହାଙ୍ଗା ଗ୍ରାମରେ ଜ୍ୱର ରୋଗରେ ମାତ୍ର ପାଞ୍ଚ-ଛଅ ଦିନ ଆକ୍ରାନ୍ତ ହୋଇ କ୍ଷଣଭଙ୍ଗୁର ଦେହ ପରିତ୍ୟାଗ କରି ସ୍ୱର୍ଗଧାମକୁ ଚାଲିଗଲେ ଏବଂ ଆମ୍ଭମାନଙ୍କୁ ଏ ଦାରୁଣ ସମ୍ବାଦ ଜଣାଇବାକୁ ହେଲା । ସାମାନ୍ୟ ଜ୍ୱର ଓ କାଶ ଆରମ୍ଭ ହେବାରୁ ଡାକ୍ତର ଓ କବିରାଜମାନେ ଯେତେ ପ୍ରକାର ଚେଷ୍ଟା କଲେ ସୁଦ୍ଧା କିଛି ଫଳ ହେଲା ନାହିଁ । ମୃତ୍ୟୁର ଦୁଇଦିନ ପୂର୍ବରୁ ସେ ଔଷଧ ଖାଇବାକୁ ନିଷେଧ କରିଦେଇ ଶେଷ ପର୍ଯ୍ୟନ୍ତ ଈଶ୍ୱରଙ୍କ ନାମ କହୁଥିଲେ, "ହରି ନଓ ହେ କୋଳେ, ଅନ୍ତିମ କାଳେ ତବ ଅଧମ ସନ୍ତାନେ" ଏହି ପଦଟି ତାଙ୍କର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ମୁଖରୁ ବାହାରୁ ଥିଲା । ମୃତ୍ୟୁର ଏକଦିନ ପୂର୍ବରୁ ସେହି ଗ୍ରାମ ନିବାସୀ ବାବୁ ସୀତାନାଥ ରାୟଙ୍କୁ ଡକାଇ ତାଙ୍କ ସହିତ ଅନେକ ଦିନରୁ ଥିବା ମନୋମାଳିନ୍ୟ ଦୂର କରିବାକୁ ପ୍ରାର୍ଥନା କଲେ ଏବଂ ତାଙ୍କୁ ଆଶୀର୍ବାଦ କରି ତାଙ୍କଠାରୁ ବିଦାୟ ଦେଲେ । ମୃତ୍ୟୁ ପରେ ବିଧିମତେ ତାଙ୍କ ମୃତ୍ୟୁଶଯ୍ୟାରେ ଶୟନାବସ୍ଥାର ଫଟୋ ନିଆଯାଇ ଶବ ଶ୍ମଶାନକୁ ଯିବାବେଳେ ସେଠା ଗ୍ରାମ ଓ ନିକଟବର୍ତ୍ତୀ ଗ୍ରାମମାନଙ୍କର ଆବାଳବୃଦ୍ଧବନିତା ପ୍ରାୟ ଦୁଇ ହଜାର ଲୋକ ଶବ ଚତୁଃପାର୍ଶ୍ୱରେ ଘେରି ହରିବୋଲ ଓ ସ୍ତ୍ରୀଲୋକମାନେ ହୁଳହୁଳି ଓ ହରି ସଂକୀର୍ତ୍ତନ ଦଳ ସେମାନଙ୍କର ସଂକୀର୍ତ୍ତନ ବାଦ୍ୟ କରି ଶ୍ମଶାନରେ ପହଞ୍ଚାଇଥିଲେ । ଏହି ଘଟନାରୁ ସେ କିପରି ଆଦରଣୀୟ ଲୋକ ଥିଲେ, ତାହା ଭଲ ବୁଝା ଯାଉଛି । ବାସ୍ତବିକ୍ ଭାଗବତରେ ଯାହା ଅଛି, "ପ୍ରାଣୀର ଭଲ ମନ୍ଦ ବାଣୀ, ମରଣକାଳେ ତାହା ଜାଣି ।" ତାହା ଏହାଙ୍କ ଠାରେ ପ୍ରତ୍ୟକ୍ଷ ହେଲା ।"[୩୪]

କେବଳ ମୃତ୍ୟୁ ସମ୍ବାଦ ନୁହେଁ, ଏଥିରେ ତାଙ୍କର ସାହିତ୍ୟ ସାଧନାର ପରିଚୟ ସହିତ ବ୍ୟକ୍ତିତ୍ୱର ମଧ୍ୟ ଉଚ୍ଚ ପ୍ରଶଂସା କରାଯାଇଥିଲା । ଲାଲ ସାହେବ କେବଳ ଜଣେ ଲେଖକ ଥିଲେ ନୁହେଁ, ସେ ଦେଶ ହିତୈଷୀ, ପରୋପକାରୀ, ବିନୟୀ, ଶିଷ୍ଟାଳାପୀ, ସତ୍ୟବାନ ଇତ୍ୟାଦି ବହୁ ସଦ୍‌ଗୁଣରେ ଭୂଷିତ ଥିଲେ । ସରକାରୀ କାର୍ଯ୍ୟରୁ ବିଦାୟ

Digitized by srujanika@gmail.com

ନେଇ ଦେଶ ହିତକର କାର୍ଯ୍ୟରେ ସର୍ବଦା ବ୍ୟାପୃତ ଥିଲେ । ସେ ଉକ୍ତ ଅଞ୍ଚଳର ମ୍ୟୁନିସିପାଲିଟି, ଲୋକାଲ ଓ ଜିଲ୍ଲା ବୋର୍ଡ଼ର ମେମ୍ବର, ଚୌକିଦାରୀ ପଞ୍ଚାୟତ, ପ୍ରେସିଡେଣ୍ଟ, ରାଜସୁଙ୍ଗୁଡ଼ା ଡାକ୍ତରଖାନାର ମେମ୍ବର ଇତ୍ୟାଦି ନାନାବିଧ ଅବୈତନିକ କାର୍ଯ୍ୟକରି ଯଶସ୍ୱୀ ହୋଇଅଛନ୍ତି । ବୟସ ପାଖାପାଖି ପଞ୍ଚସ୍ତରୀ ବର୍ଷ ହୋଇଥିଲେ ସୁଦ୍ଧା ଜନହିତକର କାର୍ଯ୍ୟରୁ ସେ ବିଦାୟ ନେଇ ନ ଥିଲେ ।

'ଉତ୍କଳ ସାହିତ୍ୟ'ର ସମ୍ପାଦକ ବିଶ୍ୱନାଥ କର ତାଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରି ଲେଖିଥିଲେ, "ସ୍ୱର୍ଗୀୟ ଜଗନ୍ମୋହନ ଲାଲ - ପ୍ରାଚୀନ ଗୋଟିଏ ଶ୍ରେଣୀ ଉତ୍କଳରୁ କ୍ରମେ ବିଲୁପ୍ତ ହୋଇ ଯାଉଛି । ଏତେ ଶିକ୍ଷାର ପ୍ରସାର ଏବଂ ଅନୁଷ୍ଠାନ ସଭା ସମିତିର ବହୁଳତା ସତ୍ତ୍ୱେ ସେ ଶ୍ରେଣୀର ଲୋକ ଆଉ ପ୍ରାୟ ଦୃଷ୍ଟିଗୋଚର ହେଉ ନାହାନ୍ତି । ସ୍ୱର୍ଗୀୟ ଜଗନ୍‌ମୋହନ ଲାଲ ମହାଶୟ ଜଣେ ସେହି ଶ୍ରେଣୀର ଲୋକ ଥିଲେ । ସୁଦୀର୍ଘ କାଳ ଆମ୍ଭେମାନେ ତାଙ୍କ ସହିତ ପରିଚିତ ଥାଇ ନାନା ଭାବରେ ତାଙ୍କ ସଂସର୍ଗ ଲାଭ କରି ତାଙ୍କ ଚରିତ୍ରରେ ଯେଉଁ ସୁଗୁଣରାଶି ପ୍ରତ୍ୟକ୍ଷ କରିଥିଲୁ, ସେହିପରି ଗୋଟିଏ ସହଜ, ସୁନ୍ଦର, ସତେଜ ମନୁଷ୍ୟତ୍ୱର ପରିଚୟ ପାଇଥିଲୁ, ସାଧୁତା, ନିର୍ଭୀକତା, ମନସ୍ୱୀତା ସ୍ପଷ୍ଟବାଦିତା ଓ କର୍ମଠତାରେ ଯେଉଁ ଉନ୍ନତ ଦୃଷ୍ଟାନ୍ତ ପାଇଥିଲୁ, ତାହା ଆଧୁନିକ ଉତ୍କଳରେ ବଡ଼ ବିରଳ । xxx ଲାଲ ସାହେବ ଜଣେ ଯଥାର୍ଥ କର୍ମୀପୁରୁଷ ଥିଲେ - କର୍ତ୍ତବ୍ୟକୁ ଦେବତାର ଆସନରେ ବସାଇ ଚିରଦିନ ପୂଜା କରି ଆସିଛନ୍ତି । ବାକ୍ୟ ଏବଂ କାର୍ଯ୍ୟକୁ ସେ ଜୀବନରେ ଏକ ବ୍ରତ କରିଥିଲେ - ସତ୍ୟପଥ, ନ୍ୟାୟପଥ ଅନୁସରଣ କରିବାକୁ ଯାଇ କାହାରିକୁ ଅପେକ୍ଷା କରୁ ନଥିଲେ, ସେହି ହେତୁ ପଲ୍ଲୀ ଗ୍ରାମରେ ଥାଇ ପ୍ରବଳ ପ୍ରତିଦ୍ୱନ୍ଦ୍ୱୀ ସମ୍ମୁଖରେ ସ୍ୱୀୟ ବିଧବା କନ୍ୟାର ପୁନର୍ବିବାହ ଦେବାକୁ ତିଳେ ମାତ୍ର କୁଣ୍ଠିତ ନ ଥିଲେ । ଏହା ସାମାନ୍ୟ ବୀରତ୍ୱ ନୁହେଁ । ସାହିତ୍ୟ କ୍ଷେତ୍ରରେ ତାଙ୍କର କୃତିତ୍ୱ ଊଣା ନୁହେଁ । ଉତ୍କଳର ନାଟ୍ୟ ସାହିତ୍ୟ ତାଙ୍କର 'ବାବାଜୀ" ନାଟକ ଓ 'ସତୀ' ନାଟକ ଅପେକ୍ଷା ଯେ ବେଶି ଉପରକୁ ଉଠି ଅଛି, ତାହା ମନେ ହେଉ ନାହିଁ । ହାୟ ! ଉତ୍କଳ ଏହିପରି ବହୁ ସଂଖ୍ୟକ ଖାଣ୍ଟି ମନୁଷ୍ୟ କେବେ ପ୍ରସବ କରିବ ?"

ଜଗନ୍ମୋହନ ଲାଲ ଯେଉଁ ସମୟରେ ଜନ୍ମ ହୋଇଥିଲେ, ସେ ସମୟ ଥିଲା, ପାରମ୍ପରିକ ତଥା ଆଧୁନିକ ଯୁଗର ଏକ ଅନ୍ତର୍ବର୍ତ୍ତୀ ସଂଘର୍ଷପୂର୍ଣ୍ଣ କାଳ । ଏହି କାଳର ସାମାଜିକ ରାଜନୀତିକ ତଥା ଆଧ୍ୟାତ୍ମିକ ପରିବର୍ତ୍ତନରେ ନୂତନ ସହିତ ପୁରାତନର ଯେଉଁ ସଂଘର୍ଷ ହେଉଥିଲା, ଜଗନ୍ମୋହନଙ୍କ ଚେତନାରେ ତାହା ସଂସ୍କାରର ମାର୍ଗ ଖୋଲୁଥିଲା । ସେହି ଦୂରଦ୍ରଷ୍ଟା ଚିନ୍ତାନାୟକ ତେଣୁ ଓଡ଼ିଆ ଭାଷାର ଆଦି ନାଟ୍ୟକାର ରୂପେ ଆବିର୍ଭୂତ ହେଲେ । ଫଳସ୍ୱରୂପ ନିଜସ୍ୱ ନାଟ୍ୟକୃତିଗୁଡ଼ିକର ଚରିତ୍ରମାନଙ୍କ ମଧ୍ୟରେ ସାମାଜିକ କୁସଂସ୍କାର, ଅନ୍ଧବିଶ୍ୱାସ, ଅନ୍ୟାୟ, ଅନୀତି ଓ ବ୍ୟଭିଚାର ବିରୋଧରେ ସ୍ପଷ୍ଟ ସ୍ୱର ଉତ୍ତୋଳନ କରି ଇତିହାସ ପୃଷ୍ଠାରେ ଜଣେ ଅତୁଳନୀୟ ସ୍ରଷ୍ଟାର ପରିଚୟ ପ୍ରଦାନ କରିଗଲେ ।

◆◆◆

Digitized by srujanika@gmail.com

ଚତୁର୍ଥ ଅଧ୍ୟାୟ
ଜଗନ୍ମୋହନଙ୍କ କୃତି ଓ କୀର୍ତ୍ତି

ଜଗନ୍ମୋହନ ଆଧୁନିକ ଓଡ଼ିଆ ନାଟ୍ୟ ସାହିତ୍ୟ ପ୍ରଥମ ସୂର୍ଯ୍ୟରଶ୍ମି । ଜଣେ ନାଟ୍ୟ ସ୍ରଷ୍ଟା ହିସାବରେ ତାଙ୍କର ସାମାଜିକ ସଚେତନତା ତାଙ୍କ ନାଟକୀୟ କାହାଣୀ ନିର୍ବାଚନରୁ ସହଜରେ ସ୍ପଷ୍ଟ ହୋଇଥାଏ । ଲାଲଜୀ ଯେତେବେଳେ ଲେଖନୀ ଚାଳନା କରିଥିଲେ ତାହା ଥିଲା ଲୀଳା, ଯାତ୍ରା, ସୁଆଙ୍ଗ ଓ ତାମ୍‌ସାର ଯୁଗ । ଏତେବେଳେ ଭାଷା ବିଲୋପ ଆନ୍ଦୋଳନକୁ ପ୍ରତିହତ କରି ଓଡ଼ିଆ ଭାଷା ବଞ୍ଚିବାକୁ ପ୍ରାଣପଣେ ପ୍ରଚେଷ୍ଟା କରୁଥିଲା । ଓଡ଼ିଶାର ତଦାନୀନ୍ତନ ସାରସ୍ୱତ ମହଲର ଉଦ୍ୟମ କ୍ରମେ କିଛି ପାଠ୍ୟ ପୁସ୍ତକ ଆତ୍ମପ୍ରକାଶ କରିବାକୁ ପ୍ରସ୍ତୁତ ହେଉଥିଲା । ଏପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଯେଉଁ ଗୁରୁଦାୟିତ୍ୱ ବହନ କରି ଜଗନ୍ମୋହନ ନିଷ୍ପେଷିତ ଜନ ସମାଜକୁ ନୂତନ ଦିଗ୍‌ଦର୍ଶନ ଦେଇ ଲେଖନୀ ଚାଳନା କରିଥିଲେ, ତାହା ବାସ୍ତବରେ ଅତୁଳନୀୟ । ମଧୁସୂଦନ, ରାଧାନାଥ, ଫକୀରମୋହନଙ୍କ ପ୍ରତିଭାବନ୍ତ ପରି ସ୍ରଷ୍ଟାମାନେ ସେତେବେଳକୁ ଓଡ଼ିଆ ସାହିତ୍ୟକ୍ଷେତ୍ରକୁ ପ୍ରବେଶ କରିନଥିଲେ ।

ଦାୟିତ୍ୱସମ୍ପନ୍ନ ସ୍ରଷ୍ଟାଟିଏ କେବଳ ସାମାଜିକ ଜୀବନର ଚିତ୍ରକର ଭୂମିକା ତୁଲାଏ ନାହିଁ, ନୂତନ, ସାମାଜିକ ଚେତନା ସୃଷ୍ଟି କରିବା ପାଇଁ ସର୍ବଦା ଆଗଭର ହୁଏ । ସୃଷ୍ଟି ମାଧ୍ୟମରେ ସାମାଜିକ ସମସ୍ୟା ଗୁଡ଼ିକରେ ସମାଧାନ ନିମନ୍ତେ ପ୍ରଯତ୍ନ କରିଥାଏ । ସାହିତ୍ୟ ହେଉଛି, ଦେଶ, କାଳ, ପାତ୍ର ଏବଂ ଭାଷାନୁଯାୟୀ ମନୁଷ୍ୟ ସମାଜର କ୍ରିୟା କଳାପର ରସସିକ୍ତ ରୂପ । ଡଃ. ଅସିତ କବିଙ୍କ ଭାଷାରେ, "ସାହିତ୍ୟର ରସ ସମ୍ପଦ ହିଁ ବ୍ୟକ୍ତି ପାଇଁ ସବୁକିଛି ନୁହେଁ । ବ୍ୟକ୍ତି ନିକଟରେ ସାହିତ୍ୟ ଏକ ମୁକୁର - ଯେଉଁ ମୁକୁରରେ ସେ ମଣିଷ ଜାତିର ଯୁଗ ଯୁଗର, କାଳ କାଳର ଅଲିଖିତ ଇତିହାସର ପ୍ରାଣସ୍ରୋତକୁ ନିରୀକ୍ଷଣ କରିପାରେ । ପୁଣି କେବଳ ସାହିତ୍ୟକୁ ଉପଜୀବ୍ୟ ଯୋଗାଇଦେବାରେ ସାହିତ୍ୟ ଓ ସମାଜର ସଂପର୍କ ସୀମିତ ନୁହେଁ । ଯୁଗେ ଯୁଗେ ବାଞ୍ଛିତ ସାମାଜିକ ବିପ୍ଳବ ପାଇଁ ସାହିତ୍ୟ ଅନୁକୂଳ ବାତାବରଣ ସୃଷ୍ଟି କରିଛି । ସାହିତ୍ୟ କେବଳ ସାମାଜିକ ରୀତିନୀତି, ଚଳଣି ଓ ଆଭିମୁଖ୍ୟର ଅକପଟ ଚିତ୍ରପଟ ନୁହେଁ । ଅଧିକନ୍ତୁ ଏହା ଏ ସକଳର ବାଞ୍ଛିତ ସଂସ୍କାର ମଧ୍ୟ ଆନୟନ କରିଥାଏ । ବ୍ୟକ୍ତି ଓ ସମାଜ କେବଳ ସାହିତ୍ୟରେ ନିଜ ନିଜ ପ୍ରତିବିମ୍ବ ଦେଖି ନ ଥାନ୍ତି - ନିଜ ନିଜକୁ ସୁନ୍ଦରତର କରିବାର ପ୍ରେରଣା ମଧ୍ୟ ପାଇଥାନ୍ତି ।"[୩୬]

Digitized by srujanika@gmail.com

ଜଗନ୍ମୋହନ ଲାଲଙ୍କ ଯୁଗାନ୍ତକାରୀ ନାଟକ 'ବାବାଜୀ' ଏହିପରି ତତ୍କାଳୀନ ପରିସ୍ଥିତିରେ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା । କାରଣ ଏହାର ସ୍ରଷ୍ଟା ଜଗନ୍ମୋହନ ଲାଲ ପାରଂପରିକ ଲୀଳା, ଯାତ୍ରା, ସୁଆଙ୍ଗର ପୃଷ୍ଠଭୂମି ଛାଡ଼ି ଆଧୁନିକତା ଆଡ଼କୁ ସିଧାସଳଖ ଲମ୍ଫ ପ୍ରଦାନ କରିଥିଲେ । ସମଗ୍ର ଓଡ଼ିଆ ସାହିତ୍ୟ ଜଗତରେ ରେନେସାଁର ଆଦ୍ୟ ଝଙ୍କାର ସୃଷ୍ଟି କରିଥିଲେ । ଏହି ନାଟକ ମାଧ୍ୟମରେ ମଧ୍ୟଯୁଗୀୟ ବିଶ୍ୱାସ, ମୂଲ୍ୟବୋଧ ତଥା ଅଂଧକାର ମଧ୍ୟରୁ ମନୁଷ୍ୟକୁ ମୁକ୍ତ କରି ଆଧୁନିକତାର ଅସାମାନ୍ୟ ବକ୍ତବ୍ୟ ଶୁଣାଇଥିଲେ ।

'ବାବାଜୀ' ନାଟକ :

ଜଗନ୍ମୋହନ ଲାଲ କୃତ ପ୍ରଥମ ନାଟକ 'ବାବାଜୀ' ୧୮୭୭ ମସିହାରେ ପ୍ରକାଶିତ ହୋଇଥିଲା । ଏହି 'ବାବାଜୀ' ନାଟକକୁ ଆଦି ନାଟକ ଏବଂ ଜଗନ୍ମୋହନଙ୍କୁ ଆଦି ନାଟ୍ୟକାରର ଗୌରବ ମିଳିବା ସଂପର୍କରେ ସମସ୍ତ ବିପକ୍ଷ ଏବଂ ସପକ୍ଷ ମତାମତ ବିଶ୍ଳେଷଣ ପୂର୍ବକ ବିଶଦ ଭାବରେ ଆଲୋଚନା କରି ବିଶିଷ୍ଟ ସାହିତ୍ୟିକ ତଥା ସମାଲୋଚକ ଡକ୍ଟର ରତ୍ନାକର ଚଇନି ନିଜସ୍ୱ ନିର୍ଯ୍ୟାସରେ କହିଛନ୍ତି, "ପ୍ରତି ମନୁଷ୍ୟଠାରେ ଯେପରି କେତେକ ଦୋଷ ଦୁର୍ବଳତା ଥିବା ସତ୍ତ୍ୱେ ତାକୁ ମନୁଷ୍ୟ ବୋଲି କୁହାଯାଉଛି, ସେହିପରି ବାବାଜୀ ନାଟକର ଦୋଷତ୍ରୁଟି ସତ୍ତ୍ୱେ ତାହାକୁ ନାଟକର ସମ୍ମାନ ଦେବାରେ ଆପତ୍ତି କରିବା ଉଚିତ ନୁହେଁ । ଏହା ଦୋଷ ଦୁର୍ବତଳତାଯୁକ୍ତ ହେଲେ ମଧ୍ୟ ଓଡ଼ିଆ ନାଟ୍ୟସାହିତ୍ୟର ପ୍ରଥମ ସୃଷ୍ଟି । ଏହା ସର୍ବାଙ୍ଗ ସୁନ୍ଦର ହୋଇନପାରେ, ତଥାପି ଏହା ଓଡ଼ିଆ ନାଟ୍ୟ ସାହିତ୍ୟର ପ୍ରଥମ ସନ୍ତାନ ।"[୩୭]

ବାବାଜୀ ନାଟକକୁ ପ୍ରଥମ ନାଟକ ଭାବରେ ସ୍ୱାଗତ କରି କବିଚନ୍ଦ୍ର କାଳୀ ଚରଣ ପଟ୍ଟନାୟକ କହିଛନ୍ତି, "ବଧାଇ ଜଣାଉଛି ଆମର ଆଦି ନାଟ୍ୟକାରଙ୍କୁ ମୁଁ ।"[୩୮] ବିଶିଷ୍ଟ ସମାଲୋଚକ ବେଣୁଧର ରାଉତ ମଧ୍ୟ ନିଜର ବଳିଷ୍ଠ ଯୁକ୍ତି ମାଧ୍ୟମରେ ଜଗନ୍ମୋହନଙ୍କୁ ଆଦି ନାଟ୍ୟକାର ଭାବେ ପ୍ରତିପାଦିତ କରିଛନ୍ତି । ତାଙ୍କ ଭାଷାରେ, "ପରଂପରା, ରୀତିର ଅର୍ଗଳ ଭେଦକରି ଏ ପର୍ଯ୍ୟନ୍ତ 'ବାବାଜୀ' ଆଲୋଚିତ ନାଟ୍ୟଧର୍ମ, ଅଭିନୟ ଯୋଗ୍ୟତା ପ୍ରଭୃତି ଅଧିକତର ଭାବରେ ଧାରଣ କରି ଆସିଥିବାରୁ ପ୍ରଥମ ନାଟକ ଭାବରେ ବିବେଚିତ ହେବା ଉଚିତ । ସ୍ୱଚ୍ଛ ବପୁତା କିମ୍ବା ସମାଜର କିମ୍ବା ବ୍ୟକ୍ତିର ବହୁ ବିଭାବ ଧାରଣ ନ କରିବା ତ୍ରୁଟିରେ ତା' ଅନାଟକ ହେବନାହିଁ, ଅପନାଟକ ମଧ୍ୟ ନୁହେଁ । ରକ୍ଷଣଶୀଳ ମନର ଭିତ୍ତିରେ ସ୍ଥିରୀକୃତ ମନ୍ତବ୍ୟର ପ୍ରବାହରେ ଆମେ ଗଢ଼ି ଆସିଛୁ । ନାଟକକୁ ନାଟକ ଭାବରେ ପରୀକ୍ଷା ବା ନିରୀକ୍ଷା କରିନାହୁଁ – ଏ କ୍ଷେତ୍ରରେ ଯେଉଁ କେତୋଟି ତ୍ରୁଟି ବାବାଜୀରେ ଅଛି, ପ୍ରଥମ ନାଟକ ହୋଇଥିବା ଦୃଷ୍ଟିରୁ କ୍ଷମଣୀୟ । xxx ତେଣୁ ବାରମ୍ବାର ଉଲ୍ଲିଖିତ ତା'ର ନାଟ୍ୟଧର୍ମ ବଳରେ 'ବାବାଜୀ' ପ୍ରଥମେ ଓଡ଼ିଆ ନାଟକ ହେବାଇ ସଙ୍ଗତ ।"[୩୯]

Digitized by srujanika@gmail.com

'ବାବାଜୀ'ର ନାଟକୀୟତା ସଂପର୍କରେ ବିବିଧ ମୁକ୍ତି ପ୍ରତିଯୁକ୍ତି ଦର୍ଶାଇ ସମାଲୋଚକ ଡଃ. ଜାନକୀ ବଲ୍ଲଭ ମହାନ୍ତି 'ବାବାଜୀ'କୁ ପ୍ରଥମ ଓଡ଼ିଆ ନାଟକ ଓ ଜଗନ୍ମୋହନ ଲାଲଙ୍କୁ ପ୍ରଥମ ଓଡ଼ିଆ ନାଟ୍ୟକାର ଭାବେ ସ୍ୱୀକାର କରିଛନ୍ତି ।[୪୦]

କଥାବସ୍ତୁ :

'ବାବାଜୀ' ନାଟକର କାହାଣୀ କଳାରେ ନାଟ୍ୟକାର ବାବାଜୀ ଚରିତ୍ରର ଅବତାରଣା କରିଛନ୍ତି । ଜନୈକ ନାମହୀନ କ୍ଷୁଧାର୍ତ୍ତ ବାବାଜୀ କିଛି ଖାଦ୍ୟ ଆଶାରେ ସୁବଳବାବୁଙ୍କ ବୈଠକଖାନାରେ ଉପସ୍ଥିତ ହୋଇଛନ୍ତି । ସୁବଳବାବୁ ବଙ୍ଗାଳୀ ବନ୍ଧୁଙ୍କ ସଙ୍ଗ ଦୋଷରୁ ମଦ୍ୟପ ହେଲେ ମଧ ଧର୍ମପରାୟଣ । ବାବାଜୀଙ୍କର 'ଜୟ ଜୟକାର ହେଉ' ଉକ୍ତି ପରେ ସୁବଳ ପଟ୍ଟନାୟକଙ୍କର ପଞ୍ଚାଙ୍ଗ ପ୍ରଣାମ ଓ ବାବାଜୀଙ୍କର ଆଶୀର୍ବାଦରୁ ନାଟକର କଥାବସ୍ତୁ ଆରମ୍ଭ ହୋଇଛି । ସୁବଳ ପଟ୍ଟନାୟକଙ୍କର ପ୍ରଶ୍ନର ଉତ୍ତର ଦେବାକୁ ଯାଇ ସଂକ୍ଷେପରେ ନିଜ ଜୀବନଧାରାର ଇଙ୍ଗିତ ପ୍ରଦାନ କରିଛନ୍ତି ବାବାଜୀ । ନିଜ ସଂପର୍କରେ ସେ କହିଛନ୍ତି, "ଆମର ମଠ ନାହିଁ ବାବା, ଘର ଛାଡ଼ିଲେଇଁ, ମଠରେ ବି କାର୍ଯ୍ୟ ? ଘର ଧନ୍ଦା ଓ ମଠ ଧନ୍ଦା ସମାନ ଅଟେ । ଯେଉଁ ସ୍ଥାନରେ ଆସନ କଲୁଁ, ସେହି ଆମର ମଠ । ଆମେ ତ ଏକ ସ୍ଥାନରେ ଅନେକ ଦିନ ରହୁନା, ଦେଶ ଭ୍ରମଣରେ ଥାଉଁ, ଦୁଇଦିନ ହେଲା ଏଠାକୁ ଆସି ନଦୀକୂଳ ତୋଟାରେ ଆସନ କରିଛୁଁ, ଭୋଜନ ନ ମିଳିବାରୁ ଆପଣଙ୍କଠାକୁ ଆସିଗଲୁଁ ।"[୪୧]

କୌଣସି ସାଂସାରିକ ସମ୍ପଦ ପ୍ରତି ବାବାଜୀଙ୍କର ଆସକ୍ତି ନାହିଁ । ଏମିତିକି ଭିକ୍ଷାସ୍ୱରୂପ ସୁବଳ ପଟ୍ଟନାୟକ ଦେଉଥିବା ଦୁଇ ପଇସା ସେ ଗ୍ରହଣ କରି ନାହାନ୍ତି । କହିଛନ୍ତି, "ସାଧୁ ସନ୍ଥଙ୍କର ପଇସା କଉଡ଼ିରୁ କି ପ୍ରୟୋଜନ ? ଭୋଜନ ମିଳିଲେ ହେଲା। ଯେବେ ଆପଣଙ୍କର ଇଚ୍ଛା ହୁଏ, ତେବେ ପୂର୍ଣ୍ଣ ଭୋଜନ ଦେବା ହେଉନ୍ତୁ । ନଚେତ୍ ଆମେ ଆଉ କେହି ଦାତାକୁ ଦେଖିବା ।"[୪୨]

ବାବାଜୀଙ୍କ ମତରେ ପଇସା ଟଙ୍କା ଅର୍ଥ ସମସ୍ତ ଲୋଭର କାରଣ, ପଇସା ପାଇଁ ଦ୍ୱାର ଦ୍ୱାର ଭିକ୍ଷା ମାଗି ବୁଲିଲେ ସାଧୁସନ୍ଥଙ୍କର ପ୍ରକୃତ କାର୍ଯ୍ୟ ଭଜନ ଓ କୀର୍ତ୍ତନ ପାଇଁ ସମୟ ମିଳିବ ନାହିଁ । ବାବାଜୀଙ୍କର ଏଭଳି ସ୍ୱଭାବ ଦେଖି ତାଙ୍କ ଭୋଜନ ନିମିତ୍ତ ସିଧାଟିଏ ସଜାଡ଼ି ଆଣିବା ପାଇଁ ବାବୁ ଚାକର ରାମାକୁ ନିର୍ଦ୍ଦେଶ ଦେଇଛନ୍ତି ।

ଇତି ମଧ୍ୟରେ ବାବାଜୀଙ୍କୁ ଗଞ୍ଜା ସେବନ କରିବା ପାଇଁ ସୁବଳବାବୁ ଚିଲମ ଯାଚିଛନ୍ତି । ବାବାଜୀ ଅସମ୍ମତ ହେବାରୁ ସାଧୁମାନେ ଗଞ୍ଜାସେବନକୁ ଶାସ୍ତ୍ରସମ୍ମତ ବୋଲି କହୁଥିବାର ସୁବଳବାବୁ ପ୍ରକାଶ କରିଛନ୍ତି । ମାତ୍ର ବାବାଜୀ ତାହାର ପ୍ରତିବାଦ ସ୍ୱରୂପ କହିଛନ୍ତି, "ତାହା ନିଶାଖୋରଙ୍କ କଥା, ଶାସ୍ତ୍ରର ବଚନ ନୁହେଁ । ନିଶା ବଡ଼ ମନ୍ଦ । ତାହା ସ୍ପର୍ଶ କରିବାର ନୁହେଁ ।"[୪୩]

ଜଗନ୍ମୋହନଙ୍କ ନାଟକର ମୁଖ୍ୟ ଚରିତ୍ର ବାବାଜୀ ନିଶା ସେବନକୁ ବାରଣ କରିବା ସଙ୍ଗେ ସଙ୍ଗେ ସୁବଳ ପଟ୍ଟନାୟକଙ୍କୁ ତାହାର ମନ୍ଦଦିଗ ସମ୍ପର୍କରେ ଏକ ନୀତିଗର୍ଭକ ଉପଦେଶ ଦେଇ ସେଥିରୁ ନିବୃତ୍ତ ହେବାକୁ କହିଛନ୍ତି ।

Digitized by srujanika@gmail.com

ବାବାଜୀଙ୍କୁ ରାମା ସିଧା ଆଣି ଦେବାର ଦେଖି ବାବାଜୀ ତାହା ଗ୍ରହଣ କରିବାକୁ ମନା କରି ପାକ ଅନ୍ନ ଗଣ୍ଡାଏ ବ୍ୟବସ୍ଥା କରିବାକୁ ବାବୁଙ୍କୁ ଅନୁରୋଧ କରିଛନ୍ତି । ପୂଜାରୀ ଆନନ୍ଦ ପଣ୍ଡା କେବଳ ବାବାଜୀଟା ପାଇଁ ଆଉଥରେ ରାନ୍ଧିବାକୁ ଅମଙ୍ଗ ହେଉଥିବା ଜାଣି ସୁବଳବାବୁ ତାକୁ ଡାକି ରୋଷେଇ କରିବାକୁ ବାଧ କରିଛନ୍ତି । ତା'ପରେ ସେ ରୋଷେଇ ସରିବା ଭିତରେ ଗୋଟିଏ ଭଜନ ଗାଇବା ପାଇଁ ବାବାଜୀଙ୍କୁ ଅନୁରୋଧ କରିଛି । ଭଜନର ସ୍ୱର ଓ ରାଗରାଗିଣୀରେ ମୁଗ୍ଧ ହୋଇ ସୁବଳବାବୁ ବାଦ୍ୟ ସଂଗତ କରିବା ନିମିତ୍ତ ଯଶୁ ଭଟ୍ଟାଚାର୍ଯ୍ୟଙ୍କୁ ଡକାଇ ଆଣିଛନ୍ତି ।

ଯଶୁ ଭଟ୍ଟାଚାର୍ଯ୍ୟ ଜଣେ ବଙ୍ଗାଳୀ ଭଦ୍ରଲୋକ । ପଶାଖେଳ, ତମାଖୁ ସେବନ ଓ ମଦ୍ୟପାନରେ ସେ ଥିଲେ ସୁବଳବାବୁଙ୍କର ଅନ୍ୟତମ ସାଥୀ । ଭଜନଗାନ ପୂର୍ବରୁ ବାବାଜୀଙ୍କୁ ଛଳନା କରି ସେ ଦୁହେଁ, ବେଦନା ସରବତ୍ ପାନ କରାଇବା ଆଳରେ ମଦ୍ୟପାନ କରାଇଛନ୍ତି । ବାବାଜୀ ଭଜନ ଗାଉଥିବା ବେଳେ ସୁବଳବାବୁ ମଦ୍ୟ ନିଶାରେ ଉନ୍ମତ୍ତ ନୃତ୍ୟଭଙ୍ଗୀ କରି ଅଚେତ୍ ହୋଇ ପଡ଼ିଛନ୍ତି । ବାବାଜୀ ସବୁ ଜାଣିପାରିଛନ୍ତି ଓ ବ୍ୟସ୍ତ ହୋଇ କହିଛନ୍ତି, "ଏପରି ବ୍ୟକ୍ତିର ଏପରି ଆଚରଣ ।" ଇଂରେଜୀ ସଭ୍ୟତା କୁପ୍ରଭାବରେ ପଡ଼ି ମଦ୍ୟପାନ କରୁଥିବା ସୁବଳବାବୁଙ୍କ କୁସଙ୍ଗ ଦୋଷ ଦେଖି ବାବାଜୀ ବିବ୍ରତ ହୋଇ ପଡ଼ିଛନ୍ତି ଏବଂ ଆନନ୍ଦ ପଣ୍ଡାଙ୍କ ଡାକରେ ଭୋଜନ ପାଇଁ ଠାକୁର ପିଣ୍ଡାକୁ ଉଠି ଯାଇଛନ୍ତି ।

ଦ୍ୱିତୀୟ ଅଙ୍କରେ ଭୋଜନ ନିମନ୍ତେ ଅପେକ୍ଷାରତ ବାବାଜୀ ଠାକୁର ପିଣ୍ଡାରେ ଦେଖାଯାନ୍ତି । ଅସମୟରେ ଆସି ବିରକ୍ତ କରିଥିବାରୁ ପୂଜାରୀ ବାବାଜୀଙ୍କୁ ହୀନସ୍ତା କରିବାକୁ ସ୍ଥିର କରିଛି । ବାବାଜୀ ଠାକୁର ପିଣ୍ଡାରେ ବସିବା ପରେ ପୂଜାରୀ ପତ୍ର ପକାଇ ଖାଦ୍ୟ ଆଣିବାକୁ ଚାଲି ଯାଇଛି । କିଛି ସମୟ ପରେ ଗୋଟିଏ ହାଣ୍ଡିରେ ପଲକ ଘୋଡ଼ାଇ ଆଣି ଦେଇ କହିଛି, "ଏଥିରେ ଉତ୍ତମ ପ୍ରସାଦ ଅଛି, ଆପଣ ସ୍ୱହସ୍ତେ ପରଷି ସେବା କରନ୍ତୁ ।" କ୍ଷୁଧାତୁର ବାବାଜୀ ହାଣ୍ଡିରୁ ପଲମ ଖୋଲି ଦିଅନ୍ତେ ସେଥିରୁ ଜୀବନ୍ତ କୁକୁଡ଼ାଟିଏ ବାହାରି ପଡ଼ିଛି ଓ ଏହାକୁ ଦେଖି ସେ ଚମକି ପଡ଼ିଛନ୍ତି । ବାବାଜୀଙ୍କୁ ଚମକି ଉଠିବା ଦେଖି ପୂଜାରୀ କହିଛି, ସେ କୁକୁଡ଼ା ରୋଷ୍ଟ କରିଥିଲା; କିନ୍ତୁ ବାବାଜୀଙ୍କ ହାତ ବାଜି କୁକୁଡ଼ାଟି ବଞ୍ଚି ଉଠିଲା । ତାଙ୍କୁ ଅପ୍ରସ୍ତୁତ କରିବା ପାଇଁ ପୂଜାରୀର ଏହା ଏକ ଷଡ଼ଯନ୍ତ୍ର ବୋଲି ବାବାଜୀଙ୍କୁ ବୁଝିବାକୁ ବାକି ରହିଲା ନାହିଁ । ଏହା ସତ୍ତ୍ୱେ ବାବାଜୀଙ୍କ ମନରେ ପୂଜାରୀଟି ପ୍ରତି କ୍ରୋଧ ବା ଅଶାନ୍ତି ନ ଥିଲା । ବାବୁ ଜାଣିଲେ ହୁଏତ ପୂଜାରୀର ଚାକିରି ଚାଲି ଯାଇପାରେ ବୋଲି ଭାବି ରଘୁ ସିଂ କଥାରେ ବାବାଜୀ ରାଜି ହୋଇ ନାହାନ୍ତି । ଆନନ୍ଦ ପଣ୍ଡାଙ୍କୁ ନିଜର ଦୁଷ୍କର୍ମ ସମ୍ପର୍କରେ ସୂଚାଇ ଦେଇ ଓଲଟି ତାକୁ କଲ୍ୟାଣ କରି କୌଣସି ଏକ ମଠ ଉଦ୍ଦେଶ୍ୟରେ ସେ ଚାଲି ଯାଇଛନ୍ତି । ବାବାଜୀଙ୍କର ଏପରି ବ୍ୟବହାରରେ ଆନନ୍ଦ ପଣ୍ଡା ଅନୁତାପ କରିଛି । ଏଇଠାରେ ଦ୍ୱିତୀୟ ଅଙ୍କର ସମାପ୍ତି ଘଟିଛି ।

Digitized by srujanika@gmail.com

ତୃତୀୟ ଅଙ୍କର ଆରମ୍ଭ ହୁଏ କୌଣସି ଏକ ମଠର ଦାଣ୍ଡଘରେ । ମଠର ଜନୈକ କର୍ମଚାରୀ ବୀର ସିଂ ସହିତ ବାବାଜୀଙ୍କର ପ୍ରଥମେ ସାକ୍ଷାତ ହୋଇଛି । ବାବାଜୀ ଭୋଜନ ଗଣ୍ଡାଏ ମାଗିବାରୁ ଅଧିକାରୀଙ୍କୁ ଜଣାଇବା ପାଇଁ ବୀରସିଂ ବାବାଜୀଙ୍କୁ ସୂଚନା ଦେଇଛନ୍ତି । ହାତରେ ଝୁଲି, ଦେହରେ ନାମାବଳୀ, ମସ୍ତକରେ ତିଳକ ଛାପା - ଅଧିକାରୀ ଏହି ସମୟରେ ଆସି ପହଞ୍ଚି ଯାଇଛନ୍ତି । କ୍ଷୁଧାର୍ତ୍ତ ଅଭ୍ୟାଗତର ଚର୍ଚ୍ଚା ପାଇଁ ବାବାଜୀ ତାଙ୍କୁ ଅନୁରୋଧ କରିଛନ୍ତି । ଅଧିକାରୀଙ୍କ ଦୃଷ୍ଟି କିନ୍ତୁ ଆଗନ୍ତୁକା ବାରନାରୀ ମାଳତୀ ଉପରେ ଅଟକି ଯାଇଛି । ଭିତରକୁ ନ ଆସି ଦ୍ୱାରରେ ବସିବା ପାଇଁ ସେ ବାବାଜୀଙ୍କୁ କହିଛନ୍ତି ।

ତା'ପରେ ମାଳତୀ ସହିତ ଅଧିକାରୀଙ୍କ ସ୍ନେହପୂର୍ଣ୍ଣ ସମ୍ଭାଷଣ ଆରମ୍ଭ ହୋଇଛି । ମାଳତୀ ମହନ୍ତଙ୍କଠାରୁ ନୂଆ ଶାଢ଼ିଟିଏ ପାଇଥିବା କଥା ପ୍ରକାଶ କରିଛି । ବାବାଜୀ ପ୍ରତି ଅଧିକାରୀଙ୍କର ସାମାନ୍ୟତମ ଦରଦ ନ ଥିଲାବେଳେ, ମାଳତୀ ପ୍ରତି ଅସୀମ ସ୍ନେହ ମମତା ପ୍ରକାଶ ପାଇଛି । ମାଳତୀକୁ ଘରକୁ ଯିବାକୁ ନ ଦେଇ ସେ କହିଛନ୍ତି, "ଆ, ଅଛ ମୁଠିଏ ଖାଇବୁ, ଆଉ ମୁଠିଏ ତୋ ମାଆ ପାଇଁ ନେଇଯିବୁ । ଆ ଆ ମୋର ରାଣ ।" 'ପଙ୍ଗତ ବଢ଼ିଲାଣି, ଆଉ କିଛି ମିଳିବ ନାହିଁ ବୋଲି ବାବାଜୀଙ୍କୁ ଜଣାଇ ଦେବା ପାଇଁ ବୀରକୁ କହି, ଅଧିକାରୀ ମାଳତୀ ସହିତ ମଠ ଭିତରକୁ ଚାଲି ଯାଇଛନ୍ତି ।

ଏଭଳି ଧର୍ମବିରୋଧୀ ଓ ଅନୈତିକ କାର୍ଯ୍ୟରେ ବୀରର ଅନ୍ତର ବ୍ୟଥିତ ହୋଇଯାଇଛି । ମାତ୍ର ସେ ଏଠାରେ କିଛି କରି ପାରୁନାହିଁ । ଏହି ସମୟରେ ଗଞ୍ଜା ଖାଇ ଖାଇ ସେଠାକୁ ଆସିଛି ମଠର ଅନ୍ୟ ଏକ କର୍ମଚାରୀ ରାମଦାସ । ବାବାଜୀଙ୍କୁ ସେ ଚିଲମ ଯାଚିଛି । କିନ୍ତୁ ବାବାଜୀଙ୍କର ଗଞ୍ଜା ପ୍ରତି ଆକର୍ଷଣ ନ ଥିବାର ଦେଖି ବିଦ୍ରୂପ କରିଛି । ବୀରର କିନ୍ତୁ ଥିଲା ବାବାଜୀଙ୍କ ପ୍ରତି ଅସୀମ ଶ୍ରଦ୍ଧା । ତାଙ୍କ ପାଇଁ ମୁଠିଏ ପ୍ରସାଦର ବ୍ୟବସ୍ଥା କରିବାକୁ ସେ ରାମଦାସଙ୍କୁ ଅନୁରୋଧ କରିଛି । କଂସା ନେଇ ବସିଥିବା ବାଉରାଣୀ ମାନଙ୍କୁ ପ୍ରସାଦ ଦେବାପରେ କିଛି ବଳିଲେ ବାବାଜୀଙ୍କ ପାଇଁ ବ୍ୟବସ୍ଥା ହୋଇପାରେ ବୋଲି ପ୍ରକାଶ କରି ରାମଦାସ ସେଠାରୁ ଚାଲି ଯାଇଛନ୍ତି ।

ଏହି ସମୟରେ ସେଠାରେ ଆସି ପହଞ୍ଚିଛନ୍ତି ଜଣେ ବୈଷ୍ଣବୀ । ହାତରେ ଝୁଲି, ବେକରେ ମାଳି । ସବୁଦିନେ ତା ପାଇଁ ମଠରୁ ପ୍ରସାଦ ଯାଏ । ଆଜି ନ ଯିବାରୁ ସେ ନିଜେ ଚାଲି ଆସିଛି। ବାବାଜୀଙ୍କୁ ଦେଖି ଭାବିଛି ତା ଭାଗ ପ୍ରସାଦଟି ଏ ବାବାଜୀଟା ବୋଧହୁଏ ଖାଇ ଦେଇଛି । ବୀର ତାକୁ ଅଧିକାରୀ ପାଖକୁ ପଠାଇ ନିଜେ ବାବାଜୀଙ୍କ ପାଇଁ ଭୋଜନ ବ୍ୟବସ୍ଥା କରିବାକୁ ମହନ୍ତଙ୍କ ପାଖକୁ ଯାଇଛି । ଜଣେ ଉତ୍ତମ ସ୍ୱାଭାବର ବୈଷ୍ଣବ ଆସିଛନ୍ତି ବୋଲି ବୀର ମହନ୍ତଙ୍କୁ କହିଥିଲା । ବୈଷ୍ଣବ ପରିବର୍ତ୍ତେ ବୈଷ୍ଣବାଣୀ ଶୁଣି ମହନ୍ତ ତାଙ୍କୁ ଦେଖିବାକୁ ଧାଇଁ ଆସିଥିଲେ । ବାବାଜୀଙ୍କୁ ଦେଖି ତାଙ୍କ ମନର ସବୁ ସରାଗ ମରି ଯାଇଛି । ମହନ୍ତଙ୍କ ଅନ୍ତରରେ ମଧ୍ୟ ବାବାଜୀଙ୍କ ପ୍ରତି ସାମାନ୍ୟତମ ସମ୍ମାନବୋଧ ନାହିଁ । ଖାଇବାକୁ କିଛି ମିଳିବ ନାହିଁ ବୋଲି କହି, ମହନ୍ତ ଫେରି ଯାଇଛନ୍ତି । ଅନ୍ୟ ଉପାୟ କିଛି ନ ଦେଖି ବୀର କହିଛି, "ମୋ ଦୋଷ, କ୍ଷମା କରିବା ହେବେ । ମୋ'ଠି ପଇସାଟିଏ ଅଛି । ଅଙ୍ଗୀକାର କଲେ ଦିଅନ୍ତି" ।

Digitized by srujanika@gmail.com

ବାବାଜୀଙ୍କର କେବେ ବି ଅର୍ଥ ପ୍ରତି ମମତା ଅଥବା ଲାଳସା ନ ଥିଲା । ବ୍ୟଭିଚାରଗ୍ରସ୍ତ ଏହି ମଠରେ ବୀର ଭଳି ସଚ୍ଚୋଟ ଲୋକଟିଏ ଥିବା ସେ ଜାଣି ପାରିଛନ୍ତି । ଏଭଳି ନର୍କରୁ ତାକୁ ଦୂରେଇ ରହିବା ପାଇଁ ତାକୁ ସେ ଉପଦେଶ ଦେଇଛନ୍ତି । କେବଳ ପେଟ ପାଇଁ ଯେ ବୀର ସେଠାରେ ପଡ଼ିରହିଛି, ଏହା ସେ ଜାଣି ପାରିଛନ୍ତି ।

ବୀରର ମନରେ ଗୋଟାଏ ପ୍ରଶ୍ନ ନିରନ୍ତର ତା'ର ଚିନ୍ତାକୁ ଆଲୋଡ଼ିତ କରୁଥିଲା । ସେହି ପ୍ରଶ୍ନର ଉତ୍ତର ସେ ପାଇଛି ବାବାଜୀଙ୍କଠାରୁ । ପରକୀୟା ପ୍ରେମ ସମ୍ପର୍କରେ ମତ ଦେବାକୁ ଯାଇ ବାବାଜୀ କହିଛନ୍ତି, "ପରକୀୟା ମତଟି କେବଳ ଲମ୍ପଟ ଗୋସ୍ୱାମୀଙ୍କ ସ୍ୱ କଳ୍ପିତ ମତ ଅଟଇ । ତାହା ଶାସ୍ତ୍ରୋକ୍ତ କିମ୍ବା ଚୈତନ୍ୟଙ୍କର ମତ ନୁହେଁ । ପରକୀୟା ମହାପାପ ଓ ପାପରୁ ପବିତ୍ର ପ୍ରେମ ଉପୁଜି ନ ପାରେ । ତୁ ଏଥିରେ ମତି ଦେବୁନାହିଁ ବାବା ।" ହାତରେ ମାଳି ଛାଡ଼ି ମନର ମାଳି ଜପିବା ପାଇଁ ବାବାଜୀ ବୀରକୁ ପରାମର୍ଶ ଦେଇଛନ୍ତି । ତାକୁ ଆଶୀର୍ବାଦ କରି ବାବାଜୀ ନଦୀ କୂଳକୁ ଚାଲି ଯାଇଛନ୍ତି ।

ନଦୀକୂଳ ସନ୍ନିକଟ ତୋଟାରେ ଚତୁର୍ଥ ଅଙ୍କର ଆରମ୍ଭ ହୋଇଛି । ଜନୈକ ମଦ୍ୟପ ଚୋର ବାବାଜୀଙ୍କ ମୃଗଛାଲ ଚୋରି କରି ନେଇ ପଳାଉଥିବା ସମୟରେ ବାବାଜୀ ପ୍ରବେଶ କରିଛନ୍ତି । ମୃଗ ଛାଲଟିକୁ ଫୋପାଡ଼ି ଦେଇ ଚୋର ପଳାଇବାକୁ ଉପକ୍ରମ କରୁଥିଲାବେଳେ ବାବାଜୀ ତାକୁ ଡାକି, ତାହାକୁ ନେଇଯିବା ପାଇଁ କହିଛନ୍ତି । ସେତେବେଳକୁ ସନ୍ଧ୍ୟା ଉପଗତ ହୋଇଛି । ବାବାଜୀ ଧ୍ୟାନ ଓ ଭଜନ କରିବା ନିମନ୍ତେ ପ୍ରସ୍ତୁତ ହୋଇଛନ୍ତି । ବାବାଜୀ ଭଜନ କରିବା ସମୟରେ ଜେମୀ ଓ ରାଧୀ ସେଠାକୁ ଆସିଛନ୍ତି । ବାବାଜୀଙ୍କ ନିମନ୍ତେ ସେମାନେ ଫଳପୁଷ୍ପ ପରିପୂର୍ଣ୍ଣ ଡାଲାଟିଏ ଆଣିଛନ୍ତି ।

ସେତେବେଳକୁ ବାବାଜୀଙ୍କ ବିଷୟରେ ଅନେକ ଗୁଜବ ପ୍ରଚାରିତ ହୋଇ ସାରିଥାଏ । ସୁବଳବାବୁଙ୍କ ପୂଜାରୀ ଆନନ୍ଦ ପଣ୍ଡା ନେଇଥିବା ରନ୍ଧାମାଂସ ବାବାଜୀଙ୍କ ସ୍ପର୍ଶ ପାଇ ଜୀବନ୍ତ କୁକୁଡ଼ା ପାଲଟି ଯିବା, ଜୀବନ୍ତ କୁକୁଡ଼ା କ୍ରୋଧରେ ପୂଜାରୀକୁ ଖୁମ୍ପିବା, ପୂଜାରୀର ଗୁଣି ଗାରେଡ଼ି ମନ୍ତ୍ର ଯନ୍ତ୍ର କିଛି କାମ ନ କରିବା, ବାବାଜୀ କଲ୍ୟାଣ କରିବା ପରେ କୁକୁଡ଼ା ଉଡ଼ିଯିବା ପ୍ରଭୃତି ଗୁଜବ ପ୍ରଭାବିତ ହୋଇ ଜେମୀ ଓ ରାଧୀ ବାବାଜୀଙ୍କ ପାଖକୁ ଆସିଥିଲେ । ବାବାଜୀଙ୍କ ଚମତ୍କାର ମହିମାରେ ରାଧୀର ରୋଗ ଭଲ କରିବା ଅଭିଳାଷ ନେଇ ଦୁହେଁ ସେଠାରେ ଉପସ୍ଥିତ ହୋଇଥିଲେ ।

ଏଭଳି କପୋଳ କଳ୍ପିତ କଥା ଶୁଣି ବାବାଜୀ ଉଚ୍ଚ ସ୍ୱରରେ ହସି ଉଠି ପ୍ରକୃତ ସତକଥା ସେମାନଙ୍କୁ ଜଣାଇଛନ୍ତି ।

ଜେମୀ ତଥାପି ନିରାଶ ହୋଇ ନାହିଁ । ସେ ଜାଣେ ସିଦ୍ଧ ପୁରୁଷଙ୍କର ଅକାଳ ମହିମା ରହିଛି । କୌଣସି ବ୍ୟକ୍ତିର ଅଲୌକିକ ମହିମା ନାହିଁ ବୋଲି କହି ବାବାଜୀ ସେମାନଙ୍କୁ ବୁଝାଇଛନ୍ତି ଯେ, "ସ୍ଥାନ, ବାୟୁର ପରିବର୍ତ୍ତନ, ମନର ଦମ୍ପିତା ଇତ୍ୟାଦି ଅନେକ କାରଣରେ ରୋଗ କ୍ଷମା ହୁଏ ଓ ମଧ୍ୟ କୌଣସି କୌଣସି ସ୍ଥଳେ ରୋଗ ଆପଣା ସୁଖେ ଭଲ ହୋଇଯାଏ । କେତେକ ସ୍ଥଳେ ଔଷଧ ପଶ୍ଚାତ୍ ଗୁଣ କରେ ଓ

Digitized by srujanika@gmail.com

କେହି କେହି ବାବାଜୀ ଆଜ୍ଞା ସହିତ ଟୁଟୁକା ଔଷଧ ମଧ୍ୟ ଦିଅନ୍ତି । ବାସ୍ତବରେ ଏହି ହେତୁ ମାନଙ୍କରେ କେହି କେହି ରୋଗୀ ଭଲ ହେଲେ ଆଜ୍ଞାର ନାମ ହୁଏ କିନ୍ତୁ ଅନେକ ସ୍ଥଳେ ଆଜ୍ଞା ସଫଳ ହୁଏ ନାହିଁ ।"

ବାବାଜୀଙ୍କ କଥା ଶୁଣି ଜେମୀ ଓ ରାଧୀ ବୁଝି ପାରିଛନ୍ତି ଯେ ଅଶିକ୍ଷିତ ଓ ସାଧାରଣ ଲୋକମାନଙ୍କୁ ଠକ ସାଧୁମାନେ ପ୍ରତାରିତ କରନ୍ତି । ତୋଟାର ଅପରପାର୍ଶ୍ୱରେ ଅନ୍ୟ ଦୁଇ ଚରିତ୍ର ରୂପେ ଦେଖା ଦିଅନ୍ତି ଶିବ ମିତ୍ର ଓ ଜେମ୍‌ସ୍ ଦଳେଇ । ବାବାଜୀଙ୍କ ନିରୋଳା ଦର୍ଶନ ପାଇଁ ସେମାନେ ଆସିଛନ୍ତି । ଉଭୟ ମଦ୍ୟପ, ବ୍ରାଣ୍ଡି ପାନ କରି ଆସିଥାନ୍ତି । ଜେମ୍‌ସ୍‌କୁ ବ୍ରାଣ୍ଡି ନିଶା କିଛି କିଛି ଘାରିଥିଲା । ସେମାନେ ସ୍ଥିର କରିଛନ୍ତି ସ୍ତ୍ରୀ ଲୋକ ଦୁଇଜଣ ଚାଲିଯିବା ପରେ ବାବାଜୀଙ୍କ ନିରୋଳା ଦର୍ଶନ କରିବେ । ସେମାନେ ନଦୀବନ୍ଧକୁ ଚାଲି ଯାଉଥିବାବେଳେ ରାଧୀ ତୋଟାମୁଣ୍ଡରେ ଦୁଇଟା କ'ଣ ଧଳା ଧଳା ମୂର୍ତ୍ତି ଦେଖି ଭୟରେ ଭୂତ ଭାବି ମୂର୍ଚ୍ଛା ହୋଇ ଯାଇଛି ।

ବାବାଜୀଙ୍କ ନିର୍ଦ୍ଦେଶରେ ଜେମୀ ତା କାନ ଫୁଙ୍କିଛି କିନ୍ତୁ ଜେମୀର ମନରେ ଏବେ ବି ସେଇ ଭୂତ ଭୟ । ବାବାଜୀ ରାଧୀ ମୁହଁରେ ପାଣି ଦେଇ ଫୁଲ ଡାଳରେ ପବନ କରିବାରୁ ରାଧୀ ଚେତନା ପାଇଛି । ସେମାନେ ଭୂତ ଭାବିଥିବା ଧଳା ଧଳା ମୂର୍ତ୍ତି ପ୍ରକୃତରେ ମଣିଷ ବୋଲି କହି, ବାବାଜୀ ସେମାନଙ୍କ ମନରୁ ଭୂତ ଭୟ ଦୂର କରିଛନ୍ତି । ରାଧୀ ଓ ଜେମୀ ଚାଲିଯିବା ପରେ ଶିବ ଓ ଜେମ୍‌ସ୍ ଆସିଛନ୍ତି ।

ସ୍ଥାନଟି ବଡ଼ ସୁନ୍ଦର ହୋଇଥିବାରୁ ରାଧୀ ଓ ଜେମୀକୁ ଆଣି ଗୀତ ଗାନ କରାଇବା ଓ ମଜା କରିବା ପାଇଁ ଜେମ୍‌ସ୍ ପ୍ରସ୍ତାବ ଦେଇଛି । ଶିବ ମଧ୍ୟ ରାଜି ହୋଇ ଯାଇଛି । ତା ଦୃଷ୍ଟିରେ wine and women are two things in the world । ପାରମ୍ପରିକ ରୀତିରେ ପଇସା ରଖି ସେମାନେ ବାବାଜୀଙ୍କୁ ପ୍ରଣାମ କରିଛନ୍ତି । ବାବାଜୀଙ୍କୁ ପରିଚୟ ଦେବାକୁ ଯାଇ ଶିବ ତା ନିଜ ଘର ବଙ୍ଗ ଦେଶରେ ଏବଂ ଜେମ୍‌ସ୍‌କୁ ଦେଶୀ ଓଡ଼ିଆ ବୋଲି କହିଛି ।

ଶିବ ଚାକିରି କରେ କିନ୍ତୁ ଜେମ୍‌ସ୍‌ର ଏକଦା ଚାକିରି ଥିଲା ବର୍ତ୍ତମାନ ନାହିଁ । ଶିବ ଓ ଜେମ୍‌ସ୍ ଆସିଥିଲେ ବାବାଜୀଙ୍କ ମହିମା ଶୁଣି । ସେମାନଙ୍କ ଆସିବା ସୂଚନା ଓ ଉଦ୍ଦେଶ୍ୟ ବାବାଜୀଙ୍କ ପୂର୍ବରୁ ରାଧୀର ଓ ଜେମୀଙ୍କଠାରୁ ଶୁଣିଥିଲେ ଏବଂ ଜେମ୍‌ସ୍‌ର ଚାକିରୀ ଚାଲିଯାଇଥିବା କଥା ବର୍ତ୍ତମାନ ଶିବଠାରୁ ଶୁଣିଲେ । ବୁଦ୍ଧିବଳରେ ବାବାଜୀ ସେମାନଙ୍କ ଆଗମନର ଅଭିପ୍ରାୟ ପ୍ରକାଶ କରିବାରୁ, ନିଜର ତପସ୍ୟା ବଳରେ ବାବାଜୀ ଏହା ଜାଣି ପାରିଲେ ବୋଲି ସେମାନେ ଭାବି ନେଇଛନ୍ତି, ଜେମ୍‌ସ୍ ଭାବିଛି କର୍ଣ୍ଣ ପିଶାଚୀ ବିଦ୍ୟା ବଳରେ ବାବାଜୀ ସବୁ ଜାଣି ପାରିଛନ୍ତି, କିନ୍ତୁ ଏହା ସେମାନଙ୍କର ଭ୍ରମ ବୋଲି ବାବାଜୀ ପ୍ରକୃତ କଥା ବୁଝାଇ କହିଛନ୍ତି ।

ଆଗନ୍ତୁକ ଦ୍ୱୟଙ୍କୁ ସେମାନେ ଯେଉଁ ପରମହଂସ ମୁଖରୁ ଶାଳଗ୍ରାମ ବାହାର କରିବା କଥା କହୁଛନ୍ତି, ତାହା କେବଳ କୁହୁକ - ସତ୍ୟ ନୁହେଁ ବୋଲି ବାବାଜୀ ସ୍ପଷ୍ଟ ବୁଝାଇ ଦେଲେ । ଜ୍ଞାନଧର୍ମ ଶିକ୍ଷା କରି ଅଜ୍ଞାନତା ଓ କୁସଂସ୍କାରକୁ ଦୂରୀଭୂତ କରିବା ସଙ୍ଗେ

Digitized by srujanika@gmail.com

ସଙ୍ଗେ ମନୁଷ୍ୟ ଜନ୍ମ ସଫଳ କରିବା ପାଇଁ ବାବାଜୀ ସେମାନଙ୍କୁ ପରାମର୍ଶ ଦେଇଛନ୍ତି । ଏହା ଶୁଣି ଜେମ୍ସ୍ ଭାବିଛି - "ବାବାଜୀ ତ ଆମ ପାଦିରି ସାହେବ ପରି ବୁଝାଇଲେ, କୁସଂସ୍କାର ବିଷୟରେ ସାହେବ ଯାହା କହନ୍ତି, ତାହା ସତ ଅଟେ ।" ପ୍ରଣାମୀ ଫେରେଇ ନେବାକୁ ବାବାଜୀ କହିବାରୁ ବାବାଜୀଙ୍କ ପାଖରେ ଥୋଇଥିବା ପଇସାକୁ ନେଇ ଶିବ ଓ ଜେମ୍ସ୍ ଚାଲି ଯାଇଛନ୍ତି ।

ପ୍ରଥମ ଅଙ୍କରେ ବାବାଜୀଙ୍କୁ ଭୋଜନ ନ ଦେଇ ସନ୍ତେଇ ଥିବା ପୂଜାରୀ ଆନନ୍ଦ ପଣ୍ଡା ଅନୁତପ୍ତ ହୋଇ ଭୋଜନ ଧରି ସେଠାରେ ଆସି ପହଞ୍ଚିଛି । ସେ ଯେତେବେଳେ ରାଜି ହୋଇଛି ଯେ ବାବାଜୀ ଯାହା ପଚାରିବେ, ସେ ଠିକ୍ ଉତ୍ତର ଦେବ, ସେତେବେଳେ ବାବାଜୀ ଭୋଜନରେ ବସିଛନ୍ତି । କାହାରି ପ୍ରତି ଅଯଥାର୍ଥ ବ୍ୟବହାର କରିବା ଅନୁଚିତ ବୋଲି ବାବାଜୀ ଆନନ୍ଦ ପଣ୍ଡାଙ୍କୁ ଉପଦେଶ ଦେଇଛନ୍ତି । ହନୁସିଂହର ଭାର୍ଯ୍ୟାଠାରୁ ଭୂତ ଛଡ଼ାଇବାର ପ୍ରକୃତ ରହସ୍ୟ ସମ୍ବନ୍ଧରେ ଶପଥ କରିବାରୁ ଆନନ୍ଦପଣ୍ଡା ସତ କଥାଟି ପ୍ରକାଶ କରିଛି । ହନୁ ସିଂହର ଭାର୍ଯ୍ୟା ସହିତ ତାର ପାପ ପ୍ରଣୟ ଥିବା କଥା ଏବଂ ସାଧାରଣ ମୂର୍ଖ ଲୋକଙ୍କୁ ଠକିବା କଥା ସେ ମାନି ଯାଇଛି । ବଳି ମହାନ୍ତି ଘରେ ଭୂତ ଉତ୍ପାତର ରହସ୍ୟ ମଧ୍ୟ ଏଠାରେ ସେ ସ୍ପଷ୍ଟ ଭାବରେ ପ୍ରକାଶ କରିଛି ।

ବାବାଜୀ ଜାଣି ପାରିଛନ୍ତି ଅଜ୍ଞାନତା, ଅଶିକ୍ଷା ଓ କୁସଂସ୍କାର ପାଇଁ ସାଧାରଣ ଲୋକମାନେ ଆନନ୍ଦ ପଣ୍ଡାର ମିଥ୍ୟା ଗୁଣି ଗାରେଡ଼ିରେ ବିଶ୍ୱାସ କରି ଠକି ଯାଇଛନ୍ତି । ଏଭଳି ଅନ୍ୟାୟ ପଥରେ ଧନଲାଭ କରିବା ଅନୁଚିତ ବୋଲି ବାବାଜୀ ଆନନ୍ଦ ପଣ୍ଡାଙ୍କୁ ପରାମର୍ଶ ଦେଇ କହିଛନ୍ତି – "ମିଥ୍ୟା, ପ୍ରବଞ୍ଚନା, ଅପହରଣ ଇତ୍ୟାଦି ଅସତ୍ ଉପାୟରେ ଅର୍ଥ ଲାଭ ହୁଏ ସତ, କିନ୍ତୁ ପରିଶେଷରେ ସେ ସବୁରୁ ଅନେକ ଅନର୍ଥ ଜାତ ହୁଏ । ସେସବୁ ପାପ ଅଟେ । ପାପର ଅଳୀକ ସୁଖ କ୍ଷଣକାଳର; କିନ୍ତୁ ତହିଁର ଅସୀମ ଅସୁଖ କାଳକାଳର ଯଦି ଲାଭ ଓ ସୁଖର ଇଚ୍ଛା ଅଛି, ତେବେ ଯେପରି ଇହକାଳ ଓ ପରକାଳରେ ଲାଭ ହୁଏ, ସୁଖ ହୁଏ, ସେପରି କରିବା ଉଚିତ ।"

ବାବାଜୀ ପୁଣି ବୁଝାଇଛନ୍ତି, "ସଂସାର କେତେ କାଳର ? ତୁ ଗୁଣୀ ବ୍ୟବସାୟରେ କେତେକାଳ ଆଉ ରହୁଥିବୁ ?" "ନାନୃତାତ୍ ପାତକଂ ପରଂ" । ମିଥ୍ୟାରୁ ବଳି ପାତକ ନାହିଁ । ଏସବୁ ଛାଡ଼ିଦେଇ ପରିଶ୍ରମ ଓ ଯତ୍ନ କଲେ ସଦୁପାୟରେ ଯଥେଷ୍ଟ ଉନ୍ନତି ଓ ଧନ ଅର୍ଜନ ହୋଇପାରେ ।" ଆନନ୍ଦ ପଣ୍ଡା ବାବାଜୀଙ୍କ ଦ୍ୱାରା ଏହିପରି ସତ୍ଜ୍ଞାନ ଲାଭ କରିଛି ଓ ନାଟକର କଥାବସ୍ତୁର ପରିସମାପ୍ତି ଘଟିଛି ।

ଚରିତ୍ର ସୃଜନ ଓ ଚିତ୍ରଣ :

ଯେଉଁ ନାଟକର ଚରିତ୍ର ଚିତ୍ରଲିପି ଯେତେ ସୁଦୃଶ୍ୟ, ମନୋରମ ଓ ଭାବଗର୍ଭକ ହୋଇଥାଏ, ତାହା ସେତେ ଉପଭୋଗ୍ୟ ଏବଂ ଉନ୍ନତ ନାଟକ ଭାବରେ ପରିଗଣିତ ହୁଏ । ସେଥିପାଇଁ ଚରିତ୍ର ଚିତ୍ରଣକୁ ନାଟକର ନିକଷ ବୋଲି ଗ୍ରହଣ କରାଯାଏ ଏବଂ ଏହା ଉପରେ ବିଷୟ ବସ୍ତୁ ଅଗ୍ରଗତି କରିଥାଏ । ଚରତ୍ରମାନେ ଯେତିକି ବାସ୍ତବ ଓ ଜୀବନ୍ତ ହୁଅନ୍ତି, ନାଟକ ସେତିକି ସଫଳ ହୁଏ । ନାଟ୍ୟକାର ଜଗନ୍ମୋହନ 'ବାବାଜୀ'

Digitized by srujanika@gmail.com

ନାଟକକୁ ବହୁ ବିଚିତ୍ର ଚରିତ୍ରର ଏକ ମନୋରମ ଚିତ୍ରଶାଳା ଭାବେ ସଜାଇଛନ୍ତି । ଏହାର ପ୍ରତ୍ୟେକ ଚରିତ୍ର ବାସ୍ତବ ଅନୁଭୂତି ସିଦ୍ଧ ତଥା ନାଟ୍ୟକାରଙ୍କର ଗଭୀର ଅନୁଭୂତିର ପରିଚାୟକ ।

'ବାବାଜୀ' ନାଟକରେ ବାବାଜୀ, ସୁବଳ ପଟ୍ଟନାୟକ, ରାମା, ଯଶୁ, ପୂଜାରୀ, ଦାମା, ରଘୁ, ବୀରସିଂହ, ଅଧିକାରୀ, ରାମ, ମହନ୍ତ, ଜେମ୍‌ସ୍ ଦଳେ, ଶିବମିତ୍ର ପ୍ରଭୃତି ତେରଗୋଟି ପୁରୁଷ ଏବଂ ମାଳତୀ, ଜାମୁନୀ (ବଷ୍ଟମାଣୀ), ଜେମୀ, ରାଧୀ ଚାରିଟି ନାରୀ ଚରିତ୍ରର ସମାବେଶ ଘଟିଛି । ସଂସ୍କୃତ ନାଟକର ନିୟମାନୁସାରେ ନାୟକର ଯେଉଁ ବିଶେଷତ୍ୱ ରହିବା କଥା ତାହାସବୁ 'ବାବାଜୀ'ଠାରେ ପରିଲକ୍ଷିତ ହୋଇଥାଏ ।[୫]

ପୁନଶ୍ଚ 'ବାବାଜୀ' ନାଟକରେ ନାୟିକାଙ୍କ ଉପରେ ସେପରି ଗୁରୁତ୍ୱ ଦିଆଯାଇ ନଥିଲେ ମଧ୍ୟ ଶାସ୍ତ୍ରୀୟ ଆଧାରରେ ଯେଉଁ ତ୍ରିବିଧା ସ୍ୱକୀୟା, ପରକୀୟା ଓ ସାମାନ୍ୟ ନାୟିକା ପରିଦୃଷ୍ଟ ହୁଅନ୍ତି, ତନ୍ମଧ୍ୟରୁ ସାମାନ୍ୟା ଶ୍ରେଣୀଭୁକ୍ତା ନାୟିକାଙ୍କୁ ଜଗନ୍ମୋହନ ତାଙ୍କ ନାଟକରେ ସ୍ଥାନ ଦେଇଛନ୍ତି ।

ସାମାଜିକ ଜୀବନଧାରାରୁ ସଂଗୃହୀତ 'ବାବାଜୀ' ନାଟକରେ ସନ୍ନିବେଶିତ ଚରିତ୍ରଗୁଡ଼ିକର କେବଳ ଯଥେଷ୍ଟ ନାଟକୀୟ ଉପଯୋଗିତା ରହିଛି ତା' ନୁହେଁ, ନାଟକର ଗତିବେଗ ସହିତ ଚରିତ୍ରମାନଙ୍କର ଆତ୍ମପ୍ରକାଶ ମଧ୍ୟ ଯଥାର୍ଥ ହୋଇଛି। ନାଟକର କଳେବର ବୃଦ୍ଧି ଏବଂ କଥାବସ୍ତୁର ଅଗ୍ରଗତି ନିମିତ୍ତ ଗୌଣ ଚରିତ୍ରମାନଙ୍କର ଅବତାରଣା କରାଯାଇଥାଏ । ସେହି ଉଦ୍ଦେଶ୍ୟରେ ଜଗନ୍ମୋହନ ଉକ୍ତ ଚରିତ୍ରମାନଙ୍କୁ ସୃଷ୍ଟି କରିଛନ୍ତି । ମୁଖ୍ୟ ଚରିତ୍ର ଓ ମୁଖ୍ୟ ଘଟଣାଧାରାକୁ ଏଇସବୁ ଗୌଣ ଚରିତ୍ର ଗୁଡ଼ିକ ପରିପୁଷ୍ଟ କରିଥିବା ଲକ୍ଷ୍ୟ କରାଯାଏ ।

ଇଂରାଜୀ ଶିକ୍ଷାର ପ୍ରସାର ଫଳରେ ସାଧାରଣ ସାମାଜିକ ଜୀବନ ମଦ୍ୟପାନ ଓ ବେଶ୍ୟାସକ୍ତି ଭଳି ଯେଉଁ ଦୁଇଟି ବ୍ୟାଧିର ଶିକାର ହୋଇ ପଡ଼ିଥିଲା, ବାବାଜୀ ନାଟକରେ ତାର ଜୀବନ୍ତ ଚିତ୍ର ପ୍ରଦତ୍ତ ହୋଇଛି । ପୂଜାରୀ ଆନନ୍ଦ ପଣ୍ଡାର କାର୍ଯ୍ୟକଳାପ ଏକ ଜୀର୍ଣ୍ଣ ସମାଜର ରୂପଚିତ୍ର । ତେବେ ଲାଲ ମହାଶୟ ତଥାକଥିତ କୁସଂସ୍କାର ଓ ଅନ୍ଧବିଶ୍ୱାସର ଆବଦ୍ଧ ପରିସରରୁ ସାମାଜିକ ଜୀବନର ବିଶ୍ୱସ୍ତ ଚିତ୍ର ପ୍ରଦାନ ନିମନ୍ତେ ବ୍ୟାକୁଳତା ପ୍ରକାଶ କରିଛନ୍ତି ।

'ବାବାଜୀ' ନାଟକରେ ନାଟ୍ୟକାର ଜଗନ୍ମୋହନ ଚରିତ୍ର ଗୁଡ଼ିକର ବହୁଳତା ଦର୍ଶାଇ ଆଧୁନିକ ଶିକ୍ଷିତ ସମାଜର ମଦ୍ୟପାନ, ବେଶ୍ୟାସକ୍ତି, ଗୁଣି ଗାରୁଡ଼ି, ଭୂତପ୍ରେତ, ଡାହାଣୀ ଚିରୁଗୁଣୀ ଆଦି ଅନ୍ଧବିଶ୍ୱାସ ସହିତ ସତ୍ୟର ସଂଘର୍ଷ ଖୁବ୍ ସଫଳତା ଓ ସତର୍କତାର ସହିତ କରାଇଛନ୍ତି । ଏହି ନାଟକରେ ବାବାଜୀ ମୁଖ୍ୟ ଚରିତ୍ର ଏବଂ ଆନନ୍ଦ ପଣ୍ଡା ପ୍ରତିନାୟକ ଭାବେ ଆବିର୍ଭୂତ ହୋଇଛନ୍ତି ।

ମୁଖ୍ୟ ଚରିତ୍ର ବାବାଜୀ ଏହି ନାଟକର ପ୍ରତ୍ୟେକ ଘଟଣା ଏବଂ ଚରିତ୍ର ସଂଘାତ ମଧ୍ୟ ଦେଇ ଗତିଶୀଳ ହୋଇଛି । ରାଧୀ, ଜେମୀ, ଶିବ, ଜେମ୍‌ସ୍, ସୁବଳବାବୁ ଓ ବୀରସିଂହ ମଧ୍ୟମ ଚରିତ୍ର । ଏହି ମଧ୍ୟମ ଚରିତ୍ର ଗୁଡ଼ିକ ନିକଟରେ ଅନ୍ଧବିଶ୍ୱାସ ସହ

Digitized by srujanika@gmail.com

ସତ୍ୟପ୍ରକାଶ ଓ ତଥ୍ୟପ୍ରକାଶର ସଂଘର୍ଷ ତଥା ସମାଧାନ ସଂଘଟିତ ହୋଇଛି । ଏହାଛଡ଼ା ରଘୁ, ରାମା, ଯଶୁ, ମାଳତୀ, ଜାମୁନୀ, ଅଧିକାରୀ ଓ ମହନ୍ତ ପ୍ରଭୃତି ଗୌଣ ଚରିତ୍ରମାନଙ୍କର ଭୂମିକା ସଂକ୍ଷିପ୍ତ ଏବଂ ଉଦ୍ଦେଶ୍ୟମୂଳକ ହୋଇଛି ।

ନାଟ୍ୟକାର କେତେକ ମଧ୍ୟମ ଚରିତ୍ର ମାଧ୍ୟମରେ ତୀବ୍ର ସଂଘର୍ଷ ସୃଷ୍ଟି କରି ନାଟକୀୟତା ଆଣିବା ଅପେକ୍ଷା କେବଳ ସୂଚନା ପ୍ରକାଶ କରିଛନ୍ତି । ଉଦାହରଣ ସ୍ୱରପ ଜେମ୍ସ୍ ଦ୍ଳେଇଙ୍କୁ ସେ ଦୁର୍ଭିକ୍ଷ ପରବର୍ତ୍ତୀ ଓଡ଼ିଶାରେ ଖ୍ରୀଷ୍ଟଧର୍ମ ଅନୁପ୍ରବେଶର ପ୍ରତୀକ ରୂପେ ଚିତ୍ରଣ କରିଛନ୍ତି ।

ତଥାପି ଏହି ନାଟକରେ ସ୍ୱାଭାବିକତା ଏବଂ ବାସ୍ତବଧର୍ମିତା ଉଚ୍ଚକୋଟୀର ହୋଇଛି । ନାଟକଟିରେ ପ୍ରତ୍ୟେକ ଚରିତ୍ରର ଆଚରଣବିଧି ସମସାମୟିକ ସାମାଜିକ ନୀତିନିୟମ ଉପରେ ପର୍ଯ୍ୟବସିତ । ସାଧାରଣ ଜନତାର ସରଳ ବିଶ୍ୱାସ, କୁସଂସ୍କାର ମନୋଭାବ ତଥା ମୁଷ୍ଟିମେୟ ସୁବିଧାବାଦୀ ଗୋଷ୍ଠୀର ଶୋଷଣର ଚିତ୍ର ପ୍ରଦାନରେ ନାଟ୍ୟକାର ଯେଉଁ ଜୀର୍ଣ୍ଣ ଏବଂ ଅନଗ୍ରସର ସମାଜ ଜୀବନର ପରିଚୟ ପ୍ରଦାନ କରିଛନ୍ତି, ସମସାମୟିକ ଇତିହାସ ପୃଷ୍ଠାରୁ ଏହାର ପରିଚୟ ମିଳିଥାଏ ।

ମୋଟ ଉପରେ ଅଭିନବ ପଦକ୍ଷେପ ନେଇଥିଲେ ମଧ୍ୟ ନାଟ୍ୟକାର ଜଗନ୍ମୋହନ 'ବାବାଜୀ' ନାଟକକୁ କ୍ରମଦୃଶ୍ୟମାନ ଘଟଣାବଳୀର ଏକ ମନୋରମ ରୂପଚିତ୍ର ଭାବରେ ଚିତ୍ରଣ କରିଛନ୍ତି । ଡକ୍ଟର ଅରବିନ୍ଦ ଗିରିଙ୍କ ଭାଷାରେ, "ଲାଲ ମହାଶୟ ପାଶ୍ଚାତ୍ୟ କାବ୍ୟ ଓ ନାଟକ ଅନୁସରଣରେ କାବ୍ୟ (ଭ୍ରମଭଞ୍ଜନ - ୧୮୬୮) ଓ ନାଟକ ରଚନା କ୍ଷେତ୍ରରେ ରାଧାନାଥଙ୍କ ଅଗ୍ରଜ ଭାବରେ ଯେତିକି ସ୍ମରଣୀୟ, ନାଟକରେ ବହୁ ବାସ୍ତବ ଚରିତ୍ର ସୃଷ୍ଟି କରି ସଠିକ ଭାବରେ ଉପସ୍ଥାପନ କରିବା ତଥା ଚରିତ୍ର, ମୁଖରୁଚି, ଭାଷା ସଂଳାପ ପ୍ରୟୋଗ କ୍ଷେତ୍ରରେ ଫକୀରମୋହନଙ୍କ ଅଗ୍ରଜ ଭାବରେ ସେତିକି ବନ୍ଦନୀୟ । କେବଳ ଏତିକି ନୁହେଁ, ଚରିତ୍ର ମୁଖରେ ହାସ୍ୟରସ ସୃଷ୍ଟିକରି ସାମାଜିକ ଅନ୍ୟାୟ, ଅନୀତି, କୁସଂସ୍କାର ଓ ଧର୍ମଭୀରୁତା ବିରୋଧରେ ଯେଉଁଳି ଶାଣିତ ବ୍ୟଙ୍ଗ ଓ ବିଦ୍ରୂପ କରିଛନ୍ତି । ତାହାଦ୍ୱାରା ନାଟ୍ୟରସ ପରିବେଷଣରେ ସଫଳତା ଲାଭ କରି ଦର୍ଶକମାନଙ୍କର ଖୁବ୍ ଉପଭୋଗ୍ୟ ହୋଇ ପାରିଛି ।"[୪୫]

ଏହିପରି ଭାବରେ ନାଟ୍ୟକାର ଜଗନ୍ମୋହନ ଲାଲଙ୍କ ଆଦି ନାଟକ 'ବାବାଜୀ'ର ଚରିତ୍ରାୟନ ସରଳ, ସୁବୋଧ ତଥା ଜନଗ୍ରାହ୍ୟ ହୋଇ ପାରିଛି ।

ଶିଳ୍ପବିଧି :

ପ୍ରତ୍ୟେକ ସାରସ୍ୱତ ସୃଷ୍ଟି ଏକ ସୂକ୍ଷ୍ମ ଶିଳ୍ପ କର୍ମ, ଯାହା ଶିଳ୍ପୀର ଆନ୍ତରିକ ପ୍ରଯତ୍ନରେ ସର୍ଜନାର ରୂପ ପରିଗ୍ରହଣ କରେ । ଅନ୍ୟ ଭାବରେ କହିଲେ, ସର୍ଜନାର ଅନ୍ତର୍ନିହିତ ରୂପ, ଯାହା ଦୃଶ୍ୟମାନ ନୁହେଁ, ସେହି ଅଦୃଶ୍ୟ ସତ୍ତାକୁ ଶିଳ୍ପ ସୌନ୍ଦର୍ଯ୍ୟ କୁହାଯାଏ ଯାହା ଶିଳ୍ପର ବାହ୍ୟ ରୂପଠାରୁ ଅଧିକ ଜୀବନ୍ତ ଓ ସତ୍ୟ । ଏହି ସତ୍ତା ଯେଉଁ ଶିଳ୍ପୀ ଭିତରେ ଜୀବନ୍ତ ଓ କ୍ରିୟମାଣ, ସେଇଠାରେ ଶିଳ୍ପୀ ସୃଷ୍ଟି କରେ, କାଳଜୟୀ କଳା ଓ ସାହିତ୍ୟ ।

Digitized by srujanika@gmail.com

ସାରସ୍ୱତ ସାଧକ ପୁଣି ବହୁ ସଂଘର୍ଷ ଓ ବୈଚିତ୍ର୍ୟ ମଧ୍ୟ ଦେଇ ଗତି କରିଥାଏ । ଯେଉଁ ସ୍ରଷ୍ଟା ଆତ୍ମସଚେତନ ଓ ସମାଜ ସଚେତନ ଥା'ନ୍ତି, ସେଠାରେ ଶିଳ୍ପୀ ସତ୍ତା ସାମାଜିକ ସତ୍ତା ସହିତ ମିଶି ଏକାକାର ହୋଇଯାଏ । ଯେଉଁ ଶିଳ୍ପୀ ସତ୍ତା ସାମାଜିକ ସତ୍ତାକୁ ସ୍ପର୍ଶ କରିପାରେ ନାହିଁ, ସେଠାରେ ସୃଷ୍ଟି ହେଉଥିବା ସାହିତ୍ୟ ସମାଜକୁ ଆକର୍ଷଣ କରେ ନାହିଁ । ସୁତରାଂ ସମାଜର ପ୍ରତିରୂପ ହୋଇଥିବାରୁ ନାଟକ ସାମାଜିକ ମଣିଷମାନଙ୍କର ଏକ କଳାତ୍ମକ ଅନୁଶୀଳନ । ନାଟକ ବିନା ବିଭିନ୍ନ ଶ୍ରେଣୀର ସାମାଜିକ ଚରିତ୍ରମାନଙ୍କର ପ୍ରତିପାଦିତ ହୋଇପାରେ ନାହିଁ ।

ପ୍ରଥମ ନାଟକ ହେଲେ ମଧ୍ୟ 'ବାବାଜୀ'ର ଶିଳ୍ପସୌନ୍ଦର୍ଯ୍ୟ ବଳିଷ୍ଠ ଓ ପ୍ରଭାବଶାଳୀ । ଓଡ଼ିଶାର ସାମାଜିକ, ସାଂସ୍କୃତିକ ତଥା ରାଜନୀତିକ ବାତାବରଣର ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ନାଟ୍ୟକାର ଜଗନ୍ମୋହନ ଏହାକୁ ରଚନା କରିଥିଲେ । ଆଧୁନିକ ଓଡ଼ିଆ ସାହିତ୍ୟର ଆଦ୍ୟ ଓଁକାର ସହିତ ତତ୍‌କାଳୀନ ସମାଜର ଅନ୍ଧବିଶ୍ୱାସ, କୁସଂସ୍କାର ଓ ବ୍ୟଭିଚାର ବିରୋଧରେ ଏହା ଏକ ସୁଦୃଢ଼ ପଦକ୍ଷେପ। ଏହି ନାଟକ ମାଧ୍ୟମରେ ନାଟ୍ୟକାର ଜଗନ୍ମୋହନ ନିଜର ସ୍ୱାଧୀନଚେତା ମନୋଭାବ, ସଂସ୍କାରବାଦୀ ପ୍ରତିକ୍ରିୟାକୁ ବିନା ଦ୍ୱିଧାରେ ପ୍ରକାଶ କରିଛନ୍ତି । ଏହି ନାଟକର କାହାଣୀ ବିନ୍ୟାସ, ଗଠନରୀତି, ଚରିତ୍ର ଚିତ୍ରଣ ଓ ସଂଳାପ ସଂଯୋଜନା ତତ୍କାଳୀନ ପ୍ରଚଳିତ ଯାତ୍ରା ବା ଗୀତିନାଟ୍ୟର ଗଠନତନ୍ତ୍ରଠାରୁ ସମ୍ପୂର୍ଣ୍ଣ ଭିନ୍ନ ଏବଂ ଆଧୁନିକତା ଆଭିମୁଖ୍ୟ ହୋଇଥିବା ଲକ୍ଷ୍ୟ କରାଯାଏ ।

'ବାବାଜୀ' ନାଟକର ବିଷୟବସ୍ତୁକୁ ନେଇ ଚାରୋଟି ଅଙ୍କରେ ଅଭିନୟ କରାଯିବାର ପରିକଳ୍ପନା ଜଗନ୍ମୋହନଙ୍କର ନିଜସ୍ୱ । ଚତୁର୍ଥ ଅଙ୍କର ଘଟଣା ବିନ୍ୟାସ ଦୀର୍ଘ । ଅଥଚ ନାଟ୍ୟକାର ସଂସ୍କୃତି ରୀତିରେ ତାଙ୍କ ନାଟକକୁ ପଞ୍ଚାଙ୍କ ବିଶିଷ୍ଟ କରି ନାହାନ୍ତି । ସେ ସଂସ୍କୃତ ଜାଣିଥିଲେ କି ନାହିଁ, ଶାସ୍ତ୍ରାଦି ତାଙ୍କଦ୍ୱାରା ଅଧୀତ ଓ ଆୟତ ହୋଇଥିଲା କି ନାହିଁ, ତାହା ଭିନ୍ନ କଥା, କିନ୍ତୁ ଏ କଥା ସତ ଯେ ଜଗନ୍ମୋହନଙ୍କ ଚିନ୍ତା ଏବଂ ଚେତନା 'ବାବାଜୀ' ନାଟକରୁ ସ୍ପଷ୍ଟ ହୋଇଅଛି - ସେ ପୁରୁଣା ଧାରା ପ୍ରତି ପରାଙ୍ମୁଖ ଥିଲେ । ସେଥିପାଇଁ ନିଜସ୍ୱ ପରିପକ୍ୱନାକୁ ଆପଣା ଛାଞ୍ଚରେ ଢାଳି ଦେଇଗଲେ ।

ସଂଳାପ :

ସାମାଜିକ ଜୀବନରେ ନାଟକକୁ ପ୍ରତ୍ୟକ୍ଷ ଦୃଶ୍ୟକଳା ଏବଂ ଏଥିରେ ସନ୍ନିବେଶିତ ସଂଳାପଗୁଡ଼ିକୁ ମୁଖ୍ୟ ଉପାଦାନ ଭାବେ ଗ୍ରହଣ କରାଯାଏ । ସଂଳାପ ମାଧ୍ୟମରେ ନାଟକର କଥାବସ୍ତୁ ଓ ଭାବବୋଧ ଗତି କରିଥାଏ । ସୁତରାଂ ପାତ୍ରମୁଖୀ ସଂଳାପ ନ ରହିଲେ ନାଟକ ପ୍ରଭାବଶାଳୀ ହୁଏନାହିଁ । ସାଧାରଣତଃ ପରିବେଶ, ପରିସ୍ଥିତି, ମାନସିକ ଅବସ୍ଥା ଏବଂ କେତେକ ବିଶେଷ ଭାବକୁ ନେଇ ସଂଳାପ ଭିନ୍ନ ଭିନ୍ନ ହୋଇଥାଏ । ସାଧାରଣ କ୍ଷେତ୍ରରେ ବ୍ୟବହୃତ ହେଉଥିବା ଭାଷା ସଂଳାପରେ ରସାନ୍ୱିତ ହୋଇଥାଏ ।

'ବାବାଜୀ' ନାଟକରେ ମୁଖ୍ୟତଃ କଥୋପକଥନଧର୍ମୀ ଏବଂ ବକ୍ତବ୍ୟ ପ୍ରଧାନ ସଂଳାପ ଥିବାର ଲକ୍ଷ୍ୟ କରାଯାଏ । କେତେକ କ୍ଷେତ୍ରରେ ଏହା ସଂକ୍ଷିପ୍ତ, ଶାଣିତ ଏବଂ ଉପଦେଶମୂଳକ ହୋଇଛି । ବିଶେଷ କରି ତତ୍କାଳୀନ ସାମାଜିକ ଜୀବନରେ ଏହା ନୀତି, ଆଦର୍ଶ ଏବଂ ସଂସ୍କାରର ବାର୍ତ୍ତା ପ୍ରଚାର କରିଛି ।

Digitized by srujanika@gmail.com

ପ୍ରାଥମିକ ପଦକ୍ଷେପରେ ନାଟ୍ୟକାର ଜଗନ୍ମୋହନ ବିଷୟବସ୍ତୁ ନିର୍ବାଚନ ଏବଂ ଗ୍ରାମ୍ୟ ଚରିତ୍ରମାନଙ୍କ ମୁଖରେ ଗ୍ରାମ୍ୟ ପ୍ରବଚନ ଓ ଇଂରାଜୀ ଶିକ୍ଷାପ୍ରାପ୍ତ ଚରିତ୍ରମାନଙ୍କ ମୁଖରେ ଇଂରାଜୀ ଭାଷା ସଂବଳିତ ପାତ୍ରୋପଯୋଗୀ ସଂଳାପ ସଂଯୋଜନାକରି ଆଧୁନିକତାର ସ୍ପର୍ଶ ଦେଇଛନ୍ତି । ସମାଜ ସଂସ୍କାର ଉଦ୍ଦେଶ୍ୟରେ ରଚିତ ହୋଇଥିବା ନାଟକଟି ସର୍ବଜନବୋଧ ହୋଇଛି । ନାଟକର ମୁଖ୍ୟ ଚରିତ୍ର ବାବାଜୀଙ୍କ ଅତୀତ ଓ ଭବିଷ୍ୟତ ଜୀବନ ଶେଷ ପର୍ଯ୍ୟନ୍ତ ଅନୁଦ୍‌ଘାଟିତ ରହିଥିଲେ ମଧ ବେଳ ସଂଳାପରୁ ତାଙ୍କର ଧର୍ମମତବାଦ, ଚରିତ୍ରବତ୍ତା, ନିଷ୍ଠାପରତା, ସଂସ୍କାରଲିପ୍‌ସା, ନିଶାସେବନଠାରୁ ଦୂରରେ ରହିବା ପ୍ରଭୃତି ମାନବୀୟ ସଦ୍‌ଗୁଣାବଳୀର ପରିଚୟ ମିଳିଥାଏ । ପ୍ରଥମ ଅଙ୍କଠାରୁ ଚତୁର୍ଥ ଅଙ୍କ ପର୍ଯ୍ୟନ୍ତ ବିଭିନ୍ନ ସଂଳାପଗୁଡ଼ିକୁ ବିଚାର କରାଯାଇପାରେ ।

ବାବାଜୀ - "ଆମର ମଠ ନାହିଁ ବାବା ! ଘର ଛାଡ଼ିଲେଇଁ, ମଠରୁ କି କାର୍ଯ୍ୟ, ଘର ଧନ୍ଦା ଓ ମଠ ଧନ୍ଦା ସମାନ ଅଟେ ।[୪୬]

ଏଠାରେ ନାଟ୍ୟକାର ବାବାଜୀଙ୍କ ସଂଳାପ ମାଧ୍ୟମରେ ତତ୍କାଳୀନ ମଠ ଗୁଡ଼ିକର ଅବସ୍ଥା ସଂପର୍କରେ ତିର୍ଯ୍ୟକ୍ ସୂଚନା ପ୍ରଦାନ କରିଛନ୍ତି ।

ବାବାଜୀ - ଆମେ ତମାଖୁ ଖାଉନା ବାବା ! ଗଞ୍ଜା କ'ଣ ହେବ ? ଚିଲମ ରଖନ୍ତୁ । ଗଞ୍ଜା ଭାଙ୍ଗ ଆଦି ଆମର କିଛି ହୁଏ ନାହିଁ । ଭୋଜନ ନ କଲେ ଜୀବନ ନ ରହିବ୍ , ସେଥିପାଇଁ ଭୋଜନ ଆବଶ୍ୟକ । ନିଶା ପାଣିରେ କି କାର୍ଯ୍ୟ । ସେଥିରେ ମତିଗତି ଠିକ୍ ରହେ ନାହିଁ ।[୪୭]

ନିଶା ସେବନ ବିରୁଦ୍ଧରେ ଏହି ସଂଳାପ ବାସ୍ତବରେ ତତ୍କାଳୀନ ସାମାଜିକ ପରିସ୍ଥିତି କ୍ଷେତ୍ରରେ ଏକ ନବଜାଗରଣର ସନ୍ଦେଶ । କେତେକ କ୍ଷେତ୍ରରେ ନାଟ୍ୟକାର କଥନଶୈଳୀ ମାଧ୍ୟମରେ ନିଜସ୍ୱ ବକ୍ତବ୍ୟକୁ ଉପସ୍ଥାପନ କରି ନାଟକକୁ ଗତିଶୀଳ କରାଇଛନ୍ତି । ଦ୍ୱିତୀୟ ଅଙ୍କରେ ପୂଜାରୀ ମୁଖରେ ନାଟ୍ୟକାର ପ୍ରକାଶ କରିଛନ୍ତି -

ପୂଜାରୀ - ମହାରାଜ ! ଅନ୍ନ ଅଛି, ତିଅଣ ନାହିଁ । କ'ଣ ଦେଇ ଖାଇବ ? ଶୁଖୁଆ ହେବ ?

ବାବାଜୀ - ହଉ ବାବା, ଶୁଖା ରୁଖା ଯାହା ଅଛି ଖାଇଦେବା ।

ପୂଜାରୀ - ଶୁଖାରୁଖା କହୁନାହିଁ ଯେ, ଶୁଖୁଆ ।

ବାବାଜୀ - ଶୁକୁଆ କ'ଣ ଆମେ ତ କେବେ ଖାଇନାହୁଁ ।

ପୂଜାରୀ - ଶୁକୁଆ ଜାଣନା, ଆଉ ତେବେ କ'ଣ ଜାଣ ? ମାଛରୁ ଶୁଖୁଆ ହୁଏ । ସମସ୍ତେ ଖା'ନ୍ତି ଏବଂ ଅନେକ ବ୍ରାହ୍ମଣ ବଷ୍ଟମ ସୁଦ୍ଧା ଲୁଚେଇ ଚୋରେଇ ଖାଇ ଦେଉଛନ୍ତି ।

ବାବାଜୀ - ଆରେ ବୈଷ୍ଣବ ମାଛ ଶୁଖୁଆ ଖା'ନ୍ତି ? ଏତକ ଜାଣୁନା ।

ପୂଜାରୀ - ଆଉ କ'ଣ ସାଗୁଆଡି ଖାଇବ ?

ବାବାଜୀ - ହଁ ତା ହବ, ସେଇ ହେଲେ ଆମରା ଢେର ।[୪୮]

Digitized by srujanika@gmail.com

'ବାବାଜୀ' ନାଟକର ସଂଳାପ ଅନେକତ୍ର ଦୀର୍ଘ ହୋଇଚି । କିନ୍ତୁ ଓଡ଼ିଆ ଭାଷାର ରୂଢ଼ି, ଢଗଢମାଳି ଆଦିର ବ୍ୟବହାରରେ 'ବାବାଜୀ' ନାଟକର ସଂଳାପ କେତୋଟି ହୋଇଛି ଅକୃତ୍ରିମ ଓ ସ୍ୱାଭାବିକ ଭାବରେ ଭାବଗର୍ଭକ । ଯେପରି -

ଜାମୁନୀ - କ'ଣ ପାପ କଥା ଗୁଡ଼ାକ କହୁ । କୃଷ୍ଣ କୃଷ୍ଣ କୃଷ୍ଣ

ବୀର - ହାଣ୍ଡିରେ ଖାଏ ଗୋଡ଼ରେ ପଡ଼ିଲେ ଗାଧୋଇ ଯାଏ

ଜାମୁନୀ - (ହସି ହସି) ଏବେ କେତେ ରଙ୍ଗରେ କଥା କହ ଆସିଲାଣି ହଉ ହଉ, ଆଖଉ ଆଖଉ ପାଖେଇବୁ ଯେ ।

ବୀର - ମୋ'ଠି ସେ ପାଠ ନାହିଁ, ଯା, ଯା, ଅଧିକାରୀ ପାଖକୁ ଯା, ପ୍ରସାଦ ପାଇବୁ ।[୪୯]

ପୁନଶ୍ଚ ତୃତୀୟ ଅଙ୍କର ଅନ୍ତିମ ପର୍ବରେ ସ୍ୱକୀୟା ପରକୀୟା ତତ୍ତ୍ୱ ବୁଝାଇବାକୁ ଯାଇ ବୀରସିଂହକୁ ବାବାଜୀ କହିଛନ୍ତି -

ବାବାଜୀ - ନାନା ଏହା କିପରି ହୋଇପାରେ ? ମହାତ୍ମା ଚୈତନ୍ୟଙ୍କର ଅନ୍ୟ ନାମ ଚୈତନ୍ୟ । ସେ ପ୍ରେମ ଧର୍ମ ପ୍ରଚାର କରିଅଛନ୍ତି । ତାଙ୍କ ତୁଲ୍ୟ ଈଶ୍ୱରପ୍ରେମୀ ଅନ୍ୟ କେହି ହବାରା ବିରଳ, କିନ୍ତୁ ତାଙ୍କର ପରକୀୟା ନ ଥିଲା, ବରଂ ସେ ସ୍ତ୍ରୀ ସଂପର୍କ ବିବର୍ଜିତ ସନ୍ନ୍ୟାସ ଧର୍ମ ଗ୍ରହଣ କରିଥିଲେ । ପରକୀୟା ମତଟି କେବଳ ଲମ୍ପଟ ଗୋସ୍ୱାମୀଙ୍କର ସ୍ୱକଳ୍ପିତ ମତ ଅଟଇ । ତାହା ଶାସ୍ତ୍ରୋକ୍ତ କିମ୍ବା ଚୈତନ୍ୟଙ୍କର ମତ ନୁହେଁ । ପରକୀୟା ମହାପାପ ଓ ପାପରୁ ପବିତ୍ର ପ୍ରେମ ଉପୁଜି ନ ପାରେ ।[୫୦]

କେବଳ ଏତିକି ନୁହେଁ, ନାଟ୍ୟକାରଙ୍କର ପ୍ରକୃତି ସମ୍ବନ୍ଧୀୟ ଜ୍ଞାନ ଓ ତତ୍‌ସମ୍ପର୍କୀୟ ପର୍ଯ୍ୟବେକ୍ଷଣ ଦେଖିଲେ ବିସ୍ମିତ ହେବାକୁ ହୁଏ । ତତ୍‌କାଳୀନ ଅଶିକ୍ଷା, ଅଜ୍ଞାନ, କୁସଂସ୍କାର କବଳିତ ଜନସମାଜକୁ ସେ ବାବାଜୀଙ୍କ ସଂଳାପ ମାଧ୍ୟମରେ ତାତ୍ତ୍ୱିକ ଶିକ୍ଷା ଦେଇଛନ୍ତି ।

ବାବାଜୀ - ସ୍ଥାନ, ବାୟୁ ପରିବର୍ତ୍ତନ, ମନର ଦମ୍ପିତା ଇତ୍ୟାଦି ଅନେକ କାରଣରେ ରୋଗ କ୍ଷମା ହୁଏ ଓ ମଧ୍ୟ କୌଣସି କୌଣସି ରୋଗ ଆପଣା ସୁଖେ ଭଲ ହୋଇଯାଏ । କେତେକ ସ୍ଥଳେ ଔଷଧ ପଶ୍ଚାତ୍ ଗୁଣ କରେ ଓ କେହି କେହି ବାବାଜୀ ଆଜ୍ଞା ସହିତ ତୁଟୁକା ଔଷଧ ମଧ୍ୟ ଦିଅନ୍ତି । ବାସ୍ତବରେ ଏହି ହେତୁମାନଙ୍କରେ କେହି କେହି ରୋଗ ଭଲ ହେଲେ ଆଜ୍ଞାର ନାମ ହୁଏ; କିନ୍ତୁ ଅନେକ ସ୍ଥଳେ ଆଜ୍ଞା ସଫଳ ହୁଏ ନାହିଁ ।

ଆଲୋଚ୍ୟ ନାଟକର ମୁଖ୍ୟ ଚରିତ୍ର ବାବାଜୀ ଧର୍ମାନ୍ଧ ନୁହନ୍ତି । ସେ ବିବେକବନ୍ତ, ଅହଂକାରଶୂନ୍ୟ, ଏକେଶ୍ୱରବାଦୀ, ଶୈବ, ଶାକ୍ତ ଗୌଡ଼ୀୟ କିମ୍ବା ଅନ୍ୟ କୌଣସି ଧର୍ମମତବାଦର ଅନୁଗାମୀ ନ ହୋଇ ସେ ମାନବଧର୍ମକୁ ଶ୍ରେଷ୍ଠ ବୋଲି ବିଚାର କରିଛନ୍ତି । ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ସଂପନ୍ନ ଏହି ବାବାଜୀ ମଧ୍ୟଯୁଗୀୟ ଅଂଧବିଶ୍ୱାସ ଠାରୁ ଯଥେଷ୍ଟ ଉର୍ଦ୍ଧ୍ୱରେ । ମନ୍ତ୍ର, ଯନ୍ତ୍ର ପୁଣି ଗୁଣି ଗାରେଡ଼ିର ହଠକାରିତାରେ ତାଙ୍କର ବିଶ୍ୱାସ ନାହିଁ । ବୈଜ୍ଞାନିକ ସତ୍ୟରେ ପୂର୍ଣ୍ଣ ଆସ୍ଥା ପୋଷଣ କରି ମନ୍ତ୍ର ବିଷୟରେ ସେ କହିଛନ୍ତି -

ବାବାଜୀ - xxx କୁହୁକ ମନ୍ତ୍ର ବଳରେ ହୁଏନା, କିମ୍ବା ମନ୍ତ୍ରର କିଛି ହିଁ ବଳ ନାହିଁ । ମନ୍ତ୍ରର ବଳ ଥିଲେ ବାଜୀକର କେଳା ଦୁଇ ଚାରି ଅଣା ପାଇଁ ଦ୍ୱାର ଦ୍ୱାର ନ ବୁଲି ମନ୍ତ୍ରବଳରେ ଟଙ୍କା କଉଡ଼ି ଟାଣି ଆଣୁଥା'ନ୍ତା । ବାସ୍ତବରେ କେତେ କୁହୁକ ଚତୁରତା ଓ ଚଞ୍ଚଳତା ଦ୍ୱାରା ହୁଏ, କେତେକ ଦ୍ରବ୍ୟ ଗୁଣରେ ହୁଏ, କେତେକ କଳ କୌଶଳରେ ଓ ଯନ୍ତ୍ର ସହାୟତାରେ ହୁଏ । ଇଂରେଜମାନେ ମନ୍ତ୍ର ମାନନ୍ତି ନାହିଁ କିମ୍ବା ଜାଣନ୍ତି ନାହିଁ, ସେମାନେ କିପରି କେଳାଙ୍କ ଠାରୁ ଅଧିକ ଚମତ୍କାର କୁହୁକ ଦେଖାନ୍ତି ? ଆମେ ଗୋଟିଏ କୁହୁକ ତୁମକୁ ବୁଝାଇ ଦେଉଚୁ ଶୁଣ । ରବର ନାମରେ ଏକ ପ୍ରକାର ଅଠାବତ୍ ଦ୍ରବ୍ୟ ଅଛି ତାହା ଟାଣିଲେ ବଢ଼େ, ଚିପିଲେ ଚାକି ହୁଅଇ । ତହିଁରେ ପୋଲା ପେଣ୍ଡୁ ଚିପା ହୋଇ ଟୋପିର ଲୁଗା ମଧ୍ୟରେ ପଶିଥା, ସେ ପେଣ୍ଡୁରେ ରନ୍ଧ୍ର ଥାଏ ତାହା ଲୁଗା ମଧ୍ୟରୁ ବାହାର କଲେ ବାୟୁ ସହାୟତାରେ ତାହା ଫୁଲି ନିଦା ପେଣ୍ଡୁ ପ୍ରାୟ ଦିଶେ । ସେ ପରମହଂସ କଳାରଙ୍ଗର ସେହିପରି ରବର ପେଣ୍ଡୁକୁ ପାଟି ମଧ୍ୟରେ ପୂର୍ବରୁ ଚାକି ରଖିଥିଲା, ତୁମ ସାକ୍ଷାତରେ ତୁଣ୍ଡରୁ ବାହାର କଲାରୁ ତାହା ଫୁଲି ଶାଳଗ୍ରାମ ତୁଲ୍ୟ ଦୃଶ୍ୟହେଲା ପୁଣି ତାହା ମୁହଁ ମଧ୍ୟରେ ପୂରାଇ କଳରେ ଚାକି ରଖିଲା, ପଶ୍ଚାତ୍ ବାହାର କରି ଗଣ୍ଠିର ମଧ୍ୟରେ ରଖିଥିବ । ଏହି ପ୍ରକାର ସୂତ୍ରରେ ସବୁ କୁହୁକ ହୁଏ ।

ଅନ୍ଧକାର ଓ କୁସଂସ୍କାରରେ ସଢ଼ୁଥିବା ମଣିଷକୁ ମୁକ୍ତ କରିବା ପାଇଁ ସେ ସତ୍ ଉପଦେଶମାନ ଦେଇଛନ୍ତି । ପ୍ରତିଟି ଧର୍ମର ସାରତତ୍ତ୍ୱକୁ ଗ୍ରହଣ କରି ତାହା କିପରି ସମାଜର ହିତ ସାଧନ କରି ପାରିବ । ସେ ବିଷୟରେ ସେ ଆଗ୍ରହ ପ୍ରକାଶ କରିଛନ୍ତି । ସ୍ଥଳ ବିଶେଷରେ ସେ ଶିବକୁ କହିଛନ୍ତି –

ବାବାଜୀ - କୌଣସି ଧର୍ମରେ ତୁମର ବିଶ୍ୱାସ ହଉନାହିଁ । ସର୍ବକର୍ତ୍ତା ଈଶ୍ୱରଙ୍କଠାରେ ମତି ହଉ ନାହିଁ, ଅସମ୍ଭବ କଥାରେ ବିଶ୍ୱାସ ହଉଚି ଓ ଅଳୀକ ଆମୋଦପ୍ରମୋଦରେ ମଜ୍ଜି ରହିଛି, ବଡ଼ ଆଶ୍ଚର୍ଯ୍ୟ ଓ ଦୁଃଖର ବିଷୟ । (ଜେମ୍ସ୍ ପ୍ରତି) ତୁମେ ହିନ୍ଦୁ ଧର୍ମର ସାର କଥାରେ ଅବିଶ୍ୱାସ କରି ସେ ଧର୍ମ ତ୍ୟାଗ କଲ, ମାତ୍ର ସାର କଥାରେ ସଂପୂର୍ଣ୍ଣ ବିଶ୍ୱାସ ଅଛି । ଅଜ୍ଞାନତା ଓ କୁସଂସ୍କାର ଲେଶ ମାତ୍ର ଯାଇନାହିଁ । ଜ୍ଞାନ ଧର୍ମ ଶିକ୍ଷା କରି ମନୁଷ୍ୟ ଜନ୍ମ ସଂଫଳ କର । ଏଥିରେ ତୁମମାନଙ୍କର ପ୍ରକୃତ ମଙ୍ଗଳ ହେବ ।

କେତେକ କ୍ଷେତ୍ରରେ ଏହି ସଂଳାପ ସଂକ୍ଷିପ୍ତ ଓ ଶାଣିତ ହୋଇଛି । ଭାଷା ଅକୃତ୍ରିମ ସ୍ୱାଭାବିକ ତଥା ପାତ୍ରମୁଖୀ ହୋଇଛି । ତେବେ ଉଦ୍ଧୃତ ସଂଳାପ ଗୁଡ଼ିକ ବାସ୍ତବତାର ଅଧିକ ନିକଟବର୍ତ୍ତୀ । ବିଶେଷତଃ ପାତ୍ରୋପଯୋଗୀ ଚରିତ୍ର ସଂଯୋଜନାରେ ନାଟ୍ୟକାରଙ୍କ କୃତିତ୍ୱ ଅବଶ୍ୟ ସ୍ମରଣୀୟ ।

ତେବେ ସ୍ଥାନେ ସ୍ଥାନେ ଯେଉଁ ଅତିଦୀର୍ଘ ଏବଂ ପ୍ରଚାରମୂଳକ ସଂଳାପର ପ୍ରୟୋଗ କରାଯାଇଛି, ଏହା ପଛରେ ମୁଖ୍ୟତଃ ଦୁଇଟି କାରଣ ଥିବା ଅନୁମାନ କରାଯାଇପାରେ । ପ୍ରଥମରେ ଯାତ୍ରା ନାଟକ ପ୍ରତି ନାଟ୍ୟକାରଙ୍କର ବ୍ୟକ୍ତିଗତ ଶ୍ରଦ୍ଧା ଏବଂ ଦ୍ୱିତୀୟରେ ସଂସ୍କାରଧର୍ମିତା ଉଦ୍ଦେଶ୍ୟମୂଳକ ସଂଳାପ ସଂଯୋଜନାର ଆବଶ୍ୟକତା । ମାତ୍ର ପ୍ରଚାର ଧର୍ମିତାର ସ୍ପଷ୍ଟ ରୂପ କାବ୍ୟ କିମ୍ବା ନାଟକରେ ସ୍ପୃହଣୀୟ ନୁହେଁ । 'ବାବାଜୀ' ନାଟକର

Digitized by srujanika@gmail.com

ଚତୁର୍ଥ ଅଙ୍କରେ ମୁଖ୍ୟ ଚରିତ୍ର ବାବାଜୀ ଓ ପୂଜାରୀ ମଧ୍ୟରେ ଯେଉଁ ସଂଳାପ ଚାଲୁ ରହିଥିବାର ଦେଖାଯାଏ ତାହା ଏହି କାରଣରୁ ଅନାଟକୀୟ ବକ୍ତବ୍ୟପ୍ରଧାନ ହୋଇ ପଡ଼ିଛି ।

ତଥାପି ଆଦି ନାଟ୍ୟକାରଙ୍କର କୃତିତ୍ୱ ବେଶ୍ ପ୍ରଭାବଶାଳୀ । ସଂଳାପକୁ ଅଧିକ ଜୀବନ୍ତ ରସଗ୍ରାହୀ କରିବା ନିମନ୍ତେ ଏଥିରେ କେତେକ ଲୋକବାଣୀ ବା ପ୍ରବଚନ ଖଞ୍ଜି ଦିଆଯାଇଛି । ଏହା ବ୍ୟତୀତ ଇଂରାଜୀ ତଥା ବଙ୍ଗଳା ଭାଷା ମିଶ୍ରିତ ସଂଳାପରେ ଏହା ଅଦ୍ଭୁତ ଭାବରେ ଜୀବନଧର୍ମୀ ଏବଂ ସ୍ୱାଭାବିକ ହୋଇ ପଡ଼ିଛି ।

ସଙ୍ଗୀତ :

'ବାବାଜୀ' ନାଟକରେ ନାଟ୍ୟକାର ଜଗନ୍ମୋହନ ଅଧିକ ମାତ୍ରାରେ ସାମଜ ସଚେତନ ହୋଇ ପଡ଼ିବା ସଙ୍ଗେ ସଙ୍ଗେ ଏକେଶ୍ୱରବାଦର ପ୍ରଚାର କରିଛନ୍ତି । ସେ ମୁଖ୍ୟ ଚରିତ୍ର ବାବାଜୀ ମୁଖରେ ଯେଉଁ ଦୁଇଟି ଭଜନ ଏବଂ ରାଧୀ, ଜେମୀଙ୍କ ମୁଖରେ ଗୋଟିଏ ଭଜନ ପରିବେଷଣ କରିଛନ୍ତି । ସେଥିରୁ ତାଙ୍କର ଏକନିଷ୍ଠ ଈଶ୍ୱରପ୍ରେମ ସମ୍ବନ୍ଧରେ ସ୍ପଷ୍ଟ ଧାରଣା ମିଳିଥାଏ ।

ନାଟ୍ୟକାରଙ୍କର ଉକ୍ତ ସଙ୍ଗୀତଗୁଡ଼ିକ ପରିସ୍ଥିତି ଅନୁସାରେ ମଧ ପ୍ରସଙ୍ଗଭିତ୍ତିକ ମନେହୁଏ ।

'ବାବାଜୀ' ନାଟକରେ ସନ୍ନିବେଶିତ ସଙ୍ଗୀତ ସଂପର୍କରେ ଡଃ. କାଳୀଚରଣ ପଟ୍ଟନାୟକ ଲେଖିଛନ୍ତି, "ନାଟକ ସନ୍ନିବେଶିତ ଗୀତ ତିନୋଟିର ଭାଷା ଲକ୍ଷ୍ୟ କଲେ ଲେଖକ ନିଜେ ସଙ୍ଗୀତଜ୍ଞ ବା ଗାୟକ ବୋଲି ଅନୁମିତ ହୁଏ ନାହିଁ । ଗୀତ ଭାଷାର ସ୍ୱାତନ୍ତ୍ୟ ଓ ଲାଳିତ୍ୟ ଏଥିରେ ଅଭାବ । ପ୍ରଥମ ଗୀତ "ମୋର ଦୀନବନ୍ଧୁ ଦୟାଲ, ଅନ୍ୟ କେହି ନାହିଁ । ଏଥିରେ ଦୟାଲ ଶବ୍ଦର ପ୍ରୟୋଗ ବଙ୍ଗୀୟ ପ୍ରଭାବ ସୂଚନା ଦିଏ । ଗୀତଟି ଗାଇଲେ ମଧ ଶବ୍ଦ ଗୁମ୍ଫନ କର୍ଣ୍ଣ ପ୍ରୀତିକର ହେବାରେ ସନ୍ଦେହ ଜାତ ହୁଏ ।"[୫୧] ପୁନଶ୍ଚ ଡଃ. ହେମନ୍ତ କୁମାର ଦାସଙ୍କ ମତ ଅନୁଯାୟୀ ଉଲ୍ଲିଖିତ ସଙ୍ଗୀତଟି ସାଧିକା ମୀରାବାଈଙ୍କର ଏକ ପ୍ରସିଦ୍ଧ ଭଜନର ଓଡ଼ିଆ ରୂପାନ୍ତର ମାତ୍ର ।[୫୨]

ଭାଷା :

ନାଟକୀୟ ଭାଷା ସାଧାରଣତଃ ଲାଳିତ୍ୟ ସମ୍ପନ୍ନ ହେବା ଉଚିତ । ତାହାଦ୍ୱାରା ସଂଳାପ ମାଧ୍ୟମରେ ନାଟ୍ୟକାରଙ୍କ ଚିନ୍ତାଧାରା ସହଜରେ ପ୍ରକାଶିତ ହୁଏ । ନାଟକର ଭାଷା ନାଟକୀୟ ଚରିତ୍ରମାନଙ୍କର ଅନୁକୂଳ ହେବା ସଙ୍ଗେ ସଙ୍ଗେ ସର୍ବଜନବୋଧ ହେବା ଆବଶ୍ୟକ ।

ନାଟ୍ୟକାର ଜଗନ୍ମୋହନ 'ବାବାଜୀ' ନାଟକରେ ଏ ସମସ୍ତ ଦିଗକୁ ସ୍ପର୍ଶ କରି ସମକାଳର ସାମଜ ଜୀବନକୁ ନାଟ୍ୟରୂପ ପ୍ରଦାନ କରିଛନ୍ତି । ଏଥିରେ ମଧ ସେ ସହଜ, ସରଳ. ସ୍ୱାଭାବିକ ଏବଂ ପାତ୍ରମୁଖୀ ଭାଷା ପ୍ରୟୋଗ କରିଛନ୍ତି ।

'ବାବାଜୀ' ନାଟକରେ ବ୍ୟବହୃତ ଭାଷାକୁ ମୁଖ୍ୟତଃ ତିନି ଭାଗରେ ବିଭକ୍ତ କରାଯାଇପାରେ ।

Digitized by srujanika@gmail.com

୧. ଦେଶଜ ଶବ୍ଦ ବହୁଳ ଭାଷା,
୨. ବୈଦେଶିକ ଶବ୍ଦ ଓ ଖଣ୍ଡବାକ୍ୟ
୩. ଲୋକବାଣୀ ଓ ରୂଢ଼ି

୧. ଦେଶଜ ଶବ୍ଦ

ଆଖଉ	ବାଉତି	ଅଇଲୁ	ଠାକୁ
ଟାହୁଲି	ସୁକମଦରଙ୍ଗ	ବଷମ	କରଣୀ କାଟିବା
ଗଞ୍ଜା	ତୁଟୁକା	ନୁଚେଇ	କଉଡ଼ି
ପାଉନବାଲା	ମାଗୁଚେଇଁ	ଏଉଟା	ଏହିଛୁଣି
ଟାନେ	ଉତାରିଚଁ	ଏଠିର	ଚଟକଣା
ତିଅଣ	ଛାଡ଼ିଲେଇଁ	ଏଇଟା	ଚପେଟା
ସିଧା	ପାଖେଇବୁ	ପଣେ	ଅଇଲ

୨. ବୈଦେଶିକ ଶବ୍ଦ ଓ ଖଣ୍ଡବାକ୍ୟ

ରୋଷ୍ଟ	ଡିଗ୍ରୀ	ଡାକ୍ତର	ଡ୍ରିଂକିଙ୍ଗ୍
ଫ୍ରେଣ୍ଡ୍ସ୍	ହୁଡ୍	ତମାଖୁ	ରୋସନ୍
ଡ୍ରିନ୍କିଙ୍ଗ	ବରାଣ୍ଡି	ଗୋଲାବ	କଣ୍ଟ୍ରି
ଏକ୍ସକମ୍ୟୁନିକେଟ୍	ଓକିଲ	କରବ	ଏକ୍ସ୍ ସୋ
ଆମାଦେର୍	ହଚ୍ଛେ	କାଲ୍କେର୍	ଘୁମାଗୟା
କର୍ଚ୍ଚେନ୍	ଏଖନୋ	ପ୍ରାତର୍ଜ୍ଜେସେୟସ୍ଥ	ଖାଓ୍ୱାଇବୁ
କରିଷ୍ଟାନ୍	ନିକେଶ	ବଲେଚେନ୍	ତଦ୍ଯୋଗ୍ୟ

ଆସୁନ୍ ଭଟ୍ଟାଚାର୍ଯ୍ୟ ମହାଶୟ, ଆସୁନ୍
କୀଟସ୍ୟ କୀଟାୟତେ
ମିଥ୍ୟା ଭାଷଣଂ ନ କର୍ତ୍ତବ୍ୟଂ
ମନ୍କାଫେର୍ତ ଜନମ୍ ଗୟା ନଆୟା ମନ୍କା ଫେର୍
କର୍‌ବା ମନ୍କା ଛୋଡ୍‌କର୍ ମନ୍କା ମନ୍କା ଫେର୍

୩. ଲୋକବାଣୀ ଓ ରୂଢ଼ି

ଅସତ୍ ଧନ ଫଳେ ବହୁତ, ଯିବାବେଳେ ଯାଏ ମୂଳ ସହିତ
ମନରେ ନାହିଁ ତ ମାଳିରେ ନାହିଁ, ମାଳି ଭଜି ଭଜି ପାଇବୁ କାହିଁ
ନିଜ ଗାଁ ମଶାଣି, ପର ଗାଁ ନଈ
ଧର୍ମରୁ ମଙ୍ଗଳ ପାପରୁ ପରମାଦ
ପୋଲାରେ ଖାଇ ମେଲାରେ ଗଡ଼ଗଡ଼ଉଛନ୍ତି
ଦଣ୍ଡିବା ଶକ୍ତି ଯା'ର ଥାଇ, ସେ ପୁଣି କ୍ଷମା ଆଚରଇ
ତାଳ ପଡ଼ିବା ସମୟରେ କାଉ ଖୁମ୍ପିବା
ଅନ୍ୟାୟରେ କଡ଼ାଏ ନେଲେ କାହାଣେ ନଷ୍ଟ
ଏ ହାତ ପୁଣ୍ୟ ଯେପରି ସେ ହାତ ନ ଜାଣେ

Digitized by srujanika@gmail.com

'ବାବାଜୀ' ନାଟକର ଭାଷା, ସରଳ, ସୁଖବୋଧ, ନିରାଡ଼ମ୍ବର, ବକ୍ତବ୍ୟ ପ୍ରଧାନ ଓ ସୂଚନାଧର୍ମୀ ହୋଇଥିବାରୁ ଭାବପ୍ରକାଶର ସହାୟକ ହୋଇଛି । 'ବାବାଜୀ' ନାଟକ ପ୍ରକାଶ ପାଇବା ସମୟରେ 'ଉତ୍କଳ ଦୀପିକା'ର ସମ୍ପାଦକ ଗୌରୀ ଶଙ୍କର ରାୟ ଏହା ପ୍ରାପ୍ତି ସ୍ୱୀକାର ପୂର୍ବକ ଲେଖିଥିଲେ, "ନାଟକର ଭାଷା ଓ ରଚନା ଛଟା କି ପ୍ରକାର ହେବ ଏସବୁ ଅତି ଚମତ୍କାର ରୂପେ ଗ୍ରନ୍ଥକର୍ତ୍ତା ଦର୍ଶାଇଛନ୍ତି ।" [୫୩]

'ବାବାଜୀ' ନାଟକର ଭାଷା ଓ ରଚନାଶୈଳୀ ଅନୁସାରେ ଭବିଷ୍ୟତ ନାଟକର ରୂପ ନିର୍ଦ୍ଧାରିତ ହେବ ବୋଲି ତଦାନୀନ୍ତନ ସମୟରେ ସେ ଆଶା ପ୍ରକାଶ କରିଥିଲେ ଏବଂ ଭବିଷ୍ୟତ ଓଡ଼ିଆ ନାଟକ ଗୁଡ଼ିକରେ ଏହିଭଳି ଭାଷା ଓ ରଚନାଶୈଳୀ ଅନୁସୃତ ହେଲେ ପ୍ରକୃତ ନାଟକ ଅଭାବ ପରିଲକ୍ଷିତ ହେବ ନାହିଁ ବୋଲି ସେ ଅନୁଭବ କରିଥିଲେ । ତେଣୁ ଭାଷା ଦୃଷ୍ଟିରୁ 'ବାବାଜୀ' ନାଟକ ସାର୍ଥକ ଭୂମିକା ଗ୍ରହଣ କରିଥିବା କଥା ସ୍ୱୀକାର କରାଯାଇପାରେ ।

ସଂସ୍କାରବାଦୀ ଆଭିମୁଖ୍ୟ :

ଇଂରେଜମାନେ ଓଡ଼ିଶା ଅଧିକାର କରିବା ପରେ ତାଙ୍କର ଶିକ୍ଷା ସଭ୍ୟତା ଓ ସଂସ୍କୃତିର ସ୍ପର୍ଶରେ ଏଠିକାର ରାଜନୀତିକ, ସାମାଜିକ ଏବଂ ସାଂସ୍କୃତିକ ଜୀବନ ପରିବର୍ତ୍ତିତ ହୋଇଗଲା । ସେହି ସମୟରେ ଯେଉଁ ନବଜାଗରଣର ସୂତ୍ରପାତ ହୋଇଥିଲା, ତାହା ଦ୍ୱାରା ସମଗ୍ର ଜନଜୀବନରେ ଏକ ବୈପ୍ଲବିକ ଆଲୋଡନ ସୃଷ୍ଟି ହେଲା । ଏହାର ଫଳସ୍ୱରୂପ୍ ମଧ୍ୟଯୁଗୀୟ କୁସଂସ୍କାର ଓ ରକ୍ଷଣଶୀଳ କବଳିତ ଆଧୁନିକ ଶିକ୍ଷାପ୍ରାପ୍ତ ଯୁବଗୋଷ୍ଠୀ ନୂତନ ଭାବେ କିଛି କରିବାକୁ ଆଗଭର ହୋଇ ଉଠିଲେ ।

ସେହି ପ୍ରଚୁର ଆଗ୍ରହ ଏବଂ ସମାଜ ପରିବର୍ତ୍ତନର ସଂସ୍କାରବାଦୀ ଆଭିମୁଖ୍ୟ ନେଇ ଜଗନ୍ମୋହନ ଲାଲ ସଂସ୍କୃତ ନାଟ୍ୟ ଏବ ଯାତ୍ରା ସୁଆଙ୍ଗର ପାରଂପାରିକ ପ୍ରାଚୀରକୁ ଲଂଘନ କରି ସାମାଜିକ ନାଟକ ରଚନା କରିବାକୁ ପ୍ରଥମ କରି ଏକ ଦୁଃସାହସିକ ପଦକ୍ଷେପ ନେଇଥିଲେ । ବିପଥଗାମୀ ସମାଜକୁ ମାର୍ଗଦର୍ଶନ ଦେବାକୁ ପ୍ରଯତ୍ନ କରୁଥିବା ଜଗନ୍ମୋହନ ନିଜେ ଜଣେ ସମାଜ ସଂସ୍କାରକ ଥିଲେ । ସମାଜର ଅଳିଆ ଆବର୍ଜନା ଭଳି କୁସଂସ୍କାର, ଅନ୍ଧ ବିଶ୍ୱାସ, ବ୍ୟଭିଚାର ଓ ଅନ୍ୟାୟ ଅନୀତି ଦୂର କରିବା ତାଙ୍କର ପ୍ରଧାନ ଲକ୍ଷ୍ୟ ଥିଲା । ଜଗନ୍ମୋହନଙ୍କର ସାମାଜିକ ଆଭିମୁଖ୍ୟକୁ ଲକ୍ଷ୍ୟ କରି ତତ୍‌କାଳୀନ ଉତ୍କଳ ସାହିତ୍ୟର ସମ୍ପାଦକ ବିଶ୍ୱନାଥ କର ଯଥାର୍ଥରେ କହିଥିଲେ, "ଉତ୍କଳର ନାଟ୍ୟ ସାହିତ୍ୟ ତାର 'ବାବାଜୀ' ଓ 'ସତୀ' ଅପେକ୍ଷା ଖୁବ୍ ବେଶି ଉପରକୁ ଉଠିଛି ତାହା ମନେ ହେଉନାହିଁ ।" [୫୪]

ସାମାଜିକ ଅନ୍ୟାୟ, ଅନୀତି, ଅନ୍ଧବିଶ୍ୱାସ ଓ କୁସଂସ୍କାରର ମୂଳୋତ୍ପାଟନକୁ ଦୃଷ୍ଟିରେ ରଖି ଜଗନ୍ମୋହନ 'ବାବାଜୀ' ନାଟକ ରଚନା କରିଥିଲେ । ତତ୍କାଳୀନ ସମାଜର ବାବାଜୀମାନଙ୍କର ଶଠ ଆଚରଣ, ମଠାଧୀଶ ଓ ଅଧିକାରୀମାନଙ୍କର ବ୍ୟଭିଚାର, ଇଂରାଜୀ ପଢୁଆ ଯୁବକମାନଙ୍କର ମଦ୍ୟପାନ, ସାଧାରଣ ଜୀବନରେ ଭୂତପ୍ରେତ ତଥା ଡାଆଣୀ ଚିରୁଗୁଣୀ ବିଶ୍ୱାସ କିପରି ଜନସାଧାରଣଙ୍କୁ ବିପଥଗାମୀ କରୁଥିଲା । 'ବାବଜୀ' ନାଟକ ମାଧ୍ୟମରେ ନାଟ୍ୟକାର ତାର ଏକ ନିଛକ ଚିତ୍ର ପ୍ରଦାନ କରିଛନ୍ତି ।

Digitized by srujanika@gmail.com

ନାଟକ ଦୃଶ୍ୟକାବ୍ୟ ହୋଇଥିବାରୁ କେବଳ ନାଟକ ମାଧ୍ୟମରେ ହିଁ ଅଶିକ୍ଷିତ ଜନସାଧାରଣଙ୍କ ମଧ୍ୟରେ ଜାଗରଣ ସୃଷ୍ଟି ହୋଇ ପାରିବ ଏବଂ ସେମାନେ ନିଜ ନିଜର କୃତକର୍ମ ଗୁଡ଼ିକୁ ନାଟକର ବିଭିନ୍ନ ଚରିତ୍ର ମାଧ୍ୟମରେ ପରଖି ପାରିବେ - ହୁଏତ ଏଇ ଉଦ୍ଦେଶ୍ୟ ନେଇ ଜଗନ୍ମୋହନ ବାବାଜୀ ନାଟକର ପରିକଳ୍ପନା କରିଥିଲେ ।

ଏହି ନାଟକର ପ୍ରଥମ ଅଙ୍କରେ ବାବୁ ସୁବଳ ପଟ୍ଟନାୟକ ପ୍ରଥମେ ବାବାଜୀଙ୍କ ସମ୍ମୁଖରେ ମଦ୍ୟପାନ କରିବା ପାଇଁ କୁଣ୍ଠା ପ୍ରକାଶ କରିଛନ୍ତି । ମାତ୍ର ବଙ୍ଗାଳୀ ବନ୍ଧୁ ଯଶୁ ଭଟ୍ଟାଚାର୍ଯ୍ୟଙ୍କ କଥାରେ ପଡ଼ି ବାବାଜୀଙ୍କୁ ଛଳନା କରି ବେଦନା ସରବତ୍ ବୋଲି କହି ଆକଣ୍ଠ ମଦ୍ୟପାନ କରିଛନ୍ତି । ସେଇ ମଦ୍ୟ ନିଶାରେ ଉନ୍ମତ୍ତ ହସା ସହ ଚିତ୍କାର କରି ଭୂପତିତ ହୋଇଛନ୍ତି । ତତ୍କାଳୀନ ନବ୍ୟ ସଭ୍ୟ ଯୁବକମାନଙ୍କର ଏଭଳି ମଦ୍ୟପାନ ଓ ବେଶ୍ୟାଳୟ ଗମନ ଆଧୁନିକ ସଭ୍ୟତା ନାମରେ କେବଳ ଅଧଃପତନ ଥିଲା ବୋଲି, ଜଗନ୍ମୋହନ ତାଙ୍କ 'ବାବାଜୀ' ନାଟକରେ ସ୍ପଷ୍ଟ କରି ଦେଇଛନ୍ତି । ମଦ୍ୟପାନ ଭଳି କୁତ୍ସିତ ଅଭ୍ୟାସ ପାଇଁ ସେ ଓଡ଼ିଆ ମାନଙ୍କ ଅପେକ୍ଷା ବଙ୍ଗାଳୀ ମାନଙ୍କୁ ବିଶେଷ ଦାୟୀ କରିଛନ୍ତି । ଓଡ଼ିଆମାନେ ବଙ୍ଗାଳୀମାନଙ୍କଠାରୁ ମଦ୍ୟପାନ ଶିକ୍ଷା କରିଥିଲେ ସତ, ମାତ୍ର ଗଞ୍ଜା ଓ ଭାଙ୍ଗ ସେବନ ଏହି ରାଜ୍ୟର ପରଂପରାର ଏକ ଅଙ୍ଗ ହୋଇଯାଇଥିଲା । ଗଞ୍ଜା ସେବନ ଶାସ୍ତ୍ରସମ୍ମତ ବୋଲି କହି ସାଧୁ ସନ୍ନ୍ୟାସୀମାନେ ସାଧାରଣ ଜନତାଙ୍କୁ ଭଣ୍ଡାଉ ଥିଲେ । ତେଣୁ ବାବାଜୀମାନେ ସାଧାରଣତଃ ଗଞ୍ଜା ସେବନ କରନ୍ତି ବୋଲି ସମସ୍ତଙ୍କର ଦୃଢ଼ ଧାରଣା ରହିଥିଲା । ସେଥିପାଇଁ ପ୍ରଥମ ଅଙ୍କରେ ସୁବଳବାବୁ ବାବାଜୀଙ୍କୁ ଗଞ୍ଜା ସେବନ କରିବା ପାଇଁ ଚିଲମ ଯାଚିଛନ୍ତି ।

ତୃତୀୟ ଅଙ୍କରେ କିଛି ଭୋଜନ ପାଇଁ ବାବାଜୀ କୌଣସି ମଠର ଦ୍ୱାରସ୍ଥ ହେବାବେଳକୁ ସେଠାରେ ଗଞ୍ଜା ସେବନ କରିଥିବା ଜନୈକ ଟହଲିଆ ରାମଦାସକୁ ଭେଟନ୍ତି । ସେ ମଠର ମହନ୍ତ ମଧ୍ୟ ଗୁଲାପ ଜଳରେ ଦଳା ଯାଇ ପ୍ରସ୍ତୁତ କରାଯାଇଥିବା ଗଞ୍ଜା ସେବନ କରନ୍ତି । ଗଞ୍ଜା ସହିତ ଭାଙ୍ଗ ପିଇବାର ଅଭ୍ୟାସ ମଧ୍ୟ ଉପରୋକ୍ତ ମହନ୍ତଙ୍କ ଠାରେ ଦେଖିବାକୁ ମିଳେ ।

ମାତ୍ର ଜଗନ୍ମୋହନଙ୍କ 'ବାବାଜୀ' ନାଟକର ମୁଖ୍ୟ ଚରିତ୍ର ବାବାଜୀ ଏସବୁ ମନ୍ଦ ଅଭ୍ୟାସଠାରୁ ଅନେକ ଦୂରରେ ଥାଇ ଜଗତର କଲ୍ୟାଣ ନିମନ୍ତେ ନୀତିବାଣୀ ଶୁଣାଇଛନ୍ତି । ବାବାଜୀଙ୍କ ସଂଳାପ ମାଧ୍ୟମରେ ଜଗନ୍ମୋହନ କହିଛନ୍ତି "ନିଶା ବଡ଼ ମନ୍ଦ, ତାହା ସ୍ପର୍ଶ କରିବାର ନୁହେଁ ।"

ଦୂରଦ୍ରଷ୍ଟା ଜଗନ୍ମୋହନ ତାଙ୍କ ରଚିତ ଏହି ପ୍ରଥମ ନାଟକ 'ବାବାଜୀ' ମାଧ୍ୟମରେ ସର୍ବ ପ୍ରଥମେ ନିଶା ନିବାରଣ ପ୍ରଚାର କରିଥିଲେ । ଏ ସଂପର୍କରେ ସାହିତ୍ୟ ଇତିହାସକାର ତଥା ସମାଲୋଚକ ଡକ୍ଟର ମାୟାଧର ମାନସିଂହ ତାଙ୍କ ରଚିତ 'ଓଡ଼ିଆ ସାହିତ୍ୟର ଇତିହାସ'ରେ ଜଗନ୍ମୋହନଙ୍କୁ ପ୍ରଶଂସା କରି ଲେଖିଛନ୍ତି, "ଏହି ଚାରି ଅଙ୍କ ବିଶିଷ୍ଟ ପ୍ରଥମ ଓଡ଼ିଆ ନାଟକଟି ମହାତ୍ମା ଗାନ୍ଧୀ ଓ ଜାତୀୟ କଂଗ୍ରେସ ସରକାରଙ୍କ ପଚାଶ ବର୍ଷ ଆଗରୁ ନିଶା ନିବାରଣ ପାଇଁ ପ୍ରଚାର ଆରମ୍ଭ କରି ଦେଇଥିଲା ।"[୫୫]

Digitized by srujanika@gmail.com

ମହନ୍ତ ମହାରାଜ ଓ ଅଧିକାରୀମାନଙ୍କର ନିଶା ସେବନ ସାଙ୍ଗକୁ ଯୌନ ବ୍ୟଭିଚାର ସେ ସମୟରେ ଓଡ଼ିଶାର ମଠ ମନ୍ଦିର ମାନଙ୍କ ପବିତ୍ରତାକୁ ନଷ୍ଟ କରି ଦେଇଥିଲା । ସଂସାରା ତ୍ୟାଗର ଛଳନା କରିଥିବା ଏହି ମହନ୍ତମାନେ ଜାମୁନୀ ଓ ମାଳତୀ ଭଳି ଇତର ନାରୀମାନଙ୍କୁ ନେଇ କାମନା ତୃପ୍ତି କରୁଥିଲେ । ଜଗନ୍ମୋହନଙ୍କ ସମୟରେ ମଠ ଗୁଡ଼ିକ ଠାକୁରଙ୍କ ସେବାସ୍ଥଳ ପରିବର୍ତ୍ତେ ପରକୀୟା ପ୍ରେମର କେନ୍ଦ୍ରସ୍ଥଳ ନାମରେ ଉତ୍କଟ ଯୌନଲୀଳାର ପୀଠରେ ପରିଣତ ହୋଇଯାଇଥିଲା । ପ୍ରସାଦ ସେବନ ସାରି ପଲଙ୍କକୁ ଯାଉଥିବା ମହନ୍ତ ମହାରାଜ ଜଣେ ସୁନ୍ଦରୀ ବଷ୍ଟମାଣୀକୁ ଦେଖିବା ଲୋଭରେ ଧାଇଁ ଆସି ବାବାଜୀଙ୍କୁ ଦେଖି ବୀରସିଂହ ଉପରେ ବିରକ୍ତ ହୋଇଛନ୍ତି । ମଠ ମହନ୍ତମାନଙ୍କ ବିଳାସୀ ଜୀବନର ବାସ୍ତବ ତଥା ସୁନ୍ଦର ଚିତ୍ର ଜଗନ୍ମୋହନ ପ୍ରଦାନ କରିଛନ୍ତି –

ମହନ୍ତ - (ବୀର ପ୍ରତି) ବାବାଜୀଟାଏ, ତୁ କିପରି କହିଲୁ ଜଣେ ଉତ୍ତମ ବଷ୍ଟମାଣୀ ଖାଇବାକୁ ମାଗୁଛି ?

ବୀର - ନାହିଁ ମହାରାଜ ! ବଷ୍ଟମାଣୀ କହିନାହିଁ । ମୁଁ ଜଣାଇଲି ଜଣେ ଉତ୍ତମ ବଷ୍ଟମ ଆସି ଖାଇବାକୁ ମାଗୁଛି ।

ମହନ୍ତ - ଆମକୁ ବଷ୍ଟମାଣୀ ପରି ଶୁଭିଲା । ବୀର, ତୁ ଆମକୁ ତୁଚ୍ଛାରେ ଦଉଡ଼େଇଲୁ ? ହଁ ବିଷାଦ କରିଦେଲୁ ? ଆଣ ଭଲକରି ଚିଲମେ ଗଞ୍ଜା, ସାଜ୍ । ଗୁଲାବ୍ ପାଣିରେ ଗଞ୍ଜା ମଳିବୁ, ଆଛା ମସଲା ଦେଇ ଭାଙ୍ଗ ଘୋଟ । ହରିଦାସକୁ କହିଦେ ଜଳଖିଆ ପାଇଁ ସର ଓ ମୋହନ ଭୋଗ ଚଞ୍ଚଳ କରିବ । ଚାରିଟା ବେଳେ ଓକିଲ ବଙ୍ଗଳାକୁ ଯିବା । ବାବାଜୀକୁ ମନା କରିଦେ । ଏତେ କୁଆଡୁ ଆସୁଛନ୍ତି ? ରଖିଦେବେ ନାହିଁ ।"[୬୬]

ଜବରଦସ୍ତ ପରାଣ ନିୟମ ପକାଇ ମାଳତି ଓ ଜାମୁନୀକୁ ପ୍ରସାଦ ନେବା ପାଇଁ ମଠକୁ ଡାକି ନିଆ ଯାଉଥିବା ବେଳେ ଅତିଥି ଓ ଅଭ୍ୟାଗତ ପାଇଁ ଉଦ୍ଦିଷ୍ଟ ମଠରୁ ମୁଠାଏ ଅନ୍ନ ନ ପାଇ ବାବାଜୀ ନିରାଶାରେ ଫେରିଛନ୍ତି । ମଠାଧୀଶମାନଙ୍କର ପରକୀୟା ପ୍ରୀତିର ବିକୃତ ବିଶ୍ଳେଷଣ ଆମ ସାମାଜିକ ଜୀବନରେ ଘୋର ନୈତିକତାର ଅଧଃପତନ ସୃଷ୍ଟି କରିଥିଲା । ଜଗନ୍ମୋହନ ଏହି ଯୌନ ବ୍ୟଭିଚାରୀମାନଙ୍କୁ ଉପଯୁକ୍ତ ଜବାବ ଦେଇ କହିଛନ୍ତି, "ପରକୀୟା ମତଟି କେତେକ ଲମ୍ପଟ ଗୋସ୍ୱାମୀଙ୍କର ସ୍ୱକଳ୍ପିତ ମତ ଅଟେ । ଏହା ଶାସ୍ତ୍ରୋକ୍ତ କିମ୍ବା ଚୈତନ୍ୟଙ୍କର ମତ ନୁହେଁ । ପରକୀୟା ମହାପାପ ଓ ପାପରୁ ପବିତ୍ର ପ୍ରେମ ଉପୁଜି ନ ପାରେ ।"[୬୭]

ଜଗନ୍ମୋହନଙ୍କ ସମୟରେ ମଠ ଓ ମନ୍ଦିରର ମହନ୍ତ ଓ ଅଧିକାରୀମାନଙ୍କ ଯେପରି ଅଧଃପତନ ହୋଇଥିଲା, ସମାଜର ଶ୍ରେଷ୍ଠ ଜାତି ବୋଲାଉଥିବା ବ୍ରାହ୍ମଣମାନଙ୍କର ତତୋଽଧିକ ଅଧୋଗତି ଘଟିଥିଲା । ଧର୍ମ ବିଶ୍ୱାସର ଦ୍ୱାହି ଦେଇ ଲୋକମାନଙ୍କ ମନରେ ଅନ୍ଧବିଶ୍ୱାସ ଓ କୁସଂସ୍କାରର ବୀଜ ବପନ କରି, ଏମାନେ ବ୍ୟକ୍ତିଗତ ଫାଇଦା ଉଠାଉଥିଲେ । ଆନନ୍ଦ ପଣ୍ଡାଙ୍କ ଭଳି ବ୍ରାହ୍ମଣ କ୍ଷୁଧାତୁର ବାବାଜୀଙ୍କ ସହିତ ଯେପରି ବ୍ୟବହାର କରିଛି, ତାହା ଦେଖି ବ୍ୟଥିତ ହୋଇ ରଘୁ କହିଛି, 'ତୁଚ୍ଛା ପଇତା ପକାଇ ବ୍ରାହ୍ମଣ, ନା ଧର୍ମ କର୍ମରେ ବ୍ରାହ୍ମଣ । କଳିକାଳରେ ବ୍ରାହ୍ମଣ ଗୁଡ଼ାକ କ'ଣ ହେଲେଣି !

Digitized by srujanika@gmail.com

ଧର୍ମ କର୍ମକୁ ମହତ ମର୍ଯ୍ୟାଦାକୁ ଟିକିଏ ଦୃଷ୍ଟି ନାହିଁ । ଗାଳିମାଡ଼ ଖାଇ ବାରଦୁଆରେ ପତର ପକାଇଲେଣି, ବାର ଅନୀତି କଲେଣି । ସମାଜରେ ପ୍ରତିପତ୍ତି ବିସ୍ତାର କରିଥିବା ବ୍ରାହ୍ମଣମାନଙ୍କୁ ଏପରି କହିବା ଜଗନ୍ମୋହନଙ୍କ ସାହସ ଓ ନିର୍ଭୀକତାର ପରିଚୟ ଦିଏ । ବ୍ରାହ୍ମଣ ସାମାଜରେ ସଂସ୍କାର ଆଣିବା ପାଇଁ ତାଙ୍କ ପ୍ରୟାସ କିଛି କମ୍ ନ ଥିଲା । ବାବାଜୀଙ୍କ ସଂଳାପ ମାଧ୍ୟମରେ ସେମାନଙ୍କୁ ସତର୍କ କରାଇବାକୁ ଯାଇ ସେ କହିଥିଲେ - "ବଡ଼ୁ ହେବାବେଳେ 'ମିଥ୍ୟା ଭାଷଣ ନ କର୍ତ୍ତବ୍ୟଂ' ଯେ ପ୍ରତିଜ୍ଞା କରିଥିଲ ଓହିଁକି ଦୃଷ୍ଟି ରଖ । ସେତେବେଳର ଦଶ ପ୍ରତିଜ୍ଞା ନ ପାଳିଲେ ପ୍ରକୃତ ବ୍ରାହ୍ମଣ ହୋଇ ନ ପାରିବ ।"

ଅନ୍ଧବିଶ୍ୱାସ ଆମ ସମାଜ ଜୀବନ ପାଇଁ ଏକ ଅଭିଶାପ ଥିଲା । ଏହାର ସୁଯୋଗରେ ଖଳ ଲୋକମାନେ ସାଧାରଣ ଜନତାଙ୍କୁ ପ୍ରତାରିତ କରୁଥିଲେ । ଗୁଣି ଗାରେଡ଼ିର ଛଳନା କରି ଶୟତାନର ମାୟାଜାଲ ବିଛାଉଥିଲେ । ହନୁସିଂହ ଭାରିଯାର ସହଯୋଗରେ ଆନନ୍ଦ ପଣ୍ଡା ଲୋକମାନଙ୍କ ମନରେ ଭୂତ ଡାଆଣୀର ମିଥ୍ୟା ଧାରଣା ସୃଷ୍ଟି କରିଛି । ନିଜେ ଗୁଣିଆ ସାଜି ନାମ କମାଇବା ସଙ୍ଗେ ସଙ୍ଗେ ଭଲ ଦି' ପଇସା ହାତ ପଇଠ କରିପାରିଛି । ଏହାର ଏକ ନିଖୁଣ ଚିତ୍ର ଜଗନ୍ମୋହନ ଆନନ୍ଦ ପଣ୍ଡାର ସ୍ୱୀକାରୋକ୍ତି ମାଧ୍ୟମରେ ପ୍ରଦାନ କରିଛନ୍ତି - "ହନୁସିଂହର ଭାର୍ଯ୍ୟା ସହିତ ମୋର ପ୍ରଣୟ ଅଛି । ମୋର ନାମ ବାହାର ସକାଶେ ମୋରି ଶିକ୍ଷାରେ ସେ ଛଟୀ କରିଥିଲା । ଗୁଣିଆମାନେ ଝାଡ଼ିଲା ବେଳକୁ ସେମାନଙ୍କ ଉପରେ ସେ ଚଢ଼ି ବସିଲା । ମୋର ଜଣେ ସଙ୍ଗୀ ଅଛି । ସଙ୍ଗୀ ନଥିଲେ ଗୁଣୀ ବିଦ୍ୟା ଭଲ ଚଳଇ ନାହିଁ । ସେ ହନୁସିଂହ ନିକଟରେ ମୋର ଭାରି ପ୍ରଶଂସା କରିବାରୁ ହନୁ ମୋତେ ଡାକିଲା । ମୁଁ ଯାଇଁ ତାହାର ଭାର୍ଯ୍ୟାକୁ ଝାଡ଼ିଲା ମାତ୍ରକେ ସେ ଭଲ ହୋଇଗଲା । ତହୁଁ ମୋର ନାମ ଖ୍ୟାତ ହୋଇଗଲା । ଏବେ ଯେଉଁଠି ଭୂତ ଲାଗୁଛି, ଆଗେ ମୋତେ ଡକରା ପଡୁଛି । ଭୂତ ତ ମିଛ । ସେମାନେ ଆପଣାର କିଛି ଅଭିପ୍ରାୟ ଛଟା କରିଥାନ୍ତି । କଟୁ ନାସରେ ଆୟତ୍ତ ହୁଅନ୍ତି । ଛଟା ନ ଥିଲେ ବାତପିତ୍ତ ବା ଅନ୍ୟ କିଛି ରୋଗ ଥାଏ, ମାତ୍ର ଏହା କ୍ୱଚିତ୍ ଅଟେ ।" ଗୁଣି ଗାରେଡ଼ି ନାମରେ ସଇତାନମାନେ ଶଠତାର ମାୟାଜାଲ ବିଛାଇ ଲୋକମାନଙ୍କୁ ସହଜରେ ପ୍ରତାରଣା କରି ନିଜର ସୁବିଧା ହାସଲ କରୁଥିବା ବାସ୍ତବାଶ୍ରୟୀ ଚିତ୍ର ଆନନ୍ଦ ପଣ୍ଡାର ଏହି ସ୍ୱୀକାରୋକ୍ତିରୁ ମିଳିଥାଏ ।

ଲୋକମାନଙ୍କ ମନରେ ବିଭିନ୍ନ ରୋଗ ସଂପର୍କରେ ଯେଉଁ ଅନ୍ଧବିଶ୍ୱାସ ଥିଲା, ତା'ରି ବଶବର୍ତ୍ତୀ ହୋଇ ସେମାନେ ଔଷଧ ସେବନ କରିବା ପରିବର୍ତ୍ତେ ବିଭିନ୍ନ ଗୁଣି ଗାରେଡ଼ି ଓ ଟୁଣ୍ଡୁ ଟୁଣ୍ଡୁକାର ଆଶ୍ରୟ ନେଉଥିଲେ । ଫଳରେ ରୋଗୀ ମୃତ୍ୟୁ ମୁଖରେ ପଡୁଥିଲା ଓ ସେମାନେ ନିଜ ଭାଗ୍ୟକୁ ଦୋଷ ଦେଉଥିଲେ । ସର୍ପ ବିଷ ଝାଡ଼ିବା ସଂପର୍କରେ ଏପରିକି ଆନନ୍ଦ ପଣ୍ଡା ମନରେ ମଧ୍ୟ ଯେଉଁ ଭ୍ରମ ଧାରଣା ଥିଲା, ତାହାକୁ ବାବାଜୀ ବିଭିନ୍ନ ସର୍ପମାନଙ୍କ ସଂପର୍କରେ ଧାରଣା ଦେଇ ଦୂରୀଭୂତ କରିଛନ୍ତି । ଶେଷରେ ବାବାଜୀଙ୍କ ପ୍ରଭାବରେ ଆନନ୍ଦ ପଣ୍ଡାର ଚରିତ୍ରରେ ଯେଉଁ ପରିବର୍ତ୍ତନ ଆସିଛି, ତାହାହିଁ ଜଗନ୍ମୋହନଙ୍କ ସଂସ୍କାରଧର୍ମୀ କାର୍ଯ୍ୟର ପୂର୍ଣ୍ଣ ସଫଳତା ।

Digitized by srujanika@gmail.com

ନାଟକର ମୁଖ୍ୟ ଚରିତ୍ର ବାବାଜୀ ଅନ୍ତରାଳରେ ରହି ନାଟ୍ୟକାର ଲାଲଜୀ ଆମ ସମାଜର ଅଗଣାରୁ ଅନ୍ଧବିଶ୍ୱାସ ଓ କୁସଂସ୍କାରର ଆବର୍ଜନା ସଫା କରି ଏକ ପରିଷ୍କାର ପରିଚ୍ଛନ୍ନ ଓ ସୁସ୍ଥ ସୁନ୍ଦର ସମାଜର ଗଠନ କରିବା ପାଇଁ ପ୍ରେରଣା ଯୋଗାଇଥିଲେ । ଓଡ଼ିଆ ନାଟକର ଆଦି କାକଳି 'ବାବାଜୀ' ନାଟକରେ ଜଗନ୍ମୋହନ ସଂସ୍କାର ଆନ୍ଦୋଳନର ଶୁଭଶଙ୍ଖ ବଜାଇ ସାଧାରଣ ଜନତାଙ୍କ ଚେତନାକୁ ଜାଗ୍ରତ କରାଇପାରିଥିଲେ । ତାଙ୍କର ଏହି ଧାରା ସେ ଅନ୍ୟ ନାଟକ ଗୁଡ଼ିକରେ ମଧ୍ୟ ଅବ୍ୟାହତ ରଖିଥିଲେ ।

'ସତୀ' ନାଟକ :

'ସତୀ' ଜଗନ୍ମୋହନ ଲାଲଙ୍କର ଦ୍ୱିତୀୟ ନାଟକ । 'ବାବାଜୀ' ନାଟକ ରଚିତ ହେବାର ଅନ୍ୟୁନ ନଅବର୍ଷ ପରେ ଲାଲ ମହାଶୟ ଏହାକୁ ରଚନା କରିଛନ୍ତି । ବୋଧହୁଏ ସେଥିପାଇଁ 'ସତୀ' ନାଟକଟି ନାଟ୍ୟକାରଙ୍କର ଅଭିଜ୍ଞ ମନର ଏକ ପୂର୍ଣ୍ଣାଙ୍ଗ ରଚନା ଭାବେ ପ୍ରତିପାଦିତ ହୋଇଛି । 'ବାବାଜୀ' ନାଟକର ବକ୍ତବ୍ୟ ପ୍ରଧାନ, ଉପଦେଶାତ୍ମକ ଶୈଳୀଠାରୁ 'ସତୀ' ନାଟକର ରଚନାଶୈଳୀ ବେଶ୍ ମାର୍ମିକ ଏବଂ ନାଟ୍ୟଧର୍ମୀ । ବିଷୟବସ୍ତୁ ପରିକଳ୍ପନା ଓ ନାଟ୍ୟକଳା ଦୃଷ୍ଟିରୁ ଏହା ତାଙ୍କର ଅନ୍ୟତମ ସାର୍ଥକ ସୃଷ୍ଟି । ଏଥିରେ ଶାସକ ସଂପ୍ରଦାୟର ମନମୁଖୀ ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରାଯିବା ସଙ୍ଗେ ସଙ୍ଗେ ସମସାମୟିକ ସମାଜର ସ୍ୱତନ୍ତ୍ର ସମସ୍ୟା ଗୁଡ଼ିକୁ ବିଚାରକୁ ନିଆଯାଇଛି ।

ଆଲୋଚ୍ୟ 'ସତୀ' ନାଟକରେ ଜଗନ୍ମୋହନ ତତ୍‌କାଳୀନ ସମାଜର ଅନ୍ୟାୟ, ଅନୀତି ଓ ବ୍ୟଭିଚାରର ଚିତ୍ରକୁ ବାସ୍ତବ ଭାବରେ ଉପସ୍ଥାପନ କରିଛନ୍ତି । ସେ ସମୟରେ ବାଲେଶ୍ୱରରୁ ବାହାରୁଥିବା ଏକମାତ୍ର ସାହିତ୍ୟ ପତ୍ରିକା 'ସମ୍ବାଦ ବାହିକା' ଏହି ନାଟକ ସଂପର୍କରେ ଲେଖିଥିଲେ, "ଅନେକ ଦିନୁ ଆମ୍ଭେମାନେ ଗଡ଼ଜାତୀୟ କୌଣସି କୌଣସି ଅସଭ୍ୟ ମୂର୍ଖ ରାଜାମାନଙ୍କର ସମ୍ବନ୍ଧରେ ଏହିପରି ଜନରବ ଶୁଣି ଆସୁଥିଲୁ । ମାତ୍ର ତାହା ନିବାରଣ ଅପର କୌଣସି ଉପାୟ ନ ଦେଖି ଲାଲ ସାହେବ ଯେ ନାଟକ ପ୍ରଣୟନ ଛଳରେ ସେହି କୁରୀତିର ନିବାରଣ ବାଟ ଫିଟାଇଲେ, ଏଥି ସକାଶେ ତାଙ୍କୁ ଆମ୍ଭେମାନେ ଧନ୍ୟବାଦ ପ୍ରଦାନ କରୁଅଛୁଁ । ଅସଭ୍ୟ ନରାଧମ ସ୍ୱେଚ୍ଛାଚାରୀ ରାଜା ଏ ନାଟକ ପାଠ କଲେ ଆପଣା ମୂର୍ଖତା ଓ କୁରୁଚିର ଉତ୍ତରମ ପ୍ରତିବିମ୍ବ ପାଇ ପାରିବେ ।"[୧୮]

ସତୀ ନାଟକରେ ଜଗନ୍ମୋହନ ସାମାଜିକ ସଂସ୍କାରମୁଖୀ ଅନୁଧ୍ୟାନର ଚିତ୍ର ପ୍ରଦାନ କରିଛନ୍ତି । 'ବାବାଜୀ' ନାଟକ ପରି ଏହାକୁ ସେ ଧୂଳି ମାଟିର ସାମାଜିକ ପରିବେଶ ମଧ୍ୟରୁ ଜନ୍ମ ଦେଇଛନ୍ତି । ଗଡ଼ଜାତ ଅଞ୍ଚଳର ଜନତା ମନରେ ଥିବା ଅନ୍ଧବିଶ୍ୱାସ, କୁସଂସ୍କାର ଏବଂ ତତ୍କାଳୀନ ସମାଜପତି ମାନଙ୍କର ଅନ୍ୟାୟ ଅନୀତି ଓ ବ୍ୟଭିଚାର ସଂପର୍କରେ ଜଗନ୍ମୋହନ ଏକ ନିଚ୍ଛକ ଚିତ୍ର ପ୍ରଦାନ କରିଅଛନ୍ତି ।

Digitized by srujanika@gmail.com

କଥାବସ୍ତୁ :

'ସତୀ' ନାଟକର କଥାବସ୍ତୁ ଆରମ୍ଭ ହୋଇଛି ସାଧୁ ଚମ୍ପଭିରାୟଙ୍କ ଦାଣ୍ଡଘରେ । ରାଜକର୍ମଚାରୀ ବଳିବାହାବଳେନ୍ଦ୍ର ମନ୍ଦ ଉଦ୍ଦେଶ୍ୟ ନେଇ ସାଇକି ଆସିଥିବା କଥା ମୁରବୀ ସାନ୍ତରାଙ୍କ ଠାରୁ ଗଦା ଶୁଣିବାକୁ ପାଇଛି । ତେଣୁ ସେ ବ୍ୟସ୍ତ ହୋଇ ଖବରଟି ଦେବା ପାଇଁ ସାଧୁଙ୍କ ଦାଣ୍ଡଘରେ ଆସି ପହଞ୍ଚିଛି । ସେମାନଙ୍କ କଥୋପକଥନରୁ ଉପଲବ୍ଧ ହୁଏ ଯେ, ସେଠାକାର ରାଜା ଅତ୍ୟନ୍ତ ଅତ୍ୟାଚାରୀ ଓ କାମୁକ । ରାଜାଙ୍କ ଦେହଜ କାମନା ଚରିତାର୍ଥ ପାଇଁ ସାଇର କୌଣସି ସୁନ୍ଦରୀ ନାରୀକୁ ନଅରକୁ ଘେନି ଯିବା ପାଇଁ ବଳିବାହାବଳେନ୍ଦ୍ର ଆସି ଥାଇପାରେ ବୋଲି ଏମାନେ ସନ୍ଦେହ କରି ସତ୍ୟାସତ୍ୟ ଅନୁସନ୍ଧାନ ପାଇଁ ବାହାରକୁ ଚାଲି ଯାଇଛନ୍ତି ।

ଏହି ସମୟରେ ସେଠାରେ ଆସି ପହଞ୍ଚିଛି ଚମ୍ପଭିରାୟଙ୍କ ଅପରୂପା ସୁନ୍ଦରୀ ପତ୍ନୀ ଲାବଣ୍ୟ । ଦାଣ୍ଡଘରେ ପଡ଼ିଥିବା ପୋଥିଗୁଡ଼ିକୁ ସଜାଡ଼ି ରଖିଛି । ସୁଯୋଗ ଉଣ୍ଡି କୁଟୁଣୀ ପଦୀ ଆସି ପହଞ୍ଚି ଯାଇଛି । ନିଜର ଜାଲରେ ପକାଇବା ପାଇଁ ସେ ଲାବଣ୍ୟକୁ ଚାଟୁକଥାମାନ କହିଛି । ଲାବଣ୍ୟ କିନ୍ତୁ ତା' କଥାରେ ଭୁଲିବାର ନାରୀ ନୁହେଁ । ତେଣୁ ଟଙ୍କା ମାଧ୍ୟମରେ ତାକୁ ହାତ କରିବା ପାଇଁ ପଦୀ ଚିନ୍ତା କରି ପାଞ୍ଚଶତ ଟଙ୍କାର ଏକ ପୁଟୁଳି ଲାବଣ୍ୟକୁ ଯାଚିଛି । ପଦୀଠାରେ ଏତେଗୁଡ଼ିଏ ଟଙ୍କା ଦେଖି ତାହା ଚୋରି ଟଙ୍କା ହୋଇ ଥାଇପାରେ ବୋଲି ଲାବଣ୍ୟ କହିଛି । ଏହା ଶୁଣି ପଦୀ ଉତ୍ତରରେ କହିଛି ଯେ, ଲାବଣ୍ୟକୁ ଭଲ ଦୃଷ୍ଟିରେ ଦେଖୁଥିବାରୁ ସାନ୍ତରା ଏ ଟଙ୍କା ତା ପାଖକୁ ପଠାଇଛନ୍ତି । ଏ ଭଳି ମନ୍ଦ ଉଦ୍ଦେଶ୍ୟମୂଳକ କଥା ଶୁଣି ଲାବଣ୍ୟ ଭୀଷଣ ରାଗି ଯାଇଛି ଏବଂ ଭୟ ପାଇ ପଦୀ ସେଠାରୁ ପଳାୟନ କରିଛି । ସାଧୁ ଚମ୍ପଭିରାୟ ବାହାରୁ ଫେରି ଆସୁଥିବା ସମୟରେ ପଦୀ ଚାଲି ଯାଉଥିବା ଦେଖି ପାରିଛନ୍ତି । ପଦୀ ତାଙ୍କ ଘରକୁ ମନ୍ଦ ଉଦ୍ଦେଶ୍ୟ ନେଇ ଯା' ଆସ କରୁଛି ବୋଲି ଯାହା ସେ ବାହାରୁ ଶୁଣି ଆସିଥିଲେ, ଏହା ଦେଖି ତାଙ୍କ ସନ୍ଦେହ ଦୃଢ଼ୀଭୂତ ହୋଇଛି । ଗଦା ସାହାଯ୍ୟରେ ଏହି ସନ୍ଦେହ ମୋହଚନ ପାଇଁ ସେ ସ୍ଥିର କରିଛନ୍ତି ।

ପ୍ରଥମ ଅଙ୍କର ଦ୍ୱିତୀୟ ଗର୍ଭାଙ୍କ ଆରମ୍ଭ ହୋଇଛି, ସାଇମୁଣ୍ଡ ତୋଟାରେ । ପଦୀର ଆଗମନକୁ ତୋଟାରେ ଆସି ବଳି ବାହାବଳେନ୍ଦ୍ର ଅପେକ୍ଷା କରିଛି । କିଛି ସମୟରେ ପରେ ପଦୀ ଆସି ଲାବଣ୍ୟର ଅମଙ୍ଗ ହେବା ଖବର ଦେଇଛି ।

ଲାବଣ୍ୟ ଯେପରି ସୁନ୍ଦରୀ ସେପରି ସତୀ ମଧ୍ୟ । ସେ ସତୀ ବୋଲି ରାଜା ତାର ମନ ଭୁଲେଇବା ପାଇଁ ଜଣେ ସିଦ୍ଧ ପୁରୁଷଙ୍କ ସାହାଯ୍ୟ ନେଇ ମନ୍ତ୍ର ଯନ୍ତ୍ର କରିଥିଲେ । ବ୍ରାହ୍ମଣ ବରଣ କରିଥିଲେ, ଡାକପାଣି ମଧ୍ୟ କରିଥିଲେ । ସମସ୍ତ ଚେଷ୍ଟା ନିଷ୍ଫଳ ହୋଇଯିବାର ଦେଖି ବଳି ବାହାବଳେନ୍ଦ୍ର ବ୍ୟସ୍ତ ହୋଇପଡ଼ିଛି । ପଦୀ କିନ୍ତୁ ଏତେ ସହଜରେ ହାରିଯିବାର ନାରୀ ନୁହେଁ । ଲାବଣ୍ୟକୁ ଚୋରିରେ ପକାଇ ଥାନାକୁ ଆଣିବା ବାହାନରେ ନଅରରେ ପହଞ୍ଚାଇ ରାଜାଙ୍କୁ ଭେଟାଇ ଦେବା ପ୍ରସ୍ତାବ ଦେଇଛି । ରାଜାଙ୍କ ମୁଦି ଆଣି ଲାବଣ୍ୟର ପେଡ଼ିରେ ରଖିଦେଲେ କାର୍ଯ୍ୟ ହାସଲ ହୋଇଯିବ

Digitized by srujanika@gmail.com

ବୋଲି ସେମାନେ ସ୍ଥିର କରିଛନ୍ତି । ଦୂରରୁ ଗଦାକୁ ସେହି ଆଡ଼କୁ ଆସୁଥିବାର ଦେଖି ବଳି ବାହାବଳେନ୍ଦ୍ର ବାଉଁଶ ବୁଦାମୂଳେ ଲୁଚି ଯାଇଛି । ଗଦା ଆସି ପଦୀଠାରେ ଏତେ ଗୁଡ଼ାଏ ଟଙ୍କା ଦେଖି ସନ୍ଦେହ କରିବାରୁ ଜଣେ ଲୋକକୁ ଦେବା ପାଇଁ ଏ ଟଙ୍କା ସାନ୍ତରା ଦେଇଛନ୍ତି ବୋଲି ପଦୀ ପ୍ରକାଶ କରିଛି । ରାଜାଙ୍କ ପରିବର୍ତ୍ତେ ସାନ୍ତରାଙ୍କ ଉପରକୁ ଏମାନଙ୍କ ସନ୍ଦେହକୁ ଟାଣି ନେବା ପାଇଁ ପଦୀ ଏପରି ଚକ୍ରାନ୍ତ କରି କହିଛି । ଯା' ଫଳରେ ଗଦା ମଧ୍ୟ ବିଭ୍ରାନ୍ତ ହୋଇଯାଇଛି । ଗଦାର ଯିବା ପରେ ନଅରରୁ ମୁଦି ଆଣି ଦେବା ପାଇଁ ବଳି ପ୍ରତିଶ୍ରୁତି ଦେଇଛି ଏବଂ ଉଭୟ ସେଠାରୁ ଚାଲି ଯାଇଛନ୍ତି ।

ତୃତୀୟ ଅଙ୍କ ଆରମ୍ଭ ହୁଏ ନଦୀ କୂଳରେ । ପାଣୁ ମଳିକକୁ ଖୋଜି ଖୋଜି ତାକୁ ନଦୀ କୂଳରେ ନିଶାସକ୍ତ ଅବସ୍ଥାରେ ଭେଟିଛି । ଲାବଣ୍ୟର ମୃତ୍ୟୁ ଖବର ଯେପରି ଥାନାଯାଏ ନ ଯାଏ ତା'ର ବ୍ୟବସ୍ଥା କରିବାକୁ ଗଦା ପାଣୁକୁ ଖୋଜୁଥିଲେ । ପ୍ରକୃତରେ ଲାବଣ୍ୟ ମରି ନ ଥିଲା, ରାଜା ଘର ଲୋକମାନେ ତାକୁ ଗାଧୁଆ ତୁଠରୁ ଉଠାଇ ନେଇ ପାରିରେ ବୁଡ଼ି ମରିଛି ବୋଲି ଗୁଜବ ପ୍ରଚାର କରିଥିଲେ । ବାରିକ ନେତ୍ରା ମଧ୍ୟ ସେଠାରେ ଆସି ପହଞ୍ଚିଛି । ତିନିହେଁ ମିଶି ନଦୀ କୂଳରେ ଲାବଣ୍ୟକୁ ତନ୍ନ ତନ୍ନ କରି ଖୋଜୁଥିବା ବେଳେ ଲାବଣ୍ୟର ହଳଦୀ କାଠୁଆଟି ପାଇଛନ୍ତି । ତେଣୁ ଲାବଣ୍ୟ ମରିଥିବା କଥା ସେମାନଙ୍କ ମନରେ ବଦ୍ଧମୂଳ ଧାରଣା ସୃଷ୍ଟି କରିଛି । ଗଦାଠାରୁ ଆଠ'ଣା ଲାଞ୍ଚ ପାଇ ଖବରଟି ଚାପି ଦେବା ପାଇଁ ପାଣୁ ରାଜି ହୋଇ ଯାଇଛି । ବଡ଼ ବ୍ୟସ୍ତ ହୋଇ ସାଧୁ ସେଠାରେ ଆସି ପହଞ୍ଚିଛନ୍ତି । ଲାବଣ୍ୟର ମୃତ୍ୟୁ ଖବର ତାଙ୍କୁ ବ୍ୟଥିତ କରିଛି । ହଳଦୀ କାଠୁଆ ଦେଖି ସେ ନିଜର କୋହ ସମ୍ଭାଳି ପାରି ନାହାନ୍ତି ।

ଦ୍ୱିତୀୟ ଅଙ୍କର ପ୍ରଥମ ଗର୍ଭାଙ୍କ ଆରମ୍ଭ ହୋଇଛି ରାଜାଙ୍କ ପହଡ଼ ଘରେ । ସମୟ, ରାତ୍ରିର ପ୍ରଥମ ପ୍ରହର । ରାଜା ଓ ହୃଷୀ ଉତ୍ତର କବାଟ, ବଳୀ ବାହାବଳେନ୍ଦ୍ରକୁ ଅପେକ୍ଷା କରିଛନ୍ତି । ସେମାନଙ୍କର ଫେରିବାର ବିଳମ୍ବ କାମୁକ ରାଜାଙ୍କ ପକ୍ଷରେ ଅସହ୍ୟ ହୋଇ ଉଠିଛି । ବେଳକୁବେଳ ସେ ଅଧୈର୍ଯ୍ୟ ହୋଇ ପଡ଼ିଛନ୍ତି । ଏହି ସମୟରେ ବଳୀ ବାହାବଳେନ୍ଦ୍ର ଗାଧୁଆ ତୁଠରୁ ଉଠାଇ ଆଣିଥିବା ଲାବଣ୍ୟକୁ ସେଠାରେ ପହଞ୍ଚାଇ ଦେଇଛି । ରାଜା ଖୁସିରେ ତାକୁ ପୁରସ୍କାର ଦେଇ ବିଦା କରିଛନ୍ତି । ଅନ୍ୟମାନେ ସେଠାରୁ ଚାଲିଯିବା ପରେ ରାଜା ଲାବଣ୍ୟକୁ ଉପଭୋଗ କରିବା ପାଇଁ ଅଗ୍ରସର ହୁଅନ୍ତେ ଲାବଣ୍ୟ ନିଜକୁ ଅସ୍ପର୍ଶୀ କରି ରାଜାଙ୍କ କାମନାରୁ ନିଜର ସତୀତ୍ୱକୁ ରକ୍ଷା କରିଛି ।

ଦ୍ୱିତୀୟ ଗର୍ଭାଙ୍କରେ ରାଜାଙ୍କର ଦରବାର ବସିଛି । ଖୋସାମଦିଆଙ୍କ ଚାଟୁକାରିତାରେ ରାଜା ଉତ୍‌ଫୁଲ୍ଲିତ । ଏମାନଙ୍କ କଥାରେ ପଡ଼ି ରାଜା ଋଣଗ୍ରସ୍ତ । ଏହି କର୍ମଚାରୀମାନଙ୍କ ମଧ୍ୟରେ ବେବର୍ତ୍ତା ଏକମାତ୍ର ଉତ୍ତମ ବ୍ୟକ୍ତି; କିନ୍ତୁ ରାଜା ଏହି ଚାଟୁକାରମାନଙ୍କ କଥାରେ ପଡ଼ି ତାଙ୍କୁ ଦରବାରରୁ ତଡ଼ି ଦେଇଛନ୍ତି । ହଠାତ୍ ଦାରୋଗା ଆସୁଥିବାର ଖବର ଶୁଣି ରାଜା ଭିତରକୁ ଉଠି ଚାଲି ଯାଇଛନ୍ତି । 'ଲାବଣ୍ୟ ହରଣଚାଲ' ତଦାରଖ ସମୟରେ ପାରାଦ୍ୱାରା ଚିଠି ପଠାଇ ଲାବଣ୍ୟ ସମସ୍ତ ବିଷୟ ସାଧୁ ଓ ଗଦାଙ୍କୁ ଜଣାଇଥିବା

Digitized by srujanika@gmail.com

କଥା ପ୍ରକାଶ ପାଇଛି । ଚତୁର ଦେବାନ୍ ଦାରୋଗାଙ୍କୁ ଲାଞ୍ଚଦ୍ୱାରା ବଶୀଭୂତ କରି କେସ୍‌ଟିକୁ ଲାବଣ୍ୟର ଚୋରି କେସ୍‌ରେ ପରିଣତ କରି ଦେଇଛନ୍ତି । ଫଳରେ ଲାବଣ୍ୟ ନଅରରୁ ଥାନାକୁ ଚାଲାଣ ହୋଇ ଯାଇଛି ।

ଲାବଣ୍ୟକୁ ଥାନାର ହରିକାଠରେ ତୃତୀୟ ଗର୍ଭାଙ୍କରେ ଦେଖିବାକୁ ମିଳେ । ରାଜାଙ୍କ ପରି ଦାରୋଗା ଲାବଣ୍ୟର ରୂପରେ ମୁଗ୍ଧ ହୋଇ ଉପଭୋଗ କରିବାର ଇଚ୍ଛା ପ୍ରକାଶ କରିଛି । ଲାବଣ୍ୟ ବିରୋଧ କରିବାରୁ ତା ଉପରେ ହୋଇଛି ଅକଥନୀୟ ଅତ୍ୟାଚାର । ହାତକଡ଼ି ପକାଇ ଦାରୋଗାଙ୍କ ନିର୍ଦ୍ଦେଶରେ ହାଡ଼ିସିଂହ ତାକୁ ବିଛୁଆତିରେ ପିଟିଛି । ହାଡ଼ିସିଂହର ହୃଦୟରେ କିନ୍ତୁ ଲାବଣ୍ୟ ପ୍ରତି ଦୟା ଜାତ ହୋଇଛି । ପାଞ୍ଚଟଙ୍କା ହାତଗୁଞ୍ଜା ନେଇ କୌଶଳ କରି ସେ ଥାନାରୁ ଲାବଣ୍ୟକୁ ମୁକୁଳାଇ ଦେଇଛି ।

ତୃତୀୟ ଅଙ୍କର ପ୍ରଥମ ଗର୍ଭାଙ୍କରେ ସାଧୁଙ୍କୁ ଆମେ ଚିନ୍ତିତ ଅବସ୍ଥାରେ ଦେଖୁ । ଲାବଣ୍ୟକୁ ତ୍ୟାଗ ନ କଲେ ତାଙ୍କୁ ଜାତିରେ ଅଟକ କରିବେ ବୋଲି ଜାତିଭାଇମାନେ ଅଡ଼ି ବସିଛନ୍ତି । ସାଧୁଙ୍କ ଅଜ୍ଞାତ ରାଧୁ ଆସି ଲାବଣ୍ୟ ନାମରେ ମିଥ୍ୟା କଥାମାନ କହି ସାଧୁଙ୍କ ମନକୁ ଅଧିକ ବିଷାକ୍ତ କରି ଦେଇଛନ୍ତି । ଫଳରେ ଲାବଣ୍ୟ ପ୍ରତି ସାଧୁଙ୍କ ବ୍ୟବହାର ହୋଇପଡ଼ିଛି ଅତ୍ୟନ୍ତ ରୁକ୍ଷ ।

ଚତୁର୍ଥ ଅଙ୍କର ପ୍ରଥମ ଗର୍ଭାଙ୍କରେ ମିଥ୍ୟା ମୋକଦ୍ଦମା ଫଳରେ ସାଧୁ ଓ ଗଦାଙ୍କୁ ନେଇଯିବା ପରେ ଲାବଣ୍ୟ ତା'ର ଭାଇ ହରି ମହାପାତ୍ରଙ୍କ ଘରେ ଆଶ୍ରୟ ନେଇଛି । ଛାଡ଼ି ପାଇ ଗଦା ସେଠାକୁ ଫେରି ଆସିଛି । ରାଜାଘର ଲୋକମାନେ ମୁଦେଇକୁ ଦୁଇ ଶହ ଟଙ୍କା ଓ ଦୁଇମାଣ ଜମି ଦେଇ ହାତ କରିଥିଲେ । ମୁଦେଇ ନିଜର ହାତକାଟି ଏମାନଙ୍କ ନାମରେ ମିଥ୍ୟା ଏତଲା ଦେଇଥିଲା । ଚାରିଜଣ ମିଥ୍ୟା ସାକ୍ଷୀ ମଧ୍ୟ ଯୋଗାଡ଼ କରିଥିଲେ । ଲାଞ୍ଚ ନେଇ ଡାକ୍ତର ମିଥ୍ୟା ସାର୍ଟିଫିକେଟ୍ ମଧ୍ୟ ଲେଖି ଦେଇଥିଲେ । ସବୁ କଥାକୁ ମୁକ୍ତିଆର ଠିକ୍ କରିଦେବେ ଏବଂ ସାଧୁ ଶୀଘ୍ର ଫେରି ଆସିବେ, ଗଦାଠାରୁ ଏହି କଥାସବୁ ଲାବଣ୍ୟ ଶୁଣିବାକୁ ପାଇଛି । ଏହି ସମୟରେ ନେତ୍ରା ବାରିକ ଆସି ସାଧୁ ଫେରି ଆସିଛନ୍ତି ବୋଲି କହି ଶୀଘ୍ର ଘରକୁ ବାହାରି ଯିବା ପାଇଁ ବ୍ୟସ୍ତ କରିଛି । ଫଳରେ ଗଦା, ନେତ୍ରା ଓ ଲାବଣ୍ୟ ରାତ୍ରିର ଅନ୍ଧକାରରେ ଘର ଉଦ୍ଦେଶ୍ୟରେ ବାହାରି ପଡ଼ିଛନ୍ତି ।

ଚତୁର୍ଥ ଅଙ୍କର ଦ୍ୱିତୀୟ ଗର୍ଭାଙ୍କରେ ତିନିଜଣଯାକ ମଶାଲ ଆଲୁଅରେ ଚାଲି ଚାଲି ଆସି ଜଙ୍ଗଲ ରାସ୍ତାରେ ପହଞ୍ଚି ଯାଇଛନ୍ତି । ରାଜାଘର ଲୋକଙ୍କ ପୂର୍ବ ଯୋଜନା ଅନୁଯାୟୀ ନେତ୍ରା ବାରିକ କ୍ଳାନ୍ତ ହେବାର ଛଳନା କରି ବସି ପଡ଼ିଛି । ଏହି ଅବସରରେ ଗଡ଼ଜାତ ଅଞ୍ଚଳରେ ମୁଆଲି ପ୍ରଥା ସମ୍ପର୍କରେ ଲାବଣ୍ୟ ବର୍ଣ୍ଣନା କରିଛି । ହଠାତ୍ ଜଙ୍ଗଲର ବିପରୀତ ଦିଗରେ ଦେଖା ଦେଇଛନ୍ତି ଚାରିଜଣ ଲୋକ । ସେମାନଙ୍କୁ ଖଣ୍ଟ ବୋଲି ଭାବି ଚିତ୍କାର କରି ନେତ୍ରା ସେଠାରୁ ଦୌଡ଼ି ପଳାଇ ଯାଇଛି । ଲାବଣ୍ୟ କଥାରେ ଗଦା ନିକଟରେ ଲୁଚି ଯାଇଛି । ଉକ୍ତ ଚାରିଜଣ ଥିଲେ ରାଜାଙ୍କ ଲୋକ । ଲାବଣ୍ୟକୁ ନେଇଯିବା ଥିଲା ସେମାନଙ୍କର ଉଦ୍ଦେଶ୍ୟ । ରଘୁ ଓ ହୃଷୀ ଲାବଣ୍ୟକୁ

Digitized by srujanika@gmail.com

ଜବରଦସ୍ତ ନେଇଯିବା ପରେ ଭୀମ ଓ ବଳୀ ସହିତ ଗଦାର ଯୁଦ୍ଧ ହୋଇଛି । ବଳୀର ଶରାଘାତରେ ଗଦା ମୃତ୍ୟୁବରଣ କରିଛି ।

ପଞ୍ଚମ ଅଙ୍କ ଆରମ୍ଭ ହୁଏ ବଣ ମଧ୍ୟରେ ଥିବା ବାସୁଳୀ ଠାକୁରାଣୀଙ୍କ ମନ୍ଦିର ବେଢ଼ାରେ । କାମୁକ ରାଜା ଲାବଣ୍ୟକୁ ଉପଭୋଗ କରିବାରେ ବିଘ୍ନ ନ ଘଟିବାର ମାନସିକ ନେଇ ଠାକୁରାଣୀଙ୍କ ଦର୍ଶନାଭିଳାଷୀ ହୋଇଛନ୍ତି । ରାଜାଙ୍କ ନରବଳି ମାନସିକ କଥା ବଳୀ ବାହାବଳେନ୍ଦ୍ର ସ୍ମରଣ କରାଇ ଦେଇଛନ୍ତି । ବଳି ପ୍ରଦାନ କଲେ ମା' ସୁପ୍ରସନ୍ନା ହେବେ ଏବଂ ରାଜା ଲାବଣ୍ୟକୁ ନିର୍ବିଘ୍ନରେ ଉପଭୋଗ କରି ପାରିବେ । ଏହା ଶୁଣି ରାଜା ଠାକୁରାଣୀଙ୍କ ନିକଟରେ ବଳି ପ୍ରଦାନ କରିବା ପାଇଁ ସମ୍ମତି ପ୍ରକାଶ କରିଛନ୍ତି । କୌଶଳରେ ସେମାନେ ଲାବଣ୍ୟର ଭାଇ ହରି ମହାପାତ୍ରଙ୍କୁ ଆଣି ମା'ଙ୍କ ନିକଟରେ ବଳି ଦେଇଛନ୍ତି । ବଳି ପରେ, ଲୁକ୍କାୟିତ କରିବା ପାଇଁ ମହାପାତ୍ରଙ୍କ ଶବକୁ ନେଇ ଯାଉଥିବା ଅବସ୍ଥାରେ ବଳୀ ବାହାବଳେନ୍ଦ୍ରକୁ ସର୍ପ ଦଂଶନ କରିବାରୁ ତା'ର ମୃତ୍ୟୁ ଘଟିଛି । ପାପର ପରିଣତି ଅତ୍ୟନ୍ତ ଭୟାବହ ବୋଲି ନାଟ୍ୟକାର ଦର୍ଶାଇଛନ୍ତି ।

ନାଟକର ଶେଷ ଗର୍ଭାଙ୍କରେ ଗଦା ଓ ନିଜ ଭାଇର ମୃତ୍ୟୁ ଖବର ଏବଂ ସ୍ୱାମୀ ସାଧୁ ଚମ୍ପତିରାୟଙ୍କୁ ସାତବର୍ଷ ଜେଲ୍ ହୋଇଯାଇଥିବାର ଖବର ଚିତ୍ରାଠାରୁ ପାଇ ଲାବଣ୍ୟ ସମସ୍ତ ଆଶା ହରାଇ ଦେଇଛି । ନିଜର ସତୀତ୍ୱକୁ ରକ୍ଷା କରିବାକୁ ଯାଇ ବେକରେ ଦଉଡ଼ି ଲଗାଇ ସେ ଆତ୍ମହତ୍ୟା କରିଛି । ଲାବଣ୍ୟ ଜୀବନର କରୁଣ ସମାପ୍ତିରେ 'ସତୀ' ନାଟ୍ୟ କାହାଣୀର ପରିସମାପ୍ତି ଘଟିଛି ।

ଚରିତ୍ରର ଚିତ୍ରଲିପି :

ତତ୍କାଳୀନ ସମାଜରେ ଶାସନଗତ ସୁବିଧା ଦୃଷ୍ଟିରୁ ଓଡ଼ିଶାକୁ ମୋଗଲବନ୍ଦୀ ଓ ଗଡ଼ଜାତ - ଏଇଭଳି ଦୁଇଭାଗରେ ବିଭକ୍ତ କରାଯାଇଥିଲା । ବଣଜଙ୍ଗଲ ଓ ପାହାଡ଼ଘେରା ଗଡ଼ଜାତ ଅଞ୍ଚଳଗୁଡ଼ିକୁ ଜଣେ ଜଣେ ରାଜା ଶାସନ କରୁଥିଲେ । ପ୍ରଥମତଃ ଏଗୁଡ଼ିକ ଥିଲା ଅନୁନ୍ନତ ଅଞ୍ଚଳ, ଅଶିକ୍ଷିତ ପ୍ରଜାମାନଙ୍କର ଅନ୍ଧବିଶ୍ୱାସର ସୁଯୋଗ ନେଇ ରାଜାମାନେ ଅନ୍ଧାରୀ ଶାସନ ଚଳାଇ ଆସୁଥିଲେ । ଅନ୍ୟାୟ, ଅନୀତି, ଜୁଲମ ଓ ନାରୀ ଧର୍ଷଣ ଥିଲା ନିତିଦିନିଆ ଘଟଣା । ଜଣେ ଗଡ଼ଜାତ ରାଜାଙ୍କର ଜଘନ୍ୟ ଷଡ଼ଯନ୍ତ୍ର ଓ ଅତ୍ୟାଚାରର ଲୋମହର୍ଷଣକାରୀ କାହାଣୀ ଲାଲ୍ ମହାଶୟ 'ସତୀ' ନାଟକରେ ପ୍ରଦାନ କରିଛନ୍ତି ଏବଂ ତଦନୁଯାୟୀ ସଂପୃକ୍ତ ଚରିତ୍ରମାନଙ୍କର ଅବତାରଣା କରାଇଛନ୍ତି ।

ଆଲୋଚ୍ୟ 'ସତୀ' ନାଟକର ନାୟକ ସାଧୁ ଚମ୍ପତିରାୟ ଥିଲେ ନାୟିକା ଲାବଣ୍ୟର ସ୍ୱାମୀ । ଏହି ଚରିତ୍ରର ସରଳ ବିଶ୍ୱାସ, ନିରୀହତା, ପାପଶୂନ୍ୟତା ଦର୍ଶକମାନଙ୍କର ଦୃଷ୍ଟି ଆକର୍ଷଣ କରିଥାଏ । କରୁଣ ହେଉଛି ଏହି ନାଟକର ଅଙ୍ଗୀରସ ଏବଂ ସାଧୁ ହିଁ ହେଉଛି ଏହାର ମୁଖ୍ୟ ଆଲମ୍ବନ ବିଭାବ । ସେ ଘଟଣାର ନିୟନ୍ତା ନୁହେଁ ସତ୍ୟ, ମାତ୍ର ପ୍ରତ୍ୟେକ ଘଟଣା ତାକୁ ହିଁ କେନ୍ଦ୍ର କରି ଘଟି ଯାଇଛି । ସାଧୁ ଚମ୍ପତିରାୟ ନିଜେ ଅତ୍ୟନ୍ତ ସରଳବିଶ୍ୱାସୀ ତଥା ଦୁର୍ବଳ ଚିତ୍ତ ହୋଇଥିବାରୁ ସେ ସହଜରେ ଅନ୍ୟମତ ଦ୍ୱାରା

Digitized by srujanika@gmail.com

ପ୍ରଭାବିତ ହୋଇ ଯାଇଛି । ଏଥିପାଇଁ ଅଦୃଷ୍ଟର ଚକ୍ରାନ୍ତ ହିଁ ଏକମାତ୍ର ଦାୟୀ । ସାଧୁ ବୈରାଗୀଙ୍କ ପରାମର୍ଶରେ ସେ ଲାବଣ୍ୟକୁ ତ୍ୟାଗ କରିଥିଲେ ହେଁ ଲାବଣ୍ୟ ପ୍ରତି ତା'ର ଆକର୍ଷଣ ଦୂର ହୋଇନାହିଁ । ଜେଲ୍‌ଖାନାରେ ରହି ଯେତେବେଳେ ସେ ନିଜ ସଙ୍ଗାତର ପ୍ରକୃତ ସ୍ୱରୂପ ବୁଝି ପାରିଛି, ସେତେବେଳେ ଗଭୀର ଅନୁତପ୍ତ ହୋଇ କହିଛି, "ସ୍ତ୍ରୀ ସ୍ୱାମୀର ଅର୍ଦ୍ଧାଙ୍ଗ ଓ ସମାନସ୍କନ୍ଧ । କେବଳ ବ୍ୟଭିଚାର ଦୋଷରେ ତାକୁ ତ୍ୟାଗଦଣ୍ଡ ଲେଖେ । ଅନ୍ୟ ଖରାପ ଦେଖିଲେ, କେବଳ କହିଦେବ, ଆକଟି ଦେବ, ଅପମାନ ଦେବ ନାହିଁ । xxx ମୁଁ ତ ମୋ ଲକ୍ଷ୍ମୀକି ବିନା ଦୋଷରେ ପଦାଘାତ କରିଛି, ମୁଁ କି ପାର ପାଇବି ?" (ସତୀ -ନାଟକ - ପୃ. ୫୬)

ପୁନଶ୍ଚ ସେ କହିଛନ୍ତି, "ବିନା ଦୋଷରେ ମୁଁ ତାକୁ କି ଦଣ୍ଡ ନ ଦେଲି, କୋଳରେ ଶୋଇବା କୋମଳାଙ୍ଗୀକୁ ଗୁହାଳରେ ରଖିଲି ।" (ସତୀ ନାଟକ - ପୃ.୫୫) ଅନୁତପ୍ତ ସାଧୁ ପରିବେଶ ପରିସ୍ଥିତି ନିକଟରେ ଆତ୍ମ ସମର୍ପଣ କରିଛି ସତ୍ୟ, ମାତ୍ର ସେଇ ଆତ୍ମ ସମର୍ପଣ ମଧ୍ୟରେ ତାହାର କ୍ଷୁଦ୍ରତା ଅପେକ୍ଷା ମହନୀୟତାର ସୂଚନା ଅଧିକତର ଭାବରେ ପ୍ରକଟିତ ହୋଇଛି ।

ବଳୀ ବାହାବଳେନ୍ଦ୍ର ନାମରେ ଗୋଟିଏ ମିଛ ମକଦ୍ଦମା କରିବାକୁ ମୁକ୍ତିଆର ଯେତେବେଳେ ପ୍ରସ୍ତାବ ଦେଇଛି, ସେତେବେଳେ ସେ ତାକୁ ନାସ୍ତି କରିଦେଇଛି । କହିଛି, "ସେ ଧର୍ମଛଡ଼ା ହେଲା ବୋଲି କ'ଣ ଆମ୍ଭେମାନେ ଧର୍ମଛଡ଼ା ହେବା ?" ଦୁର୍ବଳଚିତ୍ତ ହେଲେହେଁ ଏହି ସାଧୁ ଚରିତ୍ର ମଧ୍ୟରେ ଉଦ୍ଦୀପନା, ଚାରିତ୍ରିକ ଦୃଢ଼ତା ଓ ଆବେଗର ଅଭାବ ନାହିଁ । ନିଜ ପତ୍ନୀର ଚାରିତ୍ରିକ ସ୍ଖଳନ ସଂପର୍କରେ ସଙ୍ଗାନଠାରୁ ଶୁଣି ସେ କ୍ରୋଧରେ ଜର୍ଜରିତ ହୋଇ ଚିନ୍ତା କରିଛି, "ଜୀବହତ୍ୟା ମହାପାପ, ନଚେତ୍ ବେଧିକୁ ଆଜି ବଧ କରି ଏ ଧରାକୁ ତାହା ଭାରରୁ ଉଦ୍ଧାର କରନ୍ତି । ପୃଥିବୀରେ ପ୍ରଳୟ ହେଉନାହିଁ । ଏତେ ପାପ ଏହା କେମନ୍ତେ ସହିଛି ?" (ସତୀ ନାଟକ, ପୃ.୪୭)

ସାଧୁର ଚାରିତ୍ରିକ ଦୃଢ଼ତା ବଳିଷ୍ଠ ଜୀବନଚର୍ଯ୍ୟା, ନୀତିମୟତା ଓ ଆଦର୍ଶବତ୍ତା ଉପରେ ପ୍ରତିଷ୍ଠିତ । ଜୀବନର ନୀତିର ଗୁରୁତ୍ୱ ପ୍ରକାଶ କରିବାକୁ ଯାଇ ସେ ତେଣୁ କହିଛି, "ନୀତି ବଡ଼, ପ୍ରୀତି ମନୁଷ୍ୟକୁ ଅନ୍ଧ କରିଦିଏ ଓ କେତେକ ସ୍ଥଳେ ଦୁର୍ଗତି ଘଟାଏ, ନୀତି ଚକ୍ଷୁ ଫିଟାଇଦିଏ ଓ ସଦ୍‌ଗତିର ପ୍ରଧାନ ପଥ ଅଟେ ।" ପୁନଶ୍ଚ ଆଧ୍ୟାତ୍ମିକତାର ଦୃଢ଼ ଭିତ୍ତି ଉପରେ ଦଣ୍ଡାୟମାନ ହୋଇ ସାଧୁ ଘୋଷଣା କରିଛି, 'ଅନ୍ତିମ କାଳକୁ ଧର୍ମ ବିନା କେହି କାର୍ଯ୍ୟରେ ଆସନ୍ତି ନାହିଁ । ଯହିଁରେ ଧର୍ମ ନଷ୍ଟ ହେବ, ତାହା ମୁଁ କେବେ ହେଁ କରିବି ନାହିଁ ।' (ସତୀ ନାଟକ, ପୃ.୪୪)

ସଂସାରର ବାସ୍ତବତା ସଂପର୍କରେ ସେ ସମ୍ପୂର୍ଣ୍ଣ ଅଜ୍ଞ ନୁହେଁ କାରଣ ସେ ଜାଣେ, "ଯେ ମନ୍ଦ କରୁଛି, ସେଇ ଭଲ । ତାକୁ ସମସ୍ତେ ମାନୁଛନ୍ତି ଓ ଡରୁଛନ୍ତି । ଭଲଲୋକ ଓଲୁ ତଳେ ଯାଉଛନ୍ତି ।" (ସତୀ, ପୃ.୪)

Digitized by srujanika@gmail.com

ନୈତିକତା ଦୃଷ୍ଟିରୁ ସାଧୁ ଏକ ଦୃଢ଼ ଆଦର୍ଶନିଷ୍ଠ ଚରିତ୍ର । ଲାବଣ୍ୟର ସୌନ୍ଦର୍ଯ୍ୟ ହେଉଛି ତାର ଆତଙ୍କର କାରଣ । ତେଣୁ ଲାବଣ୍ୟ ଯେତେବେଳେ ବାହାରେ ରାତ୍ରି ଯାପନ କରିଛି, ସେ ଲୋକାପବାଦ ଭୟରେ ନିଜ ପତ୍ନୀକୁ ପରିତ୍ୟାଗ କରିଛି । ତ୍ରେତୟାଯୁଗରେ ପ୍ରଭୁ ରାମଚନ୍ଦ୍ର ସୀତାଙ୍କୁ ପରିତ୍ୟାଗ କରିବା ଭଳି ସାଧୁ ଚମ୍ପତିରାୟ ଲାବଣ୍ୟକୁ ଅନ୍ୟମାନଙ୍କ ପ୍ରରୋଚନାରେ ପ୍ରରୋଚିତ ହୋଇ ତ୍ୟାଗ କରିଛି ।

ତେବେ ମୋଟାମୋଟି କହିବାକୁ ଗଲେ, ମହାକାଳର ତୋରଣ ଦ୍ୱାରରେ ଦଣ୍ଡାୟମାନ ଏହି ଚରିତ୍ର ନିଜର ସ୍ୱଭାବିକ ଦୋଷଗୁଣ, ସରଳତା, ନିର୍ବୋଧତା, ଉପାୟଶୂନ୍ୟତା ତଥା ଅସହାୟ ନିମନ୍ତେ ସମଗ୍ର ନାଟକରେ କରୁଣତମ ଅବସ୍ଥା ସୃଷ୍ଟି କରିବାକୁ ସମର୍ଥ ହୋଇଛି । କାରଣ ଏମାନଙ୍କ ଦୁଃଖ-ଦୁର୍ଦ୍ଦଶା ଓ ଦୟନୀୟତା ପ୍ରତି ଦର୍ଶକ ଓ ପାଠକଙ୍କ ମାନସିକ ସ୍ତରରେ ଏମାନଙ୍କ ପ୍ରତି ସ୍ୱତଃ ସଂବେଦନଶୀଳତା ପରିଲକ୍ଷିତ ହୋଇଥାଏ ।

'ସତୀ' ନାଟକର ନାୟିକା ଲାବଣ୍ୟ ଘଟଣାର କେନ୍ଦ୍ରବିନ୍ଦୁ ପାଲଟି ଯାଇଛି । ତେଣୁ ନାଟକର ସାମଗ୍ରିକ ଅଙ୍ଗୀରସର ମୁଖ୍ୟ ଆଲମ୍ବନ ବିଭାବ ଭାବରେ ଏହି ଚରିତ୍ରଟି ଉପରେ ସମସ୍ତ ବୃତ୍ତ କଳ୍ପନା ନିର୍ଭର କରୁଛି । ଭାଗ୍ୟ ହସ୍ତର କ୍ରୀଡ଼ନକ ଭଳି ତା'ର ଅଦୃଷ୍ଟ ଯେତେବେଳେ ତାକୁ ନେଇ ଯେଉଁଠି ପହଞ୍ଚାଇ ଦେଇଛି, ସେଠାରେ ସେ ନିଜର ବୁଦ୍ଧି, ବିବେକ ଖଟାଇ ନିଜର ଅମୂଲ୍ୟ ସତୀତ୍ୱକୁ ବଞ୍ଚାଇବାକୁ ଚେଷ୍ଟା କରୁଛି । ପ୍ରତି ମୁହୂର୍ତ୍ତରେ କେବଳ କର୍ମ ଭାଗ୍ୟକୁ ନିନ୍ଦା କରି ଦୈବକୁ ସ୍ମରଣ କରିବା ଛଡ଼ା ଆଉ ତାର ଯେମିତି କିଛି ଉପାୟ ନାହିଁ । ସଂସାରରେ ଥାଉ କାହାରି ବିରୁଦ୍ଧରେ ତାର କିଛି ଅଭିଯୋଗ ନାହିଁ । ଆଦର୍ଶ ଭାରତୀୟ ନାରୀ ଚରିତ୍ର ଠାରୁ ଲାବଣ୍ୟର ଚରିତ୍ର କୌଣସି ଗୁଣରେ କମ୍ ନୁହେଁ । ଭାରତୀୟ ପରିବାରରେ ନାରୀର ଯେଉଁ ମମତ୍ୱବୋଧ, ଆନ୍ତରିକତା, ନିଷ୍ଠା, ପତିଭକ୍ତି ଓ ଐଶୀବିଶ୍ୱାସ ରହିଥାଏ ଲାବଣ୍ୟର ଚିନ୍ତାଧାରା ତାଠାରୁ କିଛି ସ୍ୱତନ୍ତ୍ର ନୁହେଁ । ନାରୀତ୍ୱର ଅବମାନନାକୁ ସେ ସହି ପାରିନାହିଁ, ତେଣୁ ତା ଜୀବନର ପରିଣତି ହିଁ ହୋଇଛି ଆତ୍ମହତ୍ୟା ।

ତୁଳସୀ ଚଉରାରେ ସଞ୍ଜବତି ଜାଳିଦେଇ ମନର ମଣିଷ ପାଇଁ ଶୁଭ କାମନା କରି ନିଜକୁ ତିଳ ତିଳ କରି ଜାଳି ଦେବାରେ ସେ ଯେଉଁ ଆନନ୍ଦ ଓ ଶାନ୍ତି ପାଉଥିଲା, ରାଜଭୋଗରୁ ସେ ସୁଖ ମିଳିବା ଅସମ୍ଭବ ବୋଲି ସେ ଜାଣିଥିଲା । କିନ୍ତୁ ପ୍ରତ୍ୟେକ ଭାରତୀୟ ନାରୀର କାମ୍ୟ, ସେଇ ସୁଖଟିକକ ତାକୁ ଶେଷ ପର୍ଯ୍ୟନ୍ତ ମିଳିଲା ନାହିଁ । ତା'ର ଅସାମାନ୍ୟ ସୌନ୍ଦର୍ଯ୍ୟ ହିଁ ହୋଇଛି ତା' ଜୀବନ ବିପର୍ଯ୍ୟୟର ପ୍ରମୁଖ କାରଣ । ସେଥିପାଇଁ ସେ ପଦୀବୁଢ଼ୀଠାରୁ ମହାରାଜା ଏବଂ ଦାରୋଗା ପର୍ଯ୍ୟନ୍ତ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି । ମାତ୍ର ପଦୀବୁଢ଼ୀ ତା' ପାଇଁ କୃଷ୍ଣଟିଏ ଯୋଗାଡ଼ କରିବା ଚିନ୍ତାରେ ଥିବାବେଳେ ଲାବଣ୍ୟ କହିଛି, 'ମୋର କୃଷ୍ଣ ମୋ ପାଖରେ ଅଛି, ସେପରି ପାପ କଥା ମୁହଁରେ ଧରିବାର ନୁହେଁ, ପୁଣି ସଧବା ଯେବେ ସ୍ୱାମୀ ସୁଖ ନ ପାଇଲା, ତା'ର ସୁଖ କେଉଁ ସୁଖରେ ଲେଖା ?' ଲାବଣ୍ୟର ଏପରି ଉଚ୍ଚାରଣରୁ ତା'ର ସତୀତ୍ୱ ପ୍ରତି ନିଷ୍ଠା, ସ୍ୱାମୀଭକ୍ତି ଓ ପରିଚ୍ଛନ୍ନ ମାନସିକତାର ସ୍ପଷ୍ଟ ଧାରଣା ମିଳେ ।

Digitized by srujanika@gmail.com

କୋମଳାଙ୍ଗୀ ଓ ପାଦପ ଭଳି କଷ୍ଟ ସହିଷ୍ଣୁ ହେଲେ ମଧ୍ୟ ଲାବଣ୍ୟ ଅନ୍ୟାୟ ଅନୀତି ଦେଖିଲେ ଓ ଅକଥା ଶୁଣିଲେ ବଜ୍ର ଭଳି କଠୋର ହୋଇଯାଏ । ସେ ଚିନ୍ତା କରେ, 'ଅଲାଜୁକର ଏଡ଼େ ହଳକ, ମୋତେ ଭୁଲେଇବାକୁ କହୁଥିଲା, ଏହା ମୁଁ ଜାଣି ଥିଲେ ପଦକେ ତା ମୁହଁ ଭାଙ୍ଗି ଦେଇଥାନ୍ତି ।' (ସତୀ. ପୃ.୭) ସରଳ, ନିରୀହ ହେଲେ ମଧ୍ୟ, ଏକନିଷ୍ଠ ପ୍ରେମ, ବିଶ୍ୱାସ ଓ ଧର୍ମ ଉପରେ ତାର ପ୍ରବଳ ଭରସା । ରାଜବାଟୀକୁ ଆସିଲା ପରେ ରାଜା ଯେତେବେଳେ ଲାବଣ୍ୟ ପାଖକୁ ଆଗେଇ ଯାଇଛନ୍ତି, ସେତେବେଳେ ସେ ଛଳନାପୂର୍ଣ୍ଣ ଆତଙ୍କରେ ଥରିଉଠି କହିଛି, "ମଣିମା କ'ଣ କଲେ ? ଅସ୍ପର୍ଶୀକୁ ସ୍ପର୍ଶ କଲେ ? ମୁଁ ପୋଡ଼ାମୁହଁ କାହିଁକି ଲାଜରେ ମଲି, କାହିଁକି ଆଗୁ ଖୋଲି ନ କହିଲି । ଯାହାଙ୍କଠାରେ ମୋର ଏବେ ସବୁ ଆଶା ଭରସା । ତାଙ୍କରିଠି ଦୋଷ ଲଗାଇଲି ।" (ସତୀ, ପୃ. ୨୮)

ସୁନ୍ଦରୀ ମନୋହାରିଣୀ ରମଣୀର ଏ ପ୍ରକାର ଛଳନା ବୁଝି ନପାରି ରାଜା ତା କଥାର ଇନ୍ଦ୍ରଜାଲରେ ଛନ୍ଦି ହୋଇ ତାକୁ ଭୋଗ କରିବା ଦୂରେ ଥାଉ ବରଂ ସ୍ପର୍ଶ କରିବାରୁ କ୍ଷାନ୍ତ ହୋଇଛନ୍ତି । ଲାବଣ୍ୟ ସାମୟିକ ଭାବରେ ମୁକ୍ତି ପାଇଛି । ଆକର୍ଷଣୀୟ ସୌନ୍ଦର୍ଯ୍ୟ ସହିତ ତୀକ୍ଷ୍ଣ ବୁଦ୍ଧିମତ୍ତା ଦ୍ୱାରା ଚିତ୍ତହରା ପାରା ହାତରେ ଚିଟାଉ ଲେଖି ସମସ୍ତ କଥା ସାଧୁ ଚମ୍ପତିରାୟକୁ ଜଣାଇ ଦେଇଛି । ଅନେକ କ୍ଷେତ୍ରରେ ଲାବଣ୍ୟର କ୍ରିୟାକଳାପ ପ୍ରଭାବଶାଳୀ ହେଲେ ମଧ୍ୟ, ପୁରୁଷ ପ୍ରଧାନ ସମାଜରେ ଅନ୍ୟ ଉପରେ ନିର୍ଭରଶୀଳତାହିଁ ତାର ସମସ୍ୟାର କାରଣ ହୋଇଛି । ଏଠାରେ ଅଦୃଷ୍ଟ ତାକୁ ଯେଉଁଆଡ଼େ ଓଟାରିଛି, ସେ ସେଇଆଡ଼େ ଯିବାପାଇଁ ବାଧ୍ୟ ହୋଇଛି । ପରିଶେଷରେ ଯାବତୀୟ ଦୁଃଖ, ଯନ୍ତ୍ରଣା ଓ ଅବଶୋଷ ଭିତରେ ସେ ଆତ୍ମହତ୍ୟା କରିବାକୁ ବାଧ୍ୟ ହୋଇଛି ।

ଲାବଣ୍ୟ ଚରିତ୍ରରେ ଫୁଟି ଉଠିଛି ଶାନ୍ତ, କମନୀୟ ମଧୁର ରୂପ ସମ୍ଭାର । ଭାରତୀୟ ପଲ୍ଲୀ ଲଳନା ପରି ସେ କମ୍ର ଆଲୋକ ଶିଖା ବିତରଣ କରି ଜଳି ଯାଇଛି । ନେତ୍ରାବାରିକ ମତରେ, 'କି ସୁନ୍ଦର ସ୍ତ୍ରୀ ଲୋକଟି xxx ଦିନେ କେହି ତାର ପାଟି ଶୁଣିଛି ନା ଦିନେ କେହି ତା'ର ଛାଇ ଦେଖିଛି ? ଯେମନ୍ତ ନାଜକୁରି, ତେମନ୍ତ ଘରକରି । ସେ ଏ ସାଇରୁ ବାହାର –' (ସତୀ, ପୃ. ୧୯) ରୂପ ଓ ଗୁଣ ଉଭୟରେ ଲାବଣ୍ୟ ଥିଲା ଅନନ୍ୟା ।

ଲାବଣ୍ୟ ଚରିତ୍ରର ବିକାଶ ମୁଖ୍ୟତଃ ତିନୋଟି ସ୍ତର ମଧ୍ୟ ଦେଇ ଗତି କରିଛି । ପ୍ରଥମ ସ୍ତରରେ ଏହାର ଚାରିତ୍ରିକ ବୈଶିଷ୍ଟ୍ୟ ସଂପର୍କରେ ସୂଚନା, ଦ୍ୱିତୀୟ ସ୍ତରରେ ଶତ ପ୍ରଲୋଭନ ତଥା ନିର୍ଯାତନା ମଧ୍ୟରେ ଚାରିତ୍ରିକ ଦୃଢ଼ତା ରକ୍ଷା ପାଇଁ ଉଦ୍ୟମ ତଥା ତୃତୀୟ ସ୍ତରରେ ତାହାର ଜୀବନର ଦୁଃଖଦ ପରିଣତି ସ୍ୱରୂପ ଆତ୍ମହତ୍ୟା ନାଟକରେ ଦେଖାଇ ଦିଆଯାଇଛି ।

'ସତୀ' ନାଟକର ଖଳନାୟକ ବଳୀବାହାବଳେନ୍ଦ୍ର । ଏହି ଚରିତ୍ରଟିକୁ ଚିତ୍ରଣ କଲାବେଳେ ନାଟ୍ୟକାର ତଦାନୀନ୍ତନ ସମାଜର ଅସଂଖ୍ୟ ବାହାବଳେନ୍ଦ୍ରର ଚରିତ୍ରକୁ ସମ୍ମୁଖକୁ ଆଣିଛନ୍ତି । ଏମାନଙ୍କ ସ୍ୱାର୍ଥ ନିକଟରେ ସଂସାରରେ ନ୍ୟାୟ, ଅନ୍ୟାୟ,

Digitized by srujanika@gmail.com

ପାପପୁଣ୍ୟ ଓ ଧର୍ମ ଅଧର୍ମର ବିଚାର ନ ଥାଏ । କିନ୍ତୁ କୁକର୍ମର ପରିଣତିରେ ନାଟ୍ୟକାର ଯେଉଁ ପଦକ୍ଷେପ ନେଇଛନ୍ତି ତାହା ଏମାନଙ୍କୁ ସଜାଗ ଓ ସଚେତନ କରିବା ପାଇଁ ଯଥାର୍ଥ ପଦକ୍ଷେପ । ସ୍ୱାର୍ଥସିଦ୍ଧି ନିମନ୍ତେ ଯିଏ ଏପରି ଷଡ଼ଯନ୍ତ୍ର, ଚକ୍ରାନ୍ତ ସୃଷ୍ଟି କରିବ ସେ ନିଜେ ହିଁ ସେଇ ଚକ୍ରାନ୍ତର ଶିକାର ହେବ । 'ସତୀ' ନାଟକରେ ନାଟ୍ୟକାରଙ୍କର ବଳୀବାହାବଳେନ୍ଦ୍ର ଚରିତ୍ର ଲମ୍ପଟ, କ୍ରୂର, କୁଚକ୍ରୀ ହେଲେ ମଧ୍ୟ ପ୍ରୟୋଜନୀୟ ଚରିତ୍ର । କାରଣ ଅନ୍ଧାର ବିନା ଯେପରି ଆଲୋକର ଉପସ୍ଥିତ ଜାଣି ହୁଏ ନାହିଁ ଖଳନାୟକ ବିନା ନାୟକ ନାୟିକାଙ୍କର ସ୍ୱଭାବ ସମ୍ପଦ ବିଚାର କରିହୁଏ ନାହିଁ । ଆଚାର, ବ୍ୟବହାର ଦୃଷ୍ଟିରୁ ପ୍ରତ୍ୟେକ ମନୁଷ୍ୟ ଯେ କୁଦ୍ର ମନୁଷ୍ୟର ସମାହାର ଏହା ସମସ୍ତେ ଜାଣନ୍ତି । ଆପାତଃ ଦୃଷ୍ଟିରୁ ନିଷ୍ଠୁର, ନିର୍ମମ ପ୍ରତୀୟମାନ ହେଉଥିବା ବ୍ୟକ୍ତିର ଅନ୍ତରରେ ସ୍ନେହ, ଦୟା, ପ୍ରେମ, ତିତିକ୍ଷା ଏବଂ ଭାବୁକତାର ଫଲଗୁ ଧାରାର ପରିକଳ୍ପନା ପୂରାପୂରି ଅବାସ୍ତବ ନୁହେଁ । କେବଳ ବିଶେଷ ପରିସ୍ଥିତିରେ ବ୍ୟକ୍ତି ଚରିତ୍ରର ବିଶେଷଦିଗ ସ୍ପଷ୍ଟ ହୋଇଥାଏ । ଯଦି ଏହାକୁ ଭୁଲ୍ ବୋଲି କୁହାଯାଏ, ତେବେ ସାହିତ୍ୟର ଅନ୍ତତଃ ବହୁ ସଂଖ୍ୟକ ଚରିତ୍ର ସୃଷ୍ଟି ଉଦ୍ଦେଶ୍ୟହୀନ ହୋଇଯିବ । ଆଲୋଚକ ଡଃ. ବାସୁଦେବ ସାହୁଙ୍କ ମତରେ, "ସ୍ଥୂଳରେ କହିବାକୁ ଗଲେ ବାହାବଳେନ୍ଦ୍ରର ଚିତ୍ର ଗ୍ରନ୍ଥକାର ଯଥାଯଥ ଚିତ୍ରିତ କରିବାରେ ଯତ୍ନଶୀଳ ଓ ତେଣୁ କୃତକାର୍ଯ୍ୟ ହୋଇଅଛନ୍ତି ।"[୭୯]

ନାଟକର ଏସବୁ ଚରିତ୍ର ବ୍ୟତୀତ 'ସତୀ' ନାଟକରେ ଆଉ ଯେଉଁସବୁ ସହାୟକ ଚରିତ୍ର ଅଛନ୍ତି ସେମାନଙ୍କୁ ମୁଖ୍ୟତଃ ତିନିଭାଗରେ ବିଭକ୍ତ କରାଯାଇପାରେ । ଗଦାଧର, ହରି ମହାପାତ୍ର ପ୍ରଭୃତି ପ୍ରଥମ ଶ୍ରେଣୀର, ରାଧୁ ବୈରିଗଞ୍ଜନ, ନେତ୍ରା ବାରିକ, ମଣି ଚଉଧୁରୀ, ଚିତ୍ରକଳା ରାଧୀ ପ୍ରଭୃତି ଦ୍ୱିତୀୟ ଶ୍ରେଣୀରେ ରହି ପାରନ୍ତି । ଗଦାଧର ହେଉଛି ଏହି ନାଟକର ଏକ ଶକ୍ତିଶାଳୀ ଚରିତ୍ର, ଯିଏ କି ପ୍ରତିବାଦ କରିବାର ଏକ ନିଜକ ମନୋଭାବ ପ୍ରକାଶ କରିଛି । ବେବର୍ତ୍ତା ଚରିତ୍ରରେ ଶୁଦ୍ଧତା ଓ ବିଚାରବୋଧର ମୂଲ୍ୟକୁ ଲକ୍ଷ୍ୟ ନିମନ୍ତେ ଏହି ଚରିତ୍ରର ଅବତାରଣା କରାଯାଇଛି । ଏହା ବ୍ୟତୀତ 'ସତୀ' ନାଟକରେ ଅନ୍ୟ ଯେଉଁ ସହାୟକ ଚରିତ୍ର ଅଛନ୍ତି, ସେମାନଙ୍କ ଭୂମିକା ସ୍ୱଳ୍ପ ହେଲେ ମଧ୍ୟ ନାଟକୀୟ ବିଷୟବସ୍ତୁ ଦୃଷ୍ଟିରୁ ଏଗୁଡ଼ିକ ସ୍ୱୟଂସମ୍ପୂର୍ଣ୍ଣ ଏବଂ ପ୍ରୟୋଜନୀୟ ।

ଶିଳ୍ପ ପ୍ରକରଣ :

ଜଗନ୍ମୋହନଙ୍କ 'ସତୀ' ନାଟକ 'ରାଧାକାନ୍ତ ରଙ୍ଗମଞ୍ଚ'ରେ ୧୮୮୬ ମସିହାରେ ଅଭିନୀତ ହୋଇଥିଲା । ତତ୍କାଳୀନ ଗଡ଼ଜାତ ଶାସନର ଅତ୍ୟାଚାର ଓ ଅନ୍ଧାରୀ ଶାସନର ଚରିତ୍ର ଏଥିରେ ପ୍ରଦତ୍ତ ହୋଇଥିଲା । ତଦାନୀନ୍ତନ ସମାଜରେ ଆସନ ଜମେଇଥିବା ଏଭଳି ଅନୁଭୂତି ସହିତ ନାଟ୍ୟକାର ଜଗନ୍ମୋହନ ଓତଃପ୍ରୋତ ଭାବରେ ଜଡ଼ିତ ଥିଲେ । ସେତେବେଳକାର ପାରଂପରିକ ଯାତ୍ରା ବା ସୁଆଙ୍ଗର ପ୍ରାଚୀର ଭେଦ କରି ସେ ଗଣ ଜୀବନର ବାସ୍ତବମୁଖୀ ଯନ୍ତ୍ରଣା ଓ ବିପର୍ଯ୍ୟୟକୁ 'ସତୀ' ନାଟକ ମାଧ୍ୟମରେ ଚିତ୍ରଣ କରିଥିଲେ । ଏହି ନାଟକରେ ଔପନିବେଶିକ ସାମ୍ରାଜ୍ୟବାଦ, ନିର୍ମମ ଶାସନ, ଶୋଷଣ, ଅତ୍ୟାଚାର ଓ ନାରୀ ଉପଭୋଗର ଉଦଗ୍ର ଲାଳସା ନାଟକୀୟ ଭାବାବେଗର କେନ୍ଦ୍ରବିନ୍ଦୁ ହୋଇ ପଡ଼ିଥିଲା ।

Digitized by srujanika@gmail.com

'ସତୀ' ନାଟକର ସୃଷ୍ଟି ଚେତନାକୁ ଲକ୍ଷ୍ୟ କଲେ ଜଣାଯାଏ, ବିୟୋଗାତ୍ମକ ପରିଣତି ଏହି ନାଟକର ପରିଣତି ହୋଇ ପଡ଼ିଛି । କେତେକ ସ୍ଥଳରେ ଶକ୍ତିର ପ୍ରାଧାନ୍ୟକୁ ନାଟ୍ୟକାର ନାଟ୍ୟରୂପ ପ୍ରଦାନ କରିଛନ୍ତି । ଏଥି ସହିତ ସମସାମୟିକ ସମାଜ ଜୀବନର ବାସ୍ତବ ଚିତ୍ର ପ୍ରଦାନ କରିବାରେ ଅଭିନବ ପରିକଳ୍ପନା ସଂଯୋଜିତ କରାଯାଇଛି । କଥା ବସ୍ତୁକୁ ନାଟକୀୟ ଓ ଶିକ୍ଷାପ୍ରଦ କରାଯାଇଛି । ବହୁ ଚରିତ୍ରର ସମାବେଶ ହୋଇଥିଲେ ମଧ୍ୟ ଟ୍ରାଜେଡ଼ିଧର୍ମୀ ହୋଇଛି । ଏହି ନାଟକର ନାୟିକା ଲାବଣ୍ୟକୁ ନାଟ୍ୟକାର ଅତ୍ୟାଚାରିତା, ଚକ୍ରାନ୍ତ ଜର୍ଜରିତା କରି ଚିତ୍ରଣ କରିଥିଲେ ମଧ୍ୟ ଶେଷ ପର୍ଯ୍ୟନ୍ତ ତାହାର ସତୀତ୍ୱକୁ ଅକ୍ଷୁଣ୍ଣ ରଖିଛନ୍ତି ।

ସଂଳାପ :

ନାଟକୀୟ ଘଟଣା ଓ ଚରିତ୍ର ସୃଷ୍ଟିର ପ୍ରଧାନ ଉପାୟ ହେଉଛି ସଂଳାପ । ସଂଳାପଦ୍ୱାରା ଘଟଣା ଦ୍ୟୋତିତ ହୁଏ ଓ ଚରିତ୍ରମାନଙ୍କର ସ୍ୱରୂପ ବ୍ୟଞ୍ଜିତ ହୁଏ । ସଂଳାପ ବାସ୍ତବ ଓ ଶକ୍ତିଶାଳୀ ହେଲେ ନାଟକ ଶକ୍ତିଶାଳୀ ହୋଇଥାଏ । ଗଳ୍ପ ବା କାହାଣୀ ଉଦ୍‌ଭାବନ ନାଟକରେ ମୁଖ୍ୟ ବିଷୟ ନୁହେଁ; ଏଠାରେ ଚରିତ୍ରମାନଙ୍କର ଅନ୍ତର୍ଦ୍ୱନ୍ଦ୍ୱ ହିଁ ନାଟକର ରସ-କେନ୍ଦ୍ର ରୂପେ କେନ୍ଦ୍ରୀଭୂତ ହୋଇଥାଏ । ସଂଳାପ ଦ୍ୱାରା ଏହା ପ୍ରକାଶ ପାଏ । ଅତଏବ, ଘଟଣା, ଚରିତ୍ର ଓ ସଂଳାପ ଏହି ମୁଖ୍ୟ ତିନିଗୋଟି ଉପାଦାନକୁ ନେଇ ନାଟକ ଆତ୍ମପ୍ରକାଶ କରେ । ଏହି ତିନୋଟି ପରସ୍ପର ଘନିଷ୍ଠ ଭାବରେ ସଂପୃକ୍ତ । ଗୋଟିକୁ ଛାଡ଼ି ଅନ୍ୟଟିର ଗତି ସମ୍ଭବ ନାହିଁ । ଘଟଣାକୁ ନେଇ ଚରିତ୍ର ନିର୍ବାଚନ ଓ ଚରିତ୍ରକୁ ନେଇ ସଂଳାପ-ସଂଯୋଜନା କରାଯାଇଥାଏ । ନାଟକର ପାତ୍ର ଉପଯୋଗୀ ସଂଳାପ ପ୍ରୟୋଗ କରାଯିବା ବିଧେୟ । ସଂଳାପର ଭାଷା ପ୍ରତ୍ୟକ୍ଷ ଓ ସଂକ୍ଷିପ୍ତ ହେବା ସହିତ, ଭାବ ପ୍ରକାଶ ଦୃଷ୍ଟିରୁ ଏହା ଯେପରି କ୍ଷମ ହୋଇପାରେ ସେଥିପ୍ରତି ଦୃଷ୍ଟି ଦେବା ବିଧେୟ ।[୬୦]

'ସତୀ' ନାଟକର ପ୍ରତ୍ୟେକ ସ୍ଥଳରେ ପାତ୍ରମୁଖୀ ସଂଳାପ ଜଗନ୍ମୋହନଙ୍କ ନାଟ୍ୟଶିଳ୍ପକୁ ବଳିଷ୍ଠ, ଉନ୍ନତ ଓ ମାର୍ଜିତ କରିଛି । ଏହି ନାଟକର ସଂଳାପ ସଂପର୍କରେ ମନ୍ତବ୍ୟ ଦେଇ 'ଉତ୍କଳ ଦୀପିକାରେ ମଧୁସୂଦନ ଦାସ ଲେଖିଥିଲେ, "ଏ ଗ୍ରନ୍ଥର ଭାଷା ପ୍ରାଞ୍ଜଳ ଓ ସର୍ବଜନ ସୁଖବୋଧ ହୋଇଅଛି । ସାଧୁ ଶବ୍ଦରେ ରଚିତ ହୋଇ ଥିବାରୁ ବିଦ୍ୱଜ୍ଜନମାନଙ୍କର ସୁଖପାଠ୍ୟ ଓ ରୁଚିଦାୟକ ହୋଇଅଛି । ଇତର ଲୋକଙ୍କର ଉକ୍ତି ମଧ୍ୟ ସୁନ୍ଦର ହୋଇଛି । xxxx ଯେଉଁ ଗ୍ରାମ୍ୟଭାଷା ପ୍ରଚଳିତ ଅବିକଳ ତଦ୍ରୂପ ଭାଷା ଏହାର ଗ୍ରାମୀଣ ଚରିତ୍ରଣ ମାନଙ୍କ ନିମନ୍ତେ ବ୍ୟବହୃତ ହୋଇଛି ।"[୬୧]

ଏହି ସଂଳାପଗୁଡ଼ିକ ସ୍ୱଚ୍ଛନ୍ଦ ଏବଂ ସ୍ୱାଭାବିକ ଭାବରେ ଗତି କରାଇବା ସହ ନୀତି ଆଦର୍ଶ ଓ ଏକତ୍ୱ ଭାବର ପ୍ରକୃଷ୍ଟ ଉଦାହରଣ ଦେଇଛନ୍ତି ନାଟ୍ୟକାର । ଯଥା ପ୍ରଥମ ଅଙ୍କ ପ୍ରଥମ ଗର୍ଭାଙ୍କରେ ସାଧୁ ଚମ୍ପତିରାୟଙ୍କ ମୁଖରେ ସେ କୁହାଇଛନ୍ତି –

ସାଧୁ – +++ ମେଳ ଓ ଯତ୍ନରେ ମହା କାର୍ଯ୍ୟ ସାଧିତ ହୁଏ । ମନୁଷ୍ୟ କଥା ତେଣିକି ଥାଉ । ସାମାନ୍ୟ ମହୁମାଛି ମାନେ ମେଳ ଓ ଯତ୍ନରେ କେମନ୍ତ ମଧୁ ଉତ୍ପାଦନ

Digitized by srujanika@gmail.com

କରୁଅଛନ୍ତି ଓ ତହିଁରେ ଲୋକଙ୍କର କେଡ଼େ ଉପକାର ହେଉଅଛି । ସେପରି ମେଳ ଆମମାନଙ୍କ ମଧ୍ୟରେ କାହିଁ ? (ସତୀ, ପୃ.୨)

ସେଇ ଅଙ୍କରେ ପୁଣି ଗଦା ମୁଖରେ ଗଡ଼ଜାତୀ ଅତ୍ୟାଚାରର ନିଛକ ଚିତ୍ର ପ୍ରଦାନ କରିବାକୁ ଯାଇ କୁହାଇଛନ୍ତି -

ଗଦା - ହଁ, ସେପରି ସୁଖ ଦୁଃଖ ସବୁଠାରେ; ଏଠାର କଥା ଅତିରେକ । ଖଜଣା ଛଡ଼ା ସତର ପ୍ରକାର ରଶୁମ ଓ ମାଗଣା ତଣ୍ଡ ଦେଇ ମାଇପଙ୍କର ରାଣ୍ଡହାତ ହେଲାଣି । ଉପୁରି ପାଉଣାରେ ତୁଛାକୁ ମାସେ ମାସେ ସିଧା ଖାଇ ବର୍ଷକ ଦରମାରେ ହାତ ବାଜୁନାହିଁ । ଆପଣାର ପ୍ରଜା ଏତେ ବେଠି କରି ତଳିତଳାନ୍ତ ହୋଇ ଯାଉଛନ୍ତି । ପୁଣି ହାତଗୁ ଖାଇ ବେଠି କରିବାକୁ ଦିହରେ ବଳ ଆସିବ କୁଆଡୁ ? (ସତୀ, ପୃ.୨)

ତଦାନୀନ୍ତନ ସମାଜର ଗୁଣିଗାରେଡ଼ି, ଭଣ୍ଡାମିର ଚିତ୍ର ଦେବାକୁ ଯାଇ ଦ୍ୱିତୀୟ ଅଙ୍କରେ ନାଟ୍ୟକାର କହିଛନ୍ତି -

ବଳୀ - ସେ ସତୀ ବୋଲି ତ ରାଜା ତାହାର ମନ ଭୁଲେଇବା ପାଇଁ କେତେ ଦୈବୀ ଉପାୟ କରିଛନ୍ତି । ମାସେ ହେଲା ନଅରକୁ ଜଣେ ସିଦ୍ଧ ଆସିଛନ୍ତି । ସେ ଅନେକ ସାଧନ ଜାଣନ୍ତି ଓ ତାଙ୍କର କରଣୀ କାଟେ । ସେ କେତେଗୁଡ଼ିଏ ଟଙ୍କା ନେଇ କହିଥିଲେ ଯେ ଯେଡ଼େ ସତୀ ହେଉ ତାହାର ମତି ଏପରି ଫେରିବ ଯେ ସେ ରାଜାଙ୍କୁ ପତି ପ୍ରାୟେ ମଣିବ । ମହାଦେବଙ୍କଠାରେ ବ୍ରାହ୍ମଣ ବରଣ ହୋଇଅଛନ୍ତି ଓ କେତେ ଠାକୁରଙ୍କୁ କେତେ ଭୋଗ ମାନିଛୁଁ । ଜଣେ ପୁଣି ଡାକପାଣି କରି କହିଥିଲା, ସେ ନଈ, ନାଳ, କଂଟା, ଝଣ୍ଟା ନ ମାନି ଦଉଡ଼ି ଆସିବ । ଆଉ ଗୁଣିଆମାନେ ଯେତେ ମୋହିନୀ ଦେଇଥିଲେ ସେ ସବୁ ତ ତତେ ଦେଇଥିଲି । କ'ଣ ହେଲା କିଛି ତ କାଟିଲା ନାହିଁ । (ସତୀ, ପୃ.୧୦)

ଆଲୋଚ୍ୟ ନାଟକରେ ଖଳନାୟକ ବାହାବଳେନ୍ଦ୍ରର କୁଟକ୍ରାନ୍ତ ଓ ଷଡ଼ଯନ୍ତ୍ରର ଚିତ୍ର ପ୍ରଦାନ କରିବାକୁ ଯାଇ ନାଟ୍ୟକାର ଲେଖିଛନ୍ତି -

ବଳୀ - 'ମଣିମା, ଯତ୍ନ ଓ ଶ୍ରମରେ କେଡ଼େ କେଡ଼େ ଅସାଧ୍ୟ କାର୍ଯ୍ୟ ସାଧ୍ୟ ହୋଇଯାଏ । କେବଳ ଅଳସ ଓ ଅଯତ୍ନକୁ ସବୁ ଅସାଧ୍ୟ । ଯତ୍ନରେ ରତ୍ନାକର ଗର୍ଭରୁ ରତ୍ନ ଆସୁଛି । ମୁଁ ଯେବେ ଆମ ରାଜ୍ୟର ଜଣେ ରମଣୀକି ନ ନେଇ ପାରିବି, ତେବେ ଧିକ୍ ମୋ ଜୀବନ, ଏହା ମନେକରି ନିରୁତ୍ସାହ ହେଲି ନାହିଁ ।

ରାଜା - ଆଛା କଲ ଉତ୍ସାହହୀନ ହେଲେ କାର୍ଯ୍ୟ ହୁଏ କି ? ହଁ ସେଠୁ ?

ବଳୀ - ସେଇଠୁ ମଣିମା ସନ୍ଧାନ କରି ବୁଝିଲି ଲାବଣ୍ୟ ଦିନେ ଦିନେ ରାତି ଥାଉଁ ଥାଉଁ ରାଧୀ ସଙ୍ଗେ ନଦୀକୁ ଗାଧୋଇ ଯାଏ । ତହୁଁ ପାଞ୍ଚିଲି ରାଧୀକି ହାତ କରିବି । ରାତିରେ ନାଆଟିଏ ଆଣି ତୁଠରେ ରଖିଥିବି, ସେତେବେଳେ ତ ଆଉ କେହି ନଈରେ ନ ଥିବେ । ଲାବଣ୍ୟ ପ୍ରବେଶ ମାତ୍ରକେ ତାକୁ ଧରି ନାଆରେ ବସାଇ ଘେନି ଆସିବି । ସେ ଗାଧୋଉ ଗାଧୋଉ ବୁଡ଼ିଗଲା ବୋଲି ରାଧୀ ପ୍ରକାଶ କରିଦେବ ।

ରାଜା - ଆଛା ପାଞ୍ଚଟିଏ ତ କଲ । ବାଃ, ଧନ୍ୟ ତୁମ ବୁଦ୍ଧିକୁ । ସେଇଠୁ...

Digitized by srujanika@gmail.com

ବଳୀ - ସେଇଠୁଁ ମୁଁ ପଦୀକୁ କହିଲି ସେ ଯାଇଁ ସାତରାକୁ କହିଲା । କାହିଁକି ନା ରାଧୀ ତାଙ୍କର ଅନୁଗତା । ସାନ୍ତରା ଓ ଚମ୍ପତିରାଙ୍କର ମନାତର ହୋଇଥିବାରୁ ସେ ଅତି ଆଗ୍ରହରେ ରାଧୀକୁ ମନାଇଲେ, ତାକୁ ୫୦ ଟଙ୍କା ଦେଲି । ନାଆଟିଏ ଚୁପ୍‌ଚାପ୍ ନେଇ କାଲି ରାତ୍ରି ଦଶଘଡ଼ି ବେଳେ ଘାଟରେ ପହୁଞ୍ଚିଲି । ପାହାନ୍ତା ପହରେ ଲାବଣ୍ୟ ଆସି ପାଣିରେ ଗୋଡ଼ ଦିଅନ୍ତେ ଆମ୍ଭେମାନେ ନାଆରୁ ତାହାରି ପାଖକୁ କୁଦିଲୁଁ, ସେ ଭୟରେ ମାଲେ ବୋଲି ଡାକେ ମାରି ଅଚେତନ ହୋଇ ପଡ଼ିଲା । ତହୁଁ ତାକୁ ଅନାୟାସେ ଟେକି ନେଇ ନାଆରେ ପକାଇ ଚାଲି ଆସିଲୁଁ । ଏଠି ରାତ୍ରରେ ପହୁଞ୍ଚିବା କାରଣେ ବାଟରେ ମଠ କଲୁଁ । ଦେଖନ୍ତୁ କେଡ଼େ ଯତ୍ନ ଓ କେଡ଼େ ଶ୍ରମରେ ମୁଁ ତାକୁ ଆଣିଲି । (ସତୀ, ପୃ. ୨୩)

ଆବଶ୍ୟକସ୍ଥଳେ ନାଟ୍ୟକାର ହିନ୍ଦୀ ଭାଷାର ସଂଳାପ ମଧ୍ୟ ଖଞ୍ଜି ଦେଇଛନ୍ତି ନାଟ୍ୟ ସଂଲଗ୍ନ ଦାରୋଗା ଚରିତ୍ର ମୁଖରେ । ଦ୍ୱିତୀୟ ଅଙ୍କ ଦ୍ୱିତୀୟ ଗର୍ଭାଙ୍କରେ ଦାରୋଗ କହିଛି -

ଦାରୋଗା - ଚମ୍ପତିରାୟ ଇଜହାର ଦିଆହେ ଯେ ପରଶୋ ରୋଜ ଉସ୍‌କା ଜୋରୁକୁ ରାଜା ଜବରଦସ୍ତି ଆମଲାକେ ନଓରମେ ରଖା ହେ । ଏ ମକଦ୍ଦମା ତଦାରକା ୱାସ୍ତେ ହମ୍ ଆୟେ ହେଁ । ରାଜାକୁ ଫିଲ୍, ଫଓର ହାଜର ଲାଓ । (ସତୀ, ପୃ. ୩୨)

ସେତେବେଳେ ପାରାକୁ ପତ୍ର ବାହକ କାର୍ଯ୍ୟରେ ନିଯୁକ୍ତ କରାଯାଉଥିଲା । ସେଇ ଉପଲକ୍ଷ୍ୟରେ ଚିଉହରା ନାମକ ପାରାଟି ଲାବଣ୍ୟର ପତ୍ର ବହନ କରି ଆଣି ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚାଇ ଦେଇଛି । ତତ୍‌କାଳୀନ ପତ୍ର ଲିଖନର ସମ୍ୟକ୍ ସୂଚନା ପ୍ରଦାନ କରିଛନ୍ତି ନାଟ୍ୟକାର ।

ଗଦା - ହଉ ପଢୁଛି - "ପ୍ରାଣନାଥ, ମୁଁ ପ୍ରାଣରେ ଅଛି । ମୋତେ ସ୍ୱର୍ଗର ଯମ ନେଇ ନାହିଁ । ଆମ୍ଭ ରାଜ୍ୟର ଯମ ଘେନି ଆସିଛି । କାଲି ରାତି ପାହାନ୍ତା ରାଧୀ ସାଙ୍ଗେ ନଈକୁ ଗାଧୋଇ ଆଇଲି । ପାଣିରେ ଗୋଡ଼ ଦିଅନ୍ତେ ଯମର ଦୂତମାନେ ଗୋଟିଏ ନାଆରୁ ମୋ ପାଖକୁ କୁଦିଲେ । +++" (ସତୀ, ପୃ.୩୩)

ଅନ୍ୟମାନଙ୍କ ଗୁଜବକଥାରେ ପଡ଼ି ତତ୍କାଳୀନ ପରିବାରରେ ସ୍ୱାମୀ ସ୍ତ୍ରୀର ସଂପର୍କ ମଧ୍ୟରେ ବାଡ଼ ପଡ଼ି ଯାଉଥିଲା । ତା'ର ଏକ ନିଛକ ଚିତ୍ର ପ୍ରଦାନ କରିଛନ୍ତି ସାଧୁ ଚମ୍ପତିରାୟ ଓ ଗଦାଧରର କଥୋପକଥନ ମାଧ୍ୟମରେ -

ଗଦା - କିଛି ନ ବୁଝି ଏପରି ଭାର୍ଯ୍ୟାକୁ ତେଜିଦେବ ? ଯେ ପରମ ସୁନ୍ଦରୀ ପତିବ୍ରତା ଓ ସର୍ବଗୁଣରେ ଅଳଂକୃତା ଓ ଯାହାଠାରେ ତୁମ୍ଭର ଏଡ଼େ ସ୍ନେହ, ଏତେ ପ୍ରୀତି, ତୁମ୍ଭେ ଯାହାପାଇଁ ପ୍ରାଣଦେବାକୁ ବସିଥିଲ । ସେ ଯେ ଶାସ୍ତ୍ରାନୁସାରେ ତୁମ୍ଭର ଅର୍ଦ୍ଧାଙ୍ଗ, ତାକୁ କେବଳ ଜନାପବାଦ ଦୋଷରେ ତ୍ୟାଗ କରିଦେବ ? ସ୍ତ୍ରୀ ଆପଣା ଘର ଗ୍ରାମ ପିତା ମାତା ଭ୍ରାତା ସର୍ବେବ ଛାଡ଼ି ସ୍ୱାମୀର ଆଶ୍ରିତା, ସ୍ୱାମୀ ତାକୁ ନିରାଶ୍ରୟ କରିବ ? ତାହା ପ୍ରତି ଅନ୍ୟାୟ ଓ ନିଷ୍ଠୁର ବ୍ୟବହାର କରିବ ? ପୃଥିବୀ ଫାଟିଯା'ରେ, ଆକାଶ ଛିଡ଼ି ପଡ଼ରେ । ଚମ୍ପତିରା, ଏଡ଼େ ପ୍ରୀତି ସ୍ଥଳେ ଏଡ଼େ ଅପ୍ରୀତି କଥା ଆଗେ ତୁମ୍ଭ ମୁହଁରୁ

Digitized by srujanika@gmail.com

ବାହାରୁଛି କେମନ୍ତେ ? ପ୍ରୀତି ବଶରେ ପତଙ୍ଗ ପ୍ରାଣଦିଏ, ତୁମ୍ଭେ ଅଜାତି ହେଲେ ବା କ୍ଷତି କ'ଣ ? ଆଚ୍ଛା ମୁଁ ତୁମ ସାଙ୍ଗକୁ ରହିବି, ସେ ମହାସତୀ ପ୍ରତି ମୋର ଯେତେ ପ୍ରୀତି ଅଜାତି ହେବାକୁ ମୋର ଭୀତି ନାହିଁ ।

ସାଧୁ - ଆଚ୍ଛା ପ୍ରୀତି ବଡ଼ ନା ନୀତି ବଡ଼ ?

ଗଦା - ପ୍ରୀତି ବଡ଼ ।

ସାଧୁ - ନା ନା, ନୀତି ବଡ଼ । ପ୍ରୀତି ମନୁଷ୍ୟକୁ ଅନ୍ଧ କରିଦିଏ ଓ କେତେକ ସ୍ଥଳେ ଦୁର୍ଗତି ଘଟାଏ । ନୀତି ଚକ୍ଷୁ ଫିଟାଇ ଦିଏ ଓ ସଦ୍‌ଗତିର ପ୍ରଧାନ ପଥ । ପ୍ରୀତି ବଶରେ ଅନୀତି କରିବା ଉଚିତ ନୁହେଁ ।" (ସତୀ, ପୃ.୪୨)

ସତୀ ନାଟକର ଖଳନାୟକ ବଳୀ ବାହାବଳେନ୍ଦ୍ର ଅନ୍ୟ କେତେକଙ୍କ ସହଯୋଗରେ ସାଂଘାତିକ ଭାବରେ ଷଡ଼ଯନ୍ତ୍ର କରି କଳେ ବଳେ କୌଶଳେ ପତିପତ୍ନୀଙ୍କ ମଧ୍ୟରେ ବିଚ୍ଛେଦ ଘଟାଇଛି । ଏଇ ପରିପ୍ରେକ୍ଷୀରେ ପରସ୍ପର କବିତା ମାଧ୍ୟମରେ ସଂଳାପ ରଚନା କରି ନାଟ୍ୟକାର ଏକ ଉଲ୍ଲେଖଯୋଗ୍ୟ ପଦକ୍ଷେପ ନେଇଛନ୍ତି । ଏହି ପଦ୍ଧତି ପୂର୍ବରୁ ଯାତ୍ରା, ସୁଆଙ୍ଗ, ରାମଲୀଳା ପ୍ରଭୃତିରେ ପ୍ରଚଳିତ ଥିଲେ ମଧ୍ୟ ସାମାଜିକ ବିଷୟବସ୍ତୁ ଏହା ନାଟ୍ୟକାରଙ୍କର ଏକ ଅଭିନବ ପଦକ୍ଷେପ ।

ଲାବଣ୍ୟ - ନେତ୍ରକୁ ମୁଁ ଦିନେ କରିନାହିଁ ସମାଦର
ମହତ ପଣରୁ ବଶ ନୋହି ସେ ବାଦର ।
ମୋ ଦୁଃଖିତ ହୋଇ ବୁହାଏ ସେ ଜଳ
ଅବା ନିଭାଇବା ପାଇଁ ମୋର ଦୁଃଖାନଳ ।
ଭ୍ରମିଥିଲି ମୁହିଁ ଏଡ଼େ ହିତକାରୀ ଠାରେ
ପଣତ ପତେଇ ମାଗେ ଦୋଷ ବାରେ ବାରେ ।
(ଅଞ୍ଚଳ ଧରି ସାଧୁର ଅଶ୍ରୁ ମୋଚନାର୍ଥେ ଅଗ୍ରସର)

ସାଧୁ - ଯାଆଲୋ କେତେ ଛଟା କରୁଲୋ ଚତୁରୀ
ନୟନ ମହତ ନୁହେଁ ଚଞ୍ଚଳ ତୋ ପରି ।
ଜଳ ଶୂନ୍ୟ ସୁବିସ୍ତୀର୍ଣ୍ଣ ଭୂମିଖଣ୍ଡେ ପାନ୍ଥ
ତୃଷାରେ ଆତୁର ପୁଣି ପଥଶ୍ରମେ କ୍ଳାନ୍ତ ।
ଏପରି ଦୟାର ପାତ୍ରେ ନୟନ ଭଣ୍ଡାଇ
ରବିର କିରଣ ନୀର ଭରମ ଜନ୍ମାଇ ।
ଏସନ ଶଠର ଠାରେ ନକର ବିଶ୍ୱାସ
ନିଷ୍ଠେ ତ୍ୟାଗ କଲି ତୋତେ ତେଜଲୋ ମୋ ବାସ ।
(ସତୀ ନାଟକ, ପୃ. ୪୯)

ନାରୀ ଚିରଦିନ ସର୍ବଂସହା ଧରିତ୍ରୀ । ନିଜର ଯେତେ କ୍ଷତି ହେଉ ପଛେ ସାଧ୍ୱୀ ଓ ପତିବ୍ରତା ନାରୀ ପତିର ସାମାନ୍ୟତମ କ୍ଷତିକୁ ସହ୍ୟ କରି ପାରେନାହିଁ । ନାରୀ

Digitized by srujanika@gmail.com

ହୃଦୟର ଏଇ ବିଚାରକୁ ନାଟ୍ୟକାର ଦରଦୀ ଭାଷାରେ ଲାବଣ୍ୟ ମୁଖରେ ପ୍ରକାଶ କରିଛନ୍ତି –

ଲାବଣ୍ୟ – ଓଃ, ହାଲୋ ମା' ଯାବି ମୋ କପାଳେ ଥିଲା । ମୋ' କପାଳ ପୋଡ଼ିଯାଉ । ତାଙ୍କୁ ଯେମିତି ଦୋଷ ନ ଲାଗୁ । ଜଗନ୍ନାଥ ମହାପ୍ରଭୁ ଲକ୍ଷ୍ମୀ ଦେବୀଙ୍କି ଦିନେ କଟୁକଥା କହି ପାର ପାଇଲେ ନାହିଁ । ଦ୍ୱାର ଦ୍ୱାର ଭିକ ମାଗି ବୁଲିଲେ ଓ କେତେ ହୀନସ୍ତା ହେଲେ । ଦେବତାଙ୍କୁ ତ ସହିଲା ନାହିଁ, ମନୁଷ୍ୟଙ୍କୁ କି ସହିବ ? କ'ଣ କହିବି ? କେମନ୍ତେ ତାଙ୍କଠୁଁ ଦୋଷ ଛାଡ଼ିବ । ମହାଦେବଙ୍କଠାରେ ବ୍ରାହ୍ମଣ ବରଣ କରାଇବି, ଚମ୍ପା ଚଢ଼ାଇବି, ସେ ତ ପଛକଥା, ଏବେ ସେ ଆସୁଛନ୍ତି କେମନ୍ତେ । ଏତେଦିନ ହେଲାଣି ଗାଧୋଇ ନାହାନ୍ତି । କେମନ୍ତେ ସେ ଗାଧୋଇ ମୁଠିଏ ଖାଇବେ । +++ ମୋ ହାତରେ ଖାଇବେ କି ନାହିଁ ଜଳଖିଆ କରିବେ ।+++ (ସତୀ, ପୃ.୫୦)

ନରବଳି ପ୍ରଥା ଅତ୍ୟନ୍ତ ଅମାନୁଷିକ କାର୍ଯ୍ୟ ହେଲେ ମଧ୍ୟ ତଦାନୀନ୍ତନ ଗଡ଼ଜାତ ଅଞ୍ଚଳରେ ଏହା ବିଶେଷ ଭାବରେ ଦେଖା ଯାଉଥିଲା । ଆଲୋଚ୍ୟ ନାଟକରେ ଲାବଣ୍ୟର ଭାଇ ହରି ମହାପାତ୍ରକୁ ଖଳନାୟକ ବାହାବଳେନ୍ଦ୍ର ବାସୁଳୀ ଠାକୁରାଣୀଙ୍କ ନିକଟରେ ବଳୀ ପକାଇଛି ।

ରଘୁ – ମୁଁ ଖଣ୍ଡା ନେଇ ତୁମ୍ଭ କରରେ ଠିଆ ହୁଏ । ହେଇ ଆସୁଛନ୍ତି ତ ।

ବଳୀ – ଆସ ଆସ ମହାପାତ୍ରେ ତୁମ୍ଭପାଇଁ ମୁଁ ଢେର୍ ଲଢ଼ିଲିଣି । ମତେ କି ପୁରସ୍କାର ଦେବ ଦିଅ, ଆଗେ ଦର୍ଶନ କର । ପଣ୍ଡାଯେ ଧଣ୍ଡା ଦିଅ । (ହରି ଗଳାରେ ବାସୁର ଧଣ୍ଡା ପ୍ରଦାନ)

ହରି – ମା' ଜଗଜ୍ଜନନୀ ତ୍ରିଭୁବନ ତାରିଣୀ ଅପରାଧ କ୍ଷମାକର । (ଭୂମିଷ୍ଠ ପ୍ରଣାମ ଓ ଖଡ୍‌ଗାଘାତରେ ମୃତ୍ୟୁ)

ବଳୀ – ସାବାଏସ୍ ! ସାବାଏସ୍ ଯାଇଚି ଏକା ଚୋଟକେ । ଉତ୍ତର କବାଟ ସରାରେ ରକ୍ତ ଧର । (ହରିର ମସ୍ତକ ନେଇ ନାଚି ନାଚି ଠାକୁରାଣୀଙ୍କ ସମ୍ମୁଖରେ ରଖି ନିଅ ପଣ୍ଡାଏ ନିବେଦନ କର) । (ସତୀ, ପୃ.୬୫)

ତତ୍କାଳୀନ ସମାଜର ଝଡ଼ାଫୁଙ୍କା ଗୁଣି ଗାରେଡ଼ିର ମନ୍ତ୍ର ମଧ୍ୟ ନାଟ୍ୟକାରଙ୍କ ଲେଖନୀରୁ ବାଦ୍ ପଡ଼ିନାହିଁ । ପଞ୍ଚମ ଅଙ୍କ ପ୍ରଥମ ଗର୍ଭାଙ୍କରେ –

ରଘୁ – ଉତ୍ତର କବାଟ, ଗୋଟାଏ ଗୋଖର ସାପ ବାହାବଳେନ୍ଦ୍ରଙ୍କୁ ଗୋଡ଼ାଇ ତାଙ୍କ ଗୋଡ଼ରେ ଦଂଶିଲା ।

ହୃଷୀ – କେମନ୍ତେ ! (ନୀଚସ୍ୱରେ) ଓଁ ପାଞ୍ଚକୋଶେ ଖାଇଲା ନାଗ, ବାର୍ତ୍ତିଯା କହିଲା ମୋର ଆଗ, ଏଠାରେ ଫୁଟୁକି ମାଇଲି ମୁହିଁ ସେଠାରେ କାଳକୋଟି ବିଷ ନାହିଁ, ଏକ ଦୁଇ ତିନି ନାହିଁ ନାହିଁରେ ବିଷ ନାହିଁ ନାହିଁ । ଯା ବିଷ ଗଲାଣି । (ବଳୀର ପ୍ରବେଶ)

Digitized by srujanika@gmail.com

ବଳୀ - ଉତ୍ତର କବାଟ ! ବିଷ ଜଂଘ ପର୍ଯ୍ୟନ୍ତ ଚଢ଼ି ଗଲାଣି, ମୁଁ ଧରଣୀ ବାନ୍ଧିଥିଲି, ମାନିଲା ନାହିଁ, ତୁମେ ଝାଡ଼ିଲ ।

ହୃଷୀ - ଆଚ୍ଛା (ନୀଚସ୍ୱରେ) ଓଁ ଶ୍ୱେତଙ୍କାଳ ନୀଳବର୍ଣ୍ଣ ଉତୁରୁରେ ବିଷ ତିନିଭୁବନ, ନ ଉତୁରୁ ବୋଲି କାହାର ଆଜ୍ଞା, ଈଶ୍ୱର ପାର୍ବତୀଙ୍କର କୋଟି କୋଟି ଆଜ୍ଞା । (ସତୀ, ପୃ.୬୬)

କେତେକ କ୍ଷେତ୍ରରେ ଅବଶ୍ୟ ନାଟ୍ୟକାରଙ୍କର ସଂଳାପ ସଂଯୋଜନା ଅତିକଥନ ଦୋଷଦୁଷ୍ଟ ହୋଇଛି । ବିଶେଷ କରି ଲାବଣ୍ୟର ଦୀର୍ଘ କବିତ୍ୱପୂର୍ଣ୍ଣ ଛନ୍ଦବଦ୍ଧ ଭାଷଣ ଏବଂ ରାଜାଙ୍କର ଅନୁରୂପ ସଂଳାପ ନାଟକଟିର ଘାଟନିକ ଅବବୋଧର ଗତିକୁ ଯେ ଯଥେଷ୍ଟ ପରିମାଣରେ ହ୍ରାସ କରିଦେଇଛି । ତଥାପି ନାଟ୍ୟକାର ଜଗନ୍ମୋହନଙ୍କ 'ସତୀ' ନାଟକର ସଂଳାପ ସଂଯୋଜନା ଯଥାର୍ଥ ଓ ପାତ୍ରମୁଖୀ ଏବଂ ସମାଜର ଏକ ନିଖୁଣ ଚିତ୍ର ପ୍ରଦାନରେ କ୍ଷମ ହୋଇପାରିଛି । ଏ ସଂପର୍କରେ ଡଃ. ବାସୁଦେବ ସାହୁ ନିଜସ୍ୱ ମନ୍ତବ୍ୟ ପ୍ରକାଶ କରି କହିଛନ୍ତି, "ତେବେ ମୋଟାମୋଟି ଭାବରେ ନାଟକର ଭାଷା ଦୁର୍ବୋଧ, ଦୁରୂଚାର୍ଯ୍ୟ ବା ଅତି ଅସ୍ୱାଭାବିକ ନୁହେଁ । 'ସତୀ'ର ସଂଳାପ ସଂଯୋଜନା ସୁଚିନ୍ତିତ । ଦୀର୍ଘତା ପରିବର୍ତ୍ତେ ବ୍ୟଞ୍ଜନା ତା'ର ଏକ ବୈଶିଷ୍ଟ୍ୟ । ଅଳ୍ପ କେତୋଟି ସ୍ଥାନକୁ ଛାଡ଼ିଦେଲେ ସର୍ବତ୍ର ନାଟକରେ ଚୁମ୍ବକୀୟ ସଂଳାପ ମଧ୍ୟରେ ବ୍ୟାପକ ଭାବ-ଦ୍ୟୋତନା କୌଶଳ ଗ୍ରହଣ କରାଯାଇଛି । ଚରିତ୍ର ଗୁଡ଼ିକର ପାରସ୍ପରିକ ସଂଳାପ ଖାପ୍‌ଛଡ଼ା ନ ହୋଇ ଧାରାବାହିକ ଓ କଥାବସ୍ତୁର ପ୍ରବାହ ଦିଗରେ ସହାୟକ ହୋଇଛି ।"[୬]

ସଙ୍ଗୀତ :

ନାଟକ ଇତିହାସରେ ସଙ୍ଗୀତର ଉପସ୍ଥିତି ଅପରିହାର୍ଯ୍ୟ । ସାଧାରଣତଃ ପାରଂପରିକ ନାଟକରେ ଯେଉଁଠି ସଂଳାପ ସାହାଯ୍ୟରେ ଯଥେଷ୍ଟ ମାତ୍ରାରେ ରସ ସୃଷ୍ଟି କରିବା ସମ୍ଭବ ହେଉ ନଥିଲା, ସେଠାରେ ସଂଗୀତର ସାହାଯ୍ୟ ନେଇ ରସୋଦ୍ରେକ କରିବା ନିମନ୍ତେ ଉଦ୍ୟମ ହେଉଥିଲା । ମାତ୍ର ସ୍ଥାନ, କାଳ, ପାତ୍ର ଏବଂ ପରିସ୍ଥିତିକୁ ଚାହିଁ ସଙ୍ଗୀତର ଉପସ୍ଥିତି ନାଟକର ମାନ ହ୍ରାସ ନ କରି ବରଂ ବୃଦ୍ଧି କରିଥାଏ ।

ଜଗନ୍ମୋହନ ନିଜର ପ୍ରଥମ ନାଟକ ବାବାଜୀରେ ତିନିଗୋଟି ସଂଗୀତ ସଂଯେଜନା କରିଥିଲେ । ମାତ୍ର 'ସତୀ' ନାଟକର ରଚନାକାଳ, କଥାବସ୍ତୁ ଏବଂ ଗତିବିଧିକୁ ଲକ୍ଷ୍ୟ କରି ସେ ଏଥିରେ ଦଶଟି ଗୀତ ଖଞ୍ଜି ଦେଇଛନ୍ତି । ହୁଏତ ନାଟ୍ୟକାର ଚିନ୍ତା କରିଛନ୍ତି, ତଦାନୀନ୍ତନ ଲୋକନାଟକ ଯୁଗରେ ଯେତେବେଳେ ଦର୍ଶକମାନେ ସଙ୍ଗୀତ ମାଧ୍ୟମରେ ବଚନିକା ଶୁଣିବାରେ ଅଭ୍ୟସ୍ତ, ସେତେବେଳେ ସେମାନଙ୍କୁ ହଠାତ୍ ଗଦ୍ୟରେ ପ୍ରବୃତ୍ତ କରାଇବା ସହଜସାଧ୍ୟ ନୁହେଁ ।

'ସତୀ' ନାଟକର ପ୍ରଥମ ଅଙ୍କର ଦ୍ୱିତୀୟ ଗର୍ଭାଙ୍କରେ ବାହାବଳେନ୍ଦ୍ର ପଦୀ ସହିତ ମତ ବିନିମୟ କରି ସାରିବା ପରେ ଯେତେବେଳେ ନିଜ ଯୋଜନା ସଫଳ ହେବାକୁ ଯାଉଥିବାର ବିଶ୍ୱାସ କରିଛି, ସେତେବେଳେ ତା' ମନରେ ଯଥେଷ୍ଟ ଆନନ୍ଦ ହୋଇଛି

Digitized by srujanika@gmail.com

ଏବଂ ଏହି ଆନନ୍ଦକୁ ସେ ପ୍ରକାଶ କରିଛି 'କି ସୁନ୍ଦର ଚନ୍ଦ୍ର ନିଶିରେ ସଙ୍ଗାତ' ପ୍ରଭୃତି ସଙ୍ଗୀତରେ । ଏଠାରେ ଚରିତ୍ର, ପ୍ରସଙ୍ଗ ଏବଂ ପରିବେଶ ଦୃଷ୍ଟିରୁ ବିଶେଷ ଅସଙ୍ଗତି ସୃଷ୍ଟି ହୋଇନାହିଁ । ପୁଣି ଅତି ଦୁଃଖପୂର୍ଣ୍ଣ ପରିସ୍ଥିତିରେ ସାଧୁ ଯେତେବେଳେ ରାଜଗୃହ ପ୍ରତ୍ୟାଗତ ଲାବଣ୍ୟ ପ୍ରତି ଉଦାସୀନ ପ୍ରକଟ କରିଛି, ସେତେବେଳେ ଲାବଣ୍ୟ ଗାନ କରିଛି, 'ଅସୁଖ ରଜନୀ କିବା ପ୍ରଭୃତି' ସଙ୍ଗୀତ । ସ୍ୱାମୀସୁଖବଞ୍ଚିତା ଲାବଣ୍ୟର ଶୋଚନୀୟ ମାନସିକ ଅବସ୍ଥା ଏହି ସଙ୍ଗୀତରୁ ସ୍ପଷ୍ଟ ଭାବରେ ଜଣା ଯାଉଛି । ତଥାପି କେତେକ ସ୍ଥଳରେ ଲାଲ ମହାଶୟ ଗଦ୍ୟ ଭାବାପନ୍ନ କେତେଗୁଡ଼ିଏ ଶୁଷ୍କ ଶବ୍ଦକୁ ରାଗର ଅନ୍ତର୍ଗତ କରି ସେ ସଙ୍ଗୀତ ସଂପର୍କରେ ନିଜର କର୍ତ୍ତବ୍ୟ ଶେଷ କରିଛନ୍ତି ଯାହାକି ତାଙ୍କର ଦୁର୍ବଳ ସଙ୍ଗୀତଜ୍ଞାନର ପରିଚୟ ପ୍ରଦାନ କରିଥାଏ ।

ଭାଷା :

କୌଣସି ନାଟକରେ ସଂଯୁକ୍ତ ସଂଳାପ ସଂଯୋଜନା ଯେପରି ନାଟକର ଭାବ ଦ୍ୟୋତନା ବହନ କରିଥାଏ ସଂଳାପ ସଂଯୋଜିତ ଭାଷା ସେହିପରି ନାଟକର ଉଦ୍ଦେଶ୍ୟକୁ ଚରିତାର୍ଥ କରିଥାଏ । 'ସତୀ' ନାଟକର ସଂଳାପ ସଂଯୋଜନା କ୍ଷେତ୍ରରେ ନାଟ୍ୟକାର ଆବଶ୍ୟକସ୍ଥଳେ ଅନ୍ୟାନ୍ୟ ଭାଷା ଯଥା - ହିନ୍ଦୀ, ପାରସୀ, ଉର୍ଦ୍ଦୁ ପ୍ରଭୃତିର ଯୁକ୍ତିଯୁକ୍ତ ବ୍ୟବହାର କରିଛନ୍ତି, ଯାହାଦ୍ୱାରା ତତ୍କାଳୀନ ଓଡ଼ିଶାରେ ବ୍ୟବହୃତ ହେଉଥିବା ଭାଷା ସଂପର୍କରେ ଅବଧାରଣା କରାଯାଇପାରେ ।

'ସତୀ' ନାଟକର ସଂଳାପରେ କଥିତ ଓ ଲିଖିତ ଭାଷାର ସମାହାର ଦେଖାଯାଏ ଯାହା ଭାଷା ଜ୍ଞାନର ପରିଚୟ ପ୍ରଦାନ କରେ । ପୁନଶ୍ଚ ସଂଳାପ ଗୁଡ଼ିକୁ ସ୍ୱଚ୍ଛନ୍ଦ, ସ୍ୱାଭାବିକ ତଥା ନାଟ୍ୟକାର ଏଥିରେ ଲୋକୋକ୍ତି, ପ୍ରବଚନ ଏବଂ ଢଗ ଢମାଳିକୁ ଆବଶ୍ୟକ ସ୍ଥଳେ ପ୍ରୟୋଗ କରି, ନିଜସ୍ୱ ବକ୍ତବ୍ୟକୁ ଅଧିକତର ଭାବରେ ରସାଳ ଓ ଭାବଗର୍ଭକ କରି ଗଢ଼ି ତୋଳିଛନ୍ତି ।

'ସତୀ' ନାଟକରେ ବ୍ୟବହୃତ ହୋଇଥିବା ଭାଷାକୁ ମୁଖ୍ୟତଃ ତିନିଭାଗରେ ବିଭକ୍ତ କରାଯାଇପାରେ ।

୧. ଦେଶଜ ଶବ୍ଦ
୨. ବୈଦେଶିକ ଶବ୍ଦ .
୩. ଲୋକବାଣୀ, ରୂଢ଼ି, ପ୍ରବଚନ

୧. ଦେଶଜ ଶବ୍ଦ

କୌଠି	ଅଦମ୍ଭ	ଏମନ୍ତିକା	ପାଞ୍ଚ
ହେଁକା	ଖଡ୍ଗମୁଷା	କୌପରତେ	ଅଲୈବଲୈ
ଘେନି	ଛୁଣି	କୁଟୁଣା	ମାମଲା
ସଙ୍ଗାଡ଼ି	ଅନାସ୍ତ	ପହଡ଼	କୁଳବୁଡ଼ା

୨. ବୈଦେଶିକ ଶବ୍ଦ

ଦେଓ୍ୱାନ୍	ତଲାସ	ମୁକ୍ତିଆର	ତଲବ

Digitized by srujanika@gmail.com

ହୁକୁମ୍	ଦାରୋଗା	ସଲାମ	ପରଓ୍ୱା
ମୁନ୍‌ସି	ମୁସ୍କିଲ୍	ଖଲାସ	ବକ୍‌ସିସ୍
ମସୋଦା	ଗାରଦ	ହାଡ଼ିତ	ଦିଆନେ

୩. ଲୋକବାଣୀ, ରୂଢ଼ି, ପ୍ରବଚନ

ଚମବାଇଦ କୋଶେ, ତୁଣ୍ଡବାଇଦ ସହସ୍ରକୋଶ

ହମ୍ ତୋ ଛୋଡା କମଲିକୁ କମଲି ନ ଛୋଡେ ହମକୁ

ଛାତିଆଗରେ ହାତୀ ଯାଏନା

ସ୍ୱଜାତି ବଡ଼ ହିଂସ୍ରକ

ଯାହା ନ ଦେଖିବ ଦୁଇ ନୟନେ ପରତେନଯିବ ଗୁରୁବଚନେ

ନ ମିଥ୍ୟା ପାତକଂ ପରଂ

କମଳଯାକ ବାଳ

ପରୋପକାରାୟ ସ୍ୱର୍ଗାୟ

ବିନାଶ୍ରୟେ ନବର୍ତ୍ତନ୍ତି କବିତା ବନିତା ଲତା

ରଙ୍କ ତୁଣ୍ଡକୁ ଆମ୍ବିଳା ଆମ୍ବ ସୁଆଦ, କ୍ଷୁଧାର୍ତ୍ତକୁ ଶାକାନ୍ନ ଅମୃତ

ମୁଖତଃ ତତ୍କାଳୀନ ସାମାଜିକ ପରିସ୍ଥିତିର ଆବଶ୍ୟକତାକୁ ଚାହିଁ ନାଟ୍ୟକାର ପାତ୍ରୋଚିତ, ମାର୍ଜିତ ତଥା ସହଜ ସରଳ ଭାଷା ଓ ସଂଳାପ ବ୍ୟବହାର କରିଛନ୍ତି । ଏ ସଂପର୍କରେ ଆଲୋଚକ ଡଃ ହେମନ୍ତ କୁମାର ଦାସ କହନ୍ତି, "ରାମଶଂକର ଓଡ଼ିଆ ଭାଷାର ନାଟକୋଚିତ ଯୋଗ୍ୟତା ବୁଝି ତହିଁରେ ନାଟକ ରଚନା କରିବା ପୂର୍ବରୁ ହିଁ ଜଗନ୍ମୋହନ ନାଟକ ରଚନା ଆରମ୍ଭ କରି ନାଟକର ଭାଷା ଓ ରଚନାର ଛଟାକି ପ୍ରକାର ହେବ, ଅତି ଚମତ୍କାର ଭାବରେ ତାହା ଦେଖାଇ ଦେଇଥିଲେ । "ସତୀ" ନାଟକରେ ପୁଣି ବହୁ ଚରିତ୍ର ଏବଂ ବହୁ ବିଚିତ୍ର ସେମାନଙ୍କର ରୁଚି, ଆଗର, ବିଚାରରୁଚି ଏବଂ ରିବାଜ୍ । ନାଟ୍ୟକାର ଏମାନଙ୍କୁ ଦେଖିଥିଲେ ଖୁବ୍ ନିକଟରୁ । ସେମାନଙ୍କ ସହିତ ଏକାତ୍ମ ହୋଇଯାଇଥିଲେ ଅତି ଅନ୍ତରଙ୍ଗ ଭାବେ । ଏଥିରେ ସମାଜ ଜୀବନର ଚୋର, ଖଣ୍ଡ, କୁଚକ୍ରୀ, ସାଧୁ, ଜ୍ଞାନୀ, ଶିକ୍ଷିତ, ଅଶିକ୍ଷିତ ବହୁ ବିଚିତ୍ର ପାତ୍ରପାତ୍ରୀ ରହିଥିଲେ । ନାଟ୍ୟକାର ଏମାନଙ୍କୁ ଅନ୍ତରଙ୍ଗ କରିପାରୁ ଥିବାରୁ ହିଁ ସେମାନଙ୍କ ମୁହଁରେ ଭାଷା ଦେଲାବେଳେ ସେଗୁଡ଼ିକ ଯଥାସମ୍ଭବ ସ୍ୱାଭାବିକ ତଥା କଳାତ୍ମକ ହୋଇପାରିଛି । ନାଟ୍ୟ-ଭାଷା-ପରିକଳ୍ପନା ମଧ୍ୟ ତାଙ୍କର ଜ୍ଞାନ ଓ ମନନ ଶକ୍ତିର ପରିଚାୟକ ।।[୬୩]

'ସତୀ' ନାଟକର ଦ୍ୱନ୍ଦ୍ୱ କଳ୍ପନା 'ବାବାଜୀ' ନାଟକ ଅପେକ୍ଷା ଅଧିକ ତୀବ୍ର । ଏଥିରେ ବହିଃଦ୍ୱନ୍ଦ୍ୱ ତଥା ଅର୍ନ୍ତଦ୍ୱନ୍ଦ୍ୱର ପରିକଳ୍ପନା ନାଟ୍ୟକାରଙ୍କର ପୁରୋଦୃଷ୍ଟିର ପରିଚାୟକ । ପତିବ୍ରତା ସତୀ ଲାବଣ୍ୟ ପ୍ରତି ସାଧୁ ଚମ୍ପତିରାୟର ସନ୍ଦେହରେ ମାନସିକ ଅନ୍ତର୍ଦ୍ୱନ୍ଦ୍ୱର ତୀବ୍ର ଝଲକ ପ୍ରକାଶିତ । ସେହିଭଳି ରାଜା, ବାହାବଳେନ୍ଦ୍ର, ଦାରୋଗା, ପଦୀ ପ୍ରଭୃତି ଚରିତ୍ର ସାହାଯ୍ୟରେ ବାହ୍ୟ ଦ୍ୱନ୍ଦ୍ୱର ଅବତାରଣା କରାଯାଇଛି ।

Digitized by srujanika@gmail.com

ପାଞ୍ଚ ଅଙ୍କ ତଥା ଏଗାରଟି ଗର୍ଭାଙ୍କ ବିଶିଷ୍ଟ ଏହି 'ସତୀ' ନାଟକରେ ବୃତ୍ତ ପରିକଳ୍ପନା ମଧ୍ୟ ସଫଳ ହୋଇଛି। ପ୍ରଥମ ଅଙ୍କରେ ସତୀ ଲାବଣ୍ୟକୁ ରାଜବାଟୀକୁ ନେଇ ରାଜାଙ୍କ କାମନାର ଯଜ୍ଞବେଦୀରେ ଅର୍ପଣ କରିବା ନିମନ୍ତେ ଯେଉଁ ପରିକଳ୍ପନା କରାଯାଇଛି, ତାହା ହେଉଛି ଏହି ନାଟକର ପ୍ରାରମ୍ଭ ବା ମୁଖସନ୍ଧି। ଦ୍ୱିତୀୟ ଅଙ୍କରେ ନାଟକୀୟ କଥାବସ୍ତୁର ଅଗ୍ରଗତିରେ କୌଶଳ କ୍ରମେ ଲାବଣ୍ୟକୁ ରାଜବାଟୀକୁ ପ୍ରେରଣ ତଥା ପୋଲିସ ସାହାଯ୍ୟରେ ତାହାର ମୁକ୍ତି ଏସବୁକୁ ନାଟ୍ୟାଙ୍ଗର ପ୍ରବାହ ଅନ୍ତର୍ଭୁକ୍ତ କରାଯାଇପାରେ। ତୃତୀୟ ଅଙ୍କରେ ମିଥ୍ୟାପବାଦରେ ଲାବଣ୍ୟର ନିର୍ବାସନ ହେଉଛି କାହାଣୀର ଶୀର୍ଷ ବିନ୍ଦୁ। ଭାରତୀୟ ମତରେ ଏହା ଗର୍ଭ ବିଭାଗର ଅନ୍ତର୍ଭୁକ୍ତ। ଏହାପରେ ଲାବଣ୍ୟ ଆଶ୍ରୟ ଗ୍ରହଣ କରିଛି ହରିମହାପାତ୍ର ଗୃହରେ। ଚତୁର୍ଥ ଅଙ୍କର ଏହି ଦୃଶ୍ୟକୁ ଗ୍ରନ୍ଥିମୋଚନ କୁହାଯାଇପାରେ। କାରଣ ବାହାବଳେନ୍ଦ୍ରର ସମସ୍ତ ଷଡଯନ୍ତ୍ର ଏଇଠାରେ ହିଁ ଉନ୍ମୋଚିତ ହୋଇଛି।

ଅଦ୍ୟାବଧି 'ସତୀ' ନାଟକ ସଂପର୍କରେ ଯେଉଁସବୁ ଆଲୋଚନା ହୋଇଛି, ତନ୍ମଧ୍ୟରୁ କେତେକ ସମାଲୋଚକଙ୍କ ମନ୍ତବ୍ୟକୁ ଉଦ୍ଧାର କରାଯାଇପାରେ। ଡଃ ନଟବର ସାମନ୍ତରାୟ ଲେଖିଛନ୍ତି, "ପାଞ୍ଚ ଅଙ୍କ ଓ ଦଶଗର୍ଭାଙ୍କ ବିଶିଷ୍ଟ ଏଇ ନାଟକଟିର ବିଷୟବସ୍ତୁ ପରିକଳ୍ପନା ଅଧିକ ଉନ୍ନତ ଓ ନାଟକୀୟ। କେତେକ ସ୍ଥଳରେ ଗୀତ ଆକାରରେ ଚରିତ୍ରମାନଙ୍କ କଥୋପକଥନ ମଧ୍ୟ ଏଇ ନାଟକଟିକୁ ଯାତ୍ରା ସ୍ତରକୁ ନେଇଯାଇଛି।[୨୪]

ଏଠାରେ ଓଡ଼ିଆ ଯାତ୍ରା ପରମ୍ପରାକୁ ମାତ୍ର ଅନୁସରଣ କରିଛନ୍ତି ଜଗନ୍ମୋହନ। ସାଧାରଣତଃ ସୃଜନ ଲୀଳାରେ ଆଗେ ସୃଜନ ଓ ପରୋପରେ ଆସେ ତତ୍ତ୍ୱ। ତେବେ କେଉଁ କାରଣରୁ 'ସତୀ' ନାଟକର ଶିଳ୍ପ ସୌନ୍ଦର୍ଯ୍ୟ ଡଃ ସାମନ୍ତରାୟଙ୍କୁ ଆକୃଷ୍ଟ କରିପାରିଲା ନାହିଁ ତାହା ପ୍ରଶ୍ନାତୀତ। ବୋଧହୁଏ ଏହାର ଉତ୍ତର ଦେବାକୁ ଯାଇ ଆଲୋଚକ ଡଃ ଜାନକୀ ବଲ୍ଲଭ ମହାନ୍ତି ଲେଖିଛନ୍ତି "ସୃଷ୍ଟିଶୀଳତାର ନିକଷରେ ବିଚାର କଲେ ଜଣାଯିବ, ତାଙ୍କ ପ୍ରତିଭା ସମକାଳୀନ ଅନ୍ୟାନ୍ୟ ଲେଖକଙ୍କ ପ୍ରତିଭାଠାରୁ କୌଣସି ଗୁଣରେ ନିକୃଷ୍ଟ ତ ନଥିଲା, ବରଂ ବହୁ ଲେଖକଙ୍କ ପ୍ରତିଭାଠାରୁ ଉର୍ଦ୍ଧ୍ୱରେ। ତାଙ୍କର ରଚନାବଳୀରୁ ପାଠକ ତାଙ୍କର ଯେଉଁ ମୋହମୁକ୍ତ ସ୍ୱଚ୍ଛମନ, ସଂସ୍କାରଲିପ୍ସା, ଉନ୍ନତ ରସବୋଧ ଓ ଗଭୀର ଜୀବନ ଉପଲବ୍ଧିର ପରିଚୟ ପାଇଥାଏ। ଏହା ସେ ଯୁଗରେ ବିରଳ।[୨୫]

କଥାବସ୍ତୁ ଦୃଷ୍ଟିରୁ କେବଳ ନୁହେଁ, ବରଂ ନାଟକୀୟତା ଦୃଷ୍ଟିରୁ 'ସତୀ' ଏକ ସଫଳ କୃତି। ନାଟ୍ୟକାର ଜଗନ୍ମୋହନଙ୍କର ପ୍ରଥମନାଟକ 'ବାବାଜୀ'ରେ ଆଧୁନିକତାର ଯେଉଁ ପଦସଂଚାର ଘଟିଥିଲା, ତାହା ପୂର୍ଣ୍ଣତା ଲାଭ କରିଥିଲା 'ସତୀ' ନାଟକରେ।

ଏହି ନାଟକର ଚରିତ୍ର ଚିତ୍ରଣ, ସଂଳାପ ସଂଯୋଜନା, ଶିଳ୍ପଗତ ସାଫଲ୍ୟ, ବିଶେଷ କରି ନାଟ୍ୟ ଦ୍ୱନ୍ଦ୍ୱ ଓ ନାଟ୍ୟୋତ୍କଣ୍ଠା ନାଟ୍ୟକାରଙ୍କର ଏକ ଏକ ସଫଳତା। ସଂସ୍କୃତ ତଥା ଇଂରାଜୀ ନାଟକର ଆଙ୍ଗିକ ନିୟମ ଅନୁଯାୟୀ ନାଟକଟି ପାଞ୍ଚଟି ଅଙ୍କରେ ପରିକଳ୍ପିତ।

Digitized by srujanika@gmail.com

ପ୍ରଥମ ଓ ଦ୍ୱିତୀୟ ଅଙ୍କରେ ତିନୋଟି ଗର୍ଭାଙ୍କ ରହିଛି । ଏହି ଦୁଇଟି ଅଙ୍କରେ ନାଟକର ଆରୋହ ପର୍ଯ୍ୟାୟ (Rising action) ପ୍ରଦର୍ଶିତ । ତୃତୀୟ ଅଙ୍କରେ ମାତ୍ର ଗୋଟିଏ ଗର୍ଭାଙ୍କ ରହିଛି । ଏହି ଅଙ୍କଟି ନାଟକର ଶୀର୍ଷ ବା କ୍ଲାଇମାକ୍ସ ହୋଇଥିବାରୁ ଏକାଧିକ ଗର୍ଭାଙ୍କର ଆବଶ୍ୟକତା ନାହିଁ ।

ଚତୁର୍ଥ ଓ ପଞ୍ଚମ ଅଙ୍କ ଅବରୋହ ପର୍ଯ୍ୟାୟ (Falling action) ଅନ୍ତର୍ଭୁକ୍ତ । ଏହି ଅଂଶରେ କଥାବସ୍ତୁର ଦ୍ରୁତତା ସଂପାଦନ ହେତୁ ପ୍ରତ୍ୟେକଟି ଅଙ୍କରେ ଦୁଇଟି ଗର୍ଭାଙ୍କ ରହିଛି । ପଞ୍ଚମ ଅଙ୍କର ଶେଷଗର୍ଭାଙ୍କଟି ନାଟକର ଉପସଂହାର ।

ନାଟ୍ୟରସ ପରିବେଷଣରେ ନାଟ୍ୟକାରଙ୍କ ପ୍ରଥମ ନାଟକ 'ବାବାଜୀ' ଅସ୍ପଷ୍ଟ ହୋଇଥିବା ବେଳେ 'ସତୀ' ନାଟକରେ ଏହା ବଳିଷ୍ଠ ଭାବରେ ଆତ୍ମପ୍ରକାଶ କରିଛି । 'ସତୀ' ନାଟକରେ କରୁଣ ରସର ମର୍ମସ୍ପର୍ଶୀ ଚିତ୍ର ତଥା ତଦନୁସାରୀ ସଂଳାପ ସଂଯୋଜନା ଦର୍ଶକର ପ୍ରାଣକୁ ଟହଲାଇ ଦେଇଥାଏ । ସ୍ଥଳ ବିଶେଷରେ ଶୃଙ୍ଗାର ତଥା ହାସ୍ୟରସ ଏଥିରେ ସଂଯୋଜିତ ହୋଇଥିଲେ ମଧ୍ୟ କରୁଣ ରସ ଏହାର ମୁଖ୍ୟ ଅଙ୍ଗୀରସ ରୂପେ ପ୍ରକାଶିତ ।

'ସତୀ' ନାଟକର କଥାବସ୍ତୁ, ଚରିତ୍ର, ସଂଳାପ ଏବଂ ପରିବେଶ, ସବୁଥିରେ ମର୍ମସ୍ପର୍ଶୀ କାରୁଣ୍ୟର ଛାୟା ପ୍ରତିଫଳିତ । ନାଟକର ନାୟିକା ଲାବଣ୍ୟ ଜୀବନରେ ଘୋଟିଆସିଛି ଅଦିନିଆ କଳାବଉଦ । ତାର ବିଭୁପ୍ରଦତ୍ତ ଅସାମାନ୍ୟ ସୌନ୍ଦର୍ଯ୍ୟ ହିଁ ଏଥିପାଇଁ ଏକମାତ୍ର ଦାୟୀ । କାମୁକରାଜାର ଲୋଲୁପ ଦୃଷ୍ଟି, ଖଳନାୟକ ବାହାବଳେନ୍ଦ୍ରର ହୀନ ଓ କୂଟ ଚକ୍ରାନ୍ତ, ତା'ର ସୁନ୍ଦର ସଂସାରକୁ । ପତିପତ୍ନୀର ପ୍ରଣୟକୁ । ଯଶକୀର୍ତ୍ତିର ତାଜକୁ ଭାଙ୍ଗି ଚୂନା କରିଦେଇଛି । ପ୍ରଥମେ ସ୍ୱାମୀ ସାଧୁ ଚମ୍ପତିରାୟ ସଙ୍ଗାଗାତକଥାରେ ପଡ଼ି ତାକୁ ସନ୍ଦେହ କରି ଘରୁ ତଡ଼ି ଦେଇଛନ୍ତି । ମାତ୍ର ଶେଷରେ ନିଜର ମହାମୂଲ୍ୟ ସତୀତ୍ୱକୁ ରକ୍ଷା କରିବା ନିମନ୍ତେ ଲାବଣ୍ୟକୁ ଆତ୍ମହତ୍ୟା କରିବାକୁ ପଡ଼ିଛି । ସାଧୁ ଚମ୍ପତିରାୟ ନିର୍ଦ୍ଦୋଷ । ପତ୍ନୀ ପ୍ରତି ଅନ୍ୟାୟ କରିଛି ବୋଲି ଜାଣିବାବେଳକୁ ସମୟ ଅତିକ୍ରମ କରିଯାଇଛି । ପରିଣତି ସ୍ୱରୂପ ବାଧ୍ୟହୋଇ ଲାବଣ୍ୟ ଆତ୍ମହତ୍ୟା କରିଛି । ଚମ୍ପତିରାୟ ମଧ୍ୟ ଜେଲ କୋଠରି ମଧ୍ୟରେ ଅନୁତାପର ଅନଳରେ ଦଗ୍ଧ ହୋଇଛି । ସମଗ୍ର ନାଟକରେ କେବଳ କରୁଣ ରସ ହିଁ କେବଳ ଆଧିପତ୍ୟ ବିସ୍ତାର କରିଛି । ଦର୍ଶକୀୟ ସଂବେଦନଶୀଳତା କ୍ରମାଗତ ଭାବରେ ଲାବଣ୍ୟ ଚରିତ୍ରର ଚାରିତ୍ରିକ ମହନୀୟତା ପ୍ରତି ଆକର୍ଷିତ ହୋଇଛି ।

ଯେ କୌଣସି ନାଟକର ମଞ୍ଚ ସାଫଲ୍ୟକୁ ନାଟକର ମାନଦଣ୍ଡ ରୂପେ ବିଚାର କରାଯାଇପାରେ । ଅଭିନୟ ଏବଂ ମଞ୍ଚ ଏହି ଶକ୍ତି ଯେଉଁ ନାଟକରେ ମିଳିମିଶି ଏକାକାର ହୋଇଯାଆନ୍ତି, ସେଠି ନାଟକ ସଫଳ ହୁଏ । "ସତୀ" ନାଟକରେ ପଞ୍ଚମ ଅଙ୍କ ପ୍ରଥମ ଗର୍ଭାଙ୍କରେ ହରି ମହାପାତ୍ରର ହତ୍ୟା ଦୃଶ୍ୟ ବ୍ୟତୀତ ଅନ୍ୟ ଦୃଶ୍ୟ ଗୁଡ଼ିକ ମଞ୍ଚରେ ପ୍ରଦର୍ଶିତ କରାଯାଇପାରିଛି । 'ସତୀ' ନାଟକର ଆଲୋଚନା କରି ଡଃ ହେମନ୍ତ କୁମାର ଦାସ ଏହାକୁ ଏକ ମଞ୍ଚସଫଳ ନାଟକ ଭାବେ ବର୍ଣ୍ଣନା କରିଛନ୍ତି ।[୬୬]

Digitized by srujanika@gmail.com

'ସତୀ' ନାଟକକୁ ଆଧୁନିକ ନାଟ୍ୟ ସାହିତ୍ୟର ପ୍ରଥମ ଟ୍ରାଜିକ୍‌ଧର୍ମୀ ନାଟକ ଭାବେ ଦାବୀ କରାଯାଇପାରେ । ଏହା ଅନେକାଂଶରେ ସେକ୍ସପିୟରଙ୍କ "ଅଥେଲୋ" ନାଟକର ଆଦର୍ଶରେ ରଚିତ ବୋଲି ଜଣାପଡ଼େ । ଡେସ୍‌ଡ଼ିମୋନାର ସରଳପ୍ରକୃତି, ନିରୀହତା ଏବଂ ପତି ପ୍ରତି ଏକନିଷ୍ଠ ପ୍ରେମ 'ସତୀ' ନାଟକର ନାୟିକା ଲାବଣ୍ୟଠାରେ ଦେଖିବାକୁ ମିଳେ । ସାଧୁ ଚମ୍ପତିରାୟ ପୁଣି 'ଅଥେଲୋ' ଭଳି ଅସହାୟ ଭାଗ୍ୟ ହସ୍ତର କ୍ରୀଡ଼ନକ ଭଳି ଚିତ୍ରିତ । ଖଳଚରିତ୍ର ବାହାବଳେନ୍ଦ୍ର ମଧ୍ୟ ଇୟାଗୋର ଆଦର୍ଶରେ ପରିକଳ୍ପିତ । ସମଗ୍ର ସତୀ ନାଟକଟିର ବିଷୟବସ୍ତୁ, ପରିକଳ୍ପନା, ଅଙ୍କ ବିଭାଜନ, ଗର୍ଭାଙ୍କ ପରିକଳ୍ପନା, ସଂଳାପ, ଦ୍ୱନ୍ଦ୍ୱ, ମଞ୍ଚସଜ୍ଜା ପ୍ରଭୃତିରେ ପାଶ୍ଚାତ୍ୟ ପ୍ରଭାବ ଅସ୍ପଷ୍ଟ ନୁହେଁ ।

ପାଶ୍ଚାତ୍ୟଶିକ୍ଷା ସଭ୍ୟତାର ସଂସ୍ପର୍ଶରେ ଆସିଥିବା ଜଗନ୍ମୋହନ ଆଧୁନିକ ଚିନ୍ତାପ୍ରୟାସୀ ଥିଲେ । ସମକାଳୀନ ସାମାଜିକ ଜୀବନରେ ଦେଖାଯାଉଥିବା ନାନା ଦୋଷ ଦୁର୍ବଳତା, ନାରୀ ନିର୍ଯ୍ୟାତନା, ମଦ୍ୟପାନ, ତନ୍ତ୍ରସାଧନା, ବଳୀଦାନ ପ୍ରଭୃତି କୁସଂସ୍କାର, ଅନ୍ଧବିଶ୍ୱାସ ଏବଂ ଅନ୍ୟାୟ ଅତ୍ୟାଚାର ସବୁକୁ ସେ ରାତାରାତି ସମାଜରୁ ବିତାଡ଼ିତ କରିବାକୁ ସ୍ୱପ୍ନ ଦେଖୁଥିଲେ । ସାମାଜିକ ସଂସ୍କାର ଆଣିବା ଦିଗରେ ନାଟ୍ୟକାର ଏବଂ ତାଙ୍କ ନାଟକ ମଧ୍ୟ ଥିଲେ ଅଙ୍ଗୀକାରବଦ୍ଧ ।

ସଂସ୍କାର ଆଭିମୁଖ୍ୟ :

ନାରୀମାନଙ୍କ ସମ୍ମାନ ଲୁଣ୍ଠନ, ରାଜାଙ୍କ ଜୁଲୁମ୍, ଅନ୍ୟାୟ ଅତ୍ୟାଚାର, ଅନାଚାରର ପଟ୍ଟଭୂମିରେ ଗଢ଼ିଉଠିଥିବା 'ସତୀ' ନାଟକରେ ଗଡ଼ଜାତ ଅଞ୍ଚଳରେ ପ୍ରଚଳିତ ନରବଳୀ, ଗୁଣିଗାରେଡ଼ି ମଦ୍ୟପାନ ଆଦି କୁସଂସ୍କାର ଓ ଅନ୍ଧବିଶ୍ୱାସର ଚିତ୍ର ପ୍ରଦାନ କରି ଗଡ଼ଜାତି ଶାସନର ମୁଖା ଖୋଲିଦେବା ସଙ୍ଗେ ସଙ୍ଗେ ପ୍ରଜାମାନଙ୍କ ଭିତରେ ଯୁଗଯୁଗରୁ ରହିଆସିଥିବା ଏହି କୁସଂସ୍କାରକୁ ନିର୍ମୂଳ କରିବା ନାଟ୍ୟକାରଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା ।

ଗଡ଼ଜାତ ଅଞ୍ଚଳର ସବୁଠାରୁ ଜଘନ୍ୟ ଅନ୍ଧବିଶ୍ୱାସ ଥିଲା ନରବଳି । ଠାକୁରାଣୀଙ୍କୁ ନରବଳୀ ଦେଇ ମନସ୍କାମନା ପୂର୍ଣ୍ଣକରିବା ସେ ଅଞ୍ଚଳର ସାମାଜିକ ପ୍ରଥା ହୋଇଯାଇଥିଲା । ରାଜାମାନେ ମଧ୍ୟ ନରବଳି ପ୍ରଥାକୁ ବିଶ୍ୱାସ ଓ ସମର୍ଥନ କରୁଥିଲେ । ଆଲୋଚ୍ୟ ନାଟକରେ ବାହାବଳେନ୍ଦ୍ର ରାଜାଙ୍କୁ ଠାକୁରାଣୀଙ୍କ ପାଇଁ ନରବଳି ମାନସିକ କରିଥିବା କଥା ସ୍ମରଣ କରାଇ ବଳୀ ପ୍ରଦାନ କଲେ ମା' ପ୍ରସନ୍ନ ହେବେ ଏବଂ ରାଜା ନିର୍ବିଘ୍ନରେ ଲାବଣ୍ୟକୁ ଉପଭୋଗ କରିପାରିବେ ବୋଲି କହିଛି । ରାଜା ଏଥିରେ ସମ୍ମତି ପ୍ରକାଶ କରି, କୌଶଳରେ ଲାବଣ୍ୟର ଭାଇ ହରି ମହାପାତ୍ରଙ୍କୁ ଧରିଆଣି ଠାକୁରାଣୀଙ୍କ ଆଗରେ ବଳୀ ପ୍ରଦାନ କରିଛନ୍ତି । ଏହି ଅନ୍ଧବିଶ୍ୱାସ ଓ କୁସଂସ୍କାରର ଚିତ୍ର ନାଟ୍ୟକାରଙ୍କ ଲେଖନୀରେ ଜୀବନ୍ତ ଭାବେ ଚିତ୍ରିତ ।

ସବୁଠାରୁ ହୃଦୟସ୍ପର୍ଶୀ କଥା ଜଗନ୍ମୋହନ ନିଜର ବିଧବା କନ୍ୟା ଲାବଣ୍ୟର ନାମାନୁସାରେ ଏହି ନାଟକର ନାୟିକା ନାମକୁ ନାମିତ କରିଥିଲେ ଏବଂ ବାସ୍ତବପକ୍ଷେ ସେହିଭଳି ବଳିଷ୍ଠ ମାନସିକତା, ଦୃଢ଼ ନିଷ୍ପତ୍ତି ଏବଂ ସଂସ୍କାର ଆଭିମୁଖ୍ୟ ନେଇ ଦୁଃଖିନୀ କନ୍ୟାକୁ ଜୀବନ ଯୁଦ୍ଧରେ ହାରିବାକୁ ନଦେଇ ପୁନର୍ବିବାହ କରାଇଥିଲେ ।

Digitized by srujanika@gmail.com

ସ୍ରଷ୍ଟା ଚିତ୍ତର ଦୃଢ଼ ସଂସ୍କାର ପ୍ରୟାସ, ଉଚ୍ଚାରଣ ଓ ଆଚରଣ ମଧ୍ୟରେ କୌଣସି ପାର୍ଥକ୍ୟ ସୃଷ୍ଟି କରିପାରିନାହିଁ ବୋଲି ଏଥିରୁ ସ୍ପଷ୍ଟଭାବରେ ବୁଝାଯାଇପାରେ। ନିଜ କନ୍ୟା ଲାବଣ୍ୟର ପତ୍ର ପରିପ୍ରେକ୍ଷୀରେ ଆଲୋଚକ ସେକ୍ ମତଲୁବ୍ ଅଲ୍ଲୀ ସଂପାଦିତ ଆଦି ନାଟ୍ୟକାର ଜଗନ୍ମୋହନ ଲାଲ ସ୍ମରଣିକାରେ ଡଃ ବ୍ରଜମୋହନ ମହାନ୍ତି "ସ୍ୱର୍ଗତଃ ଲାଲ୍‌ଙ୍କ ନିକଟକୁ ହତଭଗିନୀ ଲାବଣ୍ୟର ପତ୍ର" ଶୀର୍ଷକରେ ଲାବଣ୍ୟର ବକ୍ତବ୍ୟରେ ଉଲ୍ଲେଖ କରିଛନ୍ତି - "ଯେଉଁ ସମୟରେ ସ୍ତ୍ରୀ ଥିଲା ଅସୂର୍ଯ୍ୟମ୍‌ପଶ୍ୟା, ପୁରୁଷର କେବଳ ଆମୋଦର ସାମଗ୍ରୀ - ବାହାରର ଆଲୋକ ଦର୍ଶନ କରିବା ସ୍ତ୍ରୀ ଭାଗ୍ୟରେ ସମ୍ଭବ ହେଉ ନଥିଲା - କଠୋର ସାମାଜିକ ବନ୍ଧନରେ ନାରୀ ଥିଲା ବନ୍ଦିନୀ - ସେ ସମୟରେ ତୁମେ ନିଜର ବିଧବା କନ୍ୟା ଲାବଣ୍ୟର ଚକ୍ଷୁ ସମ୍ମୁଖରେ ରଖି ତୁମେ ପ୍ରଥମେ ନକ୍‌ସା ଆଙ୍କିଥିଲ ମୋ ଜୀବନର। ତେଣୁ ତୁମେ ମୋ ଜନକ। ମୁଁ ତୁମର ମାନସପଟର ବେଦନା ଭୋଗିନୀ କନ୍ୟା। ମୁଁ ଲାବଣ୍ୟ - ସୀତା, ସାବିତ୍ରୀ ଦେଶର ସଫଳ ନାଟ୍ୟକୃତି 'ସତୀ'ର ନାୟିକା +++ ।[୨୨]

"ପ୍ରୀତି" ନାଟକ :

ଜଗନ୍ମୋହନ ଲାଲ ଜଣେ ସମାଜ ସଚେତନ ଏବଂ ସଂବେଦନଶୀଳ ଲେଖକ ଥିଲେ। ତତ୍କାଳୀନ ସାମାଜିକସ୍ଥିତିର ପ୍ରତ୍ୟେକ ପ୍ରାଣସ୍ପନ୍ଦନ ତାଙ୍କ ନାଟ୍ୟମାନସକୁ ପ୍ରତି ମୁହୂର୍ତ୍ତରେ ମନ୍ଥିତ କରୁଥିଲା।

ତାଙ୍କ ରଚିତ ଚାରିଗୋଟି ନାଟକରେ ସେ ସମାଜର ଭିନ୍ନ ଭିନ୍ନ ସମସ୍ୟାଗୁଡ଼ିକୁ ଚିତ୍ରଣ କରିଛନ୍ତି। ପ୍ରଥମ 'ବାବାଜୀ' ନାଟକରେ ସେ ଅନ୍ଧବିଶ୍ୱାସ, କୁସଂସ୍କାର ଓ ନିଶାସେବନର କୁପରିଣାମ ସଂପର୍କରେ ଆଲୋଚନା କରିଥିବାବେଳେ ଦ୍ୱିତୀୟ 'ସତୀ' ନାଟକ ପରିପ୍ରେକ୍ଷୀରେ ସେ ଶାସକ ସଂପ୍ରଦାୟର ମନମୁଖୀ ଅତ୍ୟାଚାର ଓ କାର୍ଯ୍ୟକଳାପ ବିଷୟରେ ଏକ ନିଖୁଣ ଚିତ୍ର ପ୍ରଦାନ କରିଛନ୍ତି।

ତୃତୀୟ "ପ୍ରୀତି" ନାଟକ ପରିପ୍ରେକ୍ଷୀରେ ସାମାଜିକ ସ୍ତର ବୈଷମ୍ୟ ସତ୍ତ୍ୱେ, ପ୍ରେମ ବ୍ୟାପାରକୁ ଉଚ୍ଚ ଆସନ ଦେଇଛନ୍ତି ଜଗନ୍ମୋହନ। ଏହି ନାଟକର କଥାବସ୍ତୁ ଜନୈକ ଜମିଦାର କୁଳ ସମ୍ଭୂତ ଯୁବକ ସହ ଗରିବ ଅସହାୟା ଯୁବତୀର ପ୍ରେମ ବ୍ୟାପାରକୁ ନେଇ କଥିତ ହୋଇଛି। ଜେନାମଣି ନାମକ ଉକ୍ତ ଯୁବକ ବିଶିଷ୍ଟ ଜମିଦାର ଧନପତି ବିଦ୍ୟାଧର ସାମନ୍ତରାୟଙ୍କ ପୁତ୍ର। ବିଦ୍ୟାଧର ସାମନ୍ତରାୟ ସମକାଳୀନ ରକ୍ଷଣଶୀଳ ସମାଜର ଏକ ଅହଂକାରୀ ମଣିଷ। ମାତ୍ର ଉକ୍ତ ବଂଶ ସମ୍ଭୂତ ଜେନାମଣି ମନରେ କୌଣସି ଗର୍ବ ଅହଂକାର କିମ୍ବା ମିଥ୍ୟା ଅହମିକାର ଇନ୍ଦ୍ରଜାଲ ନାହିଁ। ଧନପତିର ପ୍ରତିଷ୍ଠିତ ରାଜରାସ୍ତାରୁସେ ଓହ୍ଲାଇ ଆସିଛି ଦାରିଦ୍ର୍ୟର ଅନ୍ଧଗଳି ମଧ୍ୟକୁ। ତାର ଦୃଷ୍ଟିଭଙ୍ଗୀ ପରିବର୍ତ୍ତନ କରି ସେ ପିତୃମାତୃହୀନା ଯୁବତୀ ସୁମତିକୁ ପ୍ରେମ କରିବସିଛି।

ସମାଜର ଶତ ଲାଞ୍ଛନା, ନିର୍ଯାତନା ସତ୍ତ୍ୱେ ସମସ୍ତ ବାଧାବନ୍ଧନକୁ ଆଡେଇ ଦେଇ ଯୁବକ ଜେନାମଣି ନିଆଶ୍ରୀ ସୁମତିକୁ ବିବାହ କରିଛି। ଉଭୟ ପ୍ରେମିକ ପ୍ରେମିକାଙ୍କ

Digitized by srujanika@gmail.com

ଉପରେ ଅନେକ ବିଦ୍ରୋହର ଝଡ଼ ବହିଯାଇଥିଲେ ମଧ୍ୟ ପ୍ରେମର ଦ୍ୟୁତି ଏଠାରେ ଅମଳିନ ରହିଛି । ଦୁଇ ଚରିତ୍ରର ଚାରିତ୍ରିକ ଦୃଢ଼ତା ଏଠାରେ ବରଂ ଲକ୍ଷଣୀୟ ପ୍ରସଙ୍ଗ ।

'ପ୍ରୀତି' ନାଟକ ମାଧ୍ୟମରେ ସମକାଳୀନ ସମାଜ ସଂଶ୍ଳିଷ୍ଟ ଜାତିବର୍ଣ୍ଣର ଭେଦଭାବ, ମିଥ୍ୟା ଅହମିକା ଓ ସାମାଜିକ କୁସଂସ୍କାର ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି ନାଟ୍ୟକାର । ଏଠାରେ ସେ ହୃଦୟ ସହିତ ହୃଦୟର ମିଳନ ଘଟାଇ ପ୍ରେମ ପ୍ରୀତିର ବୃହତ୍ତର ଦିଗକୁ ବିଚାର କରିଛନ୍ତି ଏବଂ ମାନବବାଦୀ ସ୍ୱର୍ଗୀୟ ପ୍ରେମର ଶାଶ୍ୱତ ମହିମା ଗାନ କରିଛନ୍ତି ।

'ପ୍ରୀତି' ନାଟକରେ ସଂଳାପ ଭାବରେ ନାଟ୍ୟକାର ଅମିତ୍ରାକ୍ଷର ଛନ୍ଦର ବ୍ୟବହାର କରିଛନ୍ତି ଏବଂ ଅନ୍ୟ ଦୁଇଟି ନାଟକ ଭଳି ଏଥିରେ ଅନେକ ପ୍ରବଚନ ବ୍ୟବହାର କରିଛନ୍ତି ।

ଯଥା- ୧ :ମାଆଝିଅ ଦୁହେଁ ଦେଉଳେ ପଶିଲେ, ଯେଝା ସୁଖ ଯେଝା ମନାସିଲେ
୨ :ସ୍ୱର୍ଗକୁ ନିଶୁଣି ନାହିଁ କି ବଡ଼ ଲୋକକୁ ଉତ୍ତର ନାହିଁ ।

ସଂଗୀତାଂଶ ପାରମ୍ପରିକ ନାଟକର ଅପରିହାର୍ଯ୍ୟ ଅଂଶ । "ପ୍ରୀତି" ନାଟକରେ ନାଟ୍ୟକାର ଆବଶ୍ୟକ ସ୍ଥଳେ ସଂଗୀତ ସଂଯୋଜନା କରିଛନ୍ତି । ଯଥା-

"ଦୁଃଖ ନିଶି ହେବ ଅନ୍ତ, ରହ କିମ୍ପା ଅଚେତନ
ଉଠ ଦେଖା ଉଜ୍ଜ୍ୱଳିତ, ସ୍ୱଚ୍ଛ ପ୍ରୀତିର ଭୁବନ (ଘୋଷା)
ନିର୍ମଳ ପୀରତି ବଳେ, ସୁଧାପାନ କରେ ହେଳେ
ସକଳ ବିପଦ ବାଧା, ଘୁଞ୍ଚି ଯିବ ଅବହେଳେ ।
ପବିତ୍ର ପ୍ରୀତିର ଭଣ୍ଡାର ଦିଅତାଙ୍କୁ ଉପହାର
ଜାଣି ଶୁଣି ମୋହବଶେ କିମ୍ପା ହେଉଛ ମଗନ ।
ଅଛ ପୂର୍ବେ ବହୁ ଦୀନ ଜ୍ଞାନପ୍ରେମ ଭକ୍ତିହୀନ
ସତ୍ୟ ପ୍ରସ୍ରବଣ ଛାଡ଼ି କିପାଇଁ ପାପରେ ଲୀନ ।
ହେବ ସବୁ ଦୁଃଖ ଶେଷ ପ୍ରୀତିକର ପରିବେଶ
କରିବେ ତୁମ୍ଭଙ୍କୁ ପ୍ରେମ ପାଇବ ନବଜୀବନ ।୪

(ଆଦି ନାଟ୍ୟକାର ଜଗନ୍ମୋହନ ଲାଲ ସ୍ମରଣିକା)

ତତ୍କାଳୀନ ସାମାଜିକ ସ୍ଥିତିରେ ଉପରୋକ୍ତ ସଂଗୀତଟି ନିଶ୍ଚିତ ପକ୍ଷେ ଉଚ୍ଚମାନର ଏବଂ ଆଧୁନିକ ଏଥିରେ ସନ୍ଦେହ ନାହିଁ । ସଙ୍ଗୀତ ମାଧ୍ୟମରେ ମଧ୍ୟ ନାଟ୍ୟକାର ଗୋଟିଏ ଦରଦୀ ହୃଦୟର ବକ୍ତବ୍ୟ ପ୍ରକାଶ କରି ବିଭୁ କୃପା ଭିକ୍ଷା କରିଛନ୍ତି । ଏହି ନାଟକ ମାଧ୍ୟମରେ ଜଗନ୍ମୋହନ ସମାଜ ଜୀବନକୁ ସଂସ୍କାର, ସାମ୍ୟ, ମୈତ୍ରୀ ଏବଂ ପ୍ରୀତିର ଆଦର୍ଶରେ ଅନୁପ୍ରାଣିତ କରିବାକୁ ପ୍ରଚେଷ୍ଟା କରିଛନ୍ତି ।

ଏହାକୁ ନାଟ୍ୟକାର ନିଜ ଦ୍ୱାରା ପ୍ରତିଷ୍ଠିତ 'ରାଧାକାନ୍ତ ରଙ୍ଗମଞ୍ଚ'ରେ ଅଭିନୀତ କରାଇଥିଲେ ଏବଂ ସ୍ୱୟଂ ନାଟ୍ୟକାର ସେଥିରେ ଜେନାମଣି ଭୂମିକାରେ ଅଭିନୟ କରିଥିଲେ ।

Digitized by srujanika@gmail.com

ବୃଦ୍ଧବିବାହ

'ବୃଦ୍ଧବିବାହ' ନାଟ୍ୟକାର ଜଗନ୍‌ମୋହନଙ୍କ ଚତୁର୍ଥ ନାଟକ। ତତ୍କାଳୀନ ସାମାଜିକ ବ୍ୟବସ୍ଥାରେ ଉତ୍ତୀର୍ଣ୍ଣ ବୟସ୍କମାନଙ୍କ ସହିତ ସମାଜର ଅନୁନ୍ନତ ବର୍ଗର କନ୍ୟାମାନଙ୍କୁ ବିବାହ କରାଯିବାର କୁତ୍ସିତ ପ୍ରଥା ଦୃଶ୍ୟରୂପ ପରିଗ୍ରହଣ କରିଛି। ଆଲୋଚକଙ୍କ ଭାଷାରେ - ତତ୍‌କାଳୀନ ସମାଜରେ କନ୍ୟାପିତାମାନେ ଋଣମୁକ୍ତ ହେବା ପାଇଁ ବା ଅର୍ଥଲାଳସାରେ ନିଜ କନ୍ୟାମାନଙ୍କୁ ବୃଦ୍ଧ ଜମିଦାର ବା ଧନପତିମାନଙ୍କୁ ବିବାହ ଦେଉଥିଲେ। କନ୍ୟାଟି ବିଚରା ଲୁହ ଗଡାଉଥିଲା, ମାତ୍ର ପ୍ରତିବାଦ କରିପାରୁ ନଥିଲା।'[୬୭-କ]।।

"ଭ୍ରମଭଞ୍ଜନ" କାବ୍ୟ :

ଆଦି ନାଟ୍ୟକାର ଜଗନ୍ମୋହନ ଲାଲଙ୍କର ନିଜସ୍ୱ କୃତି ବାବାଜୀ ଓ ସତୀ ନାଟକ ସାରସ୍ୱତ ମହଲରେ ଯେତିକି ପରିଚୟ, ପ୍ରଶଂସା, ଆକର୍ଷଣ ଓ ଆଲୋଡନ ସୃଷ୍ଟି କରିଛି, ତାଙ୍କ ଦ୍ୱାରା ରଚିତ 'ଭ୍ରମଭଞ୍ଜନ' କାବ୍ୟଟି ସେତିକି ପରିମାଣରେ ଆଲୋଚନାର ପରିସର ମଧ୍ୟକୁ ଆସିପାରି ନାହିଁ। 'ବାବାଜୀ' ନାଟକ ରଚିତ ହେବାର ପ୍ରାୟ ଦଶବର୍ଷ ପୂର୍ବରୁ ଅର୍ଥାତ୍ ୧୮୬୮ ମସିହାରେ ତାଙ୍କ ରଚିତ 'ଭ୍ରମଭଞ୍ଜନ' କାବ୍ୟ ପ୍ରକାଶିତ ହୋଇଥିଲା।

ଗୀତିକାବ୍ୟ ପରମ୍ପରାର ବିବିଧ ଲକ୍ଷଣ, "ଭ୍ରମଭଂଜନ' କାବ୍ୟରେ ପ୍ରାୟ ପରିଦୃଷ୍ଟ। ଏଥିରେ ଛନ୍ଦ, ରାଗରାଗିଣୀ, ପଦସଂଯୋଜନା ଓ ବର୍ଣ୍ଣନା ବିଳାସରେ ଅନେକ କାରୁକାର୍ଯ୍ୟ ପ୍ରଦର୍ଶନ କରାଯାଇଛି। କାବ୍ୟଟିରେ ଇଂରାଜୀ କବି ଥୋମାସ୍ ପର୍ଣ୍ଣେଲ (୧୬୭୬-୧୭୨୮)ଙ୍କ ରଚିତ 'ହରମିଟ୍' କାବ୍ୟର ଭାବାନୁବାଦ। ଅନୁଦିତ ରଚନା ହେଲେ ମଧ୍ୟ, ଜଗନ୍ମୋହନଙ୍କର କଳାତ୍ମକତା ଓ କବିତ୍ୱ ଏହି କାବ୍ୟକୁ ଏକ ବିଶେଷ କୃତି ରୂପେ ଚିହ୍ନାଇଥାଏ। ସେତେବେଳର ସ୍କୁଲରେ ଏହି କାବ୍ୟ ପାଠ୍ୟପୁସ୍ତକ ରୂପେ ମନୋନୀତ ହୋଇଥିଲା। ନିଜେ ରାମଶଂକର ଏହି କାବ୍ୟ ପାଠକରି ବୃତ୍ତିପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ବୋଲି ଉଲ୍ଲେଖ କରିଛନ୍ତି।[୬୮]

କଥାବସ୍ତୁ : 'ଭ୍ରମଭଞ୍ଜନ' କାବ୍ୟର କଥାବସ୍ତୁ ଏକ ସୁନ୍ଦର ଗଳ୍ପ ଉପରେ ପର୍ଯ୍ୟବସିତ। ଜନପଦଠାରୁ ବହୁ ଦୂରରେ ଗୋଟିଏ ନିବିଡ଼ ଅରଣ୍ୟ ମଧ୍ୟରେ ଜଣେ ଶୁକ୍ଳକେଶୀ ବୃଦ୍ଧ ସନ୍ନ୍ୟାସୀ ବାସ କରୁଥିଲେ। ପବିତ୍ର ଓ ନିର୍ମଳ ହୃଦୟରେ ଈଶ୍ୱରଙ୍କର ନାମକୀର୍ତ୍ତନ କରି ସାତ୍ତ୍ୱିକ ଜୀବନଯାପନ କରୁଥିଲେ। ଗୋଟାଏ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ କାଳାତିପାତ କରୁଥିବା ସନ୍ନ୍ୟାସୀଙ୍କ ମନରେ ତାଙ୍କ ସଂଶୟ ଜାତହେଲା। ଏହି ଜଗତ ସତ୍ୟ, ଧର୍ମ ନ୍ୟାୟରେ ପରିଚାଳିତ ହେଉଥିଲେ ମଧ୍ୟ ଅନେକ ସମୟରେ ପାପର ଜୟ ଓ ପୁଣ୍ୟର କ୍ଷୟ ହୋଇଥାଏ। ଈଶ୍ୱରଙ୍କ ରାଜ୍ୟରେ ଏଭଳି ବିଚିତ୍ର ଓ ବିପରୀତ ଘଟଣାମାନ ଘଟିବାର କାରଣ କ'ଣ ଏବଂ ଏହାଦ୍ୱାରା ଈଶ୍ୱରଙ୍କର କି ଉଦ୍ଦେଶ୍ୟ ସାଧିତ ହୋଇଥାଏ, ତାହା ଜାଣିବା ପାଇଁ ସେ ବ୍ୟାକୁଳ ହୋଇଉଠିଲେ। ପଥ ମଧ୍ୟରେ ଏକଦା ଗମନ କରୁଥିବା ବେଳେ ଅକସ୍ମାତ୍ ଜଣେ ତେଜସ୍ୱୀ ସୁନ୍ଦର ଯୁବକଙ୍କ ସହିତ ତାଙ୍କର ସାକ୍ଷାତ

Digitized by srujanika@gmail.com

ହେଲା । ଯୁବକଜଣକ ସନ୍ନ୍ୟାସୀଙ୍କ ପିଚ୍ଛାନୁଧାନ କରି ତାଙ୍କର ଶିଷ୍ୟତ୍ୱ ଗ୍ରହଣ କଲେ ଓ ପରେ ପରେ ତାଙ୍କର ସହଯାତ୍ରୀ ସାଜିଲେ ।

ଗୁରୁଶିଷ୍ୟ ଦୁହେଁ ଏକତ୍ର ଅନେକ ଦୂର ଯାତ୍ରା କରିବା ପରେ ସେଦିନ ସନ୍ଧ୍ୟାରେ ଜଣେ ଧନୀ ଗୃହସ୍ଥଙ୍କର ଆତିଥ୍ୟ ଗ୍ରହଣ କଲେ । ଗୃହସ୍ଥ ଥିଲେ ଜଣେ ଦାନବୀର, ମାତ୍ର ତାଙ୍କ ଦାନ ଥିଲା ଅହଂମିଶ୍ରିତ । ସେ କେବଳ ଯଶୋଲିପ୍‌ସାରେ ଦାନ କରୁଥିଲେ । ଗୃହସ୍ଥ ଗୁରୁଶିଷ୍ୟଙ୍କୁ ସମାଦର ପୂର୍ବକ ସ୍ୱର୍ଣ୍ଣପାତ୍ରରେ ଖାଦ୍ୟ ପରିବେଷଣ କରି ଭୁରି ଭୋଜନରେ ଆପ୍ୟାୟିତ କଲେ । ମଧରାତ୍ରରେ ଶିଷ୍ୟ ସାଧୁଙ୍କ ଅଗୋଚରରେ ଗୃହସ୍ଥଙ୍କର ସୁବର୍ଣ୍ଣବାସନ ଅପହରଣ କରି ପରଦିନ ପ୍ରତ୍ୟୁଷରେ ଗୁରୁଙ୍କ ସହିତ ବିଦାୟ ନେଲେ । ପଥ ମଧରେ ଶିଷ୍ୟ ହସ୍ତରେ ଏକ ଅପହୃତ ସ୍ୱର୍ଣ୍ଣପାତ୍ର ଦେଖି ସାଧୁ ଭୟତ୍ରସ୍ତ ହୋଇପଡିଲେ ।

ଦ୍ୱିତୀୟ ଦିବସରେ ଉଭୟେ ଜଣେ କୃପଣ ଗୃହସ୍ଥର ଆତିଥ୍ୟ ଗ୍ରହଣ କଲେ । କୃପଣ ଗୃହସ୍ଥଙ୍କ ଦ୍ୱାରା ପରିବେଷିତ ସାମାନ୍ୟମାତ୍ର ଆହାରରେ କାହାରି ଉଦର ପୂର୍ଣ୍ଣ ହେଲା ନାହିଁ । ପରଦିନ ପ୍ରତୁଷରୁ ଦୁହେଁ ତାଙ୍କଠାରୁ ବିଦାୟ ନେବାବେଳେ ଯୁବକ ତାଙ୍କ ସେହି ସ୍ୱର୍ଣ୍ଣପାତ୍ରଟି ଉପହାର ଦେଲେ । ଏହା ଦେଖି ଯୋଗୀ ଆଶ୍ଚର୍ଯ୍ୟାନ୍ୱିତ ହେଲେ ମଧ କିଛି କହିଲେ ନାହିଁ ।

ତୃତୀୟ ଦିବସରେ ଗୁରୁ ଶିଷ୍ୟ ଜଣେ ପରମଧାର୍ମିକଙ୍କ ଗୃହରେ ଆତିଥ୍ୟ ଗ୍ରହଣ କଲେ । ସେଠାରେ ଅତିଥି ପରିଚର୍ଯ୍ୟା ଶେଷରେ ଧର୍ମାଲୋଚନା ହେଲା । ରାତ୍ରିରେ ଗୋପନରେ ଯୁବକ ସେହି ଗୃହସ୍ଥଙ୍କର ଏକମାତ୍ର ଶିଶୁପୁତ୍ରକୁ ତଣ୍ଟିଚିପି ହତ୍ୟା କଲେ । ତାହା କେହି ଜାଣିପାରିଲେ ନାହିଁ । ପ୍ରତ୍ୟୁଷରୁ ଦୁହେଁ ସେଠାରୁ ବିଦାୟ ନେଲେ । ତାଙ୍କ ସହିତ ପଥ ଚିହ୍ନାଇ ଦେବାକୁ ଗୃହସ୍ଥଙ୍କର ଜଣେ ଭୃତ୍ୟ ଯାଇଥିଲା । ପଥ ମଧରେ ନଦୀ ଉପରେ ନିର୍ମିତ ଏକ କାଠ ପୋଲକୁ ଅତିକ୍ରମ କରୁଥିବା ସମୟରେ ଯୁବକ ସେହି ଭୃତ୍ୟକୁ ନଦୀ ଗର୍ଭକୁ ଠେଲି ଦେଇ ତାର ପ୍ରାଣନାଶ କଲେ । ସାଧୁ ଏପର୍ଯ୍ୟନ୍ତ ସବୁ ଘଟଣା ନିରବରେ ଦେଖୁଥିଲେ । ଏଥର ଆଉ ସହ୍ୟ କରି ନପାରି ଚିତ୍କାର କଲେ, "ରେ ପାପୀ, ତୁ ଏହା କ'ଣ କଲୁ ?"

ପ୍ରକୃତରେ ସେହି ଯୁବକ ଥିଲେ ଜଣେ ଦେବଦୂତ । ସେ ଏଥର ଆପଣାର ସ୍ୱରୂପ ପ୍ରକାଶ କରି ସାଧୁଙ୍କ ମନରେ ଥିବା ସଂଶୟ ଦୂର କରିବାକୁ ଯାଇ ଭାଗବତ ଲୀଳାର ରହସ୍ୟ ବୁଝାଇବାକୁ ଲାଗିଲେ । ସେ କହିଲେ ପ୍ରଥମ ଗୃହସ୍ଥର ଦାନରେ ବୃଥା ଅହଂକାର ଏବଂ ଅନାବଶ୍ୟକ ଆଡମ୍ବର ପୂରି ରହିଥିଲା । ତାହାର ସ୍ୱର୍ଣ୍ଣପାତ୍ର ଚୋରିଯିବାରୁ ସେ ଏଣିକି ସରଳ ଓ ନିରାଡମ୍ବର ଭାବରେ ଭଗବାନଙ୍କୁ ଧ୍ୟାନ କରିବାକୁ ଲାଗିଲା ଦ୍ୱିତୀୟ ଗୃହସ୍ଥ କୃପଣ ଥିବାରୁ ସେ ସ୍ୱର୍ଣ୍ଣପାତ୍ର ଉପହାର ଲାଭ କରିବା ପରେ ଏଣିକି ଅତିଥିମାନଙ୍କୁ ଆନ୍ତରିକତାର ସହିତ ସମାଦର କରିବାକୁ ଲାଗିଲା । ତୃତୀୟ ଗୃହସ୍ଥ ତାର ଏକମାତ୍ର ପୁତ୍ର ପ୍ରତି ଅତିରିକ୍ତ ସ୍ନେହାସକ୍ତ ହୋଇ ଭଗବାନଙ୍କୁ ଠାରୁ ଦୂରେଇ ଯାଉଥିଲା । ଏବେ ପୁତ୍ରର ବିୟୋଗ ହେତୁ ସେ ଈଶ୍ୱରଙ୍କୁ ଅଧିକରୁ ଅଧିକ ସ୍ମରଣ କରିବାକୁ

Digitized by srujanika@gmail.com

ଲାଗିଲା । ଚତୁର୍ଥ ଘଟଣାରେ ଭୃତ୍ୟର ଇଚ୍ଛା ଥିଲା, ସେଦିନ ଗୃହସ୍ଥର ସର୍ବସ୍ୱ ଲୁଣ୍ଠନ କରି ପଳାୟନ କରିବାକୁ । ତେଣୁ ତାକୁ ସେ ହତ୍ୟାକରି ଦାତାକୁ ରକ୍ଷା କଲେ । ସୁତରାଂ ସଂସାରରେ ଯାହାସବୁ ଘଟିଯାଉଛି ସେସବୁ ଅହେତୁକ ନୁହେଁ । ପରମ ଦୟାମୟ ଈଶ୍ୱର ହିଁ ପ୍ରାଣୀମାନଙ୍କର ମଙ୍ଗଳ ନିମନ୍ତେ ସମସ୍ତ ଲୀଳା ଭିଆଣ କରିଛନ୍ତି । ଏ କ୍ଷୁଦ୍ରମତି ମାନବ ବିଶ୍ୱଲୀଳାର ଗୂଢ଼ତତ୍ତ୍ୱ ବୁଝିପାରେ ନାହିଁ ।

ଏହାପରେ ସ୍ୱର୍ଗରୁ ଏକ ସୁବର୍ଣ୍ଣ ରଥ ସେଠାରେ ଆସି ଅବତରଣ କଲା । ସେହି ରଥରେ ଦେବଦୂତ ଆରୋହଣ କଲେ । ତାହା ଅପୂର୍ବ ଦୀପ୍ତି ପ୍ରକାଶ କରି ପୁଣି ନଭୋମଣ୍ଡଳକୁ ଚାଲିଗଲା । ବିସ୍ମୟ ବିମୁଗ୍ଧ ଚିତ୍ତରେ ଯୋଗୀ ଈଶ୍ୱରଙ୍କର ଅପାରଲୀଳା ମହିମାର କଥା ସ୍ମରଣ କରି ତାଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା କରିବାକୁ ଲାଗିଲେ । ଏହିଭଳି ଉକ୍ତ କାବ୍ୟଟି ଜଗତର ଜୀବମାନଙ୍କୁ ଈଶ୍ୱରାଭିମୁଖୀ କରିବାର ଉଦ୍ଦେଶ୍ୟ ନେଇ ରଚିତ ହୋଇଥିଲା ।

ଛନ୍ଦ ଯୋଜନା :

ମୂଳ କବିତାରୁ ବୃତ୍ତାନ୍ତ ଆହରିତ ହୋଇ ବିଭିନ୍ନ କାବ୍ୟୋପଯୁକ୍ତ ବର୍ଣ୍ଣନା, ଉପମା ଏବଂ ବିବିଧ ଛାନ୍ଦ ସଂଯୋଜନାରେ ଏହି କାବ୍ୟ 'ଭ୍ରମଭଞ୍ଜନ' ରଚିତ ହୋଇଅଛି । ମୂଳ କବିତାଟି ୨୪୯ଟି ପଙ୍‌କ୍ତିରେ ରଚିତ ହୋଇଥିବା ସ୍ଥଳେ, ଓଡ଼ିଆ ରୂପାନ୍ତରଟି ନଅଟି ଛାନ୍ଦରେ ରଚିତ । ପୁଣି ଏହାର ଛାନ୍ଦଗୁଡ଼ିକ ଆଷାଢ଼ଶୁକ୍ଳ, ବଂଗଳାଶ୍ରୀ, ଚକ୍ରକେଳିବାଣୀ, କଳହଂସ କେଦାର, ଚୋଖୀ, ଶଙ୍କରାଭରଣ, ଚଉତିଶାବାଣୀ, ଚିନ୍ତାଭୈରବ, ମଙ୍ଗଳ ଇତ୍ୟାଦି ରାଗ-ରାଗିଣୀରେ ରଚିତ । ଏଥିରୁ ମନେହୁଏ ଯେ, କବି, କାବ୍ୟ ରଚନା-ରୀତି ଦୃଷ୍ଟିରୁ ପ୍ରାଚୀନ ପ୍ରଭାବରୁ ମୁକ୍ତ ନୁହଁନ୍ତି । କିନ୍ତୁ ଭାବ-ରୁଚି ହେତୁ ସେ ଆଧୁନିକ ଓ ପାଶ୍ଚାତ୍ୟ ଚିନ୍ତନ ଦ୍ୱାରା ପ୍ରଭାବିତ ।

ବର୍ଣ୍ଣନା ବିନ୍ୟାସ :

ପ୍ରଥମ ଛାନ୍ଦରେ ସାଧୁ ବାସ କରୁଥିବା ଅରଣ୍ୟର ସୁନ୍ଦର ପରିବେଶର ଚିତ୍ର ପ୍ରଦାନରେ ତାଙ୍କ ବର୍ଣ୍ଣନା ଅତ୍ୟନ୍ତ ଆକର୍ଷଣୀୟ ହୋଇପାରିଛି ।

ଯଥା-

"ନିର୍ଜ୍ଜନରେ ଏକ ଘନ ଅରଣ୍ୟ
ସୁନ୍ଦର ତରୁଲତାରେ ଭୂଷଣ
ନାନା ସ୍ଥାନରେ ରମ୍ୟ କୁଞ୍ଜମାନ
ନଗ ଗଗନକୁ ହୋଇ ଉତ୍‌ଥାନ
ସେ କାନନ ଶୋଭା
ଯୋଗୀଜନ ମନ ତହିଁରେ ଲୋଭା ।
ଶଇଳୁ ନିର୍ମଳ ସଲିଳ ଝରେ
ବହଇ ସେ ନିତ୍ୟ ନାନା ଦିଗରେ
ତା ଉଦରେ ଉଦକ କେତେ ଅଛି

Digitized by srujanika@gmail.com

ଅବା ତୃଷାର୍ତ୍ତେ ସମୁଦ୍ର ଶୋଷିଛି
ଜୀର୍ଣ୍ଣେ ଅସମର୍ଥ,
ହେବାରୁ ବାରି ହୋଇ ବହିର୍ଗତ ।
କେଉଁ ସ୍ଥାନରେ ଉଚ୍ଚରୁ ପଡ଼େ ଚୟ
ତରଣି କିରଣ ମୁକୁତା ମୟ
ତା ଦର୍ଶନେ ସନ୍ତୋଷଇ ହୃଦୟ
ତଳେ ତଟିନୀରେ
ଜଳଚର କୁତୂହଳେ ବିହିରେ ।

ବର୍ଣ୍ଣନା ଭିତରେ ପ୍ରକୃତିର ଚିତ୍ରଗୁଡ଼ିକ ବେଶ୍ ରମଣୀୟ ହୋଇଉଠିଛି । କବି ଏଥିରୁ ଜଗନ୍ମୋହନଙ୍କର କୋମଳ କବିତ୍ୱ ଓ କଳାତ୍ମକ ସୃଜନଧର୍ମର ପରିଚୟ ମିଳେ । ଚତୁର୍ଥ ଛାନ୍ଦରେ ପ୍ରଭାତ କାଳରେ ବର୍ଣ୍ଣନା କରିବାକୁ ଯାଇ ସେ କଳହଂସ କେଦାର ବୃତ୍ତରେ ଲେଖିଛନ୍ତି-

ଏଥୁ ଅନ୍ତେ ଅନ୍ତର ହେଲା ରଜନୀ
କିଞ୍ଚିତେ ପ୍ରାତରୀତି ବର୍ଣ୍ଣିବି ପୁଣି ଯେ
ବାୟସ ହରଷରେ କରେ ଜଣାଣ
ଜଗତରେ ପ୍ରଭାତ ଶୁଭାଗମନ ଯେ ।
ଶୁଣିଣ କାକ ଅରି ଭୟ ଆତୁରେ
ପଳାଇ ପଶେ ତାର ଗୁପତପୁରେ ଯେ
ତହୁଁ ଶେଯ ଛାଡନ୍ତି ସୁଜନଗଣ
ପ୍ରଦୀପ ପରି ଶ୍ରାନ୍ତ ହୋଇ ମଳିନ ।

ପ୍ରକୃତି ବର୍ଣ୍ଣନାରେ କବିଙ୍କର ଉପମା ପ୍ରୟୋଗ ଏକାନ୍ତ ଉପଭୋଗ୍ୟ ।

ପ୍ରାଚୀ କାମିନୀ ପିନ୍ଧି ରକ୍ତ ବସନ
ଘେନି ରଙ୍ଗ ଥାଳି ପ୍ରାତେ ବନ୍ଦାଣ ଯେ
ମୋହିତ ହୋଇ ବାତଗାମୀ ସକଳ
କରନ୍ତି ହୁଳହୁଳି ଛଳେ ଚହଲ ଯେ ।

କବିଙ୍କର ବର୍ଣ୍ଣନା ପାଟବ ତଥା ପ୍ରକୃତିପ୍ରିୟତା ଅଧିକତର ଭାବରେ ପଞ୍ଚମ ଛାନ୍ଦରେ ପ୍ରକାଶିତ । ରୀତିଯୁଗୀୟ କାବ୍ୟାଦର୍ଶ ଯେ ଏଥିରେ ପ୍ରତିଫଳିତ, ତାହା ନିଃସନ୍ଦେହ । ଏଇ ଛାନ୍ଦଟି ରାଗ ଚୋଖିରେ ରଚିତ ହୋଇଛି । ଯଥା-

ବେନି ପଥିକ ଗମନ   କରନ୍ତ ହୋଇ ସ-ମନ
          କରିଣ ଗନ୍ଧ ସର୍ଜନସୁଖ ଅର୍ଜନ
ଜେତ ହୋଇ ବିକର୍ତ୍ତନ   ସୁଖ- କଲା ବିକର୍ତ୍ତନ
          ଭ୍ରମରେ କ୍ଳାନ୍ତି ଜନନଶୁଷ୍କ ଆନନ
          ଆରାମରେ ରହିଲା ଧ୍ୟାନ

Digitized by srujanika@gmail.com

ହେଲା ତହୁଁ ଏକ ସରୋବର ନିଧାନ
ବିରାଜଇ ସରକୂଳ   କଦମ୍ବ ଆମ୍ବ ବକୁଳ
ବିକଶିତ କୁଞ୍ଜକୂଳ ଥାଉ ମୁକୁଳ
ଦେଖିପ୍ରିୟା ଅନୁକୂଳ   ନାଶ ମଧୁପ ଆକୁଳ
ରୋଳ ବାଦ୍ୟ ଅନୁକୂଳ ପାଇଁ ଦୁକୂଳ
ବଜାନ୍ତି କି ଭୃଙ୍ଗ ସଙ୍କୁଳ
କଳ କଳ ଛନ୍ଦେନୃତ୍ୟ କରେ ଶକୁଳ ।

ଏଭଳି ସରଳ, ତରଳ, ସାବଲୀଳ ପଦସଂଯୋଜନା ଜଣେ ପ୍ରତିଭାବାନ କବି ପକ୍ଷେ ହିଁ ସମ୍ଭବ । ଅନୁଦିତ କାବ୍ୟ ହେଲେ ମଧ କବିଙ୍କର ଏଥିରେ ମୌଳିକତାର ସ୍ପର୍ଶ ସୁସ୍ପଷ୍ଟ ।

ପ୍ରତ୍ୟେକ ଛାନ୍ଦର ଶେଷକୁ ଅନୁବାଦକ ନିଜ ନାମରେ ଭଣତି କରିଛନ୍ତି । ଯଥା- ଜଗନ୍ମୋହନ ବଦତି ଏ ଭାଷ, ଏହି ଭାଷିବାର ଜଗନ୍ମୋହନ ଲାଲାର ଜଗନ୍ମୋହନ ଛାର କହେ ଏ ଗିର, 'ବୋଲେ ହୀନ ଜଗନ୍ମୋହନ', 'ଜଗନ୍ମୋହନ ଏ ଗୀତ ଭଣି ଯେ'- ଇତ୍ୟାଦି । ଏହା ଏକ ଭକ୍ତିକାବ୍ୟ ନହେଲେ ମଧ ଜଣେ ଈଶ୍ୱରାନୁଗତ ଭକ୍ତ ସଦୃଶ ସେ ନିଜକୁ ଈଶ୍ୱରଙ୍କ ନିକଟରେ ସମର୍ପଣ କରିଛନ୍ତି । ବିହିଳୀଳା ବିଚିତ୍ର । ଏହାର ରହସ୍ୟକୁ ଭେଦ କରିବା ମନୁଷ୍ୟର ସାଧାତୀତ । ତେଣୁ ସେହି ପରମ କଲ୍ୟାଣମୟ ଭଗବାନ୍‌ଙ୍କ ପାଖରେ ଅନୁବାଦକ ଜଗନ୍ମୋହନ ଭକ୍ତିପୂତ ଚିତ୍ତରେ ଆପଣାକୁ ସମର୍ପଣ କରିଦେଇ ଅଷ୍ଟମ ଛାନ୍ଦ ଶେଷରେ କହିଛନ୍ତି-

"ଜଗନ୍ମୋହନ ଭଣେ ଏ ଗୀତ
ଜଗଦୀଶେ ସଦା ରହୁ ଚିତ୍ତ
ଏତିକି ମୋହର ମାନସ ମାତର
ପୂର୍ଣ୍ଣ କରିବା ହେଉ ତ୍ୱରିତ ଏହି ଈଶ୍ୱର ।"

ପର୍ଣ୍ଣେଲ୍‌ଙ୍କ ରଚିତ ମୂଳ ଇଂରାଜୀ କାବ୍ୟର କଥା ବସ୍ତୁଟିକୁ ମାତ୍ର ଆଧାର କରି ଜଗନ୍ମୋହନ ଭ୍ରମଭଞ୍ଜନ କାବ୍ୟ ରଚନା କରିଥିବାର ପ୍ରକାଶ କରିଛନ୍ତି । ପ୍ରକାଶିତ ପୁସ୍ତକର ମଲାଟ ପୃଷ୍ଠାରେ ଅନୁବାଦକ ଏ ସଂପର୍କରେ ସୂଚନା ଦେଇ ଲେଖଇଛନ୍ତି "The fact taken from Parnell's Hermit"।[୨୯]

କବି ପାର୍‌ନେଲ ହେଉଛନ୍ତି ୧୭ଶ/୧୮ଶ ଶତାବ୍ଦୀର କବି । ଯୁଗର ପ୍ରତିଧ୍ୱନି ସ୍ୱରୂପ ଶୁଦ୍ଧବାଦ ପ୍ରତି ସାଧାରଣ ପ୍ରତିକ୍ରିୟା, ନୈତିକ ତଥା ଐଶୀ ମୂଲ୍ୟ ପ୍ରତି ସଂଶୟବୋଧ କବି ପାର୍‌ନେଲଙ୍କ କବିତାରେ ପ୍ରକାଶ ପାଇଛି ।

ପାଶ୍ଚାତ୍ୟ କାବ୍ୟ-ବସ୍ତୁ ଆହରଣ ବା ଅନୁସରଣରୁ ଓଡ଼ିଆ କାବ୍ୟ କବିତା ରଚନାର ନୂତନ ଧାରା ପ୍ରବର୍ତ୍ତନରେ ପଥପ୍ରଦର୍ଶକ ହୋଇଛି; ଏଥିରେ କୌଣସି ସନ୍ଦେହ ନାହିଁ ।

Digitized by srujanika@gmail.com

ଓଡ଼ିଶା ବିଜୟ :

ପାଶ୍ଚାତ୍ୟ ସାହିତ୍ୟର କଥାବସ୍ତୁକୁ ଓଡ଼ିଶା ପରିବେଶରେ ଓଡ଼ିଶା ଭାଷାରେ ରୂପାନ୍ତରିତ କରିବାରେ ଜଗନ୍ମୋହନ ପ୍ରଥମ ଉଦ୍ୟମ କରିଥିଲେ । ପରବର୍ତ୍ତୀ କାଳରେ କବିବର ରାଧାନାଥଙ୍କ ସାହିତ୍ୟ କୃତିରେ ଏହା ଅଧିକ ବିସ୍ତାରିତ ହୋଇଥିଲା ।

ଓଡ଼ିଆ ଭାଷାରେ ଓଡ଼ିଶାର ଇତିହାସର ଅଭାବକୁ ଉପଲବ୍ଧି କରି ସେ "ଓଡ଼ିଶା ବିଜୟ" ରଚନା କରିଥିଲେ । ଐତିହାସିକ ଟୟନବିଙ୍କ ଇଂରାଜୀ ଭାଷାରେ ରଚିତ 'ଓଡ଼ିଶା ଇତିହାସ' ଓଡ଼ିଆ ଭାଷାରେ ଅନୁବାଦିତ ହେଲେ ବହୁକାର୍ଯ୍ୟ ସାଧିତ ହେବ ବୋଲି ତତ୍‌କାଳୀନ ନେତୃମଣ୍ଡଳୀ ବିଚାର କରୁଥିଲେ । କର୍ମବୀର ଗୌରୀଶଙ୍କର 'ଉତ୍କଳଦୀପିକା'ରେ ଏହି ମର୍ମରେ ଏକ ବିଜ୍ଞାପନ ବାହାର କରିଥିଲେ । ଏହି ବିଜ୍ଞାପନକୁ ଆହ୍ୱାନ ଭାବରେ ଗ୍ରହଣ କରି ଜଗନ୍‌ମୋହନ ଟୟନବିଙ୍କ ଓଡ଼ିଶା ଇତିହାସ ଅବଲମ୍ବନରେ ପ୍ରଥମେ ଓଡ଼ିଆ ଭାଷାରେ ଇତିହାସ ରଚନା କଲେ । ଏହି ପୁସ୍ତକର ନାମ ହେଲା 'ଓଡ଼ିଶା ବିଜୟ' ।

୧୮୦୩ରୁ ୧୮୨୮ ପର୍ଯ୍ୟନ୍ତ ଓଡ଼ିଶା ଇତିହାସରେ ଘଟିତ ବିଭିନ୍ନ ବିବରଣୀ ଏହି ପୁସ୍ତକରେ ସ୍ଥାନ ପାଇଥିଲା । ଓଡ଼ିଶାର ପୂର୍ଣ୍ଣାଙ୍ଗ ଇତିହାସ ରଚନା କ୍ଷେତ୍ରରେ ଏହି ପୁସ୍ତକର ପ୍ରଭାବ ଥିଲା ଅନସ୍ୱୀକାର୍ଯ୍ୟ । ଇଂରେଜ ସାହେବମାନଙ୍କର ଲେଖାକୁ ଅନୁକରଣ କରିଥିଲେ ମଧ୍ୟ ଜଗନ୍ମୋହନ ଲାଲ ଏହାକୁ ନିଜସ୍ୱ ଶୈଳୀରେ ରଚନା କରିଥିଲେ । ଅବଶ୍ୟ ସାମଗ୍ରିକ ଭାବରେ ସେ ଓଡ଼ିଶା ଇତିହାସ ରଚନା କରିନଥିଲେ, କେବଳ ଇଂରେଜମାନଙ୍କର ଓଡ଼ିଶା ଅଧିକାର କରିବା ଘଟଣାକୁ ସେ ବର୍ଣ୍ଣନା କରିଥିଲେ ଆପଣାର ଯୁଗାନ୍ତକାରୀ ଇତିହାସ ପୁସ୍ତକ "ଓଡ଼ିଶା ବିଜୟ"ରେ । ଏହା କିଛିଦିନ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କ ପାଇଁ ପାଠ୍ୟପୁସ୍ତକରୂପେ ପ୍ରଚଳିତ ହୋଇଥିଲା ।

ସାଧାରଣ ଆକଳନ :

"ଓଡ଼ିଶା ବିଜୟ" ପୁସ୍ତକ ଆରମ୍ଭରେ ଜଗନ୍ମୋହନ ଇଂରେଜମାନଙ୍କର ଓଡ଼ିଶା ମଧ୍ୟରେ ପ୍ରବେଶକୁ ନିମ୍ନମତେ ବର୍ଣ୍ଣନା କରିଛନ୍ତି - ଆକ୍ରମଣକାରୀଙ୍କ ବୃହତ୍ ଦଳ ୧୮୦୩ ମସିହା ସେପ୍ଟେମ୍ବର ଦି୮ନେ ଗଞ୍ଜାମରୁ ଯାତ୍ରା କରି ସମୁଦ୍ର ଓ ଚିଲିକା ମଧ୍ୟ ସ୍ଥିତ ସମୁଦ୍ରକୂଳ ବାଟେ ଆଗମନ କଲେ ଓ ସେହି ମାସ ଦି୧୫ନେ ମାଣିକପାଟଣାରେ ପ୍ରବେଶ ହୁଅନ୍ତେ ମରହଟ୍ଟାମାନେ ପ୍ରତିରୋଧ ନକରି ସେ ସ୍ଥାନ ଛାଡ଼ିଦେଲେ । ଚିଲିକା ହ୍ରଦର ମୁହାଁଣ ପାରିହେବାକୁ ଦୁଇଦିନ କାଳ ଲାଗିଲା, ଯଦି ଶତ୍ରୁପକ୍ଷ ସେହିଠାରେ ଦୃଢ଼ରୂପେ ଦଣ୍ଡାୟମାନ ହୋଇଥାନ୍ତେ ।

ଏହାପରେ ଇଂରେଜମାନେ କର୍ଣ୍ଣଲ ହାର୍କଟଙ୍କ ନେତୃତ୍ୱରେ ପୁରୀ ଅଧିକାର କଲେ । ସେତେବେଳେ ପୁରୀରୁ କଟକକୁ ପକ୍କା ରାସ୍ତା ନଥିଲା । ପାଣିକାଦୁଅ ପୂର୍ଣ୍ଣ ଅଗମନୀୟ ପଥରେ ଅଗ୍ରସର ହୋଇ ଇଂରେଜମାନେ ମକୁନ୍ଦପୁରଠାରେ ଉପସ୍ଥିତ ହୋଇଥିଲେ ଏବଂ ମରହଟ୍ଟାମାନେ ତାଙ୍କର ପ୍ରତିରୋଧ କରିଥିଲେ । ଇଂରେଜ ସୈନ୍ୟମାନଙ୍କ ହାତରେ ପରାଜିତ ହୋଇଥିଲେ ଓ ମରହଟ୍ଟା ସୈନ୍ୟମାନେ ଏବଂ ପଳାୟନ କରିଥିଲେ

Digitized by srujanika@gmail.com

ଖୋରଧା ବନ ମଧ୍ୟକୁ । ଏହାପରେ ଇଂରେଜମାନେ କାଠଯୋଡ଼ି ଘାଟରେ ଅପେକ୍ଷା କରି ଘାଟିଆକୁ ହାତ କରି ୧୦ ଅକ୍ଟୋବର ୧୮୦୩ରେ ଉପନୀତ ହୋଇଥିଲେ କଟକ ନଗରରେ । ନଗରବାସୀମାନେ ଭୟଭୀତ ହୋଇ କଟକଠାରୁ ଦଶମାଇଲଦୂର ଟାଙ୍ଗିଠାକୁ ପଳାୟନ କରିଥିଲେ ।

ଏହାର ପରବର୍ତ୍ତୀ ବର୍ଣ୍ଣନାରେ ଜଗନ୍ମୋହନ ନିଜର ଦୃଷ୍ଟିଭଙ୍ଗୀ ସମ୍ପର୍କରେ ସୂଚନା ଦେଇଛନ୍ତି । କଟକବାସୀମାନେ ଭୟଭୀତ ହେବା ଉଚିତ ନଥିଲା ବୋଲି ସେ ଟିପ୍ପଣୀ ଦେଇଛନ୍ତି । ସେମାନେ ସାମାନ୍ୟ ସତର୍କତାମୂଳକ ପଦକ୍ଷେପ ନେଇଥିଲେ ଇଂରେଜମାନେ ଓଡ଼ିଶା ଅଧିକାର କରି ପାରି ନଥାନ୍ତେ ବୋଲି ଜଗନ୍ମୋହନ ମତବ୍ୟକ୍ତ କରିଛନ୍ତି । ତାଙ୍କ ଭାଷାରେ-

"ଯଦ୍ୟପି ଅଧିକାଂଶ ନଗରବାସୀମାନେ ଇଂରେଜ ବିପକ୍ଷ ହୋଇ ସେମାନଙ୍କ ପଛ ସୈନ୍ୟଙ୍କୁ ଆକ୍ରମଣ କରିଥା'ନ୍ତେ କିମ୍ବା ସେମାନେ ନଗର ଭିତରେ ପଶି ବାରବାଟୀ କିଲ୍ଲାକୁ ଗଲାବେଳେ ଘର ମଧ୍ୟରୁ ସେମାନଙ୍କ ବନ୍ଧୁକ ମାରିଥାନ୍ତେ ତେବେ ଇଂରେଜଙ୍କର ଅବସ୍ଥା ଶଙ୍କାଯୁକ୍ତ ହୋଇଥାନ୍ତା ।"

ଏହାପରେ ଜଗନ୍‌ମୋହନ ଷ୍ଟର୍ଲିଂ ସାହେବଙ୍କ ଓଡ଼ିଶା ଇତିହାସର ୨୭ ପୃଷ୍ଠାରେ ବର୍ଣ୍ଣିତ ବାରବାଟି ଦୁର୍ଗ ସମ୍ପର୍କରେ ସୂଚନା ଦେଇ ଏହାକୁ ଅଧିକାର କରିବା ପାଇଁ ଇଂରେଜମାନଙ୍କର ଯୋଜନା ସମ୍ପର୍କରେ ବର୍ଣ୍ଣନା କରିଛନ୍ତି । ଗୋଳାବର୍ଷଣପୂର୍ବକ ପୋଲ ପାରିହୋଇ ଗଳାକାଟି ଉଡାଇ ମନୁଷ୍ୟ ଗଳିଯିବା ପରି ରାସ୍ତା କରି ଏହା ମଧ୍ୟ ଦେଇ ଇଂରେଜ ସୈନ୍ୟମାନେ ଗଡ଼ ମଧ୍ୟରେ ପ୍ରବେଶ କରି ମରହଟ୍ଟା ସୈନ୍ୟମାନଙ୍କୁ ପରାଜିତ କରିଥିଲେ । ୧୪ ଅକ୍ଟୋବର ୧୮୦୪ରେ କଟକ ଅଧିକାର କରି ଇଂରେଜମାନେ ସେମାନଙ୍କର ଓଡ଼ିଶା ବିଜୟ ଅବ୍ୟାହତ ରଖିଥିଲେ ।

ପରବର୍ତ୍ତୀ ପରିପ୍ରେକ୍ଷୀରେ ଜଗନ୍ମୋହନ ମିଲ ସାହେବଙ୍କ ପୁସ୍ତକରୁ ବାଲେଶ୍ୱର ଅଧିକାର ସମ୍ପର୍କରେ ବର୍ଣ୍ଣନା କରିଛନ୍ତି । କର୍ଣ୍ଣଲ ହାର୍କଟ ଏବଂ ମେଜର ଫର୍ବସ କୁଜଙ୍ଗ ଆକ୍ରମଣ କରିବାକୁ ଏହାର ରାଜା ପଳାୟନ କରିଥିଲେ । ପଳାତକ ରାଜାଙ୍କର ଜ୍ୟେଷ୍ଠଭ୍ରାତାଙ୍କୁ ପାରାଦ୍ୱୀପଗଡରୁ ମୁକ୍ତ କରି ସିଂହାସନରେ ଅଭିଷିକ୍ତ କରାଗଲା । କୁଜଙ୍ଗ ରାଜାଙ୍କୁ ଧରାଇ ଦେବା ପାଇଁ ପୁରସ୍କାର ଘୋଷଣା କରାଗଲା । ପରବର୍ତ୍ତୀ ସମୟରେ ତାଙ୍କୁ ଧରିନେଇ ଇଂରେଜମାନେ ବାରବାଟୀ ଦୁର୍ଗରେ ବନ୍ଦୀ କଲେ । ତାଙ୍କ ଗଡ଼ ଭାଙ୍ଗି ସେଥିରୁ ଆଣିଥିବା ଅନ୍ୟାନ୍ୟ ବସ୍ତୁ ମଧ୍ୟରେ ଇଷ୍ଟ ଇଣ୍ଡିଆ କମ୍ପାନୀଙ୍କ ମୁଦ୍ରା ଅଙ୍କିତ ଦୁଇଗୋଟି ପିତଳ ତୋପ ଇଂରେଜମାନଙ୍କୁ ଚକିତ କରିଥିଲା । କର୍ଣ୍ଣେଲ ହାର୍କଟ କଟକକୁ ବାହୁଡ଼ି ଆସିବା ପୂର୍ବରୁ କନିକା ଓ ହରିଶପୁରର ଦୁଷ୍ଟରାଜାମାନଙ୍କୁ ଦମନ କରିଥିଲେ ।

ଏହାପରେ ଜଗନ୍ମୋହନ ବର୍ଣ୍ଣନା କରିଛନ୍ତି ଖୋରଧା ରାଜାଙ୍କ ଦୁରବସ୍ଥା ସମ୍ପର୍କରେ । ୧୮୦୪ ଜୁଲାଇ ମାସରେ ଖୋରଧା ରାଜା ମୋଗଲବନ୍ଦୀର ଚାଟଗାଁ ଗ୍ରାମରୁ କର ସଂଗ୍ରହ ସକାଶେ ଜଣେ ରାଜକର୍ମଚାରୀଙ୍କୁ ପ୍ରେରଣ କରିଥିଲେ । ସେହି

Digitized by srujanika@gmail.com

ରାଜକର୍ମଚାରୀଙ୍କଣକ ସେଠାରୁ ଶୀଘ୍ର ବହିଷ୍କୃତ ହେଲା ଏବଂ ଏତାଦୃଶ କାର୍ଯ୍ୟ ପୁନର୍ବାର ଆଚରଣ ନ କରିବା ପାଇଁ ଖୋରଧା ରାଜାଙ୍କୁ କମିଶନରମାନେ ଏକ ପତ୍ର ଲେଖି ସତର୍କ କରାଇ ଦେଇଥିଲେ । ମାତ୍ର ରାଜା ଏହାକୁ ଅବମାନନା କରିବାକୁ ତାଙ୍କ ଉପରେ ଆକ୍ରମଣ କରାଗଲା । ସେ ବରୁଣୀ (ବରୁଣେଇ) ପର୍ବତ ମଧ୍ୟରେ ଥିବା ନିଜର ଗୁପ୍ତ ଅବସ୍ଥାନରେ ଲୁଚି ରହିଥିଲା ବେଳେ ଇଂରେଜମାନେ ଅବରୋଧମାନ ପରିଷ୍କାର କରି ତାଙ୍କୁ ଧରିବାକୁ ଉଦ୍ୟମ କରିଥିଲେ । ରାଜା ପଳାୟନ କରିଥିଲେ ଏବଂ ପରବର୍ତ୍ତୀ ସମୟରେ ଇଂରେଜମାନଙ୍କ ହାତରେ ନିଜେ ଧରାଦେବାରୁ ତାଙ୍କୁ ବାରବାଟୀ ଦୁର୍ଗରେ ବନ୍ଦୀ କରାଯାଇଥିଲା । ତାଙ୍କର ରାଜ୍ୟ ଉଚ୍ଛେଦ ହେଲା । ଖୋରଧାର ଶାସନଭାର ଅର୍ପିତ ହେଲା ମେଜର ଫ୍ଲେଚରଙ୍କ ହାତରେ । ସେ ଖୋରଧାରେ ପ୍ରଥମେ ସରକାରୀ ଗୃହ ନିର୍ମାଣ କରିଥିଲେ । ୧୮୦୫ ନଭେମ୍ବରରେ ସେ କଟକ କଲେକ୍ଟରଙ୍କୁ ଖୋରଧାର ଶାସନଭାର ଅର୍ପଣ କରି ସେଠାରୁ ପ୍ରତ୍ୟାବର୍ତ୍ତନ କରିଥିଲେ । ଇତିମଧ୍ୟରେ ସମ୍ଭାବ୍ୟ ମରହଟ୍ଟା ଏବଂ ଫରାସୀ ଆକ୍ରମଣରୁ ଓଡ଼ିଶାକୁ ରକ୍ଷା କରିବା ପାଇଁ ଇଂରେଜମାନଙ୍କ ସତର୍କତାମୂଳକ ପଦକ୍ଷେପ ବିଷୟରେ ବିଶଦ ଭାବରେ ବର୍ଣ୍ଣନା କରିଛନ୍ତି ଜଗନ୍ମୋହନ ।

ବାଲେଶ୍ୱରଠାରେ ମାର୍ଗ ଅନ୍ୱେଷଣ ନିମିତ୍ତ କିଛି ଇଂରେଜ ସହାୟକଙ୍କୁ ନେବା ନିମିତ୍ତ ଅନୁରୋଧ କରି ଚାରିଜଣ ଇଂରେଜ ପ୍ରହରୀଙ୍କୁ ନେଇ ବଳରାମଗଡ଼ିଠାରୁ ସମୁଦ୍ର ମଧ୍ୟକୁ ଯାଇଥିବା ଏକ ଜାହାଜ ସେହି ପ୍ରହରୀମାନଙ୍କୁ ଜଳରେ ଫିଙ୍ଗିଦେଇ ସମୁଦ୍ରରେ ଅଦୃଶ୍ୟ ହୋଇଗଲା । ଏହି କୌତୂହଳପୂର୍ଣ୍ଣ ଘଟଣା ସମ୍ପର୍କରେ ନିଜସ୍ୱ ମତ ଦେଇ ଜଗନ୍ମୋହନ ଲେଖିଛନ୍ତି - ଏ ବୃତ୍ତାନ୍ତର ଗମ୍ଭୀରଭାବ ମଧ୍ୟ ଅଛି । ଅର୍ଥାତ୍ ସେତେବେଳେ ଏ ଦେଶରେ ଇଂରେଜଙ୍କ ସ୍ଥିତି କିପରି ଅନିଶ୍ଚିତ ଥିଲା ଓ ସେମାନଙ୍କ କର୍ମଚାରୀମାନେ ପରସ୍ପର ଅନ୍ତର ଥିବା ଅବସ୍ଥାରେ ଅତି ସାମାନ୍ୟ ବିଷୟକୁ କିପରି ଗୁରୁତର କରୁଥିଲେ, ଉପଯୁକ୍ତ ଘଟନାରୁ ସ୍ପଷ୍ଟ ଉପଲବ୍ଧ ହୋଇଅଛି ।

କଥିତ ସମୟର ଅନ୍ୟତମ ସାମାଜିକ ଘଟଣା ଏବଂ ଏହାର ରାଜନୈତିକ ସମାଧାନ ସମ୍ପର୍କରେ ରୋମାଞ୍ଚକର ଭାବେ ଜଗନ୍ମୋହନ ବର୍ଣ୍ଣନା କରିଛନ୍ତି । ଉକ୍ତ ପୁସ୍ତକରେ । ଏତଦ୍‌ବ୍ୟତୀତ ଦକ୍ଷିଣରୁ ପିଣ୍ଡାରୀଙ୍କ ଆକ୍ରମଣ ସମ୍ପର୍କରେ ସବିଶେଷ ବର୍ଣ୍ଣନା ସ୍ଥାନ ପାଇଛି । ପିଣ୍ଡାରୀଙ୍କ ସମ୍ଭାବ୍ୟ ଆକ୍ରମଣକୁ ପ୍ରତିହତ କରିବା ପାଇଁ ପୁରୀ ତଥା ଖୋରଧାକୁ ସୈନ୍ୟମାନେ ପ୍ରେରିତ ହୋଇଥିଲେ । କଟକକୁ ରକ୍ଷା କରିବା ପାଇଁ ଇଂରେଜମାନେ ସମୁଚିତ ପଦକ୍ଷେପ ନେଇଥିଲେ । ନଗରର ପ୍ରତ୍ୟେକ ଗଳି ମୁହଁରେ ଖାତ ଖୋଳାଯାଇ ଉଚ୍ଚ କାନ୍ଥ ପ୍ରସ୍ତୁତ କରାଯାଇଥିଲା । ଚୌଧୁରୀ ବଜାରକୁ ଖାଦ୍ୟଶସ୍ୟ ମହଜୁଦ ରଖିବା ପାଇଁ ଦୁଇ ସହସ୍ର ସିକ୍କା ଟଙ୍କା ପ୍ରଦାନ କରାଯାଇଥିଲା । ଓଡ଼ିଶାରେ ଏହି ଆୟୋଜନ ଚାଲିଥିଲାବେଳେ ପିଣ୍ଡାରୀମାନେ ମାନ୍ଦ୍ରାଜରେ ଇଂରେଜମାନଙ୍କ ହାତରେ ପରାଜିତ ହୋଇ ପଳାୟନ କରିଥିଲେ ଓ ଓଡ଼ିଶାରେ ସେମାନଙ୍କର ପଦଧ୍ୱନି ଶୁଣିବାକୁ ମିଳି ନଥିଲା ।

Digitized by srujanika@gmail.com

ପିଣ୍ଡାରୀମାନଙ୍କ ଆକ୍ରମଣରୁ ରକ୍ଷା ପାଇବା ପରେ ଇଂରେଜମାନେ ଓଡ଼ିଶାରେ ଏକ ବିରାଟ ବିଦ୍ରୋହର ସମ୍ମୁଖୀନ ହୋଇଥିବା କଥା ବିଶଦରୂପେ ବର୍ଣ୍ଣନା କରିଛନ୍ତି ଜଗନ୍ମୋହନ। ସେହି ବିଦ୍ରୋହ ଥିଲା "ପାଇକ ବିଦ୍ରୋହ"। ଷ୍ଟଲିଂ ସାହେବଙ୍କ ବର୍ଣ୍ଣନାକୁ ଉଦ୍ଧାର କରି ସେ ଲେଖିଛନ୍ତି ଯେ, ଇଂରେଜମାନଙ୍କୁ ଦେଶୀୟ ସୈନ୍ୟ ତୁଳନାରେ ଏହି ନୂତନ ଶତ୍ରୁ ଅଶିକ୍ଷିତ ଓ ହେୟ ମନେ ହେଉଥିଲେ ହେଁ ଓଡ଼ିଶାର ପ୍ରାକୃତିକ ଅବସ୍ଥା ଏବଂ ସେଥିରେ ସେମାନଙ୍କର ନିଗୂଢ଼ ଜ୍ଞାନ ହିଁ ସେମାନଙ୍କୁ ଇଂରେଜମାନଙ୍କ ବିରୋଧରେ ସଂଗ୍ରାମ କରିବା ପାଇଁ ସକ୍ଷମ କରାଇପାରିଥିଲା। ପାଇକମାନଙ୍କ ସମ୍ପର୍କରେ ବର୍ଣ୍ଣନା କରି ସେ ଲେଖିଛନ୍ତି ଯେ, ସେମାନେ ସକଳ ଜାତି ଓ ଶ୍ରେଣୀର ଲୋକ ବିଶେଷତଃ ଚଷା ଜାତି ସଂଭୁକ୍ତ ଥିଲେ ଏବଂ ସମୟର ଆହ୍ୱାନରେ ସେମାନେ ନୀଚଜାତୀୟ ଲୋକ ଯଥା - ପାଣ, କଣ୍ଡରା ଓ ବାଉରୀ ଏବଂ ସ୍ଥଳ ବିଶେଷରେ କନ୍ଧ ତଥା ପଠାଣ ଏବଂ ତେଲେଙ୍ଗାମାନଙ୍କୁ ମଧ୍ୟ ଆପଣା ଶ୍ରେଣୀଭୁକ୍ତ କରୁଥିଲେ।

ଖୋରଧାର ପାଇକ ବିଦ୍ରୋହ ସମ୍ପର୍କରେ ସୂଚନା ଦେଇ ଜଗନ୍ମୋହନ ଲେଖିଛନ୍ତି ଯେ ୧୮୧୭ ମାର୍ଚ୍ଚ ମାସରେ ଘୁମସରର ୪୦୦ ଜଣ କନ୍ଧ ଖୋରଧାରେ ପ୍ରବେଶ କରି ବିଦ୍ରୋହର ପତାକା ଉଡାଇଥିଲେ। ସେମାନଙ୍କ ସହ ମିଶି ଜଗବନ୍ଧୁ, ଦଳବେହେରା ଓ ଅନ୍ୟ ପାଇକମାନେ ଥାନା ଓ ଅନ୍ୟ ସରକାରୀ ଘର ସବୁ ଆକ୍ରମଣ କଲେ ଏବଂ ରାଜକୋଷ ଲୁଟି ନେଲେ।

ଇତି ମଧ୍ୟରେ ଯୁଦ୍ଧ ସମ୍ବନ୍ଧୀୟ ଆଇନ୍ ପୁରୀ, ପିପିଲି ଓ ତନ୍ନିକଟସ୍ଥ ସକଳ ସ୍ଥାନରେ ଏବଂ ଲେମ୍ବେଇ ଓ କୋଟ ଦେଶ ପ୍ରଦେଶରେ ପ୍ରଚାର କରାଯାଇଥିଲା। ତଥାପି ଲୋକମାନେ ବକ୍‌ସି ଜଗବନ୍ଧୁଙ୍କ ପ୍ରତି ତାଙ୍କର ଆନୁଗତ୍ୟ ବ୍ୟକ୍ତ କରିଥିଲେ। ପ୍ରବଳ ବିକ୍ରମରେ କପ୍ତାନ ଲେଫିବର ଖୋରଧାରେ ପ୍ରବେଶ କରିଥିଲେ ଏବଂ ବିଦ୍ରୋହୀମାନଙ୍କୁ ନ ପାଇ ବାଜପୁର ଓ କଦଳୀବାଡ଼ିରେ ପାଇକ ଗ୍ରାମ ପୋଡ଼ିଦେଇ ତାପସ ଏବଂ କନାସ ମଧ୍ୟଦେଇ ନୂଆଗାଁଠାରେ ଉପସ୍ଥିତ ହେଲେ। ସେଠାରେ ଲେଫିବର ଆଧୁନିକ ଯୁଦ୍ଧ କୌଶଳ ଜାଣି ନଥିବା ବିଶାଳ ପାଇକସେନାଙ୍କୁ ପରାଜିତ କରିଥିଲେ। ପୁରୀଠାରେ ଉପସ୍ଥିତ ହୋଇ ପଳାୟନ ପାଇଁ ପ୍ରସ୍ତୁତ ହେଉଥିବା ରାଜାଙ୍କୁ ସେ ବନ୍ଦୀ କଲେ। ତାଙ୍କୁ କଟକ ଅଭିମୁଖେ ଆଣୁଥିବା ବେଳେ ପିପିଲିଠାରେ ବିଦ୍ରୋହୀମାନେ ତାଙ୍କୁ ଇଂରେଜମାନଙ୍କ ହାତରୁ ମୁକୁଳେଇବା ପାଇଁ ଚେଷ୍ଟା କରିଥିଲେ। ମାତ୍ର କପ୍ତାନ୍ ଆର୍ମଷ୍ଟ୍ରଙ୍ଗ ୨୫୦୦ଜଣ ବିଦ୍ରୋହୀଙ୍କୁ ମାରି ଘଉଡାଇ ଦେଲେ ଏବଂ ରାଜାଙ୍କୁ ଧରି କଟକ କିଲ୍ଲାରେ ଉପନୀତ ହୋଇଥିଲେ।

ଏହିପରି ଭାବରେ ଜଗନ୍ମୋହନ ଅସୁରେଶ୍ୱର, ତିରଣ, ହରିହରପୁର ଓ ଗୋପ ଆଦି ସ୍ଥାନରେ ହୋଇଥିବା ପାଇକ ବିଦ୍ରୋହ ସମ୍ପର୍କରେ ସୂଚନା ଦେଇ ପୁସ୍ତକଟିକୁ ସମାପ୍ତ କରିଛନ୍ତି।

Digitized by srujanika@gmail.com

ତତ୍କାଳୀନ ପରିସ୍ଥିତିରେ ସମଗ୍ର ଦେଶରେ ଇତିହାସ ଲିଖନ ପ୍ରଣାଳୀକୁ ଉପନିବେଶବାଦ ପ୍ରଭାବିତ କରିଥିଲା । ଜଗନ୍ମୋହନ ଲାଲ ଏଥିରୁ ବାଦ୍ ଯାଇ ନଥିଲେ । ତାଙ୍କ ପୁସ୍ତକରେ ସେ ସୂଚନା ଦେଇଛନ୍ତି ଯେ, ଟୟନ୍‌ବି, ଷ୍ଟର୍ଲିଂ ଆଦି ସାହେବଙ୍କ ଲେଖାକୁ ସେ ଅନୁସରଣ କରିଛନ୍ତି ଏବଂ କେତେକାଂଶରେ ଅନୁବାଦ କରିଛନ୍ତି । ତେଣୁ ଉପନିବେଶବାଦର ଚିତ୍ର ତାଙ୍କ "ଓଡ଼ିଶା ବିଜୟ" ଇତିହାସ ପୁସ୍ତକରେ ପ୍ରତିଫଳିତ ହୋଇଛି ।

ତଥାପି ଜଗନ୍ମୋହନ ସମ୍ପୂର୍ଣ୍ଣରୂପେ ଉପନିବେଶବାଦ ଦ୍ୱାରା ପରିଚାଳିତ ହୋଇନାହାନ୍ତି । କାରଣ ଏହି ଇତିହାସ ଲେଖିଲାବେଳେ ସେ ନିଜର ମତାମତ ପ୍ରକାଶ କରିବାକୁ ଭୁଲିନାହାନ୍ତି । ଇଂରେଜମାନଙ୍କର କଟକ ମଧ୍ୟକୁ ପ୍ରବେଶବେଳେ ସେ ବର୍ଣ୍ଣନା କରିଛନ୍ତି ଯେ ଯଦି ପ୍ରତ୍ୟେକ ଘରୁ ପଛରୁ ଇଂରେଜ ସୈନ୍ୟମାନଙ୍କ ଉପରକୁ ଗୁଳିମାଡ଼ ହୋଇଥାନ୍ତା, ତାହେଲେ ସେମାନେ ଭୟରେ କଟକରୁ ଅପସରି ଯାଇଥା'ନ୍ତେ । କେବଳ ଅନ୍ଧ ଭାବରେ ଅନୁସରଣ କରି ନୁହେଁ, ବରଂ ଘଟଣାକୁ ତର୍ଜମା କରି ନିଜର ମତାମତ ସହିତ ଏ ଜାତିର ଇତିହାସ ଲେଖିବାପାଇଁ ଅଗ୍ରଗାମୀ ହୋଇଛନ୍ତି । ଏହାହିଁ ତାଙ୍କୁ ଚିର ସ୍ମରଣୀୟ କରାଇ ପାରିଛି ଏ ଜାତି ପାଖରେ ।

ପୁନଶ୍ଚ ତାଙ୍କ ଲେଖାରେ ଜାତୀୟତାବାଦର ଝଲକ ପରିଦୃଷ୍ଟ ହୋଇଥାଏ । ଇଂରେଜମାନଙ୍କ ଓଡ଼ିଶା ଅଧିକାର ସମୟରେ ଘଟିଥିବା ଘଟଣାକୁ ବର୍ଣ୍ଣନା କଲାବେଳେ ସେ ଜାତୀୟତାବୋଧକୁ ପ୍ରକାଶ୍ୟରେ ପ୍ରକଟିତ କରିଛନ୍ତି । ବକ୍‌ସି ଜଗବନ୍ଧୁଙ୍କ ପ୍ରତି ଅନ୍ୟାୟ, ପାଇକମାନଙ୍କର ବିଦ୍ରୋହ, ଥାନା, ଘରପୋଡ଼ି ଏବଂ ଇଂରେଜ ଅଫିସରଙ୍କୁ ହତ୍ୟା ଆଦି ଘଟଣା ସେ ଅତ୍ୟନ୍ତ ଦୃଢ଼ତାର ସହିତ ବର୍ଣ୍ଣନା କରିଛନ୍ତି । କୌଣସି ଚାପର ବଶବର୍ତ୍ତୀ ନହୋଇ ନିର୍ଭିକ ଭାବରେ ଜଗନ୍ମୋହନ ଓଡ଼ିଶା ଇତିହାସର ଏକବହୁ ଆଲୋଚିତ ଦିଗନ୍ତ ଉପରେ ଆଲୋକପାତ କରିଛନ୍ତି । ଏଥିରୁ ତାଙ୍କର ଜାତିପ୍ରୀତି ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିଥାଏ ।

ଜଗନ୍ମୋହନ କେବଳ ଯେ, ଆଧୁନିକ ଓଡ଼ିଶା ଇତିହାସର ପୃଷ୍ଠା ଉନ୍ମୋଚନ କରି ରାଜନୈତିକ ଘଟଣାବଳୀର ବର୍ଣ୍ଣନା କରିଛନ୍ତି ତାହା ନୁହେଁ, ତତ୍କାଳୀନ ସାମାଜିକ ଅବସ୍ଥାର ବର୍ଣ୍ଣନା ମଧ ସେ ଦେଇଛନ୍ତି । ଏ ସଂପର୍କରେ ଆଲୋଚକ ଡକ୍ଟର ହରିହର ପଣ୍ଡାଙ୍କ ମନ୍ତବ୍ୟ ପ୍ରଣିଧାନଯୋଗ୍ୟ । ଡକ୍ଟର ପଣ୍ଡାଙ୍କ ଭାଷାରେ, "ଜଗନ୍ମୋହନ ଲାଲଙ୍କର 'ଓଡ଼ିଶା ବିଜୟ' ବାସ୍ତବିକ ଓଡ଼ିଶା ଇତିହାସର ଏକ ମାଇଲ ଖୁଣ୍ଟି । ଉପନିବେଶବାଦ ଯେତେବେଳେ ଓଡ଼ିଶାର ଇତିହାସ ଲେଖନ ପ୍ରଣାଳୀ ଉପରେ ତାର କାୟା ବିସ୍ତାର କରିଥିଲା, ସେତେବେଳେ ଜଗନ୍ମୋହନ ଏହାକୁ ସାମ୍ନା କରିବା ପାଇଁ ବଦ୍ଧପରିକର ଥିଲେ । ବିଦେଶୀ ଐତିହାସିକମାନଙ୍କ ଲେଖାରୁ ଇଂରେଜମାନଙ୍କର ଓଡ଼ିଶା ଅଧିକାର ସଂପର୍କରେ ସେ ଜାଣିବାକୁ ପାଇଥିଲେ ମଧ ସ୍ୱକୀୟ ଶୈଳୀରେ ସେ ଓଡ଼ିଶାର ଇତିହାସ ରଚନା କରିଥିଲେ । ସମୟକ୍ରମେ ତାଙ୍କର "ଓଡ଼ିଶା ବିଜୟ" ପୁସ୍ତକ ଛାତ୍ରଛାତ୍ରୀମାନଙ୍କର ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ ହୋଇଥିଲା ଏବଂ ସେମାନଙ୍କୁ ଇଂରେଜମାନଙ୍କର ଓଡ଼ିଶା ଅଧିକାର ସଂପର୍କରେ ଅବଗତ କରାଇଥିଲା । ଆଦି ନାଟ୍ୟକାର ପରି ଓଡ଼ିଶାର ଆଦି ଐତିହାସିକ ରୂପେ ଜଗନ୍ମୋହନଙ୍କୁ ଚିତ୍ରଣ କଲେ ବୋଧହୁଏ ସତ୍ୟର ଅପଳାପ ହେବନାହିଁ । [୭୦]

◆ ◆ ◆

Digitized by srujanika@gmail.com

ପଞ୍ଚମ ଅଧ୍ୟାୟ

ଆଧୁନିକ ଓଡ଼ିଆ ସାହିତ୍ୟରେ ଜଗନ୍ମୋହନଙ୍କ ସ୍ଥାନ

ସମୟର ପ୍ରାଣସ୍ପନ୍ଦନରେ ସୃଷ୍ଟିଚେତନା ଅହରହ ସ୍ପନ୍ଦିତ ହେଉଥାଏ । ସ୍ରଷ୍ଟା ଏକ ସାମାଜିକ ଜୀବ ହୋଇଥିବାରୁ ସମାଜର ପ୍ରତିଛବିରେ ତାର ମାନସିକ ଦ୍ୱନ୍ଦ୍ୱ ଯେଉଁ ଆଲୋଡନ ସୃଷ୍ଟି କରେ, ତାକୁ କଳ୍ପନାପ୍ରସୂତ ନିର୍ଯ୍ୟାସ ଦେଇ ନିଟୋଳ କଳାମୂର୍ତ୍ତିଟିଏ ଗଠନ କରେ । ସାରାଜୀବନ ସ୍ରଷ୍ଟା ସାଧନାର ମନ୍ତ୍ରରେ ଅଭିମନ୍ତ୍ରିତ ହୋଇ ଅଗ୍ନିତପସ୍ୟା ଜାରିରଖେ । ସର୍ଜନାର ସ୍ୱରୂପରେ ଚରମ ଆଭିମୁଖ୍ୟ ଗ୍ରହଣ କରି ସେ ନିର୍ମାଣ କରେ କଳାର କୋଣାର୍କ । ଜଗନ୍ମୋହନ ଲାଲଙ୍କ ସ୍ରଷ୍ଟାମାନସ ଚିନ୍ତା ଚେତନାର ସରହଦରେ ଏହିପରି ସାମାଜିକ ଉଦ୍‌ବେଳନର ସମ୍ମୁଖୀନ ହୋଇଥିଲା । ଫଳରେ ସ୍ରଷ୍ଟାର ଆବରଣ ତଳେ ଥିବା ଚେତନା ଅନ୍ତରାଳରେ ଯେଉଁ ଆଲୋଡନ ଦେଖାଦେଲା, ତାର ଶାଣିତ ସ୍ୱାକ୍ଷର ବହନ କରି କାଳଜୟୀ ଅମର ଆଲେଖ୍ୟ ସୃଷ୍ଟି ହେଲା । ଆଧୁନିକ ଓଡ଼ିଆ ସାହିତ୍ୟର ଆଦ୍ୟ ଆକାଶର ଅନ୍ୟତମ ଉଜ୍ଜ୍ୱଳ ନକ୍ଷତ୍ର ଭାବେ ପ୍ରତିଭାତ ହେଲେ ଜଗନ୍ମୋହନ ଲାଲ । ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ପ୍ରଥମେ ଅନୁସୃଜନ ପରେ ପରେ, ଇତିହାସ ପୁସ୍ତକ ରଚନା ଏବଂ ଆଧୁନିକ ନାଟ୍ୟରଚନା କ୍ଷେତ୍ରରେ ସେ ଯେଉଁ ଦୁଃସାହସିକ ପଦକ୍ଷେପ ନେଲେ ଏବଂ ଓଡ଼ିଆ ସାହିତ୍ୟକୁ ଯେଉଁ ଅନନ୍ୟ ଉପହାର ଦେଇଗଲେ; ତାହା ତାଙ୍କର ସ୍ୱକୀୟ ସର୍ଜନଶୀଳତାର ଯଥାର୍ଥ ପରଚୟ ବହନ୍ କରେ । ସେଥିପାଇଁ ତତ୍‌କାଳୀନ ପତ୍ରପତ୍ରିକାରେ ଅନେକ ସମାଲୋଚନାର ଶରବ୍ୟ ହୋଇଥିବା ସତ୍ତ୍ୱେ କାଳର, କଷଟି ପଥରରେ ତାଙ୍କ ସୃଷ୍ଟିର ସେ ଅମଳିନ ଜ୍ୟୋତିଶିଖା ଉଦ୍‌ଭାସିତ ହୋଇ ଉଠିଛି ।

ଜଗନ୍ମୋହନ ଲାଲ ଯେଉଁ ସମୟରେ ଲେଖନୀ ଧାରଣ କରିଥିଲେ, ତାହା ହେଉଛି, ଆଧୁନିକ ଓଡ଼ିଆ ସାହିତ୍ୟର ଖଡିଛୁଆଁ ବେଳ । ସେ ସମୟରେ ଶିକ୍ଷାର ପ୍ରସାର ଘଟିନାହିଁ । ଆମ ସାହିତ୍ୟରେ ନାଟକ, ଉପନ୍ୟାସ, ଗଳ୍ପ, ପ୍ରବନ୍ଧ, ଭ୍ରମଣକାହାଣୀ, ବିଜ୍ଞାନ, ଦର୍ଶନ ପ୍ରଭୃତି କୌଣସି ବିଭାଗରେ ଲେଖକଙ୍କର ଆବିର୍ଭାବ ହୋଇନାହିଁ । ଆଧୁନିକ ସାହିତ୍ୟର ଯୁଗସ୍ରଷ୍ଟା ଭାବରେ ପରିଚିତ ରାଧାନାଥ, ଫକିରମୋହନ, ମଧୁସୂଦନ, ରାମଶଙ୍କର; ପ୍ରଭୃତି ବିଶେଷ ପରିଚିତ ହୋଇନାହାନ୍ତି । ଏହିପରି ଏକ ସନ୍ଧିକ୍ଷଣରେ ଜଗନ୍ମୋହନ କାବ୍ୟ, ନାଟକ ରଚନା କରି ନୂତନ ଦିଗ୍‌ଦର୍ଶନ ପ୍ରଦାନ କରିଥିଲେ ।

Digitized by srujanika@gmail.com

ଜଗନ୍ମୋହନ ଯୁବାବସ୍ଥାରେ ସାହିତ୍ୟ ସାଧନା ଆରମ୍ଭ କରିଥିଲେ । ତାପରେ ଶେଷ ଜୀବନ ପର୍ଯ୍ୟନ୍ତ ତାଙ୍କର ସାଧନା ଅବ୍ୟାହତ ରହିଥିଲା । ମାତ୍ର ତାଙ୍କର ପ୍ରତିଭାଟି ଯଥୋଚିତ ପ୍ରେରଣା ଅଭାବରୁ ଉତ୍ତମରୂପେ ବିକଶିତ ହୋଇ ପାରି ନଥିଲା । ଉପଯୁକ୍ତ ଲାଳନ ଅଭାବରୁ ସନ୍ତାନଟିଏ ରୁଗ୍ଣ ହୋଇଯିବା ପରି, ଆଲୋଚନା ଅଭାବରୁ ଲାଲସାହିତ୍ୟ ଉପଯୁକ୍ତ ମର୍ଯ୍ୟାଦାରୁ ବଞ୍ଚିତ ହୋଇଛି । ସେ କାଳରେ ଲାଲଙ୍କର କାବ୍ୟ ନାଟକାଦି ସମ୍ପର୍କରେ କେବଳ ସାମାନ୍ୟ ପିଠିଥାପୁଡା ଉତ୍ସାହ ବ୍ୟତୀତ ଅନ୍ୟ କିଛି କରାଯାଇନଥିଲା । ତା'ର ପରବର୍ତ୍ତୀ କାଳରେ ଗିରିଜାଶଙ୍କର ରାୟ, ପ୍ରିୟରଞ୍ଜନ ସେନ, ଜାନକୀ ବଲ୍ଲଭ ମହାନ୍ତି ପ୍ରମୁଖ ଆଲୋଚକବୃନ୍ଦ ଏହାର ଯଥାର୍ଥ ମୂଲ୍ୟାୟନ ସଂପର୍କରେ ଉଦାସୀନ ରହିଲେ । ଏହାହିଁ ଅଚିରେ ଲାଲାଜୀଙ୍କୁ ବିସ୍ମୃତିର ଗର୍ଭକୁ ଠେଲି ଦେବାକୁ ବସିଥିଲା ।

ବ୍ୟକ୍ତିଗତ ଜୀବନରେ ଲାଲ ମହାଶୟ ଜଣେ ସୁଦକ୍ଷ ନାଟ୍ୟନିର୍ଦ୍ଦେଶକ ଏବଂ ଅଭିନେତା ମଧ୍ୟ ଥିଲେ । ତାଙ୍କ ସମୟରେ ରାଧାକାନ୍ତ ରଂଗମଞ୍ଚରେ ନିୟମିତଃ ନାଟକ ଅଭିନୟ ହେଉଥିଲା ଏବଂ ଲାଲାଜୀ ନିଜେ ନିଜ ନାଟକରେ ତଥା ଅନ୍ୟାନ୍ୟ ନାଟକରେ ଅଭିନୟ କରୁଥିଲେ । ନାଟ୍ୟରଚନା ସହିତ, ନାଟକରେ ଅଭିନୟ କରିବା ଓ ନାଟକ ଅଭିନୟ କରାଇବା ଦିଗରେ ଲାଲାଜୀ ଥିଲେ ଜଣେ ସୁଦକ୍ଷ ନାଟ୍ୟକର୍ମୀ । ବିଶ୍ୱାସରେ ପରଂପରାର ଭକ୍ତ ଥିଲେ ମଧ୍ୟ ଲାଲଜୀଙ୍କର ଚିନ୍ତାଧାରା ଥିଲା ଏକାନ୍ତ ଯୁଗୋପଯୋଗୀ । ପ୍ରାଚୀନ ଛାନ୍ଦ, ରାଗ ରାଗିଣୀ ତାଙ୍କୁ ଅତ୍ୟନ୍ତ ମୁଗ୍ଧ କରୁଥିଲା । 'ବାବାଜୀ', 'ସତୀ', 'ପ୍ରୀତି' ତଥା 'ଭ୍ରମଭଞ୍ଜନ' ପୁସ୍ତକରୁ ଏହାର ସ୍ପଷ୍ଟ ପରିଚୟ ମିଳେ । ତେବେ ଏସବୁ ରଚନାର ମାର୍ଜିତ ଭାଷା ତଥା ଅଭିବ୍ୟକ୍ତିର ସ୍ୱଚ୍ଛନ୍ଦତା ଏଗୁଡ଼ିକ ଯଥାର୍ଥ ଶିଳ୍ପୋଚିତ ସୌନ୍ଦର୍ଯ୍ୟରେ ରସାଣିତ କରିଥିଲା ।

'ଭ୍ରମଭଞ୍ଜନ' କାବ୍ୟ କିମ୍ବା ନାଟକରେ ବ୍ୟବହୃତ ହୋଇଥିବା ସଙ୍ଗୀତଗୁଡ଼ିକରେ କବିତ୍ୱର ସେଇ ସ୍ୱଚ୍ଛନ୍ଦ ସାବଲୀଳ ଭାବ ବିଶେଷ ଦେଖିବାକୁ ମିଳେନାହିଁ । ମାତ୍ର ତାଙ୍କର ନାଟକଗୁଡ଼ିକ ଶିଳ୍ପସୌନ୍ଦର୍ଯ୍ୟରେ ଭରପୂର ଥିଲା । ଯେହେତୁ ସେ ନିଜେ ଜଣେ ଅଭିନେତା ଏବଂ ନାଟ୍ୟନିର୍ଦ୍ଦେଶକ ଥିଲେ, କେଉଁ ଉପାଦାନ ନାଟକକୁ ରସୋତ୍ତୀର୍ଣ୍ଣ କରିପାରିବ, ଏ ବିଷୟରେ ତାଙ୍କର ସ୍ପଷ୍ଟ ଧାରଣା ରହିଥିଲା । ବିଶେଷ କରି ନାଟକର ବିଷୟବସ୍ତୁ ନିର୍ବାଚନରେ ସେ ଯେଉଁ ଦୂରଦୃଷ୍ଟି ଏବଂ ଦୁଃସାହସିକତାର ପରିଚୟ ପ୍ରଦାନ କରିଛନ୍ତି, ତାହା ସେ କାଳର କୌଣସି ନାଟ୍ୟକାରଙ୍କ ମଧ୍ୟରେ ପରିଦୃଷ୍ଟ ହୁଏ ନାହିଁ ।

ଜଗନ୍ମୋହନ ହିଁ ପ୍ରଥମ ଓଡ଼ିଆ ନାଟ୍ୟକାର, ଯିଏ ରାଜା, ରାଣୀ, ଦେବାଦେବୀ ଓ ମହାପୁରୁଷମାନଙ୍କ ପାରଂପରିକ ଚରିତ୍ର ଚିତ୍ରଣ ଛାଡ଼ି, ଆମ ଧୂଳିମାଟିରୁ ସମାଜ ଜୀବନରୁ, ସାଧାରଣ ନରନାରୀଙ୍କୁ ଆଣି ନାଟକର ନାୟକ ନାୟିକା ରୂପେ ଗ୍ରହଣ କରିଛନ୍ତି । ତାଙ୍କ ନାଟକୀୟ କଥାବସ୍ତୁ ପରିକଳ୍ପନାରେ ମୌଳିକ ଚିନ୍ତାଧାରା ପ୍ରକାଶିତ । କାହାଣୀ ଓ ଘଟନା ଅପେକ୍ଷା ସମସ୍ୟାକୁ ପ୍ରାଧାନ୍ୟ ଦେଇ ସେ ଗଭୀର ଦୂରଦୃଷ୍ଟିର

Digitized by srujanika@gmail.com

ପରିଚୟ ପ୍ରଦାନ କରିଛନ୍ତି । ସନ୍ତୁଳିତ ସମାଜର ସମସ୍ୟାଗୁଡ଼ିକ ପ୍ରତି ଧ୍ୟାନନିଷ୍ଠ ସ୍ରଷ୍ଟା ଲାଲ ବିଶେଷ ଆଗ୍ରହାନ୍ୱିତ ହେବା ସହିତ, ସମସ୍ୟାର ନାଟ୍ୟାୟନ ନିମିତ୍ତ ଗଭୀର ଆଗ୍ରହ ପ୍ରକାଶ କରିଅଛନ୍ତି ।

ଲାଲଜୀଙ୍କ ନାଟ୍ୟକୃତିଗୁଡ଼ିକ ମଧ୍ୟରେ ପୂରି ରହିଛି, ଆଗାମୀ ଦିନ ପାଇଁ ବାଞ୍ଛିତ ଦିଗ୍‌ଦର୍ଶନ । ଏହି ନାଟକଗୁଡ଼ିକରେ ଜଗନ୍ମୋହନ କଳାର ଉତ୍କର୍ଷକୁ ଅବ୍ୟାହତ ରଖି ସମକାଳୀନ ସମାଜର ଆବଶ୍ୟକ ସଂସ୍କାରବାଦୀ ଆଭିମୁଖ୍ୟକୁ ଚମତ୍କାରଭାବେ ଚିତ୍ରଣ କରିଛନ୍ତି । ତତ୍‌କାଳୀନ ସମାଜରେ ଅଶିକ୍ଷା, ଅନ୍ୟାୟ, ଅତ୍ୟାଚାର, ଦାରିଦ୍ର୍ୟ, ଉତ୍‌କୋଚ, ଅନ୍ଧବିଶ୍ୱାସ, କୁସଂସ୍କାର, ବାଲ୍ୟବିବାହ, ବଳାତ୍କାର, ପରସ୍ତ୍ରୀ ହରଣ ପ୍ରଭୃତି ସମସ୍ୟା ବଳୟରେ ଜନଜୀବନ ସନ୍ତୁଳିତ ହେଉଥିବାବେଳେ; ଜଗନ୍ମୋହନ 'ସତୀ' ପରି ଏକ ଜନ ସଚେତନମୂଳକ ପ୍ରତିନିଧିଶ୍ରେଣୀୟ ନାଟକ ସୃଷ୍ଟି କରି ସଂସ୍କାରମୂଳକ ପଦକ୍ଷେପ ନେଇଛନ୍ତି । ବାସ୍ତବ ଜୀବନରେ ମଧ୍ୟ ସେ ଲାବଣ୍ୟ ନାମ୍ନୀ ନିଜ ବିଧବା କନ୍ୟାକୁ ପୁନର୍ବିବାହ ଦେଇ ତଦାନୀନ୍ତନ ସମାଜ ପ୍ରଥାରେ ଏକ ନୂତନ ପରଂପରାର ଶୁଭାରମ୍ଭ କରିଛନ୍ତି ।

ପଡ଼ୋଶୀ ସାହିତ୍ୟର ସମସାମୟିକ ନାଟକଗୁଡ଼ିକ ସାମାଜିକ ପର୍ଯ୍ୟାୟକୁ ଆସିନଥିବା ସ୍ଥଳେ ଜଗନ୍ମୋହନଙ୍କ ସଂସ୍କାରମୁଖୀ ମନ ହିଁ ଓଡ଼ିଆ ସାହିତ୍ୟକୁ ସାମାଜିକ ନାଟକ ପ୍ରଦାନ କରିଛି । ଜାତିର ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ତାଙ୍କ ଲେଖନୀ ମୁନରୁ ରୂପ-ରସ-ଗନ୍ଧଭରା କଳ୍ପନାୟିତ ସାହିତ୍ୟ ସୃଷ୍ଟି ହୋଇନାହିଁ; ବରଂ ସମାଜର ବାସ୍ତବ ଚିତ୍ରକୁ ସେ ନାଟ୍ୟରୂପ ପ୍ରଦାନ କରିଛନ୍ତି । ନାଟ୍ୟକାରଙ୍କ ପ୍ରତିଟି କଳା କଳ୍ପନା ମୂଳରେ ଏକ ଆଦର୍ଶ ସମାଜ ପରିପ୍ରତିଷ୍ଠାର ଉଲ୍ଲାସ ବିଦ୍ୟମାନ ରହି ସଂସ୍କାର ପ୍ରୟାସର ମାନଦଣ୍ଡ ଉପରେ ଉଭୟ 'ବାବାଜୀ' ଏବଂ 'ସତୀ' ଗଢ଼ି ଉଠିଛି । କଳାତ୍ମକ ଦୃଷ୍ଟିକୋଣ ଏବଂ ନାଟକୀୟ ସଂରଚନା ବିଧି ଦୃଷ୍ଟିରୁ ତାଙ୍କ ନାଟକଦ୍ୱୟ କାଳଜୟୀ ସୃଷ୍ଟିରେ ପରିଣତ ହୋଇଛି ।

ଶିଳ୍ପରୀତି ଦୃଷ୍ଟିରୁ ଆଧୁନିକ ଓଡ଼ିଆ ନାଟକକୁ ସୁଷମା ମଣ୍ଡିତ କରିବାରେ ବିଶେଷ କରି ସେ କାଳର ସର୍ବଭାରତୀୟ ଦରବାରରେ ଓଡ଼ିଆ ନାଟକକୁ ଉପଯୁକ୍ତ ସ୍ଥାନ ପ୍ରଦାନ କରିବା ପାଇଁ ଉଦ୍ୟମ କରିବାରେ ଜଗନ୍ମୋହନଙ୍କ ଅବଦାନ ବାସ୍ତବ ପକ୍ଷେ ପ୍ରଶଂସନୀୟ । 'ସତୀ' ନାଟକ ଯେ ସେ କାଳର ଯେ କୌଣସି ବଙ୍ଗୀୟ କିମ୍ବା ହିନ୍ଦୀ ନାଟକଠାରୁ କୌଣସି ଗୁଣରେ ନ୍ୟୂନ ନୁହେଁ ଏବଂ ସେ କାଳର ଅନ୍ୟ କୌଣସି ଓଡ଼ିଆ ନାଟ୍ୟକାରଙ୍କ ଭାଗ୍ୟରେ ଏ ପ୍ରକାର ସୁଯୋଗ ପ୍ରାୟ ମିଳିନାହିଁ ବୋଲି କୁହାଯାଇପାରେ ।

ଖଣ୍ଡିଏ କାବ୍ୟ, ଖଣ୍ଡିଏ ଇତିହାସ ତଥା ଚାରିଗୋଟି ନାଟକ ରଚନା କରିଥିଲେ ମଧ୍ୟ ସେ ନିଜପାଇଁ ସେଭଳି କୌଣସି ଉଲ୍ଲେଖଯୋଗ୍ୟ ସ୍ଥାନ ସଂଗ୍ରହ କରିପାରିନାହାନ୍ତି । ଫକିର ମୋହନ ରାଧାନାଥ, ମଧୁସୂଦନ, ଗଙ୍ଗାଧରଙ୍କଠାରୁ ଜଗନ୍ମୋହନ ବୟୋଜ୍ୟେଷ୍ଠ ଥିଲେ ଏବଂ ନାଟକ ରଚନା କ୍ଷେତ୍ରରେ ସେ ଯେଉଁ କୃତତ୍ୱ ପ୍ରଦର୍ଶନ କରିଛନ୍ତି, ତାହା ଏମାନଙ୍କ ସାହିତ୍ୟର ଧାରାଠାରୁ ନିଶ୍ଚିତଭାବରେ ସ୍ୱତନ୍ତ୍ରତା ଦାବି କରେ ।

Digitized by srujanika@gmail.com

ଇଚ୍ଛା କରିଥିଲେ ଜଗନ୍ମୋହନ ନିଜ ପାଇଁ ଅନେକ କିଛି କରିପାରିଥାନ୍ତେ; କାରଣ। ସେ କାଳରେ ତାଙ୍କ ସାମାଜିକ ସ୍ଥିତି ଯାହା ଥିଲା, ତହିଁରେ ସାମାନ୍ୟ ଉଦ୍‌ଯୋଗୀ ହୋଇଥିଲେ, ନିଜ ନିମନ୍ତେ ସେପରି କିଛି ପ୍ରଚାରର ଆୟୋଜନ କରିପାରି ଥାଆନ୍ତେ। ଅଥଚ ସେ ଥିଲେ ନୀତି ଆଦର୍ଶର ଅନୁଗାମୀ। ଯେଉଁଭଳି ଆଦର୍ଶର କଥା କହୁଥିଲେ, ତେଣୁ ଆତ୍ମପ୍ରଚାର ଅପେକ୍ଷା ନିରବ ସାରସ୍ୱତ ସାଧନା ହିଁ ଥିଲା ତାଙ୍କର ମୂଳଲକ୍ଷ୍ୟ।

ବାସ୍ତବତାର ହାତ ଧରି ସମାଜ ସଚେତନତାର ତୀବ୍ର ଦୃଷ୍ଟି ନେଇ ଅସାମାନ୍ୟ ଏକ ଜୀବନବୋଧର କାମନାରେ ଜଗନ୍ମୋହନ ଲାଲ ମାନବିକତାର ମୈତ୍ରୀ ଉଚ୍ଚାରଣରେ ବ୍ରତୀ ଥିଲେ। ଗ୍ରାମୀଣ ସମାଜରେ ସେ କେବଳ ଭୂମିଷ୍ଠ ହୋଇ ନଥିଲେ, ଆଜନ୍ମ ଏହି ସମାଜ ସହିତ ତାଙ୍କର ସଂପର୍କ ଥିଲା ଅନ୍ତରଙ୍ଗ। ଚାକିରି ପାଇଁ ଗ୍ରାମଠାରୁ ଦୂରରେ ଅବସ୍ଥାନ କଲେ ମଧ୍ୟ ଗ୍ରାମର ଆର୍ଥିକ, ସାମାଜିକ ଓ ଶିକ୍ଷାଗତ ବିକାଶର ସେ ସ୍ୱପ୍ନ ଦେଖୁଥିଲେ। ସାଧ୍ୟମତେ ଚେଷ୍ଟା ବି କରୁଥିଲେ। ଗ୍ରାମର ଅନ୍ୟତମ ଶିକ୍ଷିତ ଓ ଅବସ୍ଥାସମ୍ପନ୍ନ ବ୍ୟକ୍ତି ହିସାବରେ ଗ୍ରାମ ପାଇଁ ତାଙ୍କର ଯେ କିଛି କର୍ତ୍ତବ୍ୟ ଅଛି। ସେହି କର୍ତ୍ତବ୍ୟ ସଂପର୍କରେ ସେ ଥିଲେ ଅତ୍ୟନ୍ତ ସଚେତନ। ସେହି ସଚେତନତା ଫଳରେ ଗ୍ରାମର ଶିକ୍ଷାଗତ ବିକାଶ, ଗ୍ରାମରେ ନୂତନ ସାଂସ୍କୃତିକ ବାତାବରଣ ସୃଷ୍ଟି କରିବା କ୍ଷେତ୍ରରେ ସେ ଯେଉଁଭଳି ଉଲ୍ଲେଖନୀୟ ଭୂମିକା ନେଇଥିଲେ, ଗ୍ରାମ ରାଜନୀତି,ଗ୍ରାମ କନ୍ଦଳ ସହିତ ସେଭଳି ସେ ଜଡ଼ିତ ହୋଇଥିଲେ।

ଚାକିରି ପାଇବା ପରେ ପରେ ଅତି କମ୍ ବୟସରେ ସେ ମାହାଙ୍ଗାରେ ଶିକ୍ଷା ପାଇଁ ଏକ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ତାଙ୍କରି ଚେଷ୍ଟାରେ ସଂପୃକ୍ତ ବିଦ୍ୟାଳୟ ବାର୍ଷିକ କୋଡ଼ିଏ ଟଙ୍କାର ସରକାରୀ ଅନୁଦାନ ଲାଭ କରିଥିଲା। କଟକରେ ଅବସ୍ଥାନ କଲେ ମଧ୍ୟ ସଂପୃକ୍ତ ବିଦ୍ୟାଳୟର ଉନ୍ନତି ଓ ସୁପରିଚାଳନା ତାଙ୍କର ସ୍ୱପ୍ନ ଓ ଧ୍ୟାନର ବିଷୟ ଥିଲା।

ବୃତ୍ତି ଦୃଷ୍ଟିରୁ ଜଗନ୍ମୋହନ ଲାଲ ଜଣେ ସରକାରୀ କର୍ମଚାରୀ ଥିଲେ ମଧ୍ୟ ବଂଶ ପରଂପରା ଦୃଷ୍ଟିରୁ ତାଙ୍କୁ ଜମିଦାରର ଭୂମିକା ଗ୍ରହଣ କରିବାକୁ ହୋଇଥିଲା। ମାତ୍ର ପ୍ରବୃତ୍ତି ଦୃଷ୍ଟିରୁ ସେ ଥିଲେ ଜଣେ ସମାଜସେବୀ। ତା ସହିତ ଆପଣା ବୃତ୍ତିପ୍ରତି ତାଙ୍କର ଥିଲା ଅଟଳ ନିଷ୍ଠା। ଏହି ନିଷ୍ଠା ସହ ଲୋଭଶୂନ୍ୟତା ସନ୍ନିଳିତ ହୋଇ ତାଙ୍କୁ କରିଥିଲା ସ୍ୱାଧୀନଚେତା। ଫଳରେ ଜଣେ ସାଧାରଣ ଅମଲା ହୋଇ ଉପରିସ୍ଥ କର୍ତ୍ତାଙ୍କ ଅନ୍ୟାୟ କାର୍ଯ୍ୟକୁ ଯେଉଁଭଳି ବିରୋଧ କରିପାରୁଥିଲେ, ସେହିଭଳି ଲବଣ କର ବିରୋଧରେ ସାଧାରଣ ସଭାରେ ଭାଷଣ ଦେଇପାରୁଥିଲେ। ଜମିଦାର ହେଲେବି ପ୍ରଜା ଶୋଷଣ ତଥା ପ୍ରଜାପୀଡନ ଅପେକ୍ଷା ସାଧାରଣ ଲୋକଙ୍କର ସାମାଜିକ ଓ ଆର୍ଥିକ ଅଧିକାର ପାଇଁ ଲଢ଼ି ପାରୁଥିଲେ। ଜଣେ ମଣିଷ ଭାବରେ ତାଙ୍କ ଚରିତ୍ରରେ ଥିବା ସଂବେଦନଶୀଳ ଦୃଷ୍ଟିଭଂଗୀ ତାଙ୍କୁ ମାନବିକତାର ମହାମନ୍ତ୍ରରେ ଦୀକ୍ଷିତ କରିଥିଲା। ସତ୍ୟ-ନ୍ୟାୟର ଆଜୀବନ ପୂଜକ ଲାଲ, ତାଙ୍କ ଜୀବନବ୍ୟାପୀ ସାଧନା ମଧ୍ୟରେ ଏହାକୁ ଅତୁଟ ରଖିବା ପ୍ରକୃତରେ ଉଲ୍ଲେଖନୀୟ।

Digitized by srujanika@gmail.com

ଊନବିଂଶ ଶତକରେ ଓଡ଼ିଶାର ସାମାଜିକ ଓ ସାଂସ୍କୃତିକ ଜୀବନରେ ଯେଉଁ ଶୁଭଙ୍କର ପରିବର୍ତ୍ତନର ସୂଚନା ଦେଖାଦେଇଥିଲା, ତାହାର ମୂଳରେ ଥିଲେ, ଜଗନ୍ମୋହନ ଲାଲଙ୍କ ଭଳି ବ୍ୟକ୍ତି ଓ ତାଙ୍କର ଉନ୍ନତ ବ୍ୟକ୍ତିତ୍ୱ ।

ଅନନ୍ୟ ସାଧକ ଜଗନ୍ମୋହନ ଓଡ଼ିଆ ସାହିତ୍ୟର ଇତିହାସରେ ନାଟକର ଯୁଗସ୍ରଷ୍ଟା ଥିଲେ । ସେଥିପାଇଁ ତାଙ୍କୁ 'ଆଦି' ନାଟ୍ୟକାର ବୋଲି ଯୁଗାନ୍ତରର ପୃଷ୍ଠଭୂମିରେ ଓଡ଼ିଆ ସାହିତ୍ୟର ଇତିହାସ ସ୍ୱୀକାର କରିପାରିଛି । ସେ ଥିଲେ ସୁଯୋଗ୍ୟ ଉତ୍ତରଦାୟାଦ । ବହୁମୁଖୀ ପ୍ରତିଭାର ଅଧିକାରୀ ଜଗନ୍ମୋହନ ଏକାଧାରରେ ଥିଲେ, ନାଟ୍ୟକାର, ନାଟ୍ୟନିର୍ଦ୍ଦେଶକ, ଅଭିନେତା, ମଞ୍ଚ ନିର୍ମାତା, କବି, ଅନୁବାଦକ, ଐତିହାସିକ, ସମାଜସେବୀ, ଜନ ପ୍ରତିନିଧି ଓ ସଂସ୍କାରକ । ତାଙ୍କର ଦୂରଦୃଷ୍ଟି, ପ୍ରଜ୍ଞାଶକ୍ତି ଓ ସୃଜନଚେତନା ସୁଦୂରପ୍ରସାରୀ ଥିଲା । ତାଙ୍କ ଲେଖନୀ ଥିଲା ବହୁମୁଖୀ ଓ ବହୁଦିଗସ୍ପର୍ଶୀ ।

ଆଧୁନିକ ଓଡ଼ିଶାର ନବଜାଗରଣର ବାର୍ତ୍ତା ପ୍ରଚାର କରିବା ନିମନ୍ତେ ସେ ନିଜର ଚିନ୍ତା ଭାବନା ଓ କର୍ମ, କର୍ତ୍ତବ୍ୟକୁ ଏକାକାର କରି ଏକ ସମର୍ପିତ ଜୀବନ ବିତାଇଥିଲେ । ସାରସ୍ୱତ କର୍ମ ବ୍ୟତୀତ ସମାଜସେବା ଓ ସମାଜ ସଂସ୍କାର ଥିଲା ତାଙ୍କ ଜୀବନର ବ୍ରତ । ଆଧୁନିକ ଓଡ଼ିଆ ନାଟ୍ୟ ସାହିତ୍ୟର ନବନିର୍ମାଣ ଏବଂ ଅନନ୍ୟ ବ୍ୟକ୍ତିତ୍ୱ ଭାବରେ ସେ ଯେଉଁ ଅଭିନବ ସରଣୀ ପ୍ରସ୍ତୁତ କରି ଦେଇଗଲେ, ତାହା ଉପରେ ନାଟ୍ୟଜଗତର ସୁଦୃଢ଼ ଭିତ୍ତି ସ୍ଥାପିତ ହୋଇଛି ।

ତତ୍‌କାଳୀନ ସମାଜର ରାଜନୀତିକ, ଆର୍ଥନୀତିକ ଓ ସାଂସ୍କୃତିକ ଜୀବନକୁ ତାଙ୍କର ମାର୍ଗଦର୍ଶନ ତଥା ସଂସ୍କାରମୁଖୀ କରିଥିବା ଓଡ଼ିଆ ନାଟକ କ୍ଷେତ୍ରରେ ଏବେ ବି ଅନତିକ୍ରମ୍ୟ ହୋଇ ରହିଛନ୍ତି । ଆଧୁନିକ ଚିନ୍ତା ଚେତନାର ବାର୍ତ୍ତାବହ ନାଟକର ଆଦ୍ୟ ପ୍ରବର୍ତ୍ତକ ଜଗନ୍ମୋହନ ଲାଲ ଓଡ଼ିଆ ସାହିତ୍ୟ ଇତିହାସରେ ଚିରସ୍ମରଣୀୟ ହୋଇ ରହିବେ ।

◆◆◆

Digitized by srujanika@gmail.com

ପରିଶିଷ୍ଟ

ଜଗନ୍ମୋହନଲାଲ : ସୂଚନାତ୍ମକ ଜୀବନପଞ୍ଜି

- ଜଗନ୍ମୋହନ ଲାଲଙ୍କ ଜନ୍ମ - ତା ୨୫.୧୧.୧୮୩୮
- ଏଣ୍ଟ୍ରାନ୍ସ ପାସ୍ - ୧୮୬୦
- ଅମଲା ଭାବରେ ଚାକିରି ଆରମ୍ଭ - ୧୮୬୫
- 'ଭ୍ରମରଞ୍ଜନ' କାବ୍ୟ ଭାବାନୁବାଦର ପ୍ରକାଶକାଳ-୧୮୬୮
- "ଓଡ଼ିଶା ବିଜୟ" ପୁସ୍ତକ ପ୍ରକାଶିତ - ୧୮୭୩
- "ରାଧାକାନ୍ତ ରଙ୍ଗମଞ୍ଚ"ର ପ୍ରତିଷ୍ଠା - ୧୮୭୫
- "ବାବାଜୀ" ନାଟକର ପ୍ରକାଶକାଳ - ୧୮୭୭
- ମୁଖ୍ୟ କିରାଣୀ ପଦକୁ ଉନ୍ନୀତ - ୧୮୭୯
- ସିରସ୍ତାଦାର ପଦରେ ଅବସ୍ଥାପିତ - ତା-୩୧-୭-୧୮୮୦
- "ସତୀ" ନାଟକର ପ୍ରକାଶକାଳ - ୧୮୮୬
- ଚାକିରିରୁ ଅବସର ଗ୍ରହଣ - ତା୨୮.୧୧.୧୮୯୪
- ଭିଂଗାରପୁର ଜମିଦାରଙ୍କ ମ୍ୟାନେଜର ପଦବୀରେ କାର୍ଯ୍ୟ - ୧୮୯୮-୯୯
- ମହାପ୍ରୟାଣ - ତା୨୬-୧୨-୧୯୧୩

Digitized by srujanika@gmail.com

ପାଦଟୀକା

୧. ଡଃ ସାଧନକୁମାର ଭଟ୍ଟାଚାର୍ଯ୍ୟ - ନାଟ୍ୟତତ୍ତ୍ୱ ମୀମାଂସା - ପୃ-୧୪୬

୨. ଓଡ଼ିଆ ନାଟକ : ଉଦ୍ଭବ ଓ ବିକାଶ - ୧୯୮୦ ଡଃ ହେମନ୍ତ କୁମାର ଦାସ- ମୁଖବନ୍ଧ

୩. ଓଡ଼ିଆ ନାଟକ ଶତବାର୍ଷିକୀ ସମାରୋହ ସ୍ମରଣିକା-୧୯୭୭-ଓଡ଼ିଆ ନାଟ୍ୟ ସାହିତ୍ୟର ଆଦିପର୍ବ- ଅଧ୍ୟାପକ ନବକିଶୋର ପୃଷ୍ଟି-ପୃ-୪୩

୪. ଓଡ଼ିୟା ଯାତ୍ରା- ଉତ୍କଳଦୀପିକା-ତା୨୮-୧୦-୧୯୭୬

୫. ଓଡ଼ିଆ ନାଟକର ଉଦ୍ଭବ ଓ ବିକାଶ - ୧୯୭୯-ଡଃ ରତ୍ନାକର ଚଇନି-ପୃ-୨୨୬

୬. ଓଡ଼ିଆ ସାହିତ୍ୟର ଇତିହାସ - ନଟବର ସାମନ୍ତରାୟ - ପୃ-୪୨୨-୪୨୩

୭. ଉତ୍କଳଦୀପିକା - ୨୮.୧୦.୧୮୬୬ରିଖ

୮. ଓଡ଼ିଆ ନାଟକ : ଉଦ୍ଭବ ଓ ବିକାଶ-୧୯୮୦ ଡଃ ହେମନ୍ତ କୁମାର ଦାସ-ପୃ-୨୦୮

୯. ଓଡ଼ିଆ ସାହିତ୍ୟର କ୍ରମବିକାଶ-୧୯୯୩-ଶ୍ରୀ ସୁରେନ୍ଦ୍ର ମହାନ୍ତି-ପୃ-୨୭୭

୧୦. 'ସତୀ' ନାଟକ ଆଲୋଚନା- ୧୯୯୩- ସଂ- ଡଃ ହେମନ୍ତ କୁମାର ଦାସ-ପୃ-୨୩

୧୧. ଡଃ ନୃସିଂହ ଷଡଙ୍ଗୀ - ଓଡ଼ିଆ ସାହିତ୍ୟର ସାମାଜିକ ସାଂସ୍କୃତିକ ଇତିହାସ-୧୯୯୩-ପୃ-୨୦୪

୧୨. ଡଃ କୃଷ୍ଣ ଚରଣ ସାହୁ - ମଧ୍ୟକାଳୀନ ସାହିତ୍ୟ-୧୯୮୩-ପୃ-୪୫

୧୩. ଡଃ ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ-ଓ-ସା ସଂକ୍ଷିପ୍ତ ପରିଚୟ- ୧୯୮୩-ପୃ-୧୪୧

୧୪. ହିନ୍ଦୀ ପ୍ରଦୀପ-ଫେବୃୟାରୀ-୧୮୯୨

୧୫. ଓଡ଼ିଆ ଆଧୁନିକ ସାହିତ୍ୟର ଭୂମି ଓ ଭୂମିକା - ପୃ-୧୨୫

୧୬. ଉତ୍କଳ ଦୀପିକା - ତା୨୭.୨.୧୮୬୯ରିଖ

୧୭. ସମ୍ବାଦପତ୍ରରୁ ଓଡ଼ିଶାର କଥା - ଶ୍ରୀ ସୁଧାକର ପଟ୍ଟନାୟକ-ପୃ-୬୬୧

Digitized by srujanika@gmail.com

୧୮. ଓଡ଼ିଆ ନାଟକର ଉଦ୍ଭବ ଓ ବିକାଶ-୧୯୭୯-ଡଃ ରତ୍ନାକର ଚଇନି ପୃ-୨୪୯

୧୯. Encyclopedia Britanica - Vol-8-Page-366

୨୦. ଓଡ଼ିଆ ନାଟକର ଉଦ୍ଭବ ଓ ବିକାଶ - ୧୯୭୯- ଡଃ ରତ୍ନାକର ଚଇନି-ପୃ-୨୪୭

୨୧. ଡଃ ହରେକୃଷ୍ଣ ମହତାବ-ଓଡ଼ିଶା ଇତିହାସ (୨ୟଭାଗ) ୧୯୮୦-ପୃ-୨୦୮

୨୨. ଜଗନ୍ମୋହନଲାଲ ନବ ମୂଲ୍ୟାୟନ - ଶ୍ରୀ ଦେବେନ୍ଦ୍ର କୁମାର ଦାଶ-ଏଷଣା ଜୁନ୍-୧୯୯୯ ପୃ-୧୫୮-୧୫୯

୨୨କ.ଆଧୁନିକ ଚେତନାର ରୂପକାର ଜଗନ୍ମୋହନ ଲାଲ-କୋଣାର୍କ-ଅଗଷ୍ଟ-ଅକ୍ଟୋବର,୨୦୦୩-ପୃଷ୍ଠା-୨୨୧

ଖ-ତତ୍ରୈବ-ପୃଷ୍ଠା-୨୨୩

୨୩. ଆଧୁନିକ ଶିକ୍ଷା ଓ ଓଡ଼ିଶା- ମହେଶ ପ୍ରସାଦ ମହାପାତ୍ର, ୧୯୭୭-ପୃ-୯୯

୨୪. ସେକ୍ ମତଲୁବ ଅଲ୍ଲୀ - କାଳଗର୍ଭରୁ- ଆଦି ନାଟ୍ୟକାର ଜଗନ୍ମୋହନ ଲାଲ ସ୍ମରଣିକା-ପୃ-୮

୨୫. B.L Grover & R.R. Sethi-A new look on Modern Indian History, Page-326, Pub-S. Chand & Co. Pvt. Ltd. Ramnagar, New Delhi, 110055-1973

୨୫. ଆଧୁନିକ ଚେତନାର ଅଗ୍ରଦୂତ ଜଗନ୍ମୋହନ ଲାଲ- ଡକ୍ଟର ବିଜୟାନନ୍ଦ ସିଂହ- କୋଣାର୍କ-ଅକ୍ଟୋବର-ନଭେମ୍ବର-୨୦୦୩-ପୃଷ୍ଠା-୨୨୧

୨୬. ମୁକ୍ତବନ୍ଧ- ଭ୍ରମଭଞ୍ଜନ

୨୭. ମୁକୁର- ନବମ ଭାଗ - ୧୧ଶ ସଂଖ୍ୟା

୨୭.କ-ଡକ୍ଟର ଅଜୟ କୁମାର ମିଶ୍ର- ଓଡ଼ିଆ ଯାତ୍ରା: ଉନ୍ମେଷ ଓ ଉତ୍ତରଣ-ଅକ୍ଷର-କଲ୍ୟାଣୀନଗର, କଟକ-୨୦୦୭-ପୃଷ୍ଠା-୫୬

୨୮. ଉତ୍କଳଦୀପିକା- ୨୦ ଅକ୍ଟୋବର-୧୮୭୭

୨୯. ଓଡ଼ିଆ ସାହିତ୍ୟର ଇତିହାସ - ଅକ୍ଟୋବର-୧୯୮୩-ଡଃ ନଟବର ସାମନ୍ତରାୟ, ପୃ-୪୫୬

୩୦. ସମ୍ବାଦ ବାହିକା-୨୦ଶ ଭାଗ- ୧୩ଶ ସଂଖ୍ୟା, ତା୩୧-୩-୧୮୮୭

୩୧. ଓଡ଼ିଆ ନାଟକର ଉଦ୍ଭବ ଓ ବିକାଶ-୧୯୮୪- ବୁକ୍ସ ଆଣ୍ଡ ବୁକ୍ସ, ଡଃ ରତ୍ନାକର ଚଇନି-ପୃ-୨୯୮

୩୨. ଉତ୍କଳ ଦୀପିକା- ତା ୩୧-୧୦-୧୮୯୮

୩୩. ଆଦି ନାଟ୍ୟକାର ଜଗନ୍ମୋହନ ଲାଲ ସ୍ମରଣିକା-ପୃ-୮, ଓଡ଼ିଶା ସାହିତ୍ୟ ଏକାଡେମୀ ।

Digitized by srujanika@gmail.com

୩୪. ଉତ୍କଳ ଦୀପିକା- ୨୯/୪୬; ୧-୧୨-୯୪

୩୫. ଉତ୍କଳ ଦୀପିକା - ୨୯/୪୯; ୨୨-୧୨-୯୪

୩୬. ଫକିରମୋହନଙ୍କ କୃତିରେ ସମକାଳୀନ ସମାଜଚିତ୍ର- ଅସିତ କବି - ପ୍ରକାଶକ ଗ୍ରନ୍ଥମନ୍ଦିର(୧୯୮୫) ପୃଷ୍ଠା-୫

୩୭. ଓଡ଼ିଆ ନାଟକର ଉଦ୍ଭବ ଓ ବିକାଶ - ଡଃ ରତ୍ନାକର ଚଇନି, ବୁକ୍ସ ଆଣ୍ଡ ବୁକ୍ସ-୧୯୭୯, ପୃ-୨୬୮

୩୮. ପ୍ରଣତି ନିବେଦନ- କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ଆଦି ନାଟ୍ୟକାର ଜଗନ୍ମୋହନ ଲାଲ ସ୍ମରଣିକା-ପୃ-୪୪, ପ୍ରକାଶକ-କୃତି ଅର୍ଚ୍ଚନା ସଂସଦ

୩୯. ବେଣୁଧର ରାଉତ, ପ୍ରଥମ ଓଡ଼ିଆ ନାଟକ-ଝଙ୍କାର, ୧୧ଶବର୍ଷ, ୧ମ ସଂଖ୍ୟା, ପୃ-୪୪

୪୦. ଡକ୍ଟର ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ଵାଜ) ଆଧୁନିକ ଓଡ଼ିଆ ସାହିତ୍ୟ, ୧୯୮୪, ପୃ-୩୮

୪୧. ବାବାଜୀ ନାଟକ - ସଂ-କାଳୀଚରଣ ପଟ୍ଟନାୟକ-ପୃ-୧

୪୨. ତତ୍ରୈବ, ପୃ-୨

୪୩. ତତ୍ରୈବ, ପୃ-୩

୪୪. "ନାଟକର ନାୟକ ବିନୀତ, ତ୍ୟାଗୀ, ଦକ୍ଷ, ପ୍ରିୟଭାଷୀ, ଲୋକପ୍ରିୟ ଶୁଚିବନ୍ତ, ବାକ୍‌ପଟୁ, ବୁଦ୍ଧିମାନ, ଆତ୍ମସମ୍ମାନୀ, ଶାସ୍ତ୍ରଜ୍ଞ ଏବଂ ଧାର୍ମିକ ଆଦି ଗୁଣରେ ଭୂଷିତ ହେବା ଉଚିତ ।"

- ସାହିତ୍ୟର ସ୍ଵରୂପ-ବୀରକିଶୋର ଦାସ-୨ୟ ସଂସ୍କରଣ ପୃ-୯୧

୪୫. ଜଗନ୍ମୋହନ ଲାଲଙ୍କ ନାଟକର ଚରିତ୍ରାବଳୀ-ଡଃ ଅରବିନ୍ଦ ଗିରି - କୋଣାର୍କ-ଆଦି ନାଟ୍ୟକାର ଜଗନ୍ମୋହନ ଲାଲ ବିଶେଷାଙ୍କ -୧୩୦ ସଂଖ୍ୟା ପୃ-୧୭୬

୪୬. 'ବାବାଜୀ' ନାଟକ, ପୃ-୩

୪୭. ତତ୍ରୈବ, ପୃ-୧୬

୪୮. ତତ୍ରୈବ, ପୃ-୨୨

୪୯. ତତ୍ରୈବ, ପୃ-୩୪

୫୦. ତତ୍ରୈବ, ପୃ-୩୫

୫୧. ବାବାଜୀ ନାଟକ ଆଲୋଚନା - କାଳୀଚରଣ ପଟ୍ଟନାୟକ - ପୃ-୪୪

୫୨. "ମେରେ ତୋ ଗିରିଧର ଗୋପାଲ ଦୁସୁରା କୋଇ"- ମୀରାବାଈ ଓଡ଼ିଆ ନାଟକ: ଉଦ୍ଭବ ଓ ବିକାଶ- ଡଃ ହେମନ୍ତ କୁମାର ଦାସ - ୧୯୮୦, ପୃ-୨୨୨

Digitized by srujanika@gmail.com

୫୩. ଉତ୍କଳ ଦୀପିକା - ତା ୩-୧୧.୧୮୭୭

୫୪. ଉତ୍କଳ ସାହିତ୍ୟ-୧୭ଶ ଭାଗ-୧୦ମ ସଂଖ୍ୟା,ମାଘ-୧୩୨୧

୫୫. ଡଃ ମାୟାଧର ମାନସିଂହ-ଓଡ଼ିଆ ସାହିତ୍ୟର ଇତିହାସ-୧୯୯୦-ପୃ-୨୬୭

୫୬. ବାବାଜୀ ନାଟକ-ପୃ-୧୫

୫୭. ତତ୍ରୈବ-ପୃ-୧୬

୫୮. ସମ୍ବାଦ ବାହିକା- ୨୦ଶ ଭାଗ ୧୩ଶ ସଂଖ୍ୟା, ତା ୩୧.୩.୧୯୮୭

୫୯. "ସତୀ" ଡଃ ବାସୁଦେବ ସାହୁ - ପାଠଚକ୍ର ପ୍ରବନ୍ଧାବଳୀ- ଉତ୍କଳ ବିଶ୍ୱବିଦ୍ୟାଳୟ - ୧୯୭୪-୭୫

୬୦. ଡକ୍ଟର ଅଜୟ କୁମାର ମିଶ୍ର- ସାହିତ୍ୟର ଶରୀରତତ୍ତ୍ୱ-ବୁକ୍ସ ଆଣ୍ଡ ବୁକ୍ସ, କଟକ-ପୃ-୬୦

୬୧. ଉତ୍କଳ ଦୀପିକା - ୨୯.୧.୧୮୮୭

୬୨. "ସତୀ"- ପାଠଚକ୍ର ପ୍ରବନ୍ଧାବଳୀ-୧୯୭୪-୭୫, ପୃ-୪୯

୬୩. "ସତୀ" ନାଟକ ଆଲୋଚନା-ଡଃ ହେମନ୍ତ କୁମାର ଦାସ-୧୯୯୩-ପୃ-୫୭

୬୪. ଓ.ସା.ଇତିହାସ- ଡଃ ନଟବର ସାମନ୍ତରାୟ, ଦ୍ୱିତୀୟ ସଂସ୍କରଣ, ପୃ-୫୬-୫୭

୬୫. ପ୍ରଥମ ଓଡ଼ିଆ ନାଟ୍ୟକାର- ଆଧୁନିକ ଓଡ଼ିଆ ସାହିତ୍ୟ-ଡଃ ଜାନକୀ ବଲ୍ଲଭ ମହାନ୍ତି

୬୬. ଡଃ ହେମନ୍ତ କୁମାର ଦାସ - "ସତୀ" ନାଟକ ଆଲୋଚନା ପୃ-୭୫-୭୬

୬୭. ଆଦି ନାଟ୍ୟକାର ଜଗନ୍ମୋହନ ଲାଲ ସ୍ମରଣିକା- ସଂ.ସେକ୍ ମତଲୁବ ଅଲ୍ଲୀ

୬୭.କ. ଆଧୁନିକ ଚେତନାର ଅଗ୍ରଦୂତ ଜଗନ୍ମୋହନ ଲାଲ- ଡକ୍ଟର ବିଜୟାନନ୍ଦ ସିଂହ- କୋଣାର୍କ-ଅଗଷ୍ଟ-ଅକ୍ଟୋବର-୨୦୦୩- ପୃଷ୍ଠା-୨୨୯

୬୮. ମୁକୁର-ନବମ ଭାଗ-୧୧ ସଂଖ୍ୟା

୬୯. ଜଗନ୍ମୋହନ ଲାଲ ଓ ଭ୍ରମଭଞ୍ଜନ କାବ୍ୟ - ଡଃ ମହେଶ୍ୱର ମହାନ୍ତି
- କୋଣାର୍କ-୧୩୦ ସଂଖ୍ୟା-ଅଗଷ୍ଟ-ଅକ୍ଟୋବର-୨୦୦୩, ପୃ-୮୮

୭୦. ଡଃ ହରିହର ପଣ୍ଡା - 'ଓଡ଼ିଶାର ଇତିହାସ ଓ ଜଗନ୍ମୋହନ'
- କୋଣାର୍କ - ୧୩୦ ସଂଖ୍ୟା, ପୃ-୯୭

◆◆◆

Digitized by srujanika@gmail.com